ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୩/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Wednesday, November 3/2021 | ★★

୧୭ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ସଂକ୍ଷେପରେ

### ଆଜି ୩ ଜିଲାକୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୨।୧୧(ବ୍ୟୁରୋ): ଉତ୍ତର ଶ୍ରୀଲଙ୍କାଠାରୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳ ଯାଏ ଲମ୍ବିଥିବା ଟ୍ରପ୍ ଲାଇନ୍ ପ୍ରଭାବରେ ଉପକୂଳ ଓ ଏହାକୁ ଲାଗିଥିବା ଆଭ୍ୟନ୍ତରୀଣ ଓଡ଼ିଶାରେ କୋହଲା ପାଗ ଲାଗି ରହିଛି। ଏଥିସହିତ ଦକ୍ଷିଣ ଓଡ଼ିଶା ଓ ଏହାର ନିକଟବର୍ତ୍ତୀ କିଛି ଅଞ୍ଚଳରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ୨୪ ଘଣ୍ଟା ଭିତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲାରେ କେତେକ ସ୍ଥାନରେ ବର୍ଷା ହୋଇପାରେ। ସେହିପରି ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ମାଲକାନଗିରି, କୋରାପୁଟ ଓ ଗଜପତିରେ ପ୍ରବଳ ବର୍ଷା ହେବ। ଏଥିଲାଗି ଏହି ୩ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ ୪, ୫ ଓ ୬ ତାରିଖରେ ମଧ୍ୟ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ବିଶ୍ୱାସ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ସକାଳ ସାଢ଼େ ୮ଟା ସୁଦ୍ଧା ଗୋପାଳପୁରରେ ସର୍ବାଧିକ ୧୪୩.୩ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ଛତ୍ରପୁରରେ ୨୫.୬, ଭବାନୀପାଟଣାରେ ୨୪.୮, କୋରାପୁଟରେ ୧୨.୪ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ରେଳ ଧାରଣାରୁ ମିଳିଲା ଅଜଣା ମହିଳାଙ୍କ ମୃତଦେହ

ଚଣ୍ଡିଖୋଲ,୨।୧୧(ଡି.ଏନ୍.ଏ.): ପୂର୍ବତଟ ରେଲ୍‌ୱେର ଧାନମଣ୍ଡଳ ଓ ହରିଦାସପୁର ଷ୍ଟେଶନ ମଝିଅଂଶ ଖୋସାଲିପୁର ନିକଟସ୍ଥ ରେଳଧାରଣାରୁ ଜଣେ ଅଜଣା ମହିଳାଙ୍କ ମୃତଦେହକୁ ମଙ୍ଗଳବାର ରେଲ୍‌ୱେ ପୋଲିସ ଜବତ କରିଛି। ଭୋର ସମୟରେ ସ୍ଥାନୀୟ ଲୋକେ ରେଳଧାରଣାରେ ମୃତଦେହ ପଡ଼ିଥିବା ଦେଖି ଧାନମଣ୍ଡଳ ଷ୍ଟେଶନକୁ ଖବର ଦେଇଥିଲେ। ପରେ ରେଲୱେ ପୋଲିସ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ମହିଳାଙ୍କ ବୟସ ୫୦ ପାଖାପାଖି ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଥାଉକି, ଏହି ସ୍ଥାନରୁ ଗତ ମାସ ୨୭ ଓ ୩୦ ତାରିଖରେ ଦୁଇ ଜଣଙ୍କ ମୃତଦେହ ମିଳିଥିଲା। ସେମାନେ ଭଦ୍ରକ ଜିଲାର ବୋଲି ସୂଚନା ମିଳିଥିଲା। ତେବେ ସପ୍ତାହେ ମଧ୍ୟରେ ଧାନମଣ୍ଡଳ ଓ ହରିଦାସପୁର ଷ୍ଟେସନ ମଝିଅଂଶରେ ଏଭଳି ତିନିଟି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହେଉଛି।

### ରେଭେନ୍‌ଶାରେ ୩ ସେମିଷ୍ଟର ପରୀକ୍ଷା ବାତିଲ

**କଟକ ଅଫିସ, ୨।୧୧:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୩ଟି ସେମିଷ୍ଟର ପରୀକ୍ଷା ବାତିଲ କରାଯାଇଛି। ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ, ଚତୁର୍ଥ ସେମିଷ୍ଟର ଓ ପିଜିର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ବାତିଲ ହୋଇଛି। ତେବେ ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ଛାତ୍ରୀଛାତ୍ରଙ୍କୁ ମାର୍କ ଦିଆଯାଇ ଉତ୍ତୀର୍ଣ୍ଣ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଛାତ୍ରୀଛାତ୍ରଙ୍କ ଇଣ୍ଟରନାଲ ଓ ପୂର୍ବ ସେମିଷ୍ଟର ପରୀକ୍ଷା ଫଳ ଆଧାରରେ ମାର୍କ ଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ସୁଦର୍ଶନ ମିଶ୍ର ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ନୟାଗଡ଼ କଲେଜରେ ଛାତ୍ର ଅଶାନ୍ତି

**ନୟାଗଡ଼ ଅଫିସ,୨।୧୧:** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୨ କଳା ଓ ବାଣିଜ୍ୟ ଛାତ୍ରଙ୍କ ମଧ୍ୟରେ ମଙ୍ଗଳବାର ମାରପିଟ୍ ହୋଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମ ମାରପିଟ୍‌ରେ ଜଣେ ଛାତ୍ର ଆହତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଉଭୟ ଯୁକ୍ତ ୨ କଳା ଓ ବାଣିଜ୍ୟ ଛାତ୍ରଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏନେଇ ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ କୁହନ୍ତି, ଯୁକ୍ତ ୨ କଳା ଓ ବାଣିଜ୍ୟ ଛାତ୍ରଙ୍କ ମଧ୍ୟରେ ମାରପିଟ୍ ଘଟଣା ସମାଧାନ ହୋଇ ଯାଇଛି। ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ମାରପିଟ୍ ଖବର ପାଇବା ପରେ କଲେଜରେ ପୋଲିସ ମୁତୟନ କରାଯାଇଥିଲା। ଉଭୟ ପକ୍ଷକୁ ବୁଝାଶୁଝା ପରେ ବିବାଦର ସମାଧାନ ହୋଇଛି।

# ପ୍ରଦୂଷଣ ବଳୟରେ ସ୍ୱର୍ଣ୍ଣଗର୍ଭା ସୁବର୍ଣ୍ଣରେଖା

**ପ୍ରଦୀପ ଦାସ**
**ଭୋଗରାଇ, ୨।୧୧**


ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ କରାଯାଉଛି।

ଏକଦା ସ୍ୱର୍ଣ୍ଣରେଖାର ଆଖ୍ୟା ପାଇଥିବା ସୁବର୍ଣ୍ଣରେଖା ନଦୀ ଏବେ ପ୍ରଦୂଷଣ ବଳୟରେ। ନଦୀଗର୍ଭରେ ଥିବା ବାଲିରେ ଲିଗ୍‌ନାଇଟ୍, ୟୁରାନିୟମ ଓ ସ୍ୱର୍ଣ୍ଣ ଭଳି ବିରଳ ଧାତବ ରହିଛି। ତେଣୁ ଏହି ବାଲିର ଚାହିଦା ବାଂଲାଦେଶ, ଭୁଟାନ, ନେପାଳ ଭଳି ଦେଶରେ ରହିଛି। ଲିଗ୍‌ନାଇଟ୍‌ରୁ ଜାଳେଣି ଶକ୍ତି ଓ ଦାମୀ ସୁଗନ୍ଧିତ ତୈଳ ଉତ୍ପାଦନ କରାଯାଉଥିବା ବେଳେ ୟୁରାନିୟମ ଆଣବିକ କ୍ଷେତ୍ରରେ ବ୍ୟବହାର କରାଯାଉଛି। ହେଲେ ଝାଡ଼ଖଣ୍ଡର ଜାମସେଦ୍‌ପୁରଠାରେ ଟାଟା, ଟିସ୍କୋ ଭଳି ବଡ଼ ବଡ଼ କଳକାରଖାନାରୁ ଦୂଷିତ ଜଳ ନିର୍ଗତ ହୋଇ ସୁବର୍ଣ୍ଣରେଖାରେ ମିଶୁଛି। ଏହାସହ ମତ୍ସ୍ୟଜୀବୀମାନେ ମାଛ ଧରିବା ପାଇଁ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରୁଥିବାରୁ ଜଳ ବିଷାକ୍ତ ହେଉଛି।

ଝାଡ଼ଖଣ୍ଡ ଛୋଟନାଗପୁର ରାଞ୍ଚି ମାଳଭୂମି ନାଗ୍ରି ଗ୍ରାମରୁ ବାହାରିଥିବା ସୁବର୍ଣ୍ଣରେଖା ବାଲେଶ୍ୱର ଜିଲା ଭୋଗରାଇ ଓ ବାଲିଆପାଳ ବ୍ଲକ କୀର୍ତ୍ତନିଆ ଚୌମୁଖ ମଧ୍ୟରେ ବଙ୍ଗୋପସାଗରରେ ସଙ୍ଗମ ହୋଇଛି। ଆନ୍ତଃ ରାଜ୍ୟ ଏହି ନଦୀର ଦୈର୍ଘ୍ୟ ୩୯୫ କି.ମି. ବ୍ୟାପ୍ତ ଥିବା ବେଳେ ଚାନ୍ଦଲି, ଜାମସେଦପୁର, ଘାଟଶିଳା, ଗୋପୀବଲ୍ଲଭପୁର, ଦାନ୍ତୁନ ଓ ଜଳେଶ୍ୱର ସହର ସଂଲଗ୍ନ ଅଞ୍ଚଳ ଦେଇ ଅତିକ୍ରମ କରିଛି। ଏହି ନଦୀର ୧୮୦୦ ମି.ମି. ବର୍ଷାପାଣି ଧାରଣ କ୍ଷମତା ରହିଥିବା ବେଳେ ବାୟୁମଣ୍ଡଳର ପର୍ଯ୍ୟାବରଣ ଓ ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁକୁ ଗତିଶୀଳ କରାଇଥାଏ ବୋଲି ଜଳବାୟୁ ବୈଜ୍ଞାନିକମାନେ ମତ ଦେଇଥାନ୍ତି। ଲୋକକଥା ଅନୁଯାୟୀ, ଏହି ନଦୀରୁ ରାଞ୍ଚିର ପିସ୍‌କା ସ୍ଥାନରୁ ବିରଳ ମୂଲ୍ୟବାନ ଧାତୁ ଓ ସ୍ୱର୍ଣ୍ଣ ମିଳୁଥିବାରୁ ସେଠାକାର ଲୋକେ ସ୍ୱର୍ଣ୍ଣରେଖା ନଦୀ କହୁଥିଲେ। କାଳକ୍ରମେ ଏହି ନଦୀ ସୁବର୍ଣ୍ଣରେଖାରେ ନାମିତ ହୋଇଛି।

ସୁବର୍ଣ୍ଣରେଖା ବାଲି ଉତ୍କୃଷ୍ଟମାନର ହୋଇଥିବାରୁ ମାଫିଆମାନେ ପଶ୍ଚିମବଙ୍ଗ ସହ ବାହାର ରାଷ୍ଟ୍ରକୁ ଦୈନିକ ଶହ ଶହ ଟ୍ରକ୍ ବାଲି ଚୋରାଚାଲାଣ କରି ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ବେଆଇନ ବାଲି ଉତ୍ତୋଳନ ଯୋଗୁ ନଦୀର ଗତିପଥ ବଦଳିଛି। ଏପରିକି ନଦୀର ଉଭୟପାର୍ଶ୍ୱରେ ବ୍ୟାପକ ଅତଡ଼ା ଖସିବା ଦ୍ୱାରା ବହୁଗାଁ ନଦୀ ଗର୍ଭରେ ବିଲୀନ ହେବା ଆଶଙ୍କା ଦେଖାଦେଇଛି। ବାଲି ଉତ୍ତୋଳନ ଫଳରେ ନଦୀରେ ଥିବା ବିରଳଧାତୁ କ୍ଷୟ ହେବାରେ ଲାଗିଛି। ନଦୀକୁ ସ୍ୱଚ୍ଛ, ସତେଜ ଓ ସୁରକ୍ଷା ନିମନ୍ତେ ବାଲି ଉତ୍ତୋଳନ ବନ୍ଦ କରିବା ଲାଗି ନଦୀ ସୁରକ୍ଷା କମିଟିର ଆବାହକ ତଥା ସାମାଜିକ କର୍ମୀ ସୁଦର୍ଶନ ଦାସ କୋଲକାତାସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ୨୦୧୭ରେ ଅଭିଯୋଗ କରିଥିଲେ। ଟ୍ରିବ୍ୟୁନାଲ ୨୦୧୮ରେ ଏହାର ଶୁଣାଣି କରି ବାଲି ଉତ୍ତୋଳନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବାଲି ଚୋରା ଚାଲାଣ ସମ୍ପୂର୍ଣ୍ଣ ରୋକାଯାଇପାରିନାହିଁ। ଅପରପକ୍ଷରେ ପ୍ରତିବର୍ଷ ବର୍ଷାଋତୁରେ କ୍ରମାଗତ ବନ୍ୟା ମୟୂରଭଞ୍ଜର ୬ ପଞ୍ଚାୟତ ସମେତ ଉତ୍ତର ବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ବହୁ ଧନଜୀବନ, ଚାଷବାସ ବ୍ୟାପକ କ୍ଷତି ଘଟୁଥିବାରୁ ସୁବର୍ଣ୍ଣରେଖାକୁ ଉତ୍ତର ବାଲେଶ୍ୱରର ଦୁଃଖ ବୋଲି କୁହାଯାଉଛି। ଦିନଥିଲା ସୁବର୍ଣ୍ଣରେଖା ମୁହାଣରେ ଗଢ଼ି ଉଠିଥିଲା ଐତିହାସିକ ପିପିଲି ବନ୍ଦର। ଉତ୍କଳୀୟ ନୌବାଣିଜ୍ୟ ଐତିହ୍ୟ ବହନ କରୁଥିବା ଏହି ବନ୍ଦର ଆଜି ନିଶ୍ଚିହ୍ନ ହୋଇଛି। ଉପା ସରକାର ସମୟରେ ୨୦୦୮ରେ ମୁହାଣ ଖନନ ଓ ପଶ୍ଚିମବଙ୍ଗର ଉଦ୍‌ବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସିତ ନ ହେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ନାମରେ ଏକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ୨୦୦୯ରେ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଏହା ଉପରେ ସର୍ଭେ କରି ୯ ଶହ କୋଟି ଟଙ୍କା ବ୍ୟୟ ଅଟକଳର ଏକ ପ୍ରସ୍ତାବ କେନ୍ଦ୍ର ଜଳସେଚନ ଆୟୋଗ(ସିଡବ୍ଲ୍ୟୁସି)କୁ ପଠାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସର୍ଭେ ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସିଡବ୍ଲ୍ୟୁସି ଫେରାଇଦେବା ପରେ ଏହି ଯୋଜନା ରାଜ୍ୟ ସରକାରଙ୍କ ଫାଇଲ ତଳେ ଚାପି ହୋଇରହିଛି। ସୁବର୍ଣ୍ଣରେଖାର ବନ୍ୟା ଓ ବର୍ଷା ପାଣି ନିଷ୍କାସନ କରା ନ ଗଲେ ଅଞ୍ଚଳବାସୀଙ୍କ ଦୁଃଖ ଲାଘବ ହେବ ନାହିଁ ବୋଲି ଗବେଷକ ତଥା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର କହିଛନ୍ତି। ବେଆଇନ ବାଲି ଚାଲାଣ ସମ୍ପର୍କରେ ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା କହିଛନ୍ତି, ଏହି ଅଞ୍ଚଳରେ ଥିବା ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଚାଲାଣ ଲାଗି ନିଲାମ ଦିଆଯାଇନାହିଁ। ଯେଉଁମାନେ ବେଆଇନ ବାଲି ଚାଲାଣ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

### ଦୋକାନରେ ଚଢ଼ାଉ, ୨ ବସ୍ତା ବାଣ ଜବତ

**ବେଗୁନିଆ,୨।୧୧(ଡି.ଏନ୍.ଏ.)**

ଗୋଟିଏ ଦିନ ପରେ ଆଲୋକର ପର୍ବ ଦୀପାବଳି। ବାଣ କଟକଣାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ବେଗୁନିଆ ଥାନା ଅଧୀନ ବଡ଼ବେରଣା, କଣ୍ଟାବାଡ଼ ଏବଂ ବେଗୁନିଆ ବଜାରରେ ଚଢ଼ାଉ କରାଯାଇଥିଲା। ବେଆଇନ ବାଣ ବିକ୍ରି କରୁଥିବା ଅଭିଯୋଗରେ ବଡ଼ବେରଣା ବଜାରରେ ଥିବା ଜଣେ ବ୍ୟବସାୟୀଙ୍କଠାରୁ ୨ବସ୍ତା ବାଣ ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ବେଆଇନ ବାଣ ବିକ୍ରି ଏବଂ ଫୁଟାଇବା ଉପରେ ନଜର ରଖାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

### ୫ ବାଣ ଗୋଦାମ ସିଲ୍

**ଜଟଣୀ,୨।୧୧(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଥିବା ବାଣ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ନ ମାନି ବେଆଇନ ଭାବେ ବାଣ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ୫ଟି ବାଣ ଗୋଦାମ ସିଲ୍ କରିଛି। ପିତାପଲି, ଜଟଣୀଗେଟ(ତଳଖେତା), ଗୋବିନ୍ଦପୁର, ଜଗନ୍ନାଥପୁର ଏବଂ ପାତ୍ରପଡା ଆଦି ଅଞ୍ଚଳର ୫ଟି ବାଣ ଗୋଦାମ ସିଲ୍ କରାଯାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

# ରାସ୍ତା କାମକୁ ନେଇ ଦୁଇ ଗାଁ ମୁହାଁମୁହିଁ

**କୁଜଙ୍ଗ,୨।୧୧(ଡି.ଏନ୍.ଏ.)**

ରାସ୍ତା କାମକୁ ନେଇ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକର ୨ ରାଜସ୍ୱ ଗ୍ରାମର ଲୋକେ ମୁହାଁମୁହିଁ ହୋଇଛନ୍ତି। ଫଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

୩ ମାସ ପୂର୍ବେ ଢିଙ୍କିଆ ରାଜସ୍ୱ ଗ୍ରାମରୁ ଦୁଇ ପଡ଼ା ଗ୍ରାମ ପାଟଣା ଓ ମାହାଳକୁ ଅଲଗା କରି ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଥିଲା। ଏହାକୁ ଢିଙ୍କିଆ ଗ୍ରାମବାସୀ ବିରୋଧ କରିଛନ୍ତି। ଏବେ ପାଟଣା ଗାଁରେ ରାସ୍ତା ନିର୍ମାଣ କାମ ଚାଲିଛି। ମଙ୍ଗଳବାର ଅପରାହ୍ଣରେ ଢିଙ୍କିଆ ଗ୍ରାମରୁ କିଛି ଲୋକ ଆସିଥିବା ବେଳେ ସେମାନଙ୍କୁ ପାଟଣା ଗାଁର ଲୋକେ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟ ଗ୍ରାମର ଲୋକେ ମୁହାଁମୁହିଁ ହୋଇଥିଲେ। ପୋଲିସ ପହଞ୍ଚିବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ଏ ସମ୍ପର୍କରେ ପାଟଣା ଗାଁ ସଭାପତି କୈଳାସ ମହାନ୍ତି, ସମ୍ପାଦକ ସୁରେଶ ଦାସ, ଶଙ୍କର୍ଷଣ ନାୟକ, ଝରି ମହାନ୍ତି ଓ ମାଗୁ ସାହାଣି କହିଛନ୍ତି, ଢିଙ୍କିଆବାସୀ ନିର୍ମାଣାଧୀନ ରାସ୍ତା କାମକୁ ବିରୋଧ କରିବାକୁ ଆସୁଥିବାରୁ ସେମାନଙ୍କୁ ଗାଁକୁ ଛଡ଼ାଯାଇ ନ ଥିଲା। ପାଟଣା ଗ୍ରାମର ମହିଳାମାନେ ସମ୍ମୁଖ ଭାଗରେ ରହିବାରୁ ସେମାନେ ଭିତରକୁ ପଶି ପାରି ନ ଥିଲେ।

ଏ ସମ୍ପର୍କରେ ଢିଙ୍କିଆ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ କହିଛନ୍ତି, ଜଙ୍ଗଲ ଜମି ଅଧିକାର ଆଇନକୁ ନେଇ ଢିଙ୍କିଆବାସୀ ଦୀର୍ଘ ବର୍ଷ ହେବ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରୁଛନ୍ତି। ପ୍ରଶାସନ ଢିଙ୍କିଆ ରାଜସ୍ୱ ଗ୍ରାମକୁ ଭାଗଭାଗ କରି ଆମ ଭିତରେ ଶିଳ୍ପ ସପକ୍ଷବାଦୀ ଓ ବିରୋଧୀ ସୃଷ୍ଟି କରିଛି। ଅପରାହ୍ଣରେ ଏକ ସଭା କରିବାକୁ ଢିଙ୍କିଆ ଗ୍ରାମର ଲୋକେ ଯାଉଥିବାବେଳେ ପାଟଣା ଗାଁର କିଛି ଲୋକ ବିରୋଧ କରିବାରୁ ସେମାନେ ଫେରିଆସିବାକୁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରା କହିଛନ୍ତି, ଏ ବିଷୟରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ମାତ୍ର ସେଠାକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ସଜାଗ ରହିଛି।


ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଲାଗିରହିଛି।

### ହତ୍ୟାକାରୀଙ୍କୁ ଆଜୀବନ ଜେଲଦଣ୍ଡ

**ଭାଟସାହି ମମି ହତ୍ୟା ସିଂ ମାମଲା**

**ନୟାଗଡ଼ ଅଫିସ,୨।୧୧:** ନୟାଗଡ଼ ଜିଲା ଜଜକୋର୍ଟରେ ଓଡ଼ଗାଁ ଥାନା ଭାଟସାହି ଗାଁର ମମି ସିଂ(୩୫) ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲାଜଜ ଓ ଦୌରାଜଜ ରୂପଶ୍ରୀ ଚୌଧୁରୀ ଏହି ମାମଲାର ବିଚାର କରି ହତ୍ୟାକାରୀ ମନୋଜ ନାୟକ(୨୫)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ନଭେମ୍ବର ୧୯ରେ ଭାଟସାହିରେ ହରେକୃଷ୍ଣ ନାୟକଙ୍କ ଘରେ ସନ୍ଧ୍ୟାରେ ଭୋଜି ହେଉଥିଲା। ଭୋଜି ଚାଲିଥିବାବେଳେ ସେହି ସାହିର ମନୋଜ ନାୟକ ପାଟିତୁଣ୍ଡ କରିଥିଲେ। ସେଠାରେ ଉପସ୍ଥିତ ଥିବା ନିରଞ୍ଜନ ସିଂ(୪୨)ତାଙ୍କୁ ପାଟିତୁଣ୍ଡ ନ କରିବାକୁ କହିଥିଲେ। ଏହାକୁ ନେଇ ମନୋଜ ଓ ନିରଞ୍ଜନଙ୍କ ମଧ୍ୟରେ କଥା କଟାକଟି ସହ ମାର୍‌ପିଟ ହୋଇଥିଲା। ରାତି ପ୍ରାୟ ୧୦ଟାରେ ନିରଞ୍ଜନଙ୍କ ଘରୁ କାନ୍ଦ ଶୁଭିଥିଲା। ଘଟଣା କ'ଣ ବୁଝିବାରୁ ଜଣା ପଡିଥିଲା ମନୋଜ ତାଙ୍କ ଘରେ ପଶି ସ୍ତ୍ରୀ ମମିଙ୍କୁ ହତ୍ୟା କରିବା ସହ ନିରଞ୍ଜନଙ୍କୁ କଟୁରୀରେ ହାଣି ଫେରାର ହୋଇଯାଇଛନ୍ତି। ଏନେଇ ଗଗନ ବିହାରି ଗୁରୁଙ୍କ ଅଭିଯୋଗ କ୍ରମେ ଓଡ଼ଗାଁ ଥାନା ପୋଲିସ ୩୦୨, ୩୦୭, ୩୨୬ ଦଫାରେ ଏକ ମାମଲା(ନଂ.୧୮/୧୯) ରୁଜୁ କରି ତଦନ୍ତ କରିଥିଲା। ପରେ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହତ୍ୟାକାରୀ ମନୋଜ ସେଦିନଠାରୁ ଜେଲରେ ଅଛନ୍ତି।

### 'ନିର୍ଦ୍ଦିଷ୍ଟ ସମୟରେ ସମବାୟ ବ୍ୟାଙ୍କ ନିର୍ବାଚନ ଶେଷ କର'

**କଟକ ଅଫିସ,୨।୧୧**



ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୁନ୍ଦରଗଡ଼ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଅନୁବନ୍ଧିତ ସମିତିଗୁଡ଼ିକର ନିର୍ବାଚନ ସାରିବାକୁ ହାଇକୋର୍ଟ କୋ-ଅପରେଟିଭ୍ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିବା ସହ ରାଜ୍ୟ ସରକାର ଏହି ନିର୍ବାଚନ ପାଇଁ ସମସ୍ତ ସହାୟତା ଯୋଗାଇ ଦେବାକୁ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ ନିର୍ବାଚନ ବିଳମ୍ବ ହେଉଥିବା ନେଇ ଭବାନୀ ପ୍ରସାଦ ମାଝି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ସେଥିରେ ସେ ଦର୍ଶାଇଥିଲେ, ସମବାୟ ସମିତିଗୁଡ଼ିକର ପରିଚାଳନା ଦାୟିତ୍ୱ ଏବେ ପ୍ରଶାସକଙ୍କ ହାତରେ ରହିଛି। ନିର୍ବାଚିତ ସଦସ୍ୟଙ୍କ ୫ବର୍ଷିଆ କାର୍ଯ୍ୟକାଳ ୨୦୨୦ ଏପ୍ରିଲ ୩୦ରୁ ଶେଷ ହୋଇଥିବାବେଳେ ସରକାର ସମବାୟ ବ୍ୟାଙ୍କ ନିର୍ବାଚନ କରିନାହାନ୍ତି। ଏହା ସମବାୟ ଆଇନର ଉଲ୍ଲଂଘନ ବୋଲି ପିଟିଶନରେ ଦର୍ଶାଯାଇଛି। ଗତ ଅକ୍ଟୋବର ୮ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିଥିବାବେଳେ ମଙ୍ଗଳବାର ରାୟ ଶୁଣାଇଛନ୍ତି।

### ଅର୍ଚ୍ଚନା ଜୋଷୀଙ୍କୁ ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ୱର,୨।୧୧: ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ନିକଟରେ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷରେ ନୂତନ ମହାପ୍ରବନ୍ଧକଙ୍କ ଯୋଗଦାନ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଭାବେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅର୍ଚ୍ଚନା ହେଉଛନ୍ତ ୧୯୮୫ ବ୍ୟାଚ୍‌ର ଭାରତୀୟ ରେଳପଥ ଟ୍ରାଫିକ୍ ସେବା ଅଧିକାରୀ।

### ୪ଦିନ ବନ୍ଦ ରହିବ ସିଂହ ସଫାରି



**ବାରଙ୍ଗ,୨।୧୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ସିଂହ ସଫାରି ୩ତାରିଖ (ବୁଧବାର)ଠାରୁ ୬ତାରିଖ ଶନିବାର ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିବ। ସିଂହ ସଫାରିର ରାସ୍ତା ମରାମତି ଚାଲୁଥିବାରୁ ଏହାକୁ ବନ୍ଦ ରଖାଯିବ। ଏହାସହ ଅନ୍ୟ ୩ଟି ତୃଣଭୋଜି, ଭାଲୁ ଓ ବାଘ ସଫାରି ଖୋଲା ରହିବ। ଯାହାଫଳରେ ପର୍ଯ୍ୟଟକମାନେ ସାମୟିକ ଭାବେ ୪ ବଦଳରେ ୩ଟି ସଫାରି ଦେଖିବାର ସୁଯୋଗ ପାଇବେ। ଏହାସହ ବନ୍ଦ ରହିଥିବା ଶିଶୁରେଳଗାଡି ଆଉ ୪ଦିନ ପରେ ପ୍ରଚଳନ ହେବାକୁ ଯୋଜନା କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଥିନିମନ୍ତେ ମଙ୍ଗଳବାର ନନ୍ଦନକାନନ କାର୍ଯ୍ୟାଳୟରେ କର୍ତ୍ତୃପକ୍ଷ ଶିଶୁ ରେଳଗାଡ଼ି ଚଳାଉଥିବା ସଂସ୍ଥାର ପଦାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ସଂସ୍ଥାର ଅନୁରୋଧକ୍ରମେ ଶିଶୁ ରେଳଗାଡିର ବୈଷୟିକ ସମସ୍ୟା ଓ ଟ୍ରାକ୍‌ର ତଦାରଖ ପାଇଁ ଅଧିକ ୪ଦିନ ସମୟ ନେଇଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି। ତେବେ ୭ବର୍ଷର ବ୍ୟବଧାନ ପରେ ଗତ ମାସ ୮ତାରିଖରେ ଶିଶୁ ରେଳଗାଡି ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ୧୪ତାରିଖଠାରୁ ବିଧିବଦ୍ଧଭାବେ ପ୍ରଚଳନ କରୁଥିବା ଶିଶୁ ରେଳଗାଡି ୧୬ତାରିଖରେ ପର୍ଯ୍ୟଟକଙ୍କୁ ବୁଲାଇ ଫେରୁଥିବାବେଳେ ହଠାତ୍ ଧୂଆଁମୟ ହୋଇଯାଇଥିଲା। ଏହାପରଠାରୁ ଶିଶୁ ରେଳଗାଡି ବନ୍ଦ ରହିବା ସହ ମରାମତି ଚାଲୁଛି।

**ମରାମତି ହେଉଛି ଟୟଟ୍ରେନ**

# ବେଆଇନ ବାଣ ବିକ୍ରି, ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

**ସବୁଜ ବାଣ ନିୟମକୁ କଡ଼ାକଡ଼ି ଲାଗୁ କର: ମୁଖ୍ୟ ଶାସନ ସଚିବ**

ସବୁଜ ବାଣ ବିକ୍ରି ଓ ବ୍ୟବହାର ସମ୍ବନ୍ଧିତ ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସହ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ଜିଲାପାଳ ଓ ପୋଲିସ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନରେ ଭର୍ଚ୍ଚୁଆଲ ବୈଠକରେ ଦୀପାବଳି ପାଇଁ ଜିଲା ଏବଂ ସହରାଞ୍ଚଳରେ ପ୍ରସ୍ତୁତିର ସମୀକ୍ଷା କରି ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, କରୋନା ସମୟରେ ଲୋକଙ୍କ ସ୍ୱାସ୍ଥ୍ୟ ଓ କୋଭିଡ୍‌ରୁ ଭଲ ହେଉଥିବା ବ୍ୟକ୍ତିଙ୍କ କୋଭିଡ୍ ପରବର୍ତ୍ତୀ ଯତ୍ନ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ସାଧାରଣ ସ୍ୱାସ୍ଥ୍ୟ ଓ ଉତ୍ସବ ପାଳନ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ସେ ଆହୁରି କହିଛନ୍ତି, କେବଳ ପେଟ୍ରୋଲିୟମ ବିସ୍ଫୋରକ ନିରାପତ୍ତା ସଂସ୍ଥା (ପେସୋ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ସବୁଜ ବାଣ ବିକ୍ରି ଓ ବ୍ୟବହାର ହୋଇପାରିବ। କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଲାଇସେନ୍ସ ନ ନେଇ କୌଣସି ଦୋକାନୀ ବା ବ୍ୟକ୍ତି ସବୁଜ ବାଣ ବିକ୍ରି କରିପାରିବେ ନାହିଁ। କେବଳ ଜିଲାପାଳ ଏବଂ ପୌରାଞ୍ଚଳରେ ପୋଲିସ କମିଶନରମାନେ ଲାଇସେନ୍ସ ଦେଇପାରିବେ। ତେବେ କୌଣସି ବ୍ୟକ୍ତି ରାସ୍ତା ବା ସର୍ବସାଧାରଣ ସ୍ଥାନରେ ବାଣ ଫୁଟାଇପାରିବେ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଛନ୍ତି। କେବଳ ସବୁଜ ବାଣକୁ ଦୀପାବଳି ଦିନ ସନ୍ଧ୍ୟା ୮ଟାରୁ ରାତି ୧୦ଟା ମଧ୍ୟରେ ନିଜ ଘରର ପାଚେରି ସୀମା ଭିତରେ ଫୁଟାଯାଇପାରିବ ବୋଲି ସେ କହିଛନ୍ତି।

ଏହି ଅବସରରେ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କହିଛନ୍ତି, ସବୁ ବାଣର ବିକ୍ରି ବିକ୍ଷିପ୍ତ ଭାବେ ବିଭିନ୍ନ ସ୍ଥାନରେ ହୋଇପାରିବ ନାହିଁ। କେବଳ ଜିଲାପାଳ ଓ ପୋଲିସ କମିଶନରମାନଙ୍କ ଅନୁମତି କ୍ରମେ ନିର୍ଦ୍ଧାରିତ ସ୍ଥାନରେ ଏହାର କିଣା-ବିକା ହୋଇପାରିବ। ସେହିପରି ପୋଲିସ ମହାନିର୍ଦ୍ଦେଶକ ଅଭୟ ପ୍ରତ୍ୟେକ ଥାନା, ଫାଣ୍ଡି ଏବଂ କ୍ଷେତ୍ରସ୍ତରୀୟ ପୋଲିସ ଅଧିକାରୀଙ୍କୁ ସବୁଜ ବାଣର ବିକ୍ରି ଓ ବ୍ୟବହାର ସମ୍ବନ୍ଧିତ ନିର୍ଦ୍ଦେଶାବଳୀ ବିଷୟରେ ଠିକ୍ ଭାବେ ସଚେତନ କରାଇବା ପାଇଁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଜିଲାପାଳ, ଏସ୍‌ପି ଏବଂ ପୋଲିସ କମିଶନର ସବୁଜ ବାଣର ବିକ୍ରି ଓ ବ୍ୟବହାର ନିଶ୍ଚିତ କରାଇବା ପାଇଁ ନେଇଥିବା କ୍ଷେତ୍ରସ୍ତରୀୟ ପଦକ୍ଷେପ ବିଷୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅବଗତ କରାଇଥିଲେ।



ଜିଲାପାଳଙ୍କ ସହ ଭର୍ଚ୍ଚୁଆଲ ବୈଠକରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

DHARITRI

ବୁଧବାର, ନଭେମ୍ବର ୩/୨୦୨୧ | Wednesday, November 3/2021 | ପୃଷ୍ଠା-୧



## ବୁର୍ଜ ଖଲିଫାରେ ଜନ୍ମଦିନ ଶୁଭେଚ୍ଛା

ବଲିଉଡ୍ ବାଦଶାହ ଶାହରୁଖଙ୍କ ଜନ୍ମଦିନରେ ଦୁବାଇର ବୁର୍ଜ ଖଲିଫା କିଙ୍ଗଖାନ୍‌ଙ୍କ ଚିତ୍ରରେ ରଙ୍ଗିନ ହୋଇଥିଲା।

୦୩ ୦୬

## ପ୍ରମୋଦ ଖେଲରତ୍ନ

ଜାତୀୟ ଚୟନ କମିଟିର ସୁପାରିସ ଉପରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମୋହର ବାଜିବାପରେ ଓଡ଼ିଶାର ପ୍ରମୋଦ ଭଗତ ଖେଲରତ୍ନ ପୁରସ୍କାର ପାଇବା ସ୍ପଷ୍ଟ ହୋଇଛି।



**ତହସିଲଦାରଙ୍କ ୫ ପ୍ୟାନ୍ କାର୍ଡରେ ୩ ବାପାଙ୍କ ନାମ**




# ନଡ୍ଡାଙ୍କ ରାଜ୍ୟରେ ଭାଜପାକୁ ଝଟ୍‌କା

**ନୂଆଦିଲ୍ଲୀ,୨।୧୧**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ରାଜ୍ୟ ହିମାଚଳ ପ୍ରଦେଶରେ ଗୈରିକ ଦଳକୁ ଶକ୍ତ ଝଟକା ଲାଗିଛି। ଭାଜପା ଶାସନାଧୀନ ଏହି ରାଜ୍ୟର ୩ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନକୁ କଂଗ୍ରେସ ଅକ୍ତିଆର କରିଛି। ପଶ୍ଚିମବଙ୍ଗର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଉପରେ ଭୋଟର ପୁନଃ ଆସ୍ଥା ପ୍ରକଟ କରିଛନ୍ତି। ମଙ୍ଗଳବାର ୧୩ ରାଜ୍ୟରୁ ଆସିଥିବା ଉପନିର୍ବାଚନର ଜନାଦେଶ ଭାଜପା ପାଇଁ ସତର୍କଘଣ୍ଟି ପାଲଟିଛି। କାରଣ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ୫ ରାଜ୍ୟ (ଉତ୍ତର ପ୍ରଦେଶ ସମେତ ଗୋଆ, ମଣିପୁର, ଉତ୍ତରାଖଣ୍ଡ ଓ ପଞ୍ଜାବ)ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସଦ୍ୟ ପରିଣାମ ଆଗାମୀ ନିର୍ବାଚନକୁ ପ୍ରଭାବିତ କରିବା ଯଥେଷ୍ଟ ସମ୍ଭାବନା ଥିବାରୁ ୨୦୨୪ ସାଧାରଣ ନିର୍ବାଚନ ଜିତିବା ଭାଜପା ପାଇଁ କଷ୍ଟକର ହୋଇପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଲଗାତର ଭାବେ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ୍ ସହ ଜରୁରୀ ସାମଗ୍ରୀଗୁଡ଼ିକର ଅହେତୁକ ଦରବୃଦ୍ଧି ଯୋଗୁ ଭୋଟରମାନେ ଭାଜପାକୁ ପ୍ରତ୍ୟାଖ୍ୟାନ କରିଥିବା କୁହାଯାଉଛି। ଉପନିର୍ବାଚନରେ କେବଳ ଆସାମ ଭାଜପାର ଇଜ୍ଜତ ବଞ୍ଚାଇଛି।

୧୩ ରାଜ୍ୟ ସହ କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଳି ଅଧୀନ ୩ ଲୋକ ସଭା ଏବଂ ୨୯ ବିଧାନସଭା ଆସନ ପାଇଁ ଅକ୍ଟୋବର ୩୦ରେ ଉପନିର୍ବାଚନ କରାଇବା ଲାଗି ପୂର୍ବରୁ ନିର୍ବାଚନ କମିଶନ ଘୋଷଣା କରିଥିଲେ। ନାଗାଲାଣ୍ଡର ଶାମାଟୋର-ଚେସୋର ବିଧାନସଭା ଆସନରେ ଏନ୍‌ଡିପିପି ପ୍ରାର୍ଥୀ ଏସ୍. କେଓଶୁ ୟିମ୍‌ଚୁଙ୍ଗର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ସେଠାରେ ଭୋଟଗ୍ରହଣର ଆବଶ୍ୟକତା ପଡ଼ିନାହିଁ। ପର୍ଯ୍ୟାପ୍ତ ସୁରକ୍ଷା ବନ୍ଦୋବସ୍ତ ଓ କୋଭିଡ୍ ସତର୍କତା ମଧ୍ୟରେ ଅକ୍ଟୋବର ୩୦ରେ ମୋଟ ୩୨ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଆସନରେ ମଙ୍ଗଳବାର ଭୋଟ ଗଣତି କରାଯାଇଛି। ମିଳିଥିବା ପରିଣାମ ଅନୁସାରେ ଭାଜପା ମେଣ୍ଟ ଉତ୍ତର-ପୂର୍ବ ଆସାମର ଗୋସାଇଁଗାଓଁ, ଭବାନୀପୁର, ତମୁଲପୁର, ମାରିଆନି ଓ ଥୋୱାରାରେ ନିଜ ଆଧିପତ୍ୟ ବଜାୟ ରଖିଛି। ୫ ଆସନ ମଧ୍ୟରୁ ଭାଜପା ୩ଟିରେ ବିଜୟୀ ହୋଇଥିବାବେଳେ ଏହାର ସହଯୋଗୀ ଦଳ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ (ୟୁପିପିଏଲ୍) ୨ଟିରେ ବିଜୟୀ ହୋଇଛି। ମଧ୍ୟପ୍ରଦେଶର ଜୋବହାଟ(ଏସ୍‌ଟି) ଏବଂ ଦେଗ୍‌ଲୁର(ଏସ୍‌ସି) ଆସନ ଭାଜପା ହାତକୁ ଯାଇଥିବାବେଳେ ରାଏଗାଓଁ (ଏସ୍‌ସି) ଆସନରେ କଂଗ୍ରେସ ଜିତିଛି। ତେବେ ଭାଜପା ଶାସନାଧୀନ ହିମାଚଳ ପ୍ରଦେଶ ଓ ହରିୟାଣାରେ ନଡ୍ଡାଙ୍କ ଦଳକୁ ଶକ୍ତ ଝଟକା ଲାଗିଛି। ହିମାଚଳର ୩ ବିଧାନସଭା (ଫତେପୁର, ଅର୍କି, ଜୁବ୍ବଲ-କୋଟଖାଇ) ସହ ମଣ୍ଡି ଲୋକ ସଭା ଆସନକୁ କଂଗ୍ରେସ ଦଖଲ କରିଛି। ହରିୟାଣାର ଏଲ୍ଲେନାବାଦ ବିଧାନସଭା ଆସନରେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ର ଅଭୟ ଚୌଟାଲା ଭାଜପାର ଗୋବିନ୍ଦ କାଣ୍ଡାଙ୍କୁ ପରାଜିତ କରିଛନ୍ତି। ପଶ୍ଚିମବଙ୍ଗର ଦିନହାଟ, ଶାନ୍ତିପୁର, ଖରଦାହା ଓ ଗୋସାବା(ଏସ୍‌ସି) ଆସନରେ ଟିଏମ୍‌ସିକୁ ସଫଳତା ମିଳିଛି। ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଛି। ଉଭୟ ମୁଙ୍ଗେରର ତାରାପୁର ଏବଂ ଦରଭଙ୍ଗା ଜିଲାର କୁଶେଶ୍ୱର ଆସ୍ଥାନ (ଏସ୍‌ସି) ସିଟ୍‌କୁ ଶାସକ ଜେଡିୟୁ ଦଖଲ କରିଛି। ଏଠାରେ କଂଗ୍ରେସ ଏକାକୀ ଲଢ଼ିଥିଲେ ହେଁ ମତଦାତାଙ୍କ ପ୍ରଥମ ପସନ୍ଦ ହୋଇପାରି ନାହିଁ।

ସେହିପରି ରାଜସ୍ଥାନର ବଲ୍ଲଭନଗର ଓ ଧରିଆୱାଦ(ଏସ୍‌ଟି)ରେ ମଧ୍ୟ ଭୋଟଗ୍ରହଣ କରାଯାଇଥିଲା। ଏହି ଦୁଇ ଆସନରେ ଶାସକ କଂଗ୍ରେସ ନିଜ ସମ୍ମାନ ରକ୍ଷା କରିପାରିଛି। ଭାଜପା ଧରିଆୱାଦରେ ତୃତୀୟ ସ୍ଥାନରେ ଥିବାବେଳେ ବଲ୍ଲଭନଗରରେ ଚତୁର୍ଥ ☞ପୃଷ୍ଠା-୨



ହିମାଚଳ ପ୍ରଦେଶର ମଣ୍ଡି ଲୋକ ସଭା ଆସନରେ ବିଜୟୀ ହୋଇଥିବା ପ୍ରତିଭା ସିଂ।

**ବିଧାନସଭା ଆସନ ସଂଖ୍ୟା ୨୯**

| ଦଳ | ଆସନ |
|---|---|
| କଂଗ୍ରେସ | ୮ |
| ଭାଜପା | ୭ |
| ଟିଏମ୍‌ସି | ୪ |
| ୟୁପିପିଏଲ୍ | ୨ |
| ଜେଡିୟୁ | ୨ |
| ଏନ୍‌ପିପି | ୨ |
| ୟୁଡିପି | ୧ |
| ଆଇଏନ୍‌ଏଲ୍‌ଡି | ୧ |
| ଏମ୍‌ଏନ୍‌ଏଫ୍ | ୧ |
| ୱାଇଏସ୍‌ଆର୍‌ସିପି | ୧ |

## ୩ ଲୋକ ସଭା ଆସନରୁ ଗୋଟିଏ ଜିତିଲା ଭାଜପା

### ହିମାଚଳରେ କଂଗ୍ରେସ, ଦାଦ୍ରା ଓ ନଗର ହାବେଳିରେ ଶିବସେନା

ହିମାଚଳ ପ୍ରଦେଶରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ଏଠାରେ ଅନୁଷ୍ଠିତ କେବଳ ୩ ବିଧାନସଭା ଓ ମଣ୍ଡି ଲୋକ ସଭା ଆସନରେ କଂଗ୍ରେସଠାରୁ ଭାଜପା ହାରିଯାଇଛି। ମଣ୍ଡିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବ୍ରିଗେଡିୟର ଖୁଶଲ ଠାକୁର (କାରଗିଲ ଯୁଦ୍ଧ ବୀର)ଙ୍କୁ ପରାଜିତ କରିଛନ୍ତି। ଏହି ଆସନରୁ ପୂର୍ବରୁ ପ୍ରତିନିଧିତ୍ୱ କରୁଥିବା ଭାଜପାର ରାମସ୍ୱରୂପ ଶର୍ମାଙ୍କ ଗତ ମାର୍ଚ୍ଚ ୧୭ରେ ପରଲୋକ ହୋଇଥିବାରୁ ନିର୍ବାଚନ କରାଇବା ଆବଶ୍ୟକ ହୋଇଥିଲା।

ଦାଦ୍ରା ଓ ନଗର ହାବେଳି ଲୋକ ସଭା ଆସନରେ ଶିବସେନା ପ୍ରାର୍ଥୀ କାଲାବେନ ଦେଲକର ବିଜୟୀ ହୋଇଛନ୍ତି। କାଲାବେନ ହେଉଛନ୍ତି ଗତ ଫେବୃୟାରୀ ୨୨ରେ ମୁମ୍ବାଇର ଏକ ହୋଟେଲରେ ଆତ୍ମହତ୍ୟା କରିଥିବା ପୂର୍ବତନ ଏମ୍‌ପି ସ୍ୱର୍ଗତ ମୋହନ ଦେଲକରଙ୍କ ସ୍ତ୍ରୀ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପାର ମହେଶ ଗଭିତ୍‌ଙ୍କୁ ୫୧,୩୦୦ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ମଧ୍ୟପ୍ରଦେଶର ଖଣ୍ଡୱା ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ଜ୍ଞାନେଶ୍ୱର ପାଟିଲ କଂଗ୍ରେସର ରାଜନାରାୟଣ ସିଂ ପୂର୍ଣ୍ଣିଙ୍କୁ ପରାସ୍ତ କରିଛନ୍ତି।

# ନିମାପଡ଼ା ତହସିଲଦାର ଗିରଫ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

- ନିଜ ନାମରେ ରହିଛି ୫ ପ୍ୟାନ୍ କାର୍ଡ
- ଭାଇ ଲକ୍ଷ୍ମଣଙ୍କୁ ମଧ୍ୟ ଗିରଫ କଲା ଭିଜିଲାନ୍ସ

**କଟକ ଅଫିସ/ ନିମାପଡ଼ା,୨।୧୧**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ଜିଲା ନିମାପଡ଼ା ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର(ଇନ୍‌ଚାର୍ଜ) ରାମଚନ୍ଦ୍ର ଜେନା ମଙ୍ଗଳବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଲାଞ୍ଚ କାରବାରରେ ତାଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଭାଇ ଲକ୍ଷ୍ମଣ ଜେନାଙ୍କୁ ମଧ୍ୟ ଗିରଫ କରାଯାଇଛି। ମଙ୍ଗଳବାର ସକାଳେ ତହସିଲ୍‌ଦାର ରାମଚନ୍ଦ୍ର ନିମାପଡ଼ାସ୍ଥିତ ସରକାରୀ ବାସଭବନ ନିକଟରେ ଲକ୍ଷ୍ମଣଙ୍କୁ ଡାକି ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କଠାରୁ ୪ଲକ୍ଷ ୬୫ ହଜାର ଟଙ୍କା ଜବତ କରିଥିଲା। ଏତେ ଟଙ୍କା କେଉଁଠୁ ଆଣିଲେ ବୋଲି ପଚାରିବାରେ ସେ ଏହାର କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ସେହିପରି ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରାଯାଇ ୫୦ହଜାର ଟଙ୍କା ଜବତ କରାଯାଇଛି। ରାମଚନ୍ଦ୍ର ନିଜ ଭାଇଙ୍କୁ ଲାଞ୍ଚ ଟଙ୍କା ଆଦାୟ କରିବାରେ ନିୟୋଜିତ କରିଥିଲେ। ସବୁଠାରୁ ବଡ଼କଥା ହେଲା ଚଢ଼ାଉ ବେଳେ ଭିଜିଲାନ୍ସ ଟିମ୍ ୫ଟି ପ୍ୟାନ କାର୍ଡ ଜବତ କରିଛି, ଯାହାକି ରାମଚନ୍ଦ୍ରଙ୍କ ନାମରେ ରହିଥିବାବେଳେ ଏଥିରେ ଭିନ୍ନ ଭିନ୍ନ ନମ୍ବର, ଜନ୍ମ ତାରିଖ ଏବଂ ବାପାଙ୍କ ନାମ ଉଲ୍ଲେଖ ରହିଛି। ଏନେଇ ଭିଜିଲାନ୍ସ ସେଲ୍ ପକ୍ଷରୁ ଦୁର୍ନୀତି ନିବାରଣ ଆଇନର ଦଫା ୧୩(୨), ୧୩(୧)(ବି) ଏବଂ ୧୨ରେ ଏକ ମାମଲା(ନଂ. ୭/୨୦୨୧) ରୁଜୁ କରାଯାଇ ଉଭୟ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଛି। ଏଥିସହିତ ଏକାଧିକ ପ୍ୟାନ୍ କାର୍ଡ ଏବଂ ଟିକସ ଫାଙ୍କି ସମ୍ପର୍କରେ ଇନ୍‌କମ୍ ଟ୍ୟାକ୍ସ ବିଭାଗକୁ ଅବଗତ କରାଯାଇଛି ☞ପୃଷ୍ଠା-୨



ତହସିଲଦାର ରାମଚନ୍ଦ୍ର ଜେନା ଓ ତାଙ୍କ ୫ ପ୍ୟାନ୍ କାର୍ଡ।

## ଫାଣ୍ଡି ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**କଟକ ଅଫିସ,୨।୧୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର କଟକ ଭିଜିଲାନ୍ସ ଟିମ୍ ଢେଙ୍କାନାଳ ଜିଲା। ପରଜଙ୍ଗ ଥାନା ଅଧୀନ ମହାବିରୋଡ ଫାଣ୍ଡି ଅଧିକାରୀ ସମରେନ୍ଦ୍ର ସାମଲଙ୍କ ୭ଟି ସ୍ଥାନରେ ଏକ ସମୟରେ ଚଢ଼ାଉ କରିଛି। ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ୩ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ୮ଟି ଟିମ୍ ଏହି ଚଢ଼ାଉ କରିଥିଲେ। ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ଆଦେଶ ବଳରେ କରାଯାଇଥିବା ଚଢ଼ାଉବେଳେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଆଗୁଆ ଗୋଟି




ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ।

# ଭୁବନେଶ୍ୱରରୁ ଜୟପୁର ଉଡ଼ିଲା ବିମାନ

- ସିଧାସଳଖ ସେବା ଆରମ୍ଭ
- ସପ୍ତାହକୁ ୩ଦିନ ମିଳିବ ସୁବିଧା

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଭୁବନେଶ୍ୱର-ଜୟପୁର ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି। ଏଣିକି ଭୁବନେଶ୍ୱରରୁ ସିଧାସଳଖ ରାଜସ୍ଥାନର ରାଜଧାନୀ ଜୟପୁରକୁ ଯାତ୍ରା କରିହେବ। ବହୁ ଦିନର ଅପେକ୍ଷା ପରେ ଏବେ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ମଙ୍ଗଳବାର ଭର୍ଚ୍ଚୁଆଲ ମାଧ୍ୟମରେ ଏହି ସେବା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଇଣ୍ଡିଗୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପୂର୍ବରୁ ଏହି ସୁବିଧା ଉପଲବ୍ଧ ନ ଥିଲା। ତେଣୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ମନ୍ଦିରମାଳିନୀ ନଗରୀ ଭୁବନେଶ୍ୱର ଓ ଗୋଲାପି ସହର ଜୟପୁର ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ନିମନ୍ତେ ଓଡ଼ିଶା ସରକାର ଦାବି କରିଥିଲେ। ଗତ ସେପ୍ଟେମ୍ବର ୧୭ରେ ଦୁଇ ସହର ମଧ୍ୟରେ ବିମାନସେବା ଆରମ୍ଭ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସିନ୍ଧିଆଙ୍କୁ ଚିଠି ଲେଖି ତାଙ୍କର ହସ୍ତକ୍ଷେପ ଲୋଡ଼ିଥିଲେ। ଏହାପରେ ନଭେମ୍ବର ୨ରୁ ଭୁବନେଶ୍ୱର-ଜୟପୁର ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସିନ୍ଧିଆ ଘୋଷଣା କରିଥିଲେ। ସପ୍ତାହକୁ ୩ ଦିନ ଏହି ସେବା ମିଳିବ। ଉଭୟ ରାଜ୍ୟରେ ଅନେକ ମନ୍ଦିର ଓ ପର୍ଯ୍ୟଟନ ସ୍ଥାନ ଥିବାବେଳେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନେ ଏହାଦ୍ୱାରା ଉପକୃତ ହେବେ ବୋଲିକେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଛନ୍ତି। ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବାରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରର କ୍ଷମତା ରହିଛି ବୋଲି ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ରାଜ୍ୟର ଶିଳ୍ପାଞ୍ଚଳରେ ଏୟାରପୋର୍ଟ ଓ ଏୟାରଷ୍ଟ୍ରିପର ବିକାଶ ପାଇଁ ପ୍ରାଥମିକତା ଦେବା ଲାଗି ସିନ୍ଧିଆଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଜନଜାତି ଅଞ୍ଚଳରେ ଡ୍ରୋନ୍ ମାଧ୍ୟମରେ ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ଓଡ଼ିଶାକୁ ପାଇଲଟ୍ ପ୍ରକଳ୍ପରେ ନେଇ ଜୈବିକ ସାମଗ୍ରୀକୁ ବାହାରେ ବିକ୍ରି କରିବା ଏବଂ ସର୍ଭିସ ୟୁଟିଲିଟି ନିମନ୍ତେ ବ୍ୟବସ୍ଥା କରିବା ସକାଶେ ପ୍ରଧାନ କେନ୍ଦ୍ର ବେସାମରିକ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି।

# ପରିବହନ ଠିକାଦାର ନିଯୁକ୍ତିରେ ଫିକ୍ସିଂ

- ଧାର୍ଯ୍ୟ ଦରଠାରୁ ୫୨% କମ୍‌ରେ ଟେଣ୍ଡର ହାସଲ
- ଗରିବଙ୍କ ଚାଉଳ ହଡ଼ପ ଆଶଙ୍କା
- ତଦନ୍ତ ନିର୍ଦ୍ଦେଶ ଦେଲେ ଏମ୍‌ଡି

**ଯାଜପୁର ଅଫିସ,୨।୧୧**

ଜିଲା ଯୋଗାଣ ବିଭାଗର କଷ୍ଟମ ମିଲ୍ ଚାଉଳ ଆର୍‌ଆର୍‌ସି(ରାଇସ୍ ରିସିଭିଂ ସେଣ୍ଟର)ରୁ ଖୁଚୁରା କେନ୍ଦ୍ରକୁ ପରିବହନ ପାଇଁ ଲେଭଲ-୨ ଠିକାଦାର ନିଯୁକ୍ତି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କେତେଜଣ ନିର୍ଦ୍ଦିଷ୍ଟ ପରିବହନ ଠିକାଦାର ଅସାଧୁ ମେଣ୍ଟ କରି ଡମି ନିଲାମ ଡକାଳି(ବିଡର) ଦେଇ ଟେଣ୍ଡର ହାତେଇଥିବା ନେଇ ସୁକିନ୍ଦା ଓ ଦାନଗଦି ବ୍ଲକର ୨ ଜଣ ବିଡର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଅଭିଯୋଗ ଆଧାରରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବିଶ୍ୱଜିତ କେଶରୀ ଦାସ ୨୯।୧୦।୨୦୨୧ରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ତୁରନ୍ତ ସବିଶେଷ ରିପୋର୍ଟ ଦାଖଲ କରିବାକୁ ଏମ୍‌ଡି ଦାସ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ତେବେ ୨୦୨୧ରୁ ୨୦୨୩ ବର୍ଷ ପାଇଁ ଏହି ଠିକାଦାର ନିଯୁକ୍ତି ପ୍ରକ୍ରିୟାରେ ଜିଲାପାଳ ନିଜେ ହସ୍ତକ୍ଷେପ କରିଥିଲେ ହେଁ କିପରି ଭାବେ ଫିକ୍ସିଂ ହେଲା ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଜିଲାର ବଡ଼ଚଣାସ୍ଥିତ ଧାନମଣ୍ଡଳ, ଯାଜପୁର ରୋଡ ଏବଂ ପାଣିକୋଇଲି ଆରଆରସିରୁ ଚାଉଳ, ଗହମ ପରିବହନ କରି ଖୁଚୁରା କେନ୍ଦ୍ରକୁ ପହଞ୍ଚାଇବାକୁ ପରିବହନ ଠିକାଦାର ଲେଭଲ-୨ ନିଯୁକ୍ତି ଦିଆଯାଇଥାଏ। ଏହି କ୍ରମରେ ଗତ ଏପ୍ରିଲରେ ଜିଲାର ୧୦ ବ୍ଲକ ଓ ୨ ପୌରାଞ୍ଚଳ ପାଇଁ ପରିବହନ ଠିକାଦାର ନିଯୁକ୍ତି ଦେବାକୁ ଇ-ଟେଣ୍ଡର ଆହ୍ୱାନ ହୋଇଥିଲା। ଗତ ସେପ୍ଟେମ୍ବର ୨୨ରୁ ଇତିମଧ୍ୟରେ ଯାଜପୁର ପୌରାଞ୍ଚଳ, ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ପାଇଁ ପ୍ରଦୀପ କୁମାର କର, ସୁକିନ୍ଦା ବ୍ଲକ ପାଇଁ ସମରେଶ ପତି, ଦାନଗଦି ବ୍ଲକ ପାଇଁ ଜିତେନ କୁମାର ମହାନ୍ତି, ବଡଚଣା ବ୍ଲକ ପାଇଁ ସତ୍ୟବ୍ରତ ଜେନା, ଯାଜପୁର, କୋରେଇ, ବରି ବ୍ଲକ ଓ ବ୍ୟାସନଗର ପୌରାଞ୍ଚଳ ପାଇଁ ସମୀର କୁମାର ବିଶ୍ୱାଳ, ଧର୍ମଶାଳା ଓ ରସୁଲପୁର ବ୍ଲକ ପାଇଁ ଅକ୍ଷୟ କୁମାର ସ୍ୱାଇଁ ଟେଣ୍ଡର ପାଇଛନ୍ତି। ☞ପୃଷ୍ଠା-୨



ଯାଜପୁର ରୋଡ କେନ୍ଦ୍ରୀୟ ପଣ୍ୟାଗାର

# ଲଗାତର ୭ ଦିନ ଧରି ପେଟ୍ରୋଲ ଦର ବୃଦ୍ଧି

**ନୂଆଦିଲ୍ଲୀ,୨।୧୧**

ଦେଶ ମଧ୍ୟରେ ଲଗାତର ୭ ଦିନ ହେବ ପେଟ୍ରୋଲ ଦର ବଢ଼ି ଚାଲିଛି। ମଙ୍ଗଳବାର ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୭ ପଇସା ବଢ଼ିବା ଯୋଗୁ ୧୧୧.୦୬ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଅପରିବର୍ତ୍ତିତ ୧୦୭.୩୯ ଟଙ୍କା ରହିଛି। କଟକରେ ପେଟ୍ରୋଲ ୧୧୧.୪୩ ଟଙ୍କାରେ ବିକ୍ରି ହେଉଛି। ଏଠାରେ ଡିଜେଲ ଦର ୧୦୭.୭୫ ଟଙ୍କା ରହିଛି। ଗତ ୭ ସପ୍ତାହରେ ୨୮ ଥରରେ ପେଟ୍ରୋଲ ୯ ଟଙ୍କା ବଢ଼ିଛି। ସାରା ଦେଶରେ ପେଟ୍ରୋଲ ଦର ୩୫ ପଇସା ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧୧୦.୦୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୧୦୬.୬୬ ଟଙ୍କା, ୧୧୦.୪୯ ଟଙ୍କା ଏବଂ ୧୧୫.୮୫ ଟଙ୍କା ରହିଛି। ଏହି ୪ ସହରରେ ଡିଜେଲ ଦର ଅପରିବର୍ତ୍ତିତ ରହିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗୁଜରାଟ ହତ୍ୟା-ଦଙ୍ଗା ମାମଲା: ୧୫ ଜଣଙ୍କୁ ଆଜୀବନ

**ନାଡିଆଦ, ୨।୧୧(ପି.ଟି.)** ଗୁଜରାଟର ନାଡିଆଦସ୍ଥିତ ଏକ ସେସନ୍ସ କୋର୍ଟ ମଙ୍ଗଳବାର ଏକ ହତ୍ୟା-ଦଙ୍ଗା ମାମଲାର ବିଚାର କରି ୧୫ ଜଣଙ୍କୁ ଆଜୀବନ ଜେଲଦଣ୍ଡ ଏବଂ ଅନ୍ୟ ୪୪ ଜଣଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୬ ଅଗଷ୍ଟ ୨୮ରେ ଖେଡା ଜିଲାର ଭିଲୋଦ୍ରା ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା କରାଯିବା ପରେ ଏହାକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ଦଙ୍ଗା ସୃଷ୍ଟି ହୋଇଥିଲା। ଏଥିରେ ୧୪ ଜଣ ଆହତ ହୋଇଥିଲେ। ଦୌରାଜଜ୍ ଡି.ଆର୍. ଭଟ୍ଟ ମାମଲାର ଶୁଣାଣି କରି ହତ୍ୟା ଅଭିଯୁକ୍ତ ମଫତଭାଇ ଭରୱାଦ, ତାଙ୍କ ଭାଇଙ୍କ ସମେତ ୧୫ ଜଣଙ୍କୁ ଆଜୀବନ ସଜା ଶୁଣାଇଛନ୍ତି। ଏହି ମାମଲାରେ ଗ୍ରାମର ଅନ୍ୟ ସମ୍ପ୍ରଦାୟର ୪୪ ଜଣଙ୍କୁ ଦଙ୍ଗା ସୃଷ୍ଟି କରିବା ଅଭିଯୋଗରେ ୧୦ ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ପ୍ରମାଣ ଅଭାବରୁ ଜଣକୁ ଦୋଷମୁକ୍ତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆଲୋଚନା ପରିସରରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବାଟରେ ଯିବା ସମୟରେ ବନ୍ଧୁଙ୍କୁ ଭେଟି କାମ ହାସଲ ସକାଶେ ଆଲୋଚନା କରିପାରନ୍ତି।

**ବୃଷ** ଆନୁଷ୍ଠାନିକ କ୍ଷେତ୍ରରେ ମିତ୍ର ବନ୍ଧୁଙ୍କ ସହ ଆଲୋଚନାରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହ ଆଦି ଦିଗରୁ ଲାଭବାନ ହେବେ। ସହକର୍ମୀଙ୍କ ସହିତ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆର୍ଥିକ ଦିଗରୁ ଦିନଟି ପ୍ରାୟତଃ ଭଲ ରହିବ।

**ମିଥୁନ** ପାରିବାରିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ବହୁତ ଦିନରୁ ଅପେକ୍ଷା କରି ପରିଶେଷରେ ଆଜି ପ୍ରତୀକ୍ଷିତ ଖବରଟି ପାଇପାରନ୍ତି। ଶାରୀରିକ ସୁସ୍ଥତା ସଙ୍ଗକୁ ଆର୍ଥିକ ସ୍ଥିତି ମଧ୍ୟ ଭଲ ରହିବ।

**କର୍କଟ** କର୍ମକ୍ଷେତ୍ରରେ ଖଳପ୍ରକୃତିର ଲୋକେ ବିରୁଦ୍ଧାଚରଣ କରିପାରନ୍ତି। ତଥାପି ଅନୁକୂଳ ପରିବେଶ ସୃଷ୍ଟି ହେବାରୁ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ି ନିରାଶ ହେବାକୁ ପଡ଼ିପାରେ।

**ସିଂହ** ବାରମ୍ବାର ଚେଷ୍ଟା କରିବା ପରେ କୌଣସି ନୂତନ କାର୍ଯ୍ୟରେ ହାତଦେଇ ସଫଳତା ପାଇବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**କନ୍ୟା** ଆକସ୍ମିକ କୌଣସି ଅସୁବିଧା ଜନକସ୍ଥିତି ଉପୁଜିବାରୁ ଆଜିର ଯାତ୍ରା କୌଣସି କାରଣରୁ ସ୍ଥଗିତ ରହିଯାଇପାରେ। ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ମାନସିକ ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ତୁଳା** ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ଠିକ୍ ଠିକ୍ ହୋଇଯିବ। ତଥାପି କେତେକ କ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କାମ କରିବାକୁ ପଡ଼ିପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି । କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ସହକର୍ମୀଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ପାରିବାରିକ ସମସ୍ୟାର ମଧ୍ୟ ସରଳ ସମାଧାନ କରିବାରେ ସମର୍ଥ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହା କି ସମସ୍ୟାର କାରଣ ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର** ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ବନ୍ଧୁଙ୍କ ନିକଟରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇ ଖୁସୀ ହେବେ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁଙ୍କ ସହ ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ଆର୍ଥିକ ଦୁରବସ୍ଥା କାରଣରୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ନ ହୋଇପାରିବା କାରଣରୁ ବ୍ୟଥିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ନିଜ ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଢ଼ାଣି ମାଛର**
**ମୁଣ୍ଡରେ ବାଡ଼ି।**

ମାଛ ଯେପର୍ଯ୍ୟନ୍ତ ପାଣି ତଳେ ଥାଏ ସେ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ। ପରନ୍ତୁ ଯେତେବେଳେ ପାଣିରେ ମୁଣ୍ଡ ଟେକେ ସେତେବେଳେ ତାକୁ ଧରିବା ସହଜ ହୋଇଯାଏ। ପରୋକ୍ଷରେ ନିଜ ସ୍ତରକୁ ଭୁଲି ଔଦ୍ଧତ୍ୟ ଦେଖାଉଥିବା ବ୍ୟକ୍ତି ବିପଦ ବରଣ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚିନ୍ତା ଖାଏ ଗଣ୍ଡି ,**
**ଲୁଣ ଖାଏ ହାଣ୍ଡି;**
**ଅକର୍ମା ଖାଏ ଖାଣ୍ଡି,**
**ତେଲ ଖାଏ ମାଣ୍ଡି।**

ଚିନ୍ତା ମଣିଷର ଶରୀର ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ଚିନ୍ତା କରିବସିଲେ ଶରୀର ରୋଗାକ୍ରାନ୍ତ ହୋଇପଡ଼ିଥାଏ। ଲୁଣ ମାଟିହାଣ୍ଡିକୁ ନଷ୍ଟ କରିଦେଇଥାଏ। ମହାପ୍ରସାଦ ଦିଆଯାଉଥିବା କୁଡୁଆର ଭଙ୍ଗା ଅଂଶକୁ ଖାଣ୍ଡି କୁହାଯାଏ। ଯିଏ କାମଦାମ ନ କରି ଅକର୍ମା ଭଳି ବସି ରହେ ସିଏ ମାଗି ଯାଚି ପର ଆଗରେ ହାତ ପାତି ଖାଇଥାଏ। ସେହିପରି କେଶରେ ଲଗାଯାଉଥିବା ତେଲ ମାଣ୍ଡି ବା ତକିଆରେ ଲାଗି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ନଡ୍ଡାଙ୍କ ରାଜ୍ୟରେ...

ସ୍ଥାନରେ ରହିଛି। ପୂର୍ବରୁ ଧରିଆୱାଦ ଭାଜପା ଦଖଲରେ ଥିବାବେଳେ ବଲ୍ଲଭବନଗର କଂଗ୍ରେସ ହାତରେ ଥିଲା। ଏହି ବିଜୟ ସହ ୨୦୦ ସଦସ୍ୟ ବିଶିଷ୍ଟ ରାଜସ୍ଥାନ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୧୦୮ରେ ପହଞ୍ଚିଥିବାବେଳେ ଭାଜପା ବିଧାୟକଙ୍କ ସଂଖ୍ୟା ୭୧କୁ ଖସିଛି। ମହାରାଷ୍ଟ୍ରର ଦେଗଲୁର ବିଧାନସଭା ଆସନରେ ମଧ୍ୟ ଭାଜପାକୁ ପରାଜୟର ମୁହଁ ଦେଖିବାକୁ ମିଳିଛି। କଂଗ୍ରେସ ପ୍ରାର୍ଥୀ ଜିତେଶ ଅନ୍ତରପୁକାର ଶାସକ ମହାବିକାଶ ଅଘାଡ଼ିର ସମର୍ଥନରେ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁଭାଷ ସବନେଙ୍କୁ ୪୧,୯୩୩ ଭୋଟ ବ୍ୟବଧାନରେ ହରାଇଛନ୍ତି। ମେଘାଳୟର ୩ ଆସନ ମଧ୍ୟରୁ ରାଜାବାଲା ଓ ମରିଙ୍ଗ୍‌କ୍ନେଂଗ୍‌କୁ ଶାସକ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଦଖଲ କରିଥିବାବେଳେ ବିରୋଧୀ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି) ହାତକୁ ଯାଇଛି ମଫଲଙ୍ଗ ଆସନ। କର୍ଣ୍ଣାଟକର ଦୁଇଟି ଆସନକୁ ଭାଜପା ଓ କଂଗ୍ରେସ ଭାଗବଣ୍ଟା କରି ନେଇଛନ୍ତି। ସିନ୍ଦାଗି ଆସନରେ ଭାଜପା ବିଜୟୀ ହୋଇଥିବାବେଳେ ହନଗଲ ଆସନକୁ କଂଗ୍ରେସ ଦଖଲ କରିଛି। ଅନୁରୂପ ଭାବେ ଆନ୍ଧ୍ର ପ୍ରଦେଶର ବଡ଼ଭେଲ ଆସନକୁ ଶାସକ ୱାଇଏସ୍‌ଆର୍ କଂଗ୍ରେସ ୯୦,୦୦୦ରୁ ଊର୍ଦ୍ଧ୍ୱ ଭୋଟ ସହ ପୁନଃ ଦଖଲ କରିଛି। ତେଲଙ୍ଗାନାର ହୁଜୁରାବାଦ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଇଏଟଲା ରାଜେନ୍ଦର ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)ର ଗେଲୁ ଶ୍ରୀନିବାସ ଯାଦବଙ୍କଠାରୁ ୧୪,୬୧୮ ଖଣ୍ଡ ଭୋଟରେ ଆଗୁଆ ଥିବା ଜଣାପଡ଼ିଛି। ସେହିପରି ମିଜୋରାମର ଟୁଇରିଆଲ ବିଧାନସଭା ଆସନରେ ଶାସକ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ପ୍ରାର୍ଥୀ କେ. ଲାଲଡାୱଙ୍ଗଲିଆନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୋରାମ ପିପୁଲ୍ସ ଫ୍ରଣ୍ଟ(ଜେପିଏମ୍)ର ଲାଲ୍ଲାନମ୍ୱିଆଙ୍କୁ ୧,୨୮୪ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

## ଫାଣ୍ଡି ଅଧିକାରୀଙ୍କ...

ଏସ୍‌ଆଇ ସମରେନ୍ଦ୍ରଙ୍କ ଢେଙ୍କାନାଳ ସହରରେ ୨ଟି ଦୁଇମହଲା କୋଠା, ଗଁଦିଆ ଥାନା ଅନ୍ତର୍ଗତ ଏକ ଫାର୍ମ ହାଉସ୍, ପ୍ରାୟ ୩୦୦ଗ୍ରାମ୍ ସୁନା ଏବଂ ନଗଦ ୧ଲକ୍ଷ ଟଙ୍କା ଠାବ କରାଯାଇଛି। ଏହି ଆୟ ବହିର୍ଭୂତ ସମ୍ପତ୍ତିର ମୂଲ୍ୟ ୧ କୋଟି ୮୨ ଲକ୍ଷ ହେବ ବୋଲି ଭିଜିଲାନ୍ସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ନିମାପଡ଼ା ତହସିଲଦାର...


ଲକ୍ଷ୍ମଣ ଜେନା

ବୋଲି ଭିଜିଲାନ୍ସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳ ୫ଟାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଅଭିଯୁକ୍ତ ତହସିଲଦାର ରାମଚନ୍ଦ୍ରଙ୍କ ନିମାପଡ଼ାସ୍ଥିତ ସରକାରୀ ବାସଭବନ, କଟକ ସିଡିଏ ସେକ୍ଟର-୧୧ସ୍ଥିତ ବାସଭବନ, ଯାଜପୁର ଜିଲା ଧାନମଣ୍ଡଳ, କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକରେ ଥିବା ପୈତୃକ ଘରେ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ଭିଜିଲାନ୍ସର ଜଣେ ଅତିରିକ୍ତ ଏସ୍‌ପି, ୭ ଡିଏସ୍‌ପି, ଦୁଇଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଅଭିଯୁକ୍ତ ରାମଚନ୍ଦ୍ରଙ୍କ ନାମରେ ପୂର୍ବରୁ କଟକ ଭିଜିଲାନ୍ସରେ ୨ଟି ମାମଲା ରହିଛି। ମୂଲ୍ୟବାନ ଜମିର ପଟ୍ଟା ପ୍ରଦାନ କରିବା ଅଭିଯୋଗରେ ୨୦୧୧ ଜୁନ ୨୧ରେ ଏକ ମାମଲା(ନଂ. ୩୭/୨୦୧୧) ରୁଜୁ ହୋଇଥିଲା। ସେହିପରି ଅନ୍ୟ ଏକ ମାମଲା (ନଂ. ୩୩/୨୦୧୮) ୨୦୧୮ ଜୁଲାଇ ୧୭ରେ ରୁଜୁ ହୋଇଥିଲା। ଚଢାଉ ସମୟରେ ଅଭିଯୁକ୍ତଙ୍କ ଘରୁ ଯେଉଁ ୫ଟି ଭିନ୍ନ ନମ୍ବର ଥିବା ପ୍ୟାନ କାର୍ଡ ମିଳିଛି ସେଥିରେ ଭିନ୍ନ ନମ୍ବର ରହିଥିବା ସହ ପିତାଙ୍କ ନାମ ଓ ଜନ୍ମ ତାରିଖ ମଧ୍ୟ ଅଲଗା ରହିଛି। ଟିକସ ଫାଙ୍କିବାକୁ ବହୁ ଚତୁରତାର ସହ ଏଭଳି ଏକାଧିକ ପ୍ୟାନ୍ କାର୍ଡ କରିଥିବା ଅନୁମାନ କରାଯାଉଛି। ଜଣେ ତହସିଲ୍‌ଦାର ଚଞ୍ଚକତା କରି ଏକାଧିକ ପ୍ୟାନ୍‌କାର୍ଡ ହାତେଇ ଟିକସ ଫାଙ୍କିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଚଢାଉ ସମୟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପଦାକୁ ଆସିଛି। ମୁଖ୍ୟ ଅଭିଯୁକ୍ତ ତହସିଲଦାର ରାମଚନ୍ଦ୍ର ନିଜ ଭାଇ ଲକ୍ଷ୍ମଣଙ୍କୁ ମଧ୍ୟ ଏହି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କାର୍ଯ୍ୟରେ ନିୟୋଜିତ କରାଇଥିଲେ। ଲକ୍ଷ୍ମଣ ମୁଖ୍ୟତଃ ଲାଞ୍ଚ ଆଦାୟ କରୁଥିଲେ। ସେ ୨୦୦୨ରେ ଟ୍ରକ୍ ହେଲ୍‌ପର, ୨୦୦୬ରେ ଡ୍ରାଇଭର, ୨୦୧୨ରେ ଟ୍ୟାକ୍ସି ଡ୍ରାଇଭର, ୨୦୧୯ରେ ମୋ ବସ୍ ଡ୍ରାଇଭିଂ କରୁଥିଲେ। ହେଲେ ଏବେ ତାଙ୍କର କିଛି ରୋଜଗାରର ମାଧ୍ୟମ ନ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଲକ୍ଷ୍ମଣଙ୍କୁ ଜେରା ବେଳେ ସେ କହିଛନ୍ତି, ଗତ ସେପ୍ଟେମ୍ବରରେ ତାଙ୍କ ଭାଇ ନିମାପଡ଼ା ୩ ଥର ଡକାଇ ୧୦ଲକ୍ଷ ଟଙ୍କା ଦେଇଥିଲେ। ଯାହାକି ଲାଞ୍ଚରୁ ସଂଗୃହୀତ। ପରେ ସେହି ଟଙ୍କାକୁ ସେ ଏକ ଘରୋଇ ବ୍ୟାଙ୍କରେ ଡିପୋଜିଟ କରିଥିଲେ। ଉକ୍ତ ଆକାଉଣ୍ଟକୁ ଜବତ କରାଯାଇଛି। ସେହିପରି ସୋମବାର ରାତି ୯ଟାବେଳେ ରାମଚନ୍ଦ୍ର ତାଙ୍କୁ ଫୋନ୍ କରି ମଙ୍ଗଳବାର ସକାଳେ ନିମାପଡ଼ା ଆସି ସାଢେ ୪ଲକ୍ଷ ଟଙ୍କା ନେଇଯିବାକୁ କହିଥିଲେ। ସେହି ଅନୁସାରେ ମଙ୍ଗଳବାର ସକାଳେ ରାମଚନ୍ଦ୍ରଙ୍କ କ୍ୱାର୍ଟର୍ସକୁ ଯାଇ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ।

## ପରିବହନ ଠିକାଦାର...

WINNER PRICE BIDDER -: 2021-22 &2022-23

| SL NO. | Name of the Bidder | Block/Municipality | Workable Rate | Lowest Rate (BSOR) | Percentage Less(%) |
|---|---|---|---|---|---|
| 1 | PRADEEP KUMAR KAR | JAJPUR MUNICIPALITY | 33.64 | 28.6 | 14.99% |
| 2 | PRADEEP KUMAR KAR | BINJHARPUR | 47.08 | 40.03 | 14.98% |
| 3 | PRADEEP KUMAR KAR | DASARATH PUR | 44.16 | 37.55 | 14.97% |
| 4 | SAMARESH PATI | SUKINDA | 41.53 | 35.31 | 14.98% |
| 5 | JITEN KUMAR MOHANTY | DANAGADI | 32.83 | 27.91 | 14.98% |
| 6 | SATYABRATA JENA | BARCHANA | 31.75 | 27 | 14.97% |
| 7 | SAMIR KUMAR BISWAL | JAJPUR BLOCK | 37.53 | 22.52 | 39.99% |
| 8 | SAMIR KUMAR BISWAL | KOREI | 35.84 | 17.91 | 40.00% |
| 9 | SAMIR KUMAR BISWAL | BARI | 48.85 | 23.99 | 50.90% |
| 10 | SAMIR KUMAR BISWAL | VYASANAGAR | 26.86 | 16.12 | 39.99% |
| 11 | AKSHAYA KUMAR SWAIN | DHARMASALA | 38.98 | 20.53 | 47.33% |
| 12 | AKSHAYA KUMAR SWAIN | RASULPUR | 42.86 | 20.33 | 52.56% |

ଅଭିଯୋଗରୁ ଜଣାପଡ଼ିଛି ଯେ, ଏହି ପରିବହନରେ ସମ୍ପୃକ୍ତ ଠିକାଦାର ଅନୈତିକ ଉପାୟରେ ଲାଭ ପାଉଛନ୍ତି। ବିଶେଷକରି ପରିବହନ ସମୟରେ ନିଜ ଗୋଦାମକୁ ନେଇ ବସ୍ତା ପ୍ରତି ୪/୫ କେଜି ଚାଉଳ ଓ ଗହମ କାଢ଼ି ନେଇଥାନ୍ତି। ଏହି ପ୍ରକ୍ରିୟାରେ ଯୋଗାଣ ବିଭାଗର କେତେଜଣ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ ମଧ୍ୟ ରହୁଛି। ଏଥିପାଇଁ ପରିବହନ ଠିକାଦାର ନିଯୁକ୍ତିରେ ସୁପାରିସ ଏବଂ ସଲାସୁତୁରା ହୋଇଥାଏ। ଉପରୋକ୍ତ ଟେଣ୍ଡର ପ୍ରକ୍ରିୟାରେ ଦାନଗଦି ବ୍ଲକ ପାଇଁ ବିଡର ଦିଲୀପ କୁମାର ସାମଲ ଏବଂ ସୁକିନ୍ଦା ବ୍ଲକ ପାଇଁ ପବିତ୍ର ମୋହନ ଘଡେଇ ଆବେଦନ କରିଥିଲେ। ଅଭିଯୋଗ ଅନୁସାରେ, ସେମାନେ ଆବଶ୍ୟକ କାଗଜପତ୍ର ଦେଇ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲେ। କିନ୍ତୁ ଯେଉଁମାନେ ଟେଣ୍ଡର ପ୍ରକ୍ରିୟାର ନୀତି ନିୟମକୁ ଉଲ୍ଲଂଘନ କରି ଆବେଦନ କରିଥିଲେ, ସେମାନଙ୍କୁ ପରିବହନ ଠିକାଦାର ନିଯୁକ୍ତି ଦିଆଯାଇଛି। କେତେଜଣ ପରିବହନ ଠିକାଦାର ୩ଟି ଅସାଧୁ ମେଣ୍ଟ କରି ଅସଲି ବିଡରମାନଙ୍କ ପାଇଁ ବାଧା ସୃଷ୍ଟି କରିଥିଲେ। ଏହି ଅସାଧୁ ମେଣ୍ଟ ଡମି ବିଡରମାନଙ୍କ ଜରିଆରେ ଟେଣ୍ଡର ଫିକ୍ସିଂ କରି ଟେଣ୍ଡର ହାତେଇଥିବା ଅଭିଯୋଗ କରିଛନ୍ତି। ସରକାର ଗତ ୩ ବର୍ଷ ହେଲା କୁଇଣ୍ଟାଲ ପିଛା ୪୮.୮୫ ଟଙ୍କାରେ ପରିବହନ ଖର୍ଚ୍ଚ ଧାର୍ଯ୍ୟ କରିଛନ୍ତି। ହେଲେ କେତେଜଣ ଡମି ବିଡରଙ୍କୁ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ କରି ଧାର୍ଯ୍ୟ ଦରଠାରୁ ବରୀ ପାଇଁ ୫୦.୯୦%, କୋରେଇ ପାଇଁ ୪୦%, ଯାଜପୁର ବ୍ଲକ ପାଇଁ ୩୯.୯୯%, ବ୍ୟାସନଗର ପୌରାଞ୍ଚଳ ପାଇଁ ୩୯.୯୯%, ଧର୍ମଶାଳା ପାଇଁ ୪୭.୩୩ % ଏବଂ ରସୁଲପୁର ବ୍ଲକ ପାଇଁ ସର୍ବାଧିକ ୫୨% କମ୍ ଦରରେ ଟେଣ୍ଡର ହାତେଇଛନ୍ତି। ଅନ୍ୟ ବ୍ଲକଗୁଡିକ ପାଇଁ ପ୍ରାୟ ୧୫% କମ୍ ରହିଛି। ଏଥିରୁ ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ ଓ ଗହମ ବିପୁଳ ପରିମାଣର ହଡପ ହେବା ଆଶଙ୍କା ରହିଛି ବୋଲି ମତପ୍ରକାଶ ପାଇଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ମଧ୍ୟ ଏହି ଅଭିଯୋଗକୁ ସମର୍ଥନ କରି ତଦନ୍ତର ଆବଶ୍ୟକତା ରହିଛି ବୋଲି ଏମ୍‌ଡିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲା ଟେଣ୍ଡର କମିଟି ସମ୍ମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ ନୀତିନିୟମ ଅନୁସାରେ ପରିବହନ ଠିକାଦାର ନିଯୁକ୍ତି ଦିଆଯାଇଛି। ଏଥିରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ। ତେବେ ଯେଉଁମାନେ ବହୁ କମ୍ ଦରରେ ନିଯୁକ୍ତି ପାଇଛନ୍ତି ସେମାନଙ୍କଠାରୁ ଅଧିକ ସିକ୍ୟୁରିଟି ଡିପୋଜିଟ ରଖାଯିବ।

# କେରଳ ସୁନା ଚାଲାଣ ମାମଲା: ସ୍ୱପ୍ନା ସୁରେଶଙ୍କୁ ଜାମିନ

**କୋଚି, ୨।୧୧(ପି.ଟି.):** ବହୁଚର୍ଚ୍ଚିତ କେରଳ ସୁନା ଚୋରା ଚାଲାଣ ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱପ୍ନା ସୁରେଶଙ୍କୁ କେରଳ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। କୂଟନୈତିକ ଚ୍ୟାନେଲ ଜରିଆରେ ବହୁକୋଟି ଟଙ୍କାର ସୁନା ଚୋରା କାରବାରରେ ସମ୍ପୃକ୍ତ ସ୍ୱପ୍ନାଙ୍କ ବିରୋଧରେ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ରେ ମାମଲା ରୁଜୁ କରିଥିଲା। ତାଙ୍କ ସମେତ ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଜାମିନ ମଞ୍ଜୁର କରାଯାଇଛି। ଗତବର୍ଷ ଜୁଲାଇ ୫ରେ ଥିରୁଭାନନ୍ତପୁରମ୍ ବିମାନ ବନ୍ଦରରୁ ୧୫ କୋଟି ଟଙ୍କା ମୂଲ୍ୟର ସୁନା ଜବତ ହେବା ପରେ ଏହା ପଛରେ ବଡ଼ ର୍‍ୟାକେଟ କାର୍ଯ୍ୟ କରୁଥିବା ପର୍ଦ୍ଦାଫାସ୍ ହୋଇଥିଲା। ୟୁଏଇ ବାଣିଜ୍ୟିକ ଦୂତାବାସକୁ ଆସୁଥିବା ବ୍ୟାଗେଜ୍‌ରୁ ଉକ୍ତ ସୁନା ମିଳିଥିଲା। ଏହି ମାମଲାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପୂର୍ବତନ ପ୍ରମୁଖ ସଚିବ ଶିବଶଙ୍କରଙ୍କ ସମେତ ୟୁଏଇ କନ୍‌ସୁଲେଟର ପୂର୍ବତନ କର୍ମଚାରୀ ସ୍ୱପ୍ନା ସୁରେଶ ଏବଂ ସରିଥ ପି.ଏସ୍‌ଙ୍କୁ ଗିରଫ କରାଯାଇଥିଲା।

# ଚାଇନାରେ ସଂକ୍ରମଣ ଚିନ୍ତା: ଖାଦ୍ୟ ମହଜୁଦ ରଖିବାକୁ ପରାମର୍ଶ

**ବେଜିଂ, ୨।୧୧:** ଚାଇନାରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଆଗକୁ ଜରୁରିକାଳୀନ ସ୍ଥିତି ଆଶଙ୍କା କରି ଚାଇନା ସରକାର ଲୋକମାନଙ୍କୁ ଅତ୍ୟାବଶ୍ୟକ ଜିନିଷ, ଖାଦ୍ୟ ସାମଗ୍ରୀ ମହଜୁଦ୍ ରଖିବାକୁ ସୋମବାର ପରାମର୍ଶ ଦେଇଛନ୍ତି। ଏହି ଘୋଷଣା ଏବଂ ନିକଟରେ ଅସ୍ୱାଭାବିକ ଭାବେ ପ୍ରବଳ ବର୍ଷା ଯୋଗୁ ଖାଦ୍ୟସାମଗ୍ରୀ ଦରଦାମ ଆକାଶଛୁଆଁ ହୋଇଛି। ଏଥିସହିତ ବହୁସଂଖ୍ୟାରେ ଲୋକ ସୁପରମାର୍କେଟରେ ଭିଡ଼ ଲଗାଇଛନ୍ତି। ସୋମବାର ରାତିରେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଘୋଷଣା ହେବାପରେ ଲୋକଙ୍କ ମନରେ ଚିନ୍ତା ଓ ଭୟ ଦେଖାଦେଇଛି। ତାଇୱାନ ସହ ତିକ୍ତତା ବଢୁଥିବାରୁ ସରକାର ଏପରି ନିର୍ଦ୍ଦେଶ ଦେଇଥିବା ମଧ୍ୟ ଆଲୋଚନା ହେଉଛି।


# classifieds Everyday 0674-2580101, 2549302




**BRIDE WANTED**

Age-35, Unmarried ପୁଅ ପାଇଁ any caste ଝିଅ ଆବଶ୍ୟକ। (widow & Divorced) accepted, ଘରଜ୍ୱାଇଁ ପ୍ରଯୁଜ୍ୟ। 7077547512. D-22118

**GROOM WANTED**

Wanted Software Engineer groom for beautiful Brahmin girl 1989 5'7" B.Tech Serving Software Engineer TCS "Sunasansar". 9937512659, 8249969649. D-22113

Groom required for Gudia girl. PGDM, D.O.B.-22.11.1991,5'0" Mobile. 9778642153, 7751840747. D-22084

46 ବୟସ୍କା କରଣ ବିଧବା 5'3" ଘରୋଇ ଚାକିରି କରୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 7606067313. D-22116




**SALE**

ପାରାଦୀପ smart Industrial Port City ପାଖ ବଡ଼ବନ୍ଧ ରେଲ୍‌ୱେ ଷ୍ଟେସନ୍ ପାଖରେ 1acre ଘରବାଡ଼ି commercial ଜାଗା ବିକ୍ରିହେବ। ଷ୍ଟାର ହୋଟେଲ, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ପାଇଁ ଉପଯୁକ୍ତ। ଇଚ୍ଛୁକ ବ୍ୟକ୍ତି, sharing holder, broker. 8917413036. D-71195

6BHK duplex finishing Hanspal (Bank finance available), Plot Atala- 8018001810. D-70961

**Double storied 4BR House at Nageswar Tangi, 73decimals land 4500 Built-up. 9437928245 (11AM-7PM).** D-71192

Sthitiban plots available Bhubaneswar IIT with all development, immediate registration book @2lakh. 9124289585. D-22134

**Plot for Sale, 2000sqft (15nos) per sqft- 2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.** D-22136

2500sqft. private land at Star City Patia for sale. Contact: 7978627900. Broker excuse. D-71509

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730

Two BHK Apartment flat near Garage Chhak, Bhubaneswar. Contact: 7873492433. D-70250

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71189

**Duplex for sale At- Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.** D-71729

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road, sqft.- 700/-ରେ ମିଳୁଛି। 7008045582, 9692003948. D-22146

**ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168.** D-71727

**PURCHASE**

**Land Required in Bhubaneswar & Puri for Outright/ Share basis for Apartment/ Duplex and Plotting Scheme. Interested Land Owner please contact: 9438109040/ 8144658008.** D-22145




Ashirvaad Saloon and SPA get good massage for your health tha best therapy. 7077181074. D-71808

Newly open SPA positively health benefit with expert. Contact: 7749976301. D-71194

Refresh with relaxing massage by experienced Male/Female therapist. 7008773793. D-71428

Take one hour any therapy just @800 only. Call- 9078484455. D-71430

Newly open SPA Center, Diwali Offer 599/-, smart therapist. 8455987557. D-71431

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Refreshing your mind and body with the best therapy. 7873794731. D-71191

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

**LOST**

I, Gundicha Sethy like to inform the general public that on 29.10.21 while coming from Kesura to Rasulgada Chouk, my original College Leaving Certificate, Provisional certificate of 1982 issued by Ravenshaw College, Cuttack were lost. Anyone find may contact me on 7894981098. D-22147

**AFFIDAVIT**

I, Brundaban Sundaray R/o Khadikapalli Village, Near Badkul, Post- Balugaon, Dist- Khurdha, Odisha- 752030 have changed my minor son's name from Chitaranjan Sundaray to Chittaranjan Sundaray. D-22148

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୮୦,୩୬,୭୨୦ | ୫୦,୨୪,୪୦୪ | ୨୨,୪୬,୭୩,୭୭୭ |
| ଭାରତ | ୩,୪୨,୮୫,୮୧୪ | ୪,୫୮,୪୭୦ | ୩,୩୬,୬୮,୫୬୦ |
| ଓଡ଼ିଶା | ୧୦,୪୨,୧୦୦ | ୮୩୪୦(+୫୩) | ୧୦,୨୯,୫୮୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବାଘଛାଲ ଜବତ, ୨ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ରାଇରଙ୍ଗପୁର, (ଡି.ଏନ୍.ଏ.)୨।୧୧

## ଏସ୍‌ଟିଏଫ୍, ବନ ବିଭାଗର ମିଳିତ ଚଢ଼ାଉ



ରାଜ୍ୟରେ ବନ୍ୟପ୍ରାଣୀ ଶିକାର ବିରୋଧରେ କଠୋର ଆଇନ ରହିଥିଲେ ବି ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଅନ୍ତର୍ଜାତୀୟ ବଜାରରେ ବାଘଛାଲର ବିଶେଷ ଚାହିଦା ରହିଥିବାରୁ ବାଘଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡୁଛି। ଫଳରେ ରାଜ୍ୟରେ ବାଘସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଏପରି ସ୍ଥିତିରେ ବନ୍ୟଜନ୍ତୁ ଶିକାର ରୋକିବାରେ ବନବିଭାଗ ସେଭଳି କିଛି କଠୋର ପଦକ୍ଷେପ ନେଉ ନ ଥିବା ଦେଖାଯାଉଛି। ଏକ ସପ୍ତାହ ତଳେ ବୌଦ୍ଧ କନ୍ଧମାଳ ଅଞ୍ଚଳରେ ଏସ୍‌ଟିଏଫ୍ ୨ଟି ବାଘଛାଲ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଥିଲା। ସୋମବାର ପୁଣି ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅଞ୍ଚଳରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଏହି ବାଘଛାଲର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ କହିଛି। ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଚଟାଣି ବସ୍‌ଷ୍ଟାଣ୍ଡରେ ବାଘଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ବେଳେ ଏସ୍‌ଟିଏଫ୍ ବନଦା ରାଇରଙ୍ଗପୁର ବନ ବିଭାଗ ସହାୟତାରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଚନ୍ଦ୍ରକାନ୍ତ କାର୍ଜୀ ଏବଂ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ପଳାଶବଣି ଗ୍ରାମର ଅଜିତ କୁମାର ଗିରି। ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ରାଇରଙ୍ଗପୁର ବନ ବିଭାଗକୁ ହସ୍ତାନ୍ତର କରିଥିଲା। ମଣଦା ରେଞ୍ଜ ପକ୍ଷରୁ ଏକ ମାମଲା (ନଂ. ଓଆର୍ ୩୪ ଏମ୍/୨୧) ରୁଜୁ ସହ ଉଭୟଙ୍କୁ ରାଇରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି। ଏମାନେ ବାଘଛାଲ କେଉଁଠୁ ଆଣିଲେ, କେତେଦିନ ହେଲା ଏହି କାରବାର ଚଳାଇଥିଲେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଆଦି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଅନୁସନ୍ଧାନ ଜାରି ରଖିଛି।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଚଟାଣି ବସ୍‌ଷ୍ଟାଣ୍ଡ ନିକଟରେ ବାଘଛାଲ ଡିଲ୍ ହେବା ନେଇ ଏସ୍‌ଟିଏଫ୍ ଖବର ପାଇଥିଲା। ଏସ୍‌ଟିଏଫ୍‌ର ଏକ ଟିମ୍ ଏ ସମ୍ପର୍କରେ ରାଇରଙ୍ଗପୁର ବନ ବିଭାଗକୁ ଜଣାଇଥିଲା। ରାଇରଙ୍ଗପୁର ବନବିଭାଗର ବନଦା ଫରେଷ୍ଟ ରେଞ୍ଜ ଏବଂ ଏସ୍‌ଟିଏଫ୍ ଟିମ୍‌ର ସଦସ୍ୟମାନେ ସେଠାରେ ପହଞ୍ଚି ଛକି ରହିଥିଲେ। ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ବାଘଛାଲ ଡିଲ୍ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଉଲ୍ଲେଖଯୋଗ୍ୟ, ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ୧୯ ବାଘଛାଲ, ୧୦ଟି ହାତୀଦାନ୍ତ, ୨ଟି ହରିଣ ଚମଡ଼ା, ୫ ଜୀବନ୍ତ ବଜ୍ରକାପ୍ତା, ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ବରିଷ୍ଠ ବାମପନ୍ଥୀ ନେତା କାଳୁ ପଣ୍ଡାଙ୍କ ପରଲୋକ

ବ୍ରହ୍ମପୁର ଅଫିସ,୨।୧୧: ଗଞ୍ଜାମ ଜିଲାର ବରିଷ୍ଠ ବାମପନ୍ଥୀ ନେତା, ସିପିଏମ୍‌ର ପୂର୍ବତନ ଜିଲା ସମ୍ପାଦକ କାଳୁ ପଣ୍ଡା(୭୦)ଙ୍କର ମଙ୍ଗଳବାର ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଦୀର୍ଘଦିନରୁ ସେ ଅସୁସ୍ଥ ଥିଲେ। ସ୍ୱର୍ଗତ ପଣ୍ଡା ଜିଲା ସିପିଏମ୍‌ର ଅନ୍ୟତମ ପ୍ରତିଷ୍ଠା ସଭ୍ୟ ଥିଲେ ଏବଂ ବିଭିନ୍ନ ସମୟରେ ପାର୍ଟି ରାଜ୍ୟ କମିଟି ସଦସ୍ୟ ଓ ଶ୍ରମିକ ସଂଗଠନ ସିଆଇଟିୟୁ ରାଜ୍ୟ ଉପସଭାପତି ହୋଇଥିଲେ। ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟ ହଲ୍‌ଠାରେ ମର ଶରୀରକୁ ରଖାଯାଇଥିଲା। ସେଠାରେ ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ମହାପାତ୍ର, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡା, ବାମପନ୍ଥୀ ନେତା ଦଣ୍ଡପାଣି ମହାନ୍ତିଙ୍କ ସମେତ ଜଣାଶୁଣା ବ୍ୟକ୍ତି ଶେଷ ସମ୍ମାନ ଜଣାଇଥିଲେ। ପରେ ହିଲପାଟଣାସ୍ଥ ନିଜ ବାସଭବନକୁ ନିଆଯାଇଥିଲା। ସନ୍ଧ୍ୟାରେ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।



## ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ସ୍କୁଲର ତଥ୍ୟ ଦାଖଲ କର

**ବୋର୍ଡ ପକ୍ଷରୁ ଡିଇଓଙ୍କୁ ଚିଠି**

କଟକ ଅଫିସ,୨।୧୧: ରାଜ୍ୟରେ ଥିବା ସମସ୍ତ ଅଣ ଅନୁଦାନ ସ୍ୱୀକୃତିପ୍ରାପ୍ତ ସ୍କୁଲର ତଥ୍ୟ ଦେବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଚିଠି କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ସ୍କୁଲଗୁଡିକର ତଥ୍ୟ ଡିଇଓମାନେ ବୋର୍ଡର ଜୋନ୍ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଯଦି ଏହି ସମୟସୀମା ମଧ୍ୟରେ ନିର୍ଦ୍ଦିଷ୍ଟ ଫର୍ମାଟରେ ତଥ୍ୟ ଦାଖଲ କରା ନ ଯାଏ ତେବେ ଉକ୍ତ ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।



ଓଡ଼ିଶା ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ୮ ଦଫା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ମନ୍ତ୍ରୀ ପ୍ରତାପ ଜେନାଙ୍କ ସରକାରୀ ବାସଭବନ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

# କିସ୍-ୟୁଏନ୍‌ଡିପି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

## ଜନଜାତି, ସ୍ଥାୟୀ ବିକାଶ ପାଇଁ ମିଳିତ ପ୍ରୟାସ

ଓଡ଼ିଶାରେ ଜନଜାତି ଓ ସ୍ଥାୟୀ ବିକାଶ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ମଙ୍ଗଳବାର କିସ୍ ଏବଂ ୟୁଏନ୍‌ଡିପି ମଧ୍ୟରେ ବୁଝାମଣା ହୋଇଛି। ଏହି ବୁଝାମଣା ପତ୍ରରେ କିସ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ୟୁଏନ୍‌ଡିପି ପକ୍ଷରୁ ୟୁଏନ୍‌ଡିପିର ଭାରତ ମୁଖ୍ୟ ଶୋକା ନୋଡା ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଅନୁଯାୟୀ ୟୁଏନ୍‌ଡିପି ଏବଂ କିସ୍ ମିଳିତ ଭାବେ ସ୍ଥାୟୀ ବିକାଶ ଲକ୍ଷ୍ୟ ପର୍ଯ୍ୟବସିତ ଜନଜାତି ଗବେଷଣା କାର୍ଯ୍ୟକ୍ରମ, କ୍ୟାରିୟର ମାର୍ଗଦର୍ଶନ ଜରିଆରେ ଜନଜାତି ଛାତ୍ରୀଛାତ୍ରଙ୍କୁ ଦକ୍ଷ କରାଇବା, ପ୍ରାକୃତିକ ସମ୍ବଳ ବିଶେଷ କରି ଜଳ ଓ ଜୈବମଣ୍ଡଳର ପରିଚାଳନା କରି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବେ। ଏହି ଅବସରରେ ନୋଡା କହିଲେ, କିସ୍ ପରିଦର୍ଶନ କରି ସେ ଅଭିଭୂତ। କିସ୍ ହେଉଛି ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଜ୍ୱଳନ୍ତ ଉଦାହରଣ। କିସ୍ ଏବଂ ୟୁଏନ୍‌ଡିପି ଉଭୟ କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ ଦିଗରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ଜନଜାତି ଅଧ୍ୟୁଷିତ ଅଞ୍ଚଳର ସାମଗ୍ରିକ ବିକାଶ ଲାଗି କିସ୍ ସହ ମିଶି ୟୁଏନ୍‌ଡିପି କାର୍ଯ୍ୟ କରିବାକୁ ଯାଉଥିବାରୁ ସେ ଖୁସି ବୋଲି ନୋଡା କହିଥିଲେ। ସେହିପରି ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ କିସ୍ ଦୀର୍ଘ ୩ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ସାମନ୍ତ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୟୁଏନ୍‌ଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।



କିସ୍ ଏବଂ ୟୁଏନ୍‌ଡିପି ମଧ୍ୟରେ ମଙ୍ଗଳବାର ହୋଇଥିବା ଚୁକ୍ତିନାମା।

# ‘ଝୁମ୍ ଇଣ୍ଡିଆ’ରେ ପ୍ରତିଭା ଦେଖାଇଲେ ଦିବ୍ୟାଙ୍ଗ

ଭୁବନେଶ୍ୱର, ୨।୧୧ (ବ୍ୟୁରୋ)

ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ‘ଝୁମ୍ ଇଣ୍ଡିଆ’ ଆୟୋଜିତ ହୋଇଯାଇଛି। ଆସନ୍ତା ୧୩ ତାରିଖରେ ଏହାର ୫ମ ସିଜନ୍ ପୁରସ୍କାର ସମାରୋହ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକାଧିକ ପ୍ରତିଯୋଗୀ ଭାଗ ନେଇ କୃତକାର୍ଯ୍ୟ ହୋଇଛନ୍ତି। ଭଦ୍ରକର ପ୍ରଶାନ୍ତ ରାଉତ ନୃତ୍ୟ ବିଭାଗରେ ପ୍ରଥମ, କେନ୍ଦୁଝରର ଲିଜା ଓଝା ତୃତୀୟ ଏବଂ ଭୁବନେଶ୍ୱର ଲୁଇସ୍‌ବ୍ରେଲ ସ୍କୁଲ ଛାତ୍ରୀ ସ୍ମୃତିବାଳା ମଲିକ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦୃଷ୍ଟିବାଧିତଙ୍କ ଠାରୁ ଆରମ୍ଭକରି ମାନସିକ ବିକାରଗ୍ରସ୍ତଙ୍କ ପର୍ଯ୍ୟନ୍ତ ସମସ୍ତ ଦିବ୍ୟାଙ୍ଗ ନୃତ୍ୟ, ସଙ୍ଗୀତ, ଅଭିନୟ, ଚିତ୍ର, ମିମିକ୍ରି, ଆଙ୍କରିଂ, କମେଡି ଭଳି ୩୫ଟି କାଟେଗୋରିରେ ଭାଗନେଇ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଭାରତ ସମେତ ଶ୍ରୀଲଙ୍କା, ଭୁଟାନ, ୟୁକେ, ବାଂଲାଦେଶ, ଦୁବାଇ, ୟୁଏସ୍‌ଏ ଭଳି ଅନେକ ଦେଶରୁ ୧୨୮୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ବର୍ଗରେ କୃତକାର୍ଯ୍ୟ ହୋଇଥିବା ୭୦ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ମୁଖ୍ୟକର୍ତ୍ତା ସୌଭାଗ୍ୟ ରାଉତରାୟ ସୂଚନା ଦେଇଛନ୍ତି। ପ୍ରତିଯୋଗୀମାନେ ନିଜ ନିଜ ପ୍ରତିଭାର ଏକ ଭିଡିଓ କରି ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାକୁ ପଠାଇଥିଲେ। ସେଠାକାର ଚୟନକର୍ତ୍ତା ସେଥି ମଧ୍ୟରୁ ୭୦ଜଣଙ୍କୁ ଚୟନ କରିଥିଲେ। ଏଥିରେ ୧୦ରୁ ୪୦ ବର୍ଷ ବୟସର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ପୁରସ୍କାର ବିତରଣ ସମାରୋହକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦିବ୍ୟାଙ୍ଗଙ୍କ ପ୍ରତିଭା ସମ୍ବଳିତ ଏକ ମାଗାଜିନ୍ ଉନ୍ମୋଚନ ହେବ ବୋଲି ସୂଚନା ଦିଆଯାଇଛି।

# ମହିଳା ହିଂସା ଦୂର ପାଇଁ ସଚେତନତା ଜରୁରୀ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ଦିନକୁ ଦିନ ବଢୁଥିବା ମହିଳା ହିଂସାକୁ ବିଲୋପ କରିବାକୁ ହେଲେ ଏହାର ମୂଳ କାରଣ ବାବଦରେ ଉଭୟ ପୁରୁଷ ଓ ମହିଳାଙ୍କୁ ସଚେତନ କରାଯିବା ଦରକାର। ଏଥିସହିତ ଗୋଷ୍ଠୀ ସ୍ତରରେ ପୀଡ଼ିତାଙ୍କ ପାଇଁ ଏକ ଦୃଢ଼ ସହାୟତା ପ୍ରଣାଳୀର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ସିୱାଇଏସଡି ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟ ଜେଣ୍ଡର ଷ୍ଟଡିଜ ପକ୍ଷରୁ ସିୱାଇଏସ୍‌ଡିଠାରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ କୋଭିଡ ୧୯ ସମୟରେ ଅଚାନକ ବଢ଼ି ଯାଇଥିବା ଲିଙ୍ଗୀୟ ହିଂସାକୁ ଗୋଷ୍ଠୀ ସହାୟତା ପ୍ରଣାଳୀ ଓ ସଚେତନତା ଜରିଆରେ ଦୂର କରିବାକୁ ଯେଉଁ ତ୍ୱରିତ ପ୍ରଭାବ ପ୍ରକଳ୍ପ (କୁଇକ ଇମ୍ପାକ୍ଟ ପ୍ରୋଜେକ୍ଟ) ଆରମ୍ଭ କରାଯାଇଥିଲା, ତାହାର ଶିକ୍ଷା ଏବଂ ଅନୁଭବ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ମାର୍ଗଦର୍ଶକ ଜଗଦାନନ୍ଦ ପୌରହିତ୍ୟ କରି ମହିଳା ହିଂସାର ବିଲୋପ ପାଇଁ ରହିଥିବା ବ୍ୟବସ୍ଥାଗୁଡ଼ିକୁ କ୍ରିୟାଶୀଳ ଓ ଫଳପ୍ରଦ କରାଇବା ପାଇଁ ଗୋଷ୍ଠୀ ସ୍ତରରେ କିଭଳି ଉତ୍ତରଦାୟିତ୍ୱ ବଢ଼ିପାରିବ ସେ ଦିଗରେ ଅନେକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଥିବା କହିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅପରାଜିତା ଚୌଧୁରୀ ଯୋଗଦେଇ ତୃଣମୂଳ ସ୍ତରରେ ଯେଉଁ ସବୁ ସ୍ୱୟଂ ସହାୟକ ଦଳ, ଯୁବକ ସଂଘ, ମହିଳା ସଂଘ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ଘରୋଇ ହିଂସା ନେଇ ସଚେତନ କରାଯିବାର ଆବଶ୍ୟକତା ଥିବା କହିଥିଲେ। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷ ଡ. ମିନତୀ ବେହେରା କହିଲେ, ମହିଳାଙ୍କୁ ନେଇ ରହିଥିବା ସାମାଜିକ ଦୃଷ୍ଟିଭଙ୍ଗୀ, ବ୍ୟବହାର ଓ ଇକୋ ସିଷ୍ଟମରେ ପରିବର୍ତ୍ତନ ହେବା ନିହାତି ଆବଶ୍ୟକ। ଆଲୋଚନାଚକ୍ରରେ ସିୱାଇଏସଡି କାର୍ଯ୍ୟକ୍ରମ ସଂଯୋଜକ ବସନ୍ତ କୁମାର ନାୟକ, ଉପାଲି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବୁର୍ଜ ଖଲିଫାରେ ଜନ୍ମଦିନ ଶୁଭେଚ୍ଛା


ଶାହରୁଖ ଖାନ

ମୁମ୍ବାଇ: ବଲିଉଡ୍ ବାଦଶାହ ଶାହରୁଖ ଖାନ ମଙ୍ଗଳବାର ତାଙ୍କର ୫୬ ତମ ଜନ୍ମଦିନ ପାଳନ କରିଛନ୍ତି। ଦବଙ୍ଗ ହିରୋ ସଲମାନ ଖାନ୍, ଆୟୁଷ୍ମାନ ଖୁରାନା, ମୃଣାଳ ଠାକୁରଙ୍କ ସମେତ ବହୁ ସେଲିବ୍ରିଟି, ପ୍ରଶଂସକମାନେ ତାଙ୍କ ପ୍ରିୟ ତାରକାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। କେବଳ ଦେଶରେ ନୁହେଁ ବିଦେଶରୁ ମଧ୍ୟ ଶାହରୁଖଙ୍କୁ ଶୁଭେଚ୍ଛା ବାର୍ତ୍ତା ମିଳିଛି। ଦୁବାଇରେ ଥିବା ଉଚ୍ଚତମ ଅଟ୍ଟାଳିକା ବୁର୍ଜ ଖଲିଫା ଶାହରୁଖଙ୍କ ଚିତ୍ରରେ ରଙ୍ଗୀନ ହୋଇଥିଲା। ସେପଟେ ତାଙ୍କ ଘର ‘ମନ୍ନତ’ ସାମ୍ନାରେ ମଧ୍ୟ ବହୁ ସଂଖ୍ୟାରେ ପ୍ରଶଂସକ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ଭିଡ଼ ନିୟନ୍ତ୍ରଣ କରିବାକୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଫ୍ୟାନ୍‌ଙ୍କ ଭଲପାଇବା ଦେଖି ଶାହରୁଖ ସେମାନଙ୍କ ପାଇଁ ବିସ୍କୁଟ, ପାଣି ବୋତଲ ମଧ୍ୟ ପଠାଇଥିଲେ।

## ତାଡ଼ିବାଲସାରେ ଆନ୍ଧ୍ରର ଶିଳାନ୍ୟାସ

ପଟ୍ଟାଙ୍ଗୀ,୨।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ସୀମାବର୍ତ୍ତୀ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ ଜାରି ରଖିଛି। ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନର ପଦକ୍ଷେପକୁ ଆନ୍ଧ୍ରର ସାଲୁର ବିଧାୟକ ରାଜନା ଦୋରା ନିନ୍ଦା କରିଛନ୍ତି। ଖବରରୁ ଜଣାପଡ଼ିଛି ମଙ୍ଗଳବାର ସାଲୁର ବ୍ଲକ ଅଧୀନ କୁର୍କୁଟି ପଞ୍ଚାୟତର ତାଡ଼ିବାଲସା ଗ୍ରାମରେ ସାଲୁର ବ୍ଲକ ପ୍ରଶାସନ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ସାଲୁର ବିଧାୟକ ରାଜନା ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସାପ୍ତାହିକ ହାଟକୁ ଯାତାୟାତ କରୁଥିବା ଗ୍ରାମବାସୀଙ୍କ ପାଇଁ ମଧ୍ୟ ୯ ଲକ୍ଷ ଟଙ୍କାର ଆଶ୍ରୟସ୍ଥଳୀ ନିର୍ମାଣ ଲାଗି ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମୟରେ ସେ ଆନ୍ଧ୍ର ପୋଲିସକୁ ତାଗିଦ କରି କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସୀମାନ୍ତ ସ୍ଥାନଗୁଡ଼ିକରେ ହୋଇଥିବା ସୁରକ୍ଷା ବ୍ୟବସ୍ଥା ମୁକାବିଲାରେ କାହିଁକି ପଛଘୁଞ୍ଚା ଦେଉଛ ବୋଲି ସେ ପ୍ରଶ୍ନ କରିଥିଲେ। କୋଟିଆ ପଞ୍ଚାୟତରେ ଏକତରଫା ଉନ୍ନୟନମୂଳକ କାର୍ଯ୍ୟ କରିବା ନେଇ କୌଣସି ନିର୍ଦ୍ଦେଶ ନାହିଁ। ଉକ୍ତ ପଞ୍ଚାୟତ ଉପରେ ଓଡ଼ିଶାର ଯେତିକି ଅଧିକାର ଅଛି ସେତିକି ଅଧିକାର ଆନ୍ଧ୍ରର ରହିଛି ବୋଲି ବିଧାୟକ ଦୋରା କହିଥିଲେ। ସେ କହିଥିଲେ, ଆଗାମୀ ଦିନରେ କୋଟିଆର ନେରେଡ଼ିବାଲସାରେ ଏକ ବଡ଼ଧରଣର କାର୍ଯ୍ୟକ୍ରମ ହେବ। ଏହି ଅବସରରେ ତାଡ଼ିବାଲସା ଗ୍ରାମବାସୀ ବିଧାୟକଙ୍କୁ ଭେଟି ଓଡ଼ିଶାର ସୁରକ୍ଷା ବ୍ୟବସ୍ଥା ଆମକୁ ଅଣନିଃଶ୍ୱାସୀ କରି ଦେଉଥିବା ଅଭିଯୋଗ କରିଥିଲେ। ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧି ଆମମାନଙ୍କ ନିକଟରେ ପହଞ୍ଚିବା ଜରୁରୀ ବୋଲି ସେମାନେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କେତେଜଣ ଗ୍ରାମବାସୀ ଆମେ ଆନ୍ଧ୍ରରେ ମିଶିବୁ, ଆନ୍ଧ୍ରର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଗ୍ରାମରେ ଆରମ୍ଭ କରିବା ପାଇଁ ଲିଖିତ ଦାବିପତ୍ର ଦେଇଥିଲେ।

TPWODL
TP WESTERN ODISHA DISTRIBUTION LIMITED
(A Tata Power and Odisha Government Joint Venture)




ଦୀପାବଳୀ ବୈଦ୍ୟୁତିକ ସୁରକ୍ଷା ଉପଦେଶ

ଜ୍ୱଳନ୍ତ ଦୀପ ଓ ମହମବତୀକୁ ବିଦ୍ୟୁତ୍ ସରବରାହ ତାର ଠାରୁ ଦୂରେଇ ରଖନ୍ତୁ ।
ବ୍ୟବହାର କରିବା ପୂର୍ବରୁ ବିଦ୍ୟୁତ୍ ତାର ଏବଂ ସଂଯୋଗକୁ ଭଲଭାବରେ ଯାଞ୍ଚ କରନ୍ତୁ ।
ବିଦ୍ୟୁତ୍ ତାରକୁ ଟାଣନ୍ତୁ ନାହିଁ, ଏହା କ୍ଷତି ପହଞ୍ଚାଇପାରେ ।
ବୈଦ୍ୟୁତିକ ଉପକରଣର ତାରକୁ ବାହାର କରିବା ପୂର୍ବରୁ ସ୍ୱିଚ ବନ୍ଦ କରନ୍ତୁ ।
ଶିଶୁ ଏବଂ ଗୃହପାଳିତ ପଶୁଙ୍କୁ ଦୀପ ଏବଂ ବୈଦ୍ୟୁତିକ ଲାଇଟ୍ ଠାରୁ ଦୂରରେ ରଖନ୍ତୁ ।
ନିଆଁ ଲାଗିବାରୁ ବର୍ତ୍ତିବା ପାଇଁ ସର୍ବଦା ଆଇ ଏସ୍ ଆଇ ଚିହ୍ନ ଥିବା ବିଦ୍ୟୁତ୍ ଉପକରଣ ବ୍ୟବହାର କରନ୍ତୁ ।
ବିଦ୍ୟୁତ୍ ପ୍ଲଗ୍ ଭିତରେ ଆଙ୍ଗୁଠି, ଖେଳନା କିମ୍ବା କାଠି ଭର୍ତ୍ତି କରନ୍ତୁ ନାହିଁ ।
ଗୋଟିଏ ବିଦ୍ୟୁତ୍ ପ୍ଲଗ ଭିତରେ ଅନେକ ଗୁଡ଼ିଏ ତାର ଭର୍ତ୍ତି କରନ୍ତୁ ନାହିଁ ।
ମୁଣ୍ଡ ଉପରେ ଯାଇଥିବା ବିଦ୍ୟୁତ୍ ତାର ତଳେ ପଡ଼ିଯାଇଥିଲେ, ତାକୁ ଛୁଅନ୍ତୁ ନାହିଁ । ତୁରନ୍ତ ନିକଟସ୍ଥ TPWODL ଅଫିସ ଅଥବା ହେଲ୍ପ ଲାଇନ୍ ନମ୍ବରରେ 1912 & 18003456798 ରେ ଯୋଗାଯୋଗ କରନ୍ତୁ ।
ବିଦ୍ୟୁତ୍ ଖୁଣ୍ଟିରୁ ଯାଇଥିବା ତାରରୁ ହୁକ ପକାନ୍ତୁ ନାହିଁ ।
ବିଦ୍ୟୁତ୍ ତାର ବ୍ୟବହାର କରି ବନ୍ୟପ୍ରାଣୀକୁ ଧରିବା କିମ୍ବା ଶିକାର କରିବା ବେଆଇନ ।
ବିଦ୍ୟୁତ୍ ଉପକରଣ ମରାମତି ପାଇଁ କେବଳ ଯୋଗ୍ୟ / ଅଧିକୃତ ଇଲେକ୍ଟ୍ରିସିଆନ, ବିଦ୍ୟୁତ୍ ମେକାନିକ୍‌ର ସାହାଯ୍ୟ ନିଅନ୍ତୁ ।
ବିଦ୍ୟୁତ୍ ଝଟକା ଲାଗିଲେ ପୀଡ଼ିତ ବ୍ୟକ୍ତିକୁ ସ୍ପର୍ଶ କରିବା ପରିବର୍ତ୍ତେ ପ୍ରଥମେ ବିଦ୍ୟୁତ୍ ସରବରାହକୁ ବନ୍ଦ କରନ୍ତୁ ।
ବୈଦ୍ୟୁତିକ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ବିଦ୍ୟୁତ୍ ନିୟମାବଳୀକୁ ଅନୁସରଣ କରନ୍ତୁ ।

Toll Free Number : 1800 3456 798 | Log in to: www.tpwesternodisha.com

ଧରିତ୍ରୀ
DHARITRI
ବୁଧବାର, ୩ ନଭେମ୍ବର, ୨୦୨୧

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ–ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। – ଶ୍ରୀଅରବିନ୍ଦ



# ଆଗୁଆ ଗୋଟି

ଭାରତରେ ସ୍ୱାଧୀନତା ପରଠାରୁ ସୁବିଧାବାଦୀ ରାଜନୀତି ଗଢ଼ିଆସିଛି। କଂଗ୍ରେସ ସର୍ବଦା ଭୋଟ୍‌କୁ ଆଖି ଆଗରେ ରଖି ସଂଖ୍ୟାଲଘୁଙ୍କୁ ସନ୍ତୁଷ୍ଟ କରି ସଂଖ୍ୟାଗରିଷ୍ଠଙ୍କୁ ଦମନ କରିଥିଲା। ଦଳର ଏଭଳି ଆଚରଣ ଦେଖି ଜନସାଧାରଣ ବିରକ୍ତ ହୋଇ ଶାସନ ବଦଳାଇ ଦେଲେ। ଆଶା ଥିଲା ପରବର୍ତ୍ତୀ ନେତୃତ୍ୱ ସମତୁଲତା ବଜାୟ ରଖି ଦେଶକୁ ଦିଗ୍‌ଦର୍ଶନ ଦେବେ। କିନ୍ତୁ ତା' ପରିବର୍ତ୍ତେ ଭାଜପା ହିନ୍ଦୁ ରାଷ୍ଟ୍ର ଗଠନ ଉଦ୍ଦେଶ୍ୟ ରଖି ସଂଖ୍ୟାଲଘୁଙ୍କ ପ୍ରତି ଅବିଚାର କଲା। ରାମରାଜ୍ୟର କଥା ଉଠାଇଲା। ବାସ୍ତବରେ ଯଦି ରାମରାଜ୍ୟ ଥିଲା, ତା'ହେଲେ ତାହାର ଶାସନ କେବଳ ଉତ୍ତର ଭାରତରେ ସୀମିତ ଥିଲା। ଏପରି କି ଓଡ଼ିଶାରେ ତା'ର ପ୍ରଭାବ ଅନୁଭୂତ ହୋଇଥିବାର ଦେଖାଯାଇ ନାହିଁ। ଯେଉଁମାନେ ରାମାୟଣ ପଢ଼ିଥିବେ ସେମାନେ ଏହି କଥାରେ ଏକମତ ହେବେ।

ଭାରତକୁ ଆଫଗାନ୍ ରାଜାମାନେ ଆସି ଶାସନ କରିଛନ୍ତି। କିନ୍ତୁ ଦକ୍ଷିଣ ଭାରତକୁ ଅକ୍ତିଆର କରିନାହାନ୍ତି। ମୋଗଲଙ୍କ ଦ୍ୱାରା କେରଳ କିମ୍ବା ତାମିଲନାଡୁ ଶାସିତ ନ ଥିଲା। ଉଭୟ ଆଫଗାନୀ ଓ ମୋଗଲ ଶାସନ କଳିଙ୍ଗ ଉପରେ ପଡ଼ି ନ ଥିଲା। ଏବର ସ୍ଥିତି ଦେଖିଲେ ବାଂଲାଦେଶ ସହ ଭାରତର ସମ୍ପର୍କ ଦୀର୍ଘବର୍ଷ ଧରି ଭଲ ରହିଆସିଥିଲା। ହେଲେ ନିକଟରେ ସେଠାରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା କରାଯାଇଛି। ଭାରତରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଯୋଗୁ ସଂଖ୍ୟାଲଘୁଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାରର ଏହା ପ୍ରତିଫଳନ ବୋଲି କୁହାଗଲାଣି। ପଡ଼ୋଶୀ ମୁସଲମାନ ରାଷ୍ଟ୍ର ଆମ ଚାରିପଟେ ଘେରିକି ରହିଛନ୍ତି। ସେଥିପାଇଁ ଭାରତର ଆଭ୍ୟନ୍ତରୀଣ ରାଜନୀତି ଓ ନୀତି ସକାଶେ ଆମର ବହିର୍ବ୍ୟାପାର ସମ୍ପର୍କ ଉପରେ କୁପ୍ରଭାବ ପଡୁଛି। ଏପଟେ ଆଜିର ସରକାର ଓ ରାଜନେତା କହୁଛନ୍ତି, ଭାରତୀୟ ପାସ୍‌ପୋର୍ଟର ମାନ ବୃଦ୍ଧି ପାଇଛି। କିନ୍ତୁ ଭାରତୀୟ ପାସ୍‌ପୋର୍ଟଧାରୀଙ୍କ ଗୁରୁତ୍ୱ ଅନ୍ୟ ଦେଶରେ ଦୁଇ ପଇସିଆ ହୋଇଯାଇଛି। ଆମେ କୂପମଣ୍ଡୁକ ହେଲେ ହେବ ନାହିଁ। ସବୁବେଳେ ରାଜନେତାଙ୍କୁ ଦୋଷ ଦେଲେ ସମସ୍ୟାର ସମାଧାନ ଆସିବ ନାହିଁ। ତା'ର ମୁଖ୍ୟ କାରଣ ହେଲା ଏକ ଗଣତାନ୍ତ୍ରିକ ଦେଶରେ ରାଜନେତାମାନେ ହେଉଛନ୍ତି ଜନସାଧାରଣଙ୍କ ଆଇନା। ସାଧାରଣ ଲୋକେ ଯେଉଁଥିରେ ଅଧିକ ଆଗ୍ରହ ଦେଖାଇବେ ରାଜନେତା ତାହା ହିଁ କରିବାକୁ ବାଧ୍ୟ। ନଚେତ୍ ଭୋଟ୍ ମିଳିବ ନାହିଁ। ଭାରତରେ ଆଜିର ସ୍ଥିତି ପାଇଁ ନା କଂଗ୍ରେସ ନା ଭାଜପା ଦାୟୀ। ସେଥିପାଇଁ ଆମେ ଜନସାଧାରଣ ଦାୟୀ।

ଏହି ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଅଖିଳେଶ ଯାଦବ ନିକଟରେ ଦେଇଥିବା ମନ୍ତବ୍ୟକୁ ଦେଖାଯାଉ। ଅକ୍ଟୋବର ୩୧ରେ ସର୍ଦ୍ଦାର ପଟେଲଙ୍କ ୧୪୬ତମ ଜୟନ୍ତୀ ପାଳନ ଅବସରରେ ଉତ୍ତର ପ୍ରଦେଶର ହାର୍ଦ୍ଦୋଇଠାରେ ଅଖିଳେଶ କହିଥିଲେ ଯେ, ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ମହମ୍ମଦ ଅଲ୍ଲୀ ଜିନ୍ନା ଏକ ସଙ୍ଗେ ପଢୁଥିଲେ ଓ ଭାରତର ସ୍ୱାଧୀନତା ପାଇଁ ଲଢ଼ିଥିଲେ। ଅଖିଳେଶଙ୍କ ଏହି ମନ୍ତବ୍ୟ ଏବେ ବିବାଦୀୟ ହୋଇଯାଇଛି। ସେ ଏହି ମତ ଦେଇ ଯେଉଁଠାରେ ପ୍ରଭାବ ପକାଇବା କଥା ପକାଇ ପାର୍ ହୋଇଗଲେଣି। ଅନ୍ୟମାନେ ବିଚଳିତ। ଭାଜପା, ବିଏସ୍‌ପି, ଅଲ୍ ଇଣ୍ଡିଆ ମଜ୍‌ଲିସ-ଇ-ଇତେହାଦୁଲ ମୁସ୍‌ଲିମିନ୍ (ଏଆଇଏମ୍‌ଆଇଏମ୍) ଭଳି ରାଜନୈତିକ ଦଳ ଅଖିଳେଶଙ୍କୁ ସମାଲୋଚନା କରିଛନ୍ତି। ବିଶେଷକରି ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ୍ ଓ୍ୱାଇସି ଏସ୍‌ପି ନେତାଙ୍କୁ କହିଛନ୍ତି ଯେ ଯଦି ଅଖିଳେଶ ଏଭଳି କହି କାହାରିକୁ ଖୁସି କରିବାକୁ ଚାହୁଁଛନ୍ତି, ତାହା ଭାବିବା ଭୁଲ। ସେ ଅଧିକ ଇତିହାସ ପଢ଼ନ୍ତୁ।

ଭାଜପା, ବିଏସ୍‌ପି ଏବଂ ଏଆଇଏମ୍‌ଆଇଏମ୍‌ର ବ୍ୟସ୍ତତା କେଉଁଥି ପାଇଁ ହୋଇଛି ବୁଝିବା କଷ୍ଟକର ନୁହେଁ। ଉତ୍ତରପ୍ରଦେଶର ଅନେକ ବିଧାନସଭା ଆସନରେ ମୁସଲମାନଙ୍କ ଭୋଟ୍ ନିର୍ଣ୍ଣାୟକ ହୋଇଥାଏ। ଏହି ତିନି ଦଳଙ୍କ ପ୍ରତିକ୍ରିୟାରୁ ବୁଝାପଡୁଛି ଯେ, ସେହି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ହୋଇପାରେ। ବିଏସ୍‌ପିର ମାୟାବତୀ ଏବଂ ଓ୍ୱାଇସି ଉଭୟ ଭାଜପାର ବି-ଟିମ୍ ଭାବେ କାମ କରୁଥିବା ଭଳି ମନେହେଉଛି। ମାୟାବତୀଙ୍କ ପରିବାର ବିରୋଧରେ ଥିବା ସିବିଆଇ ତଦନ୍ତ ତାଙ୍କ ମତକୁ ପ୍ରଭାବିତ କରୁଥାଇପାରେ। ଅପରପଟେ ଓ୍ୱାଇସିଙ୍କ ଚରିତ୍ରକୁ ଦେଶବାସୀ ଭଲ ଭାବେ ବୁଝିଗଲେଣି। ବିହାରର ଗତ ବିଧାନସଭା ନିର୍ବାଚନ ସମୟରେ ସେହି ରାଜ୍ୟର ମୁସଲମାନ ଭୋଟ୍‌କୁ ଭାଗ କରିବାରେ ଏଆଇଏମ୍‌ଆଇଏମ୍‌ର ମୁଖ୍ୟ ଭୂମିକା ଥିଲା। ସେଥିଯୋଗୁ ରାଷ୍ଟ୍ରୀୟ ଜନତା ଦଳ ମେଣ୍ଟ ଅଳ୍ପ ବ୍ୟବଧାନରେ ପରାଜୟବରଣ କଲା। ଉତ୍ତରପ୍ରଦେଶରେ ମୁସଲମାନ ଭୋଟ୍‌କୁ ନିଜ ସପକ୍ଷରେ ଆଣିବା ସକାଶେ ଅଖିଳେଶଙ୍କ ଉଦ୍ୟମ ଏହିସବୁ ଦଳଗୁଡ଼ିକୁ, ସ୍ୱାଭାବିକ ଭାବେ, ବ୍ୟସ୍ତ କରୁଛି। ଯଦି ଜିନ୍ନାଙ୍କୁ ପ୍ରଶଂସା କଲେ ଭୋଟ୍ ଅଧିକ ଆସିବ ତେବେ ସେହି ଖେଳରେ ଅଖିଳେଶ ଆଗୁଆ ଗୋଟି ଚଳାଇ ଦେଲେଣି। ଭାରତବର୍ଷର ପ୍ରମୁଖ ରାଜନେତା ଯଥା ପ୍ରିୟଙ୍କା ଗାନ୍ଧୀ, ମମତା ବାନାର୍ଜୀ ଏବଂ ଆହୁରି ଅନେକ ଜଣାଶୁଣା ମୁହଁ ଭାଜପାର ହିନ୍ଦୁତ୍ୱଠାରୁ ଆଗେଇଯାଇ ଅଧିକ ହିନ୍ଦୁ ବୋଲି ଦେଖାଇବାକୁ ଚେଷ୍ଟା କରିଆସୁଛନ୍ତି। ସେହି ସମୟରେ ଅଖିଳେଶଙ୍କ ଭିନ୍ନ ସ୍ୱାଦର ରାଜନୀତି କିଭଳି ପ୍ରଭାବ ପକାଉଛି, ତାହା ୨୦୨୨ ବିଧାନସଭା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ।

# ଜାତିସଂଘକୁ ମାଡ଼

ବିଶ୍ୱ କ୍ଷୁଧା ସୂଚକାଙ୍କ ପ୍ରକାଶ ପାଇବା ପରେ ବିଭିନ୍ନ ଦେଶରେ ଭୋକିଲାଙ୍କ ସଙ୍କଟଜନକ ସ୍ଥିତି ସାମ୍ନାକୁ ଆସିଛି। ଜାତିସଂଘର ଓ୍ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (ଡବ୍ଲ୍ୟୁଏଫ୍‌ପି) ଏହାର ମୁକାବିଲା ଲାଗି ବାହାରିପଡ଼ିଛି। ଡବ୍ଲ୍ୟୁଏଫ୍‌ପି ନିର୍ଦ୍ଦେଶକ ଡାଭିଡ୍ ବିସ୍‌ଲେ କହିଛନ୍ତି ଯେ, ବିଶ୍ୱର କେତେକ ଅତି ଧନୀ ବ୍ୟକ୍ତି ଯେଉଁମାନେ ମହାକାଶ ଯାତ୍ରା ପାଇଁ ଗୁରୁତ୍ୱ ଦେଉଛନ୍ତି ଯଥା ଏଲନ୍ ମସ୍କ ଏବଂ ଜେଫ୍ ବେଜୋସ, ଯଦି ତାଙ୍କ ଧନର ମାତ୍ର ୨ ପ୍ରତିଶତ(ଯାହାକି ପ୍ରାୟ ୬ ବିଲିୟନ ଡଲାର ହେବ) ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମକୁ ଦିଅନ୍ତେ, ତେବେ ପୃଥିବୀରେ ପ୍ରାୟ ୪୨ ମିଲିୟନ ଭୋକିଲା ବ୍ୟକ୍ତି ଖାଦ୍ୟ ପାଇପାରନ୍ତେ। ବିସ୍‌ଲେଙ୍କ ଆହ୍ୱାନ ପରେ ମସ୍କ ଜବାବ ଦେଇଛନ୍ତି। ଯଦି ଡବ୍ଲ୍ୟୁଏଫ୍‌ପି ତାହାର ଦାବିକୁ ପୂରଣ କରିବାର ପନ୍ଥା ଲୋକଲୋଚନକୁ ଆଣିପାରିବ, ତେବେ ତାଙ୍କ କମ୍ପାନୀର ଶେୟାର ବିକ୍ରି କରି ସେ ଏହି ଅର୍ଥ ତୁରନ୍ତ ଭରଣା କରିବେ ବୋଲି କହିଛନ୍ତି। ମସ୍କ ଆହୁରି ମଧ୍ୟ କହିଛନ୍ତି ଯେ, ଅର୍ଥ ଦେବା ପୂର୍ବରୁ ଡବ୍ଲ୍ୟୁଏଫ୍‌ପି ତାହାର ଖର୍ଚ୍ଚର ପ୍ରତ୍ୟେକ ବିବରଣୀ ଜନସାଧାରଣଙ୍କ ସୂଚନା ପାଇଁ ଟୁଇଟରରେ ଉତ୍ତର ଭାବେ ପ୍ରସ୍ତାବ ରଖୁ।

ଡବ୍ଲ୍ୟୁଏଫ୍‌ପି ଏବଂ ସମଗ୍ର ଜାତିସଂଘର କାର୍ଯ୍ୟଶୈଳୀକୁ ଦେଖିଲେ ପୃଥିବୀର ଯେକୌଣସି ବ୍ୟକ୍ତିଙ୍କ ମନରେ ସନ୍ଦେହ ସୃଷ୍ଟି ହେବ। ନିର୍ଦ୍ୱନ୍ଦ୍ୱରେ କହିହେବ ଯେ, ଏଲନ୍ ମସ୍କଙ୍କର ଏଭଳି ଟୁଇଟର ଯୋଗୁ ସମଗ୍ର ଜାତିସଂଘ ସଂସ୍ଥା ଅଡୁଆରେ ପଡ଼ିଯାଇଥିବ। ସମଗ୍ର ପୃଥିବୀ ଜାଣେ ଯେ, ଜାତିସଂଘର ପ୍ରତ୍ୟେକ କାର୍ଯ୍ୟ କେବଳ ମାତ୍ର ଅମଲାତନ୍ତ୍ରୀଙ୍କ ମାଧ୍ୟମରେ କରାଯାଇଥାଏ। ସାଧାରଣ ନାଗରିକ କିମ୍ବା ଲୋକ ପ୍ରତିନିଧିମାନଙ୍କୁ ସମ୍ପୃକ୍ତ କରି ଜାତିସଂଘର କାର୍ଯ୍ୟ ବିଶ୍ୱବ୍ୟାପୀ କୌଣସି ଦେଶରେ ଦେଖିବାକୁ ମିଳେ ନାହିଁ। ପ୍ରଚୁର ଅର୍ଥ ପାଉଥିବା ଜାତିସଂଘ ତାହାର ଦକ୍ଷତା ଆଦୌ ନାହିଁ ବୋଲି ଏହି କରୋନା ସଂକ୍ରମଣ ସମୟରେ ପ୍ରମାଣ କରିଦେଲା।

ମସ୍କ ଏଭଳି ଟୁଇଟର ମାଡ଼ ଚଢ଼ାଇବା ପରେ ଡବ୍ଲ୍ୟୁଏଫ୍‌ପିର ନିର୍ଦ୍ଦେଶକ ବିସ୍‌ଲେ ନରମ ହୋଇଯାଇ କହିଛନ୍ତି, ମସ୍କଙ୍କ ସାଙ୍ଗରେ ଏ ସମ୍ପର୍କରେ ଖୁବ୍ ଶୀଘ୍ର ଆଲୋଚନା କରିବେ। ସମ୍ଭବତଃ ସେ ଆଲୋଚନାରେ, ୬ ବିଲିୟନ ଡଲାର ମାଗିବା ପରିବର୍ତ୍ତେ, ବିସ୍‌ଲେ ମୁଖ୍ୟତଃ ମସ୍କଙ୍କୁ ଅନୁରୋଧ କରି କହିବେ ଯେ, ଜାତିସଂଘ ଓ ତାହାର ସବୁ ଅଙ୍ଗ ପ୍ରତି ଦୟା ରଖି ସାଧାରଣରେ ହିସାବ ମାଗିବା କଥା ଅଧିକ ପ୍ରଚାର କରା ନ ଯାଉ।

# ଚିହ୍ନା ପୋଖରୀ, ଅଚିହ୍ନା ନଈ



ରଞ୍ଜନ କୁମାର ଦାସ

ନୂଆ ବାହାଘର ପରେ ସମସ୍ତେ ଆମକୁ ପଚାରିଲେ ହନିମୁନ୍‌ରେ କୁଆଡ଼େ ଯିବ? ଆମ ସମୟରେ ହନିମୁନ୍ କଥା ଶୁଣିଲେ ଲାଜ ମାଡୁଥିଲା। ତା'ଛଡ଼ା ଦୂର ଜାଗାକୁ କୁଆଡ଼େ ଯିବାକଥା ମଧ୍ୟ ପ୍ରାୟତଃ ଅସମ୍ଭବ ଲାଗୁଥିଲା। ବିଦେଶ ଯିବା ତ ତହୁଁବଳି। ଯାଇ ଯାଇ ଅତି ବେଶିରେ ପୁରୀ-କୋଣାର୍କ। ପ୍ରଥମକଥା ଆଜିକାଲି ଭଳି ସେତେବେଳେ ଗମନାଗମନର ମାଧ୍ୟମ ଏତେ ସରଳ ଓ ବହୁଳ ନ ଥିଲା, ଦ୍ୱିତୀୟରେ ପାଖରେ ଏତେ ପଇସା ନ ଥିଲା। ତେଣୁ ଆମେ ଚିନ୍ତାକଲୁ ଏଇ ପୁରୀ-କୋଣାର୍କରେ ଚଳେଇ ଦବା। ପୁରୀରେ ଆମେ ସମୁଦ୍ରକୂଳିଆ ଗୋଟେ ପରିଚ୍ଛନ୍ନ ହୋଟେଲରେ ଯାଇ ରହିଲୁ। ଦିନଟିଏ ସେଠି ରହିଲା ପରେ ମୋର ହୃଦ୍‌ବୋଧ ହେଲା ଯେମିତି ପୁରୀ ଆଉ ଓଡ଼ିଶା ଭିତରେ ନାହିଁ। କାରଣଟି ହେଲା ଆମେ ଯେବେ କିଛି ଖାଇବାକୁ ବସୁ, ସେ ହୋଟେଲର ବୟ ଏଭଳି ଏକ ମେନୁ ଆଣି ଥୁଏ ଯୋଉଥିରୁ ଅଧେ ବୁଝି ହୁଏନାହିଁ। ଆମେ ଭାବୁ ହାଏରେ ଓଡ଼ିଶାରେ ଥାଇ ବି ଆମେ ପୁରୀ ଉପମା ବରା ସିଙ୍ଗଡ଼ା ଆଳୁଚପ ଖୋଜିଲେ ପାଉନୁ। ସବୁଦିନ ସେ ଆମକୁ ନୂଆ ନୂଆ ଖାଦ୍ୟ ଖୁଆଏ। ଦିନେ ସେ ଗାଡୁ ଗାଡୁ ବୋଲି ଗୋଟିଏ ଖାଦ୍ୟ ଚାଖନ୍ତୁ ବୋଲି କହିଲା। ଆମେ ତାକୁ କହିଲୁ ହଉ ଦେ। ଯୋଉ ଥାଳିଟି ଆଣି ସେ ଥୋଇଲା ୧୯୯୦ ମସିହାରେ ତା'ର ମୂଲ୍ୟ ଥିଲା ଶହେ ଟଙ୍କା। ଆମ ଦରମା ଥିଲା ପନ୍ଦର ଶହ, ଷୋଳ ଶହ ଟଙ୍କା। ଥାଳିରେ ଥିଲା କିଛି ଭିଜା ହୋଇଥିବା ଚୁଡ଼ା, କିଛି ମିକ୍‌ସଚର, ଆପଲ କଟା, ଡାଳିମ୍ବ ମଞ୍ଜି, ଅଣ୍ଡା ଭୁଜିଆ, କାଜୁ, କିସ୍‌ମିସ ଓ ଚାଟ୍ ମସଲା। ମୁଁ ଭାବିଥିଲି କିଛି ଅପୂର୍ବ ଥିବ। ମାତ୍ର ଯାକୁ ଦେଖି ମୁଁ ହତୋତ୍ସାହିତ ହୋଇପଡ଼ିଲି। ମାତ୍ର ଖାଦ୍ୟ ନଷ୍ଟ ନ କରିବା ପାଇଁ ବାଧ୍ୟ ହୋଇ ସବୁ ଖାଇଲୁ। ତା'ର ପ୍ରକ୍ରିୟାରେ ମୋର ପତଳା ଝାଡ଼ା ଫିଟିଲା। ବାଧ୍ୟ ହୋଇ ଡାକ୍ତର ଡାକି ଚିକିତ୍ସା ହେଲୁ। ଦୁଇଦିନ ଯାଏ କୁଆଡ଼େ ବୁଲିବାକୁ ଯାଇ ହେଲାନି। ହୋଟେଲରେ ବସି ବସି ଦୁଇ ଦିନ ପରେ ଘରକୁ ଫେରିଲୁ। ଗାଡୁ ଗାଡୁ ଖାଦ୍ୟ କଥା କହି ବହୁ ବର୍ଷ ଯାଏ ଆମ ଘରେ ମତେ ସମସ୍ତେ ଚିଡ଼ାନ୍ତି। ସେଇଦିନୁ ମୁଁ ପ୍ରତିଜ୍ଞା କଲି ଜାଣି ନ ଥିବା ଶୁଣି ନ ଥିବା ଖାଦ୍ୟ ଖାଇବା ଉଚିତ ନୁହେଁ।

ବହୁ ବର୍ଷ ପରେ ଥରେ ମାଲେସିଆ ଯାଇଥିଲା ବେଳେ ଗୋଟେ ରେଷ୍ଟୁରାଣ୍ଟରେ ମେନୁ ଦେଖୁ ଦେଖୁ ଗାଡୁ ଗାଡୁ ସହ ପୁଣି ଭେଟ ହେଲା। ସେଇଠୁ ଜାଣିଲି ଗାଡୁ ଗାଡୁ ହେଲା ଗୋଟେ ଇଣ୍ଡୋନେସିଆନ୍ ସାଲଡ; ଯେଉଁଥିରେ ଦରସିଝା ପରିବା, ଅଣ୍ଡା ସିଝା, ସିଝା ଆଳୁ, ଫ୍ରାଏଡ ଟୋଫୁ, ଟେମ୍ପେ ଓ ଲଙ୍ଗଟଙ୍ଗ ଆଦି ପଡ଼ିଥାଏ। ଟେମ୍ପେ ହେଲା ସୋୟାବିନରେ ପ୍ରସ୍ତୁତ ଏକ ପିଠା ଏବଂ ଲଙ୍ଗଟଙ୍ଗ ହେଲା କଦଳୀ ପତ୍ର ଭିତରେ ଭାତ ପୁର ଦିଆହୋଇ ରନ୍ଧା ହୋଇଥିବା ଗୋଟେ ପ୍ରକାର ପିଠା। କିନ୍ତୁ ଗାଡୁ ଗାଡୁ ପ୍ରତି ମୋର ଏତେ ବିରକ୍ତି ଭରି ରହିଥିଲା ଯେ ମୁଁ ଅନ୍ୟବନ୍ଧୁମାନଙ୍କୁ ମୋର ପୂର୍ବାନୁଭୂତି କଥା କହି ତାକୁ ନ ଖାଇବାକୁ କହିଲି। ଫିଲିପାଇନ୍ସରେ ଥରେ ସେମିତି କିଛି ବନ୍ଧୁଙ୍କ କଥାରେ ପଡ଼ି ସ୍କ୍ୱିଡ଼ ଖାଇ ଯୋଉ ହଟହଟା ହୋଇଥିଲି ତାହା କହିଲେ ନ ସରେ। ସେଥିପାଇଁ ଆମ ଓଡ଼ିଆରେ ସବୁବେଳେ କୁହାଯାଏ ନିଜ ରୁଚିରେ ଖାଇବ, ପର ରୁଚିରେ ପିନ୍ଧିବ। ଆଜିକାଲି ସମୟ ବଦଳିବା ସଙ୍ଗେ ସଙ୍ଗେ ରୁଚି ମଧ୍ୟ ବଦଳୁଚି। ବିଦେଶୀ ଖାଦ୍ୟ, ବିଦେଶୀ ପୋଷାକ, ବିଦେଶୀ ବୋହୂ, ବିଦେଶ ଭ୍ରମଣ, ବିଦେଶରେ ଚାକିରି ଆମକୁ ଅଧିକ ଆକର୍ଷିତ କରୁଚି। ଅଚିହ୍ନା, ଅଜଣା, ଅଦେଖାର ଆକର୍ଷଣ ତ କାଳେ କାଳେ ଥିଲା ଓ ରହିବ। ମାତ୍ର ଏହାର ଅନ୍ଧ ଆକର୍ଷଣକୁ ଏଡ଼ାଇ ନ ପାରି ବହୁଲୋକ ଜୀବନରେ ହଇରାଣ ହୋଇଛନ୍ତି। ପସ୍ତାଇଛନ୍ତି। ବିଦେଶରେ ଚାକିରି କଲେ ବହୁତ ରୋଜଗାର ହୁଏ। ବହୁତ ସଞ୍ଚୟ ହୁଏ। ବହୁତ ନୂଆ ଜିନିଷ ଦେଖିବାର ଜାଣିବାର ସୁଯୋଗ ମିଳେ, ଜୀବନ ଆହୁରି ରସମୟ ହୁଏ ବୋଲି ଆମର ବିଶ୍ୱାସ । ମାତ୍ର ଏ ବିଦେଶ ମାୟାରେ ଯିଏ ଯାଇ ଆଫଗାନିସ୍ତାନ, ସିରିଆରେ ରହିଥିବ ଏବେ ତା' ଅବସ୍ଥା କ'ଣ ହଉଥିବ। ନିଜ ଦେଶରେ ତା' ଅପେକ୍ଷା ଛୋଟ ଚାକିରିଟିଏ କରିବା ବରଂ ବହୁଗୁଣେ ଭଲ। ଅନ୍ତତଃ ଜୀବନ ତ ସୁରକ୍ଷିତ। ଚାହିଁଲେ ତ ନିଜ ଲୋକଙ୍କଠାରୁ ସହାୟତା ଆହା ପଦ ଟିକେ ମିଳିପାରିବ। ମାତ୍ର ଆଫଗାନିସ୍ତାନ, ସିରିଆ ଭଳି ଦେଶରେ ଯିଏ ଏଠୁ ଯାଇ ଚାକିରି କରୁଥିବ ତା'ର ଜୀବନ କେତେ ଅସ୍ଥିର ଅସହାୟ ଲାଗୁଥିବ।

ବେଳେବେଳେ ଆମକୁ ଗାଁର ପୋଖରୀ ଗୋଳିଆ ଲାଗେ। ପାଖ ଗାଁର ନଈ ଅଧିକ ନୀଳ ଦିଶେ। ପୋଖରୀ ଅପେକ୍ଷା ସେ ନଈରେ ଅଧିକ ମାଛ ମିଳିବ ଏ ବିଶ୍ୱାସ ଥାଏ। ସେ ନଈରେ ନଉକା ମେଲି ବୁଲିବାର ଆକର୍ଷଣ ଆମକୁ ହାତଠାରି ଡାକେ। ପୋଖରୀର ପଙ୍କୁଆ ଗୋଳିପାଣି ଅପେକ୍ଷା ସେ ନଈର ସ୍ୱଚ୍ଛ ଜଳରେ ସ୍ନାନ କରିବାର ଆକର୍ଷଣକୁ ଏଡ଼େଇ ହୁଏନି। ମାତ୍ର ସେ ନଈରେ କୋଉଠି ଗଭୀରତା କେତେ ଆମକୁ ଜଣା ନ ଥାଏ। କୋଉଠି ଗଣ୍ଡ ଥାଏ, କୋଉଠି କୁମ୍ଭୀର ଥାଏ ତା'ର ହିସାବ ଆମ ପାଖରେ ନ ଥାଏ। ତେଣୁ ସେ ଅଚିହ୍ନା ନଈ କେବେକେବେ ଘାତକ ସାବ୍ୟସ୍ତ ହୁଏ। ହେଲେ ଗାଁର ଚିହ୍ନା ଜଣା ପୋଖରୀରେ ଯେତେ ଡୁବ ନ ମାରିଲେ ବି ଭୟ ନ ଥାଏ। ତେଣୁ ଚିହ୍ନା ଶତ୍ରୁ ବି ବେଳେବେଳେ ଅଚିହ୍ନା ବନ୍ଧୁଠାରୁ ସ୍ପୃହଣୀୟ ବୋଲି କୁହାଯାଏ। ହେଲେ ଦୂର ପର୍ବତର ଆକର୍ଷଣରେ ଏବେ ଆମେ ଗାଁ ମାଟିକୁ ଭୁଲି ବସିଲୁଣି। ନିକଟରେ ଦିନେ ଜଣେ ବନ୍ଧୁ ମତେ କହିଲେ ଏଇଠୁ ଏତେ ଦାମ ଦେଇ ଫୁଲଗଛ ସବୁ କିଣୁଚ, ଆମାଜନ ଫ୍ଲିପକାର୍ଟରେ ବହୁତ କମ୍ ଦାମରେ ବହୁତ ପ୍ରକାରର ଗଛ ମିଳୁଚି। ଆମାଜନ ଓ ଫ୍ଲିପକାର୍ଟ ଦେଖିଲି। ବହୁତ ସୁନ୍ଦର ସୁନ୍ଦର ଫୁଲର ପ୍ରତିଶ୍ରୁତି ଥିଲା ତା' ଭିତରେ। ଆଠ ଦଶ ପ୍ରକାର ଅଶ୍ରୁତପୂର୍ବ ରଙ୍ଗର ମନ୍ଦାର ସହ କିଛି ଆମ୍ବ, ଲିଚୁ ଆଦି ଗଛ ମଗେଇଥିଲି। ଆମ୍ବ ଓ ଲିଚୁ ଗଛ ଯାହା ଗୋଟା ପାଞ୍ଚଶହ ଲେଖା ଦେଇ କିଣିଥିଲି ତାହା ପାଞ୍ଚ ଦିନ ବି ବଞ୍ଚିଲାନି। ତା' ଅପେକ୍ଷା ଏଠି ତିନିଶହ ଟଙ୍କାରେ ବରଂ ବହୁତ ସୁସ୍ଥସବଳ ଚାରା ମିଳୁଚି। ଭିନ୍ନଭିନ୍ନ ରଙ୍ଗର ମନ୍ଦାର ଯୋଉ ମଗେଇଥିଲି ଛଅମାସ ଅପେକ୍ଷା କଲା ପରେ ଯାହା ଫୁଟିଲା ତାକୁ ଦେଖି ମୁଣ୍ଡରେ ହାତ ଦେବାକୁ ପଡ଼ିଲା। ଭଳି ଭଳି ନୂଆ ରଙ୍ଗ ନ ଥିଲା। ବରଂ ସବୁଗୁଡ଼ିକ ସୁଦ୍ଧୁ ନାଲିମନ୍ଦାର ଯାହା ଗାଁ ଗହଳରେ ବାଡ଼ କଡ଼େ ଫୁଟିଥାଏ। ଛଅମାସ ପରେ ଫ୍ଲିପକାର୍ଟକୁ କହିବାକୁ ଆଉ ସୁଯୋଗ ବି ନ ଥାଏ। କହିଲେ ଆଉ ପଇସା ଫେରିବାର ସମ୍ଭାବନା ବି ନ ଥାଏ। ଘର ପାଖ ନର୍ସରିରୁ ଆଣିଥିଲେ ତା' ବେକରେ ଗାମୁଛା ପକେଇ ହୁଅନ୍ତା। ମାତ୍ର ଆମାଜନରୁ କିଣିଥିବା ଗଛ ପାଇଁ କାହା ବେକରେ ଗାମୁଛା ପକେଇବେ? ସେ ବେକଟି ତ ଆଦୌ ଦୃଶ୍ୟମାନ ହୁଏନାହିଁ କେବେହେଲେ। ଆପଣା ହସ୍ତେ ଜିହ୍ୱା ଛେଦି। ଦୋଷ ଦେବି କାହାକୁ? ଗାଡୁ ଗାଡୁ ଖାଇ ଭାଇ ଭଉଣୀଙ୍କ ପାଖରେ ଯେମିତି ଉପହାସର ପାତ୍ର ହେବାକୁ ପଡ଼ିଥିଲା। ଆମାଜନରୁ ଗଛ କିଣି ସେମିତି ପୁଣି ଥରେ ଉପହସିତ ହେବାକୁ ପଡ଼ିଲା ସ୍ତ୍ରୀଙ୍କ ପାଖରେ। ଅଜ୍ଞାତକୁଳଶୀଳ ଲୋକଙ୍କ ସହ ସମ୍ପର୍କ ବଢ଼େଇବା ବିଷୟରେ ଆମ ଲୋକ କଥାରେ ଆମ ପୁରାଣ ଭାଗବତରେ ଅନେକ ଉପଦେଶ ଅଛି। ହେଲେ ବେଳେବେଳେ ସେ ଉପଦେଶର ଲକ୍ଷ୍ମଣରେଖା ଟପି ଆମକୁ ହଟହଟା ହେବାକୁ ପଡୁଚି। ଦୂରପର୍ବତର ଆକର୍ଷଣରେ, ଅଚିହ୍ନା ନଈର ମୋହରେ,ଫେସବୁକ ବନ୍ଧୁର କପଟାଚାରରେ ଆମ ଜୀବନ ବାରମ୍ବାର ଝୁଣ୍ଟୁଚି। ଫେସବୁକ୍ ବନ୍ଧୁମାନଙ୍କ ପ୍ରେମରେ ପଡ଼ି ବହୁ ସମର୍ଥ ପୁରୁଷ ତାଙ୍କ ଅର୍ଥ ଓ ସମ୍ମାନ ହରେଇଥିବାର ରୋଚକ ଖବର ମଝିରେ ମଝିରେ ଦୃଷ୍ଟିଗୋଚର ହୁଏ। ସେଇଭଳି ବହୁ ନାରୀ ନିଜ ଘରଦ୍ୱାର ସ୍ୱାମୀ ସଂସାର ଛାଡ଼ି ଫେସବୁକ୍ ବନ୍ଧୁଙ୍କ ସହ ପଳାୟନ କରିଥିବାର ଓ ପରେ ଘରକୁ ଫେରି ହଟହଟା ହୋଇଥିବାର କାହାଣୀ ମଧ୍ୟ ବିରଳ ନୁହେଁ। ମାତ୍ର ଆମେ ବୁଦ୍ଧି ଶିଖି ପାରୁ ନାହୁଁ। ଗାଁ କନିଆ ସିଙ୍ଘାଣିନାକୀ ବୋଲି ଭାବି କେଉଁ ବିଦେଶିନୀର ମାୟାରେ ଆମେ ବାରମ୍ବାର ଦିଗଭ୍ରାନ୍ତ ହେଉଚୁ। ଚିହ୍ନା ପୋଖରୀର ଆତ୍ମୀୟତାକୁ ଆଡ଼ କରି ଅଚିହ୍ନା ନଈରେ ଆମେ ଜଳସମାଧି ନେଉଚୁ। ତଥାପି ଆମେ ଚେତୁ ନାହୁଁ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ:୯୪୩୭୨୮୬୫୧୨

# ଧନ୍ୟବାଦ ନା ଅଭିଯୋଗ



ଡ. ବାସୁଦେବ ମିଶ୍ର

ଧନ୍ୟବାଦ ଦେବା ଏବଂ ଅଭିଯୋଗ କରିବା ଏ ଦୁଇଟିରୁ ଦ୍ୱିତୀୟଟିକୁ ବିନା ଦ୍ୱିଧାରେ ବାଛିନିଅନ୍ତି ଆମ ଭିତରୁ ଅନେକ। ଦଶରୁ ନଅ ମିଳିଥିଲେ ନ ମିଳିଥିବା 'ଏକ' ପାଇଁ ଆମେ ଅଭିଯୋଗ କରିବସୁ ସିନା କିନ୍ତୁ ମିଳିଥିବା 'ନଅ'ପାଇଁ ଧନ୍ୟବାଦ ଦେଉନା। ପରୀକ୍ଷାରେ ନବେ ପ୍ରତିଶତ ନମ୍ବର ରଖିଥିବା ପିଲାଟି ତା'ର ନବେ ପ୍ରତିଶତକୁ ନେଇ ଖୁସି ହେବାପୂର୍ବରୁ ତା'ର ଆଶା କରିଥିବା ଆଉ ଦୁଇ ପ୍ରତିଶତ ନମ୍ବର ନ ପାଇଥିବା ଯୋଗୁ ଦୁଃଖିତ ହୋଇଯାଏ। ପରୀକ୍ଷା ଖାତାରେ ଲେଖିଥିବା ଉତ୍ତର ଅନୁସାରେ ହିଁ ତାକୁ ନମ୍ବର ଦିଆଯାଇଛି, ଏକଥା ସ୍ୱୀକାର କରିପାରେ ନାହିଁ ଯେ, ବସ୍ତୁତଃ ମନୁଷ୍ୟ ନିଜ ପରିଶ୍ରମର ଫଳ ନିଶ୍ଚୟ ଚାହେଁ ପାଇବାକୁ। ତେବେ ନିଜ ପରିଶ୍ରମର ଫଳ ଯେତିକି ମିଳିବା କଥା, ଅନେକ ସମୟରେ ତା'ଠାରୁ ଯଥେଷ୍ଟ ଅଧିକ ଆଶା କରିଦିଏ। ଯେତିକି ଚୂନା, ସେହି ଅନୁସାରେ ତ ପିଠା ହେବ। ସେରେ ଚାଉଳର ଚୂନାରେ ଶଗଡ଼େ ପିଠା ଆସିବ କେଉଁଠୁ? ସମୟ ସମୟରେ ଆମେ ଆମର କ୍ଷମତା ବାହାରର କାର୍ଯ୍ୟକ୍ରମ ହାତକୁ ନେଉ। କାର୍ଯ୍ୟଟିକୁ ସୁଚାରୁରୂପେ ଶେଷ କରିବାକୁ ହୁଏତ ସକ୍ଷମ ହୋଇପାରୁନା। ଯଦି ବା ସକ୍ଷମ ହେଉ, ତା'ର ଗୁଣାତ୍ମକତା ବଜାୟ ରଖିପାରୁନା। କିନ୍ତୁ ଗୁଣାତ୍ମକ କାର୍ଯ୍ୟର ଫଳ ଆଶା କରିବସୁ। ଏ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ନିଜର କ୍ଷମତାକୁ ଆକଳନ କରି ନ ପାରିବା ହିଁ ପ୍ରକୃତରେ ମୂଳ କାରଣ, ଯାହା ଆମର ପ୍ରାପ୍ତିର ଆଶାକୁ ବହୁଗୁଣିତ କରିଦିଏ।

ଏକ ଅଭିଯୋଗପ୍ରବଣ ମନ ସର୍ବଦା ଅଶାନ୍ତ ରହେ। ଯୋଗ୍ୟତା ଅନୁରୂପ ପ୍ରାପ୍ତିଠାରୁ ଯଥେଷ୍ଟ ଅଧିକ ପ୍ରାପ୍ତ ହୋଇଥିଲେ ମଧ୍ୟ ତା'ର ଅଶାନ୍ତ ମନ ସର୍ବଦା ଅଭିଯୋଗ ହିଁ କରୁଥାଏ। ଧନ, ଜନ, ସମ୍ମାନ ଏମିତି ଅନେକ କଥା ଅଛି, ଯେଉଁଗୁଡ଼ିକ ଯେତେ ପ୍ରାପ୍ତ ହେଲେ ମଧ୍ୟ ପର୍ଯ୍ୟାପ୍ତ ବୋଲି ବୋଧ ହୁଏନାହିଁ। ଠାକୁରଙ୍କୁ ଏତେ ଗୁହାରି କଲି, ମୋତେ କିଛି ମିଳିଲା ନାହିଁ। ଇୟେ ମଧ୍ୟ ଗୋଟିଏ ପ୍ରକାର ଅଭିଯୋଗ। କାର୍ଯ୍ୟ କରିବାର ପ୍ରୟାସ କରି ନ ଥିବା ଲୋକକୁ କାର୍ଯ୍ୟଶେଷ କରିଥିବାର ବରଦାନ କେଉଁ ଦେବତା ଅବା ଦେଇପାରିବ? ବିଦ୍ୟାଭ୍ୟାସ ନ କରି ଈଶ୍ୱରଙ୍କର ଶରଣାପନ୍ନ ହେଲେ ପରୀକ୍ଷାରେ ଅଧିକ ନମ୍ବର ମିଳିବ କେଉଁଠୁ? ପ୍ରକୃତ କଥା ହେଲା ଆମ ଭିତରୁ ଅନେକେ ନିଜକୁ ତଉଲି ପାରନ୍ତି ନାହିଁ। ତେଣୁ ନିଜର ପାରିବାପଣିଆ ସମ୍ବନ୍ଧରେ ଜାଣିବା ସେମାନଙ୍କ ପକ୍ଷେ ସମ୍ଭବ ହୁଏନାହିଁ। ଶେଷରେ ଅନ୍ୟକୁ ଦୋଷ ଦେବା ବିନା ଆଉ କିଛି ବାଟ ନ ଥାଏ।

ଏ ସବୁକୁ ବିଚାର କରି ଗୀତାରେ କୁହାଯାଇଛି– କର୍ମ କରିଚାଲ। ଫଳ ଆଶା ରଖନାହିଁ। ଅର୍ଥାତ୍ ଫଳ ତ ନିଶ୍ଚୟ ମିଳିବ ଯେଣୁ ତୁମେ କର୍ମ କରିଛ। ଯଦି ତୁମେ କର୍ମ କରିବା ସହିତ ଫଳ ପ୍ରତି ଆଶାବାଦୀ ହୋଇ ରୁହ, ତେବେ ଏପରି ହୋଇପାରେ, ତୁମେ ଯେତିକି କର୍ମ କରିବ, ତା' ତୁଳନାରେ ଅଧିକ ଆଶା କରି ବସିବ। ଅତଏବ ଦୁଃଖ ହିଁ ପାଇବ। ତା' ଦ୍ୱାରା ତୁମର ଅନ୍ୟ ଗୋଟିଏ କ୍ଷତି ହେବାର ସମ୍ଭାବନା ମଧ୍ୟ ଅଛି। ଫଳ ପ୍ରତି ଆଶା ରଖୁ ରଖୁ ତୁମ କାର୍ଯ୍ୟ ସମ୍ପାଦନ କରିବାର ସୁଚାରୁତା ମଧ୍ୟ ବାଧାପ୍ରାପ୍ତ ହୋଇପାରେ। ତା' ଦ୍ୱାରା କାର୍ଯ୍ୟର ଗୁଣବତ୍ତା ରକ୍ଷା କରିବା ମଧ୍ୟ ତୁମ ପକ୍ଷରେ ସମ୍ଭବ ହୋଇ ନ ପାରେ। କର୍ମ କରିବାରେ ନିଷ୍ଠା ରଖିପାରିଲେ ନିଜର କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତା ଏବଂ ସୁଚାରୁତା ସହ ସମ୍ପନ୍ନ କରିବା ସହିତ କାର୍ଯ୍ୟଶେଷରେ ନିଜ କାର୍ଯ୍ୟକୁଶଳତାର ମୂଲ୍ୟାୟନ ମଧ୍ୟ କରିବାରେ ସକ୍ଷମ ହୋଇପାରିବ।

ଅନ୍ୟପକ୍ଷରେ ଧନ୍ୟବାଦ ଦେବାର ଅଭ୍ୟାସ ମନକୁ ଶାନ୍ତ ରଖେ। ପ୍ରଥମେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ଏବଂ କୃତଜ୍ଞତା ଜଣାଅ ଯେ ସେ ତୁମକୁ ଏପରି କାର୍ଯ୍ୟ କରିବାର ସୁଯୋଗ ଦେଲେ ଏବଂ ସେଥିପାଇଁ ତୁମକୁ ଯୋଗ୍ୟ ମଣିଲେ। ଦ୍ୱିତୀୟତଃ ତୁମକୁ ଯୋଗ୍ୟ ବ୍ୟକ୍ତିରେ ପରିଣତ କରିଥିବା ଅଥବା ସେଥିରେ ସହାୟତା ପ୍ରଦାନ କରିଥିବା ବ୍ୟକ୍ତିକୁ ଧନ୍ୟବାଦ ଦିଅ ଏବଂ ତାଙ୍କ ପ୍ରତି ଜୀବନବ୍ୟାପୀ କୃତଜ୍ଞ ରୁହ। ଶେଷରେ ନିଜର ଶ୍ରମ ପ୍ରତି ବିଶ୍ୱାସ ରଖ ଏବଂ ନିଜ ପ୍ରତି ବିଶ୍ୱସ୍ତ ରୁହ। ଆଦୌ ଛଳନା ନ କରି ନିଜକୁ ଅନ୍ତତଃ ନିଜ ନିକଟରେ ପୂର୍ଣ୍ଣରୂପେ ପ୍ରକାଶ କର।

ଆଶାର ଅନ୍ତ ନାହିଁ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅସୁମାରୀ ଆଶା ରହିଥାନ୍ତି ଲମ୍ବା ଧାଡ଼ିରେ। ଗୋଟିଏ ଆଶା ପୂର୍ଣ୍ଣ ନ ହେଉଣୁ ଆଉ ଗୋଟିଏ ତା'ର ଜାଗା ମାଡ଼ିବସେ। କୌଣସି ମନୁଷ୍ୟର ସକଳ ଆଶା କେବେ ବି ପୂର୍ଣ୍ଣ ହେବା ସମ୍ଭବ ହୁଏନାହିଁ। ତେଣୁ ତା'ର ଅଭିଯୋଗ କେବେ ବି ସରେନାହିଁ। ବାପା, ମା, ଭାଇ, ବନ୍ଧୁ, କଟୁମ୍ବ ସମସ୍ତଙ୍କ ବିରୋଧରେ ଅଭିଯୋଗ କରିସାରିବା ପରେ ଈଶ୍ୱରଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ପଛାଏ ନାହିଁ ମଣିଷ। ଏପରି କି ଅମୁକଟା ମୋତେ ଦେଲନାହିଁ, ସମୁକଟା ମୋତେ ମିଳିଲା ନାହିଁ, ଏମିତି ଈଶ୍ୱରଙ୍କ ବିରୋଧରେ ଅଭିଯୋଗ କରିବା ମଧ୍ୟ ଦେଖାଯାଏ ଲୋକଙ୍କୁ। କେତେକେ ମନ୍ଦିର ଛାଡ଼ି ଯାଆନ୍ତି ନାହିଁ, ଦୁଆରେ ଅଧିଆ ପଡ଼ନ୍ତି। କେତେକେ ଅଭିମାନରେ ମନ୍ଦିର ଦୁଆର ମାଡ଼ନ୍ତି ନାହିଁ। କଥାଟି କେବଳ ସାଧାରଣ ଲୋକଙ୍କ ପାଖରେ ସୀମିତ ହୋଇ ରହେନାହିଁ। କାହିଁ କେତେ ଜ୍ଞାନୀ, ଗୁଣୀ ଲୋକେ ମଧ୍ୟ ଏପରି କରିବା ଦେଖାଯାଏ। ସେ କାଳରେ ଯଦି ମୃଗୁଣୀକୁ ବିପଦରୁ ରକ୍ଷାକଲ, ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦେଲ, ସୁଦାମାକୁ ଅମାପ ସମ୍ପତ୍ତି ଦେଲ, ତେବେ ମୋ ବିପଦ ସମୟରେ ମୋତେ କାହିଁକି ଦେବନାହିଁ, ବିପଦରୁ କାହିଁକି ରକ୍ଷା କରିବ ନାହିଁ ବୋଲି ଅଦ୍ଭୁତ ଯୁକ୍ତି ବାଢ଼ନ୍ତି ଭକ୍ତମାନେ। ମନେହୁଏ ଠାକୁର ମଧ୍ୟ ତାଙ୍କର ସେହି ଅଭିଯୋଗଗୁଡ଼ିକୁ ଶୁଣିବା ନିମନ୍ତେ ଯେପରି ଅପେକ୍ଷା କରି ରହିଥାଆନ୍ତି। ଆଉ ଶୁଣି ଖୁସି ମଧ୍ୟ ହୁଅନ୍ତି।

ଜନ୍ମଠାରୁ ଆରମ୍ଭ କରି ଜୀବନ ବଞ୍ଚିବା ଭିତରେ ଆମେ ଏତେ ଲୋକଙ୍କଠାରେ ଧାରୁଆ ହୋଇ ରହିଯାଉ ଯେ ଜଣଜଣକରି ଧନ୍ୟବାଦ ଦେବାକୁ ଗଲେ ଆଉ କେତୋଟି ଜନ୍ମ ବିତିଯିବ। ପିତାମାତାଙ୍କ ପରେ ସାହିପଡ଼ିଶା ସଖାସାଥୀ ବନ୍ଧୁପରିଜନ ଅନେକ ଚିହ୍ନାଅଚିହ୍ନା ତଥା ପରିବେଶ, ବାୟୁମଣ୍ଡଳ, ସୂର୍ଯ୍ୟଚନ୍ଦ୍ର, ଦିନରାତି ଏପରି କି ଆମ ବାଡ଼ିରେ ଶାଗପଟାଳିରେ ଥିବା ଛୋଟିଆ ଶାଗଗଛଟିଠାରୁ ଆରମ୍ଭ କରି ଅନ୍ୟ ଗଛବୃକ୍ଷ ପର୍ଯ୍ୟନ୍ତ କିଏ ଆମର ଉପକାର କରିନାହାନ୍ତି ? ଆମେ ଭାବୁ କେବେ ସେମାନଙ୍କ କଥା ? ଏପରି କି ଦୈନନ୍ଦିନ ଜୀବନରେ ଯାହାର ଉପକାରଟା ଆମ ଆଖିକୁ ଦେଖାଯାଏ, ତାକୁ ମଧ୍ୟ ଆମେ ଧନ୍ୟବାଦ ଦେବାକୁ ଆବଶ୍ୟକ ମନେକରୁନା। ତାହା ତାହାର କର୍ତ୍ତବ୍ୟ ଥିଲା ବୋଲି ମନେକରି ତୁନିରହୁ।

ଧନ୍ୟବାଦ ଦେବା ଏକ ଅଭ୍ୟାସ। ଅନ୍ତରରେ ଧନ୍ୟବାଦୀ ହୋଇ ରହିବା ତା'ଠାରୁ ଏକ ବଡ଼ଗୁଣ। ଧନ୍ୟବାଦୀ ହୋଇ ରହୁଥିବା ଲୋକଟିର ମନ ସର୍ବଦା ଶାନ୍ତ ରହେ। ତା'ର ଚିତ୍ତ ସର୍ବଦା କର୍ମନିଷ୍ଠ ରହିବା ସଙ୍ଗେସଙ୍ଗେ ଅଭିଯୋଗମୁକ୍ତ ହୋଇ ରହେ। ଅଭିଯୋଗ କରିବାଦ୍ୱାରା ଅଶାନ୍ତ ଅବସ୍ଥାରେ ଆମେ ସମୟ ଏବଂ ଶକ୍ତି କ୍ଷୟ କରିବା ଅପେକ୍ଷା ସେହି ସମୟ ଏବଂ ଶକ୍ତିକୁ ଆମର କାର୍ଯ୍ୟ କରିବାରେ ଉପଯୋଗ କରିବା ଦ୍ୱାରା ଆମେ ବହୁଗୁଣ ଲାଭବାନ ହୋଇପାରିବା।

ଦଶରଥପୁର, ଯାଜପୁର
ମୋ: ୯୪୩୮୩୨୮୭୫୫

## ଏଇ ଭାରତରେ

ଶିକ୍ଷା ଦାନ ହିଁ ଶ୍ରେଷ୍ଠ ଦାନ, ଏହା ଉପଲବ୍ଧି କରିଛନ୍ତି ପ୍ରାଧ୍ୟାପକ ଲଳିତା ଶର୍ମା। ସେ ୫,୦୦୦ ବସ୍ତି ପିଲାଙ୍କୁ ଶିକ୍ଷାର ସ୍ରୋତରେ ସାମିଲ କରିପାରିଛନ୍ତି। ୨୦୦୯ରେ ସେ ଇନ୍ଦୋରର ରାସ୍ତାକଡ଼ରେ କିଛି ପିଲା ଏକାଠି ହୋଇ କଳି କରୁଥିବା ଦେଖିବାକୁ ପାଇଥିଲେ। ସେମାନେ ସମସ୍ତେ ଥିଲେ ନିକଟସ୍ଥ ବସ୍ତିର ପିଲା। ସେମାନଙ୍କ ସମ୍ପର୍କରେ ଜାଣିବା ପରେ ଲଳିତା ସେମାନଙ୍କୁ ଶିକ୍ଷା ଦେବା ଲାଗି ଅଭିଯାନ ଆରମ୍ଭ କରିଥିଲେ। 'ଆଭା କୁଞ୍ଜ' ଏନ୍‌ଜିଓ ଗଠନ କରି ତା' ମାଧ୍ୟରେ ବର୍ଷକୁ ପାଖାପାଖି ୫୦୦ ପିଲାଙ୍କୁ ପଢ଼ାଇବା ବ୍ୟବସ୍ଥା କରୁଛନ୍ତି। ୨୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବସ୍ତିର ପିଲାମାନଙ୍କୁ ବିଭିନ୍ନ ସ୍କୁଲରେ ନାମ ଲେଖାଇବାଠାରୁ ଆରମ୍ଭ କରି ଆବଶ୍ୟକ ପେନ୍, ପେନ୍‌ସିଲ, ଖାତା, ବହି ସହ ସ୍କୁଲ ଫି, ଷ୍ଟାଇପେଣ୍ଡ୍ ବାବଦ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ତାଙ୍କ ଦ୍ୱାରା ଶିକ୍ଷାପ୍ରାପ୍ତ ବହୁ ପିଲା ବିଭିନ୍ନ ବୃତ୍ତିରେ ନିୟୋଜିତ ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୬

- ଆଞ୍ଚଳିକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ନେଇ ଚୁକ୍ତି ପ୍ରସ୍ତୁତ କରିବାରେ ଆମେରିକା ଓ ରୁଷିଆର ଅଫିସରମାନେ ବିଫଳ ହୋଇଛନ୍ତି।
- ୧୩୩ କୋଟି ଟଙ୍କାର ୟୁରିଆ ସାର ଦୁର୍ନୀତିରେ କାରବାର ହୋଇଥିବା ଅତିରିକ୍ତ ୧୪ ନିୟୁତ ଡଲାର ଅର୍ଥ ସିବିଆଇ ଠାବ କରିଛି।
- ଆନ୍ଧ୍ରପ୍ରଦେଶର ପି. ହରିକ୍ରିଷ୍ଣା ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ବିଶ୍ୱ ଚେସ୍ ଟାଇଟଲ୍ ହାସଲ କରିଛନ୍ତି।

## ଚିରନ୍ତନୀ

ସିକ୍ତ କରି ରିକ୍ତ ମାଟି ରକ୍ତ ଉର୍ମି ଉଠଇ ଉଜାଣି
ଚଳଇ ଧରଣୀ ପରେ ମରଣ ନିର୍ଭୀକ
ଦୃପ୍ତପଦେ ଦୁନିଆର ଅନ୍ତନାଡି ଦନ୍ତେ ଦୃଢ଼େ ଟାଣି
ନାଚି ଉଠେ ଶତାବ୍ଦୀର ଶୋଣିତ ସୈନିକ।
–(ଶତାବ୍ଦୀ–ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 1 | | 3 | 8 | 9 | |
| | 9 | | | | 6 | | 5 | |
| | 7 | | | 5 | | 1 | | |
| | | 3 | | | | 9 | | |
| | | | 7 | | | | 8 | |
| | | | | | 1 | 7 | | |
| | | | | | 5 | | | |
| 5 | 4 | 2 | | | | | | |
| | 1 | | 9 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 4 | 1 | 8 | 5 | 2 | 7 | 9 |
| 5 | 7 | 9 | 3 | 2 | 6 | 8 | 4 | 1 |
| 8 | 1 | 2 | 4 | 9 | 7 | 3 | 6 | 5 |
| 2 | 6 | 3 | 8 | 1 | 4 | 5 | 9 | 7 |
| 9 | 5 | 1 | 7 | 6 | 2 | 4 | 8 | 3 |
| 4 | 8 | 7 | 5 | 3 | 9 | 1 | 2 | 6 |
| 3 | 4 | 5 | 6 | 7 | 8 | 9 | 1 | 2 |
| 1 | 9 | 6 | 2 | 4 | 3 | 7 | 5 | 8 |
| 7 | 2 | 8 | 9 | 5 | 1 | 6 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚିଲିକାରେ ଡିନାମାଇଟ ବ୍ୟବହାର ବେଆଇନ

ମହାଶୟ,

ଚିଲିକା ହ୍ରଦର ଜଳରାଶିରେ ଅତ୍ୟନ୍ତ ଉଚ୍ଚ କ୍ଷମତାସମ୍ପନ୍ନ ବିସ୍ଫୋରକ ଡିନାମାଇଟ ବ୍ୟବହାର କରାଯାଇ ହ୍ରଦର ବେଆଇନ ଘେରି ମାଟିବନ୍ଧକୁ ଉଚ୍ଛେଦ କରିବା ଆଇନସମ୍ମତଃ ବୋଲି କହିବା ହାସ୍ୟାସ୍ପଦ । ବିସ୍ଫୋରକ ସାମଗ୍ରୀର ବାରୁଦ ପ୍ରତିକ୍ରିୟାର ପ୍ରଭାବ ନିଶ୍ଚିତଭାବେ ଜଳଚର ପ୍ରାଣୀଙ୍କ ଉପରେ ପଡ଼ିବ। ଫଳସ୍ୱରୂପ ଚିଲିକା ହ୍ରଦ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନଙ୍କ ଜୀବିକା ନିର୍ବାହ ବିପନ୍ନ ଓ ପ୍ରଭାବିତ ହେବ। ଚିଲିକା ହ୍ରଦକୁ ଶୋଭାମଣ୍ଡନ କରିଆସୁଥିବା ବିଦେଶୀ ପକ୍ଷୀଙ୍କ ସମାଗମକୁ ହ୍ରାସ କରି, ପର୍ଯ୍ୟଟନ ଶିଳ୍ପକୁ ବ୍ୟାପକ କ୍ଷୟକ୍ଷତି ଆଣିବ। ବେଆଇନ ଘେରିକୁ ସରକାର ଠିକ୍ ସମୟରେ ତଦାରଖ କରିବାରେ ଅବହେଳା କରୁଛନ୍ତି। ଏହା ସହ ପାରମ୍ପରିକ ଉପାୟରେ ଉଚ୍ଛେଦ କରିବା ଏବଂ ଦୋଷୀମାନଙ୍କୁ ଦଣ୍ଡବିଧାନ କରି ନ ପାରିବା, ଚିଲିକା ଉନ୍ନୟନ ବିଭାଗର କର୍ତ୍ତୃପକ୍ଷଙ୍କ ଅପାରଗତାର ଏକ ଦୃଷ୍ଟାନ୍ତ। ବେଆଇନ ଚିଲିକା ଘେରି ସୃଷ୍ଟି ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ବନବିଭାଗ ସମ୍ପୂର୍ଣ୍ଣ ରୂପେ ଦାୟୀ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସରକାର ବିଚାର କରିବା ଆବଶ୍ୟକ।

ଅଶୋକ କୁମାର ଆଢ୍ୟ,
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଳମ୍ବ କିସମ ଧାନର ଯତ୍ନ



## ଏ ମାସର କୃଷି ସୂଚନା

ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧି ରଖନ୍ତୁ। ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକୀୟ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ। ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ। ଧାନ ଅମଳ ପରେ ଧାନକୁ ୨-୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ଅମାରର ୧୦୦ ବର୍ଗଫୁଟ ଜାଗାପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବେ ନାହିଁ। ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ। ମାଟିଆ ଗୁଣ୍ଡିପୋକ ଦମନ ପାଇଁ ଫ୍ଲୋନିକାମିଡ୍ ୧ ମି.ଲି./୩ ଲିଟର ପାଣିରେ,

ଡାଇନୋଟେଫ୍ୟୁରାନ୍ ୫ ଗ୍ରାମ୍/ ୧୫ ଲିଟର ପାଣିରେ, ବୁପ୍ରୋଫେଜିନ୍ ୧.୫ ମି.ଲି./୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ ମାଲାଥିଅନ୍ ଗୁଣ୍ଡ ୨୦-୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ। କେଣ୍ଡାକଟା ପୋକ ଲାଗିଥିଲେ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟା ସମୟରେ ସିଞ୍ଚନ କରିବା ସହିତ କ୍ଲୋରପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ।

ନେକ୍‌ବ୍ଲାଷ୍ଟ ହେକ୍ସାକୋନାଜୋଲ୍ ୨ ମି.ଲି./ଟ୍ରାଇସାଇକଲାଜୋଲ୍ ୦.୬ ଗ୍ରାମ୍ ଏକ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ର ଆଚ୍ଛାଦ ପୋଡ଼ାରୋଗ ପାଇଁ ଭାଲିଡ଼ାମାଇସିନ୍ ୩% ଏଲ୍ ୧ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୧ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ। ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣିକାଟିଦିଅନ୍ତୁ।

**ଚିନାବାଦାମ :** ଚିନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.-୨୪, ଟି.ଏ.ଜି.-୨୪, ଟି.ଜି.-୩୮ ବି, ଟି.ଜି.-୩୭ ଏ, କାଦିରି-୩, କାଦିରି-୬, ଧରଣୀ। ଚିନାବାଦାମ ଚାଷ କରୁଥିଲେ ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ। ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ।

**ପନିପରିବା :** କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, ଚିପ୍‌ସୋନା-୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସୁନ୍ଦରୀ କିସମ ୨-୩ ଆଖି ବିଶିଷ୍ଟ ୨୦-୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ୍ ଆଳୁ ବିହନ ବ୍ୟବହାର କରନ୍ତୁ। ୦.୨୫% କାର୍ବେଣ୍ଡାଜିମ୍‌ରେ ବିହନ ଆଳୁକୁ ବିଶୋଧନ କରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫-୬୦ ସେ.ମି. x ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ।

-ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ କଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ।

-ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓୟୁଏଟି, ଭୁବନେଶ୍ୱର-୩

## ଗହମ ବୁଣିବା ପୂର୍ବରୁ...



ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ। ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ। କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ। ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକୀୟ ଅନୁମୋଦିତ ବିହନ ଯଥା - ସୋନାଲିକା, ପି.ବି.ଡବ୍ଲୁ-୩୪୩, ପି.ବି.ଡବ୍ଲୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ। ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।

# ଗୋ-ସମ୍ବର୍ଦ୍ଧନା

**ଚଳିତ ମାସ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି ଗୋ-ସମ୍ବର୍ଦ୍ଧନା ସପ୍ତାହ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

ଡା. ବୀରକିଶୋର ପରିଡ଼ା

ପ୍ରତିବର୍ଷ ପରି ଚଳିତବର୍ଷ ଗୋ-ସମ୍ବର୍ଦ୍ଧନା ସପ୍ତାହ ସାରା ରାଜ୍ୟରେ ପାଳିତ ହେଉଅଛି। ଗିରି-ଗୋବର୍ଦ୍ଧନ ଓ ଗୋପାଷ୍ଟମୀ ପୂଜାର ମହାନ୍ ପରମ୍ପରା ଆମ ଦେଶ ତଥା ରାଜ୍ୟରେ ଅଦ୍ୟାବଧି ରହି ଆସିଛି। ପ୍ରତିବର୍ଷ କାର୍ତ୍ତିକମାସ ଶୁକ୍ଳପକ୍ଷ ଦ୍ୱିତୀୟାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଏହି ସାତ ଦିନକୁ ଗୋ-ସମ୍ବର୍ଦ୍ଧନା ସପ୍ତାହ ଭାବେ ଅଭିହିତ କରାଯାଏ। ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ଗୋଜାତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି।

ଏହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି। ଗୋବର୍ଦ୍ଧନ ପୂଜା ଓ ଗୋପାଷ୍ଟମୀକୁ ସଂଯୋଗ କରି ୧୯୫୨ ମସିହାଠାରୁ ଏହାକୁ 'ଗୋ-ସମ୍ବର୍ଦ୍ଧନା ସପ୍ତାହ' ଭାବରେ ପାଳିତ ହୋଇ ଆସୁଅଛି। ଆମ କୃଷିର ଉନ୍ନତି ଓ ଅର୍ଥନୀତିର ପ୍ରଗତି ମୁଖ୍ୟତଃ ଏହି ଗୋପାଳନ ଭିତ୍ତିଭୂମି ଉପରେ ହିଁ ପ୍ରତିଷ୍ଠିତ। ଗୋସମ୍ପଦର ଉତ୍‌ଥାନରେ ରାଜ୍ୟ ତଥା ରାଷ୍ଟ୍ରର ଉତ୍‌ଥାନ ଓ କଲ୍ୟାଣ ନିହିତ। ଏହି ଗୋସମ୍ପଦରୁ ଆମେ ମୁଖ୍ୟତଃ ଦୁଇଗୋଟି ମୂଲ୍ୟବାନ ଖାଦ୍ୟ ପାଇଥାଉ। ଗୋଟେ ହେଲା 'ଅନ୍ନ' ଓ ଅନ୍ୟଟି 'ଦୁଗ୍ଧ'। ସକଳ କୃଷି କାର୍ଯ୍ୟରେ କୃଷକର ମେରୁଦଣ୍ଡ ତଥା ପ୍ରଧାନ ସାହାଯ୍ୟକାରୀ ମିତ୍ର ହେଲା 'ବଳଦ'। ହଳ ଚାଷଠାରୁ ଆରମ୍ଭ କରି ଆଖୁ ପେଡ଼ିବା, ଘଣାବୁଲିବା, ବିଲକୁ ଖତ ନେବା, ଫସଲକୁ ଖଳାକୁ ନେବା, ଶଗଡ଼ ଟାଣିବା କ୍ଷେତ୍ରରେ ବଳଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବର୍ତ୍ତମାନ ଏହି ଆଧୁନିକ ସଭ୍ୟତାରେ ଟ୍ରାକ୍ଟର, ପାୱାର ଟିଲରର ବହୁଳ ବ୍ୟବହାର ଯୋଗୁଁ ଗାଁ ଗାଁରେ ଆଉ ବଳଦ ବିଶେଷ ଦେଖିବାକୁ ମିଳୁନାହାନ୍ତି ଏବଂ ଛୋଟ ଛୋଟ ଜମି କିସମରେ ଧାନଚାଷ ଯୋଗୁଁ ରବି ଚାଷ କରିବା ପାଇଁ ସୁବିଧା ସୁଯୋଗ ମିଳୁନାହିଁ।



ଗୋ-ରସ ହେଉଛି ପୋଷକ ବା ରୋଗ ନିବାରକ। ଗୋବର ମଳ ନୁହେଁ ବରଂ ଏହା ମଳ ବିଶୋଧକ ଅଟେ। ଗୋବର ଧରଣୀର ବା ମାଟିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ। ଏହା ମାଟିର ଉର୍ବରତା ବଢ଼ାଇବା ସହିତ ଧରିତ୍ରୀକୁ ଶସ୍ୟଶ୍ୟାମଳା କରିବାରେ ସହାୟକ ହୁଏ। ସେହିପରି ଗୋମୂତ୍ର ଜମିର ଉର୍ବରତା ବଢ଼ାଇବା ସହିତ କୀଟନାଶକ ଔଷଧ ଭାବେ ବ୍ୟବହାର କରାଯାଇ ବିଭିନ୍ନ ଶସ୍ୟକୁ ରୋଗପୋକ ଦାଉରୁ ରକ୍ଷା କରିଥାଏ।

*-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର*
*ମୋ : ୯୪୩୭୬୦୭୩୧୨*





ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମ୍ୟାଚରେ ଟସ୍ ପାଇଁ ବ୍ୟବହୃତ କଏନ।

## ଦକ୍ଷିଣ ଆଫ୍ରିକା ସେମିର ନିକଟତର

**ଆବୁଧାବି, ୨।୧୧ (ପି.ଟି.):** ବାଂଲାଦେଶ ବିପକ୍ଷ ମ୍ୟାଚରେ ୬ ଉଇକେଟରେ ସହଜ ବିଜୟ ହାସଲ କରି ଦକ୍ଷିଣ ଆଫ୍ରିକା ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍ ଟୁର୍ନାମେଣ୍ଟ ସେମିଫାଇନାଲ ନିକଟତର ହୋଇଛି। ଏଠାରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ପେସ୍ ବୋଲର କାଗିସୋ ରାବାଡା ଓ ଏନରିଚ୍ ନୋର୍ଜେ ଚମତ୍କାର ବୋଲିଂ କରି ବାଂଲାଦେଶ ବ୍ୟାଟିଂ ଲାଇନ୍ ଅପ୍‌କୁ ଭୁଶୁଡାଇ ଦେଇଥିଲେ। ଫଳରେ ଦଳ ୧୮.୨ ଓଭରରେ ମାତ୍ର ୮୪ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୩.୩ ଓଭରରେ ୪ଉଇକେଟ ବିନିମୟରେ ମ୍ୟାଚ୍ ଜିତିନେଇଥିଲା। ଦକ୍ଷିଣ ଆଫ୍ରିକା ଏ ପର୍ଯ୍ୟନ୍ତ ଖେଳିଥିବା ୪ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରି ଗ୍ରୁପ୍-୧ରେ ଏହା ସ୍ଥିତି ମଜଭୁତ କରିପାରିଛି।

# ଆଜି ଭାରତ-ଆଫଗାନିସ୍ତାନ ଭେଟ

**ଆବୁଧାବି, ୨।୧୧**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ନିଜର ପ୍ରଥମ ୨ଟି ମ୍ୟାଚ ହାରି ବିପଦରେ ପଡ଼ିଥିବା ଭାରତ ବୁଧବାର ଏଠାରେ ଆଫଗାନିସ୍ତାନକୁ ଭେଟିବ। ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ହାରିଯିବା ପରେ ଭାରତର ସେମିଫାଇନାଲ ପ୍ରବେଶ ଆଶା ମଉଳିଛି। ବିଭିନ୍ନ ଅଙ୍କକଷା ମଧ୍ୟରେ ଏବେ ଦଳର ଭାଗ୍ୟ ଝୁଲୁଛି। ଅବଶିଷ୍ଟ ୩ଟି ମ୍ୟାଚ ଦଳ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ଆଫଗାନିସ୍ତାନ ୩ଟି ମ୍ୟାଚ ଖେଳି ସାରିଛି। ଏହି ଦଳ ପାକିସ୍ତାନଠାରୁ ହାରିଥିବାବେଳେ ସ୍କଟଲାଣ୍ଡ ଓ ନାମ୍ବିଆକୁ ହରାଇ ୪ ପଏଣ୍ଟ ପାଇଛି। ପାକିସ୍ତାନକୁ ମଧ୍ୟ ଦଳ କଡ଼ା ଟକ୍କର ଦେଇଥିଲା। ୧୯ତମ ଓଭରରେ ପାକିସ୍ତାନର ଅସିଫ ଅଲୀ ୪ଟି ଛକା ମାରି ନ ଥିଲେ ହୁଏତ ଫଳାଫଳ ଭିନ୍ନ ହୋଇଥାନ୍ତା। ତେଣୁ ବିଜୟ ସ୍ୱାଦ ଚାଖିବାକୁ ହେଲେ ଏହି ଦଳ ବିପକ୍ଷରେ ଟିମ୍ ଇଣ୍ଡିଆକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଭାରତର ଟିମ୍ କମ୍ବିନେଶନରେ ପରିବର୍ତ୍ତନର ସୂଚନା ମିଳିଛି। ବିଶେଷ କରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ଲେଇଂ ଇଲେଭେନରେ ରହିବା ଏକପ୍ରକାର ନିଶ୍ଚିତ ହୋଇଛି। ଟି୨୦ ବିଶ୍ୱକପ୍ ପରେ ଅଧିନାୟକ ପଦରୁ ଓହରି ଯିବାନେଇ ବିରାଟ କୋହଲି ପୂର୍ବରୁ ଘୋଷଣା କରି ସାରିଛନ୍ତି। ତେଣୁ ଅଧିନାୟକ ଭାବେ ସେ କ୍ୟାରିୟରର ଶେଷ ୩ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବେ। ଅଶ୍ୱିନଙ୍କ ପ୍ରତି ହେଳା କରିଥିବାରୁ କୋହଲିଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠିଛି। ସାମ୍ପ୍ରତିକ ସମୟରେ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରେ ଅନ୍ୟତମ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଉଛନ୍ତି। ମାତ୍ର ଗତ ଜୁନ୍ ପରେ ତାଙ୍କୁ ଆଉ ଭାରତୀୟ ଜର୍ସିରେ ଦେଖିବାକୁ ମିଳିନାହିଁ। ଅଶ୍ୱିନ ୪ ବର୍ଷ ପରେ ସୀମିତ ଓଭର କ୍ରିକେଟ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏଥିପାଇଁ କୋହଲିଙ୍କୁ ମଧ୍ୟ ଦାୟୀ କରାଯାଉଛି। ଚାପ ସ୍ଥିତିରେ ବରୁଣ ଚକ୍ରବର୍ତ୍ତୀ ଦକ୍ଷତା ଅନୁସାରେ ବୋଲିଂ କରିବାରେ ବିଫଳ ହୋଇଛନ୍ତି। ଏ କ୍ଷେତ୍ରରେ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ଅନୁଭବ କରାଯାଉଛି। ପ୍ରତିଭା ଓ ଦକ୍ଷତା ଦୃଷ୍ଟିରୁ ଭାରତର କୌଣସି ବୋଲର ଅଶ୍ୱିନଙ୍କ ସମକକ୍ଷ ନୁହନ୍ତି ବୋଲି କ୍ରିକେଟ ମହଲରେ ଆଲୋଚନା ହେଉଛି। କେବଳ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରିବାରୁ ଏହି ତାରକା ସ୍ପିନର ୪ ବର୍ଷ ପାଇଁ ଭାରତୀୟ ଦଳରୁ ବାହାରେ ରଖାଯାଇଥିଲା। ଅଶ୍ୱିନଙ୍କ ପରି କ୍ୱାଲିଟି ସ୍ପିନରଙ୍କୁ ଆଫଗାନିସ୍ତାନ ସମ୍ମୁଖୀନ ହୋଇନାହିଁ। ତେଣୁ ତାଙ୍କ ଉପସ୍ଥିତିରୁ ଭାରତକୁ ଫାଇଦା ମିଳିପାରେ। ଓପନିଂ ଯୋଡ଼ି ବାମହାତୀ ହଜ୍ରତୁଲ୍ଲା ଜାଜାଇ ଓ ଫୁଟ୍‌ୱର୍କରେ ତ୍ରୁଟି କରୁଥିବା ମହମ୍ମଦ ଶାହାଜାଦ ଭାରତର ଅଶ୍ୱିନଙ୍କ କୌଶଳ ବିପକ୍ଷରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ନିକଟ ଅତୀତରେ ରୋହିତ ଶର୍ମା ଇନିଂସ ଓପନ କରି ଆସିଥିଲେ। ଏଥିରୁ ତାଙ୍କୁ ବଞ୍ଚିତ କରାଯାଉଥିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଆଫଗାନିସ୍ତାନର ନୂଆବଲ୍ ବୋଲର ଅଭିଜ୍ଞ ହମିଦ ହାସନ ଓ ଯୁବ ପେସର ନବିନ ଉଲ୍ ହକ୍ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ମାତ୍ର ଲୋକେଶ ରାହୁଲ ଓ ରୋହିତଙ୍କ ଯୋଡ଼ି ସେ ଦୁଇ ବୋଲରଙ୍କୁ ନିରାଶ କରିବାର କ୍ଷମତା ରଖିଛନ୍ତି। ଦୁଇଟି ଖରାପ ଗେମ୍ ପରେ ନୂଆ ଭେନ୍ୟୁ ଆବୁଧାବିରେ ଭାରତ କିପରି ଖେଳିବ ତା' ଉପରେ ସମସ୍ତଙ୍କ ନଜର ରହିଛି। ସୂର୍ଯ୍ୟକୁମାର ଯାଦବ ଫିଟ୍ ରହିଲେ ଇଶାନ କିଶନ କିମ୍ବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମଧ୍ୟରୁ ଜଣେ ବାଦ୍ ପଡ଼ିବେ। ଏ କ୍ଷେତ୍ରରେ ହାର୍ଦ୍ଦିକଙ୍କ ବାହାରେ ରହିବା ସମ୍ଭାବନା ଅଧିକ ରହିବ। ଇଶାନ ମିଡଲ ଅର୍ଡରରେ ଖେଳିବେ। ଆଫଗାନିସ୍ତାନ ବିପକ୍ଷ ମ୍ୟାଚର ମିଡଲ ଓଭରଗୁଡ଼ିକରେ ରଶିଦ ଖାଁଙ୍କୁ ମୁକାବିଲା କରିବା ଗୁରୁତ୍ୱପୂର୍ଣ୍ଣ ହେବ। ତାଙ୍କ ସହିତ ଉଇକେଟ-ଟୁ-ଉଇକେଟ ମିଡିୟମ ପେସ୍ ବୋଲିଂ କରୁଥିବା ଗୁଲବଦିନ ନାଇବଙ୍କୁ ମଧ୍ୟ ସତର୍କତାର ସହିତ ଖେଳିବାକୁ ପଡ଼ିବ। ବଡ଼ ସ୍କୋର କରିବାକୁ ହେଲେ ଭାରତକୁ ଆରମ୍ଭରୁ ଆଫଗାନ୍ ସ୍ପିନରଙ୍କୁ ଆକ୍ରମଣାତ୍ମକ ଶୈଳୀରେ ଖେଳିବାକୁ ପଡ଼ିବ। କାକର ସମସ୍ୟାକୁ ଦୃଷ୍ଟିରେ ରଖିଲେ କୋହଲି ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇପାରନ୍ତି।



ରବିଚନ୍ଦ୍ରନ୍ ଅଶ୍ୱିନ

### ଟି୨୦ ବିଶ୍ୱକପ
(ଆଜିର ମ୍ୟାଚ)

**ନ୍ୟୁଜିଲାଣ୍ଡ ବନାମ ସ୍କଟଲାଣ୍ଡ**
ସ୍ଥାନ: ଦୁବାଇ, ସମୟ: ଅପରାହ୍ନ ୩ଟା ୩୦

**ଭାରତ ବନାମ ଆଫଗାନିସ୍ତାନ**
ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ


ନୂଆଦିଲ୍ଲୀରେ ଫୁଟସାଲରେ ଖେଳିବାକୁ ମନୋନୀତ ମଙ୍ଗଳା କ୍ଲବର ଖେଳାଳି।

## ଫୁଟସାଲ ଚାମ୍ପିୟନଶିପ୍‌ରେ ଭାଗନେବ ମଙ୍ଗଳା କ୍ଲବ୍

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

କଟକର ମଙ୍ଗଳା କ୍ଲବ ନୂଆଦିଲ୍ଲୀରେ ହେବାକୁ ଥିବା ହିରୋ ଫୁଟସାଲ ଫୁଟବଲ କ୍ଲବ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଆୟୋଜିତ ଫୁଟସାଲ କ୍ଲବ ଚାମ୍ପିୟନଶିପ୍‌ରେ ମଙ୍ଗଳା କ୍ଲବ ଚାମ୍ପିୟନ ହୋଇଥିଲା। ମଙ୍ଗଳା କ୍ଲବ ଏହାର ପ୍ରଥମ ମ୍ୟାଚ ଆସନ୍ତା ୬ ତାରିଖରେ ସୁଦେଭା ଦିଲ୍ଲୀ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ମଙ୍ଗଳା କ୍ଲବର ସଦସ୍ୟଙ୍କୁ ଶୁଭକାମନା ଜଣାଇଛନ୍ତି।

## ବିପର୍ଯ୍ୟୟକୁ ଅପେକ୍ଷା

**ଗୌତମ ଗମ୍ଭୀର**

ଗତ ରବିବାର ଦିନ ଇଶ୍ ସୋଧିଙ୍କୁ ପରୀକ୍ଷା ଦେବାକୁ ହୋଇଥିଲା। ମ୍ୟାଚ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜଣେ ଭାରତୀୟ ରିପୋର୍ଟର ତାଙ୍କ ପ୍ରଶ୍ନର ଉତ୍ତର ହିନ୍ଦିରେ ଦେବା ଲାଗି କହିଥିଲେ। ଅଜବ ପ୍ରକାର ଦାଢ଼ି ରଖିଥିବା ସୋଧିଙ୍କ ଉତ୍ତର ଅତି ସୁନ୍ଦର ଥିଲା। ସେ କହିଥିଲେ ଆପଣ ମୋର ହିନ୍ଦି ପରୀକ୍ଷା ନେଉଛନ୍ତି। ଯଦି ମୋ ମା' ଏହାର ସିଧାପ୍ରସାରଣ ଦେଖୁଥିବେ ସାମାନ୍ୟ ତ୍ରୁଟି ପାଇଁ ମୁଁ ଅଡୁଆରେ ପଡ଼ିଯିବି। ପରୀକ୍ଷାରେ ସୋଧିଙ୍କୁ ଏ' ଗ୍ରେଡ୍ ମିଳିଥିଲା। ନ୍ୟୁଜିଲାଣ୍ଡର ଏହି ବୋଲର ତାଙ୍କ ୪ ଓଭର ଅସାଧାରଣ ବୋଲିଂରେ ମାତ୍ର ୧୭ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଦୁଇ ମୂଲ୍ୟବାନ ଉଇକେଟ ନେଇଥିଲେ। ମ୍ୟାଚକୁ ନଜର ପକାଇଲେ ସୋଧି ଓ ନ୍ୟୁଜିଲାଣ୍ଡର ଅନ୍ୟ ବୋଲରମାନେ ଭଲ ବୋଲିଂ କରିଥିଲେ କିମ୍ବା ଭାରତର ବ୍ୟାଟିଂ ନୈରାଶ୍ୟଜନକ ଥିଲା ଏଭଳି ଏକ ପ୍ରଶ୍ନ ମନକୁ ଆସେ। ମୁଁ କିନ୍ତୁ ବିପକ୍ଷ ଦଳର ପ୍ରଦର୍ଶନକୁ ପ୍ରଥମେ ସାବାସୀ ଦେବି। କୋହଲି ଓ ତାଙ୍କ ଦଳ ରବିବାର ଯେପରି ଖେଳିଲେ ମୋତେ ମନେ ହେଉଛି ସୋଧି ଆଣ୍ଡ୍ କୋ ସେମାନଙ୍କଠାରୁ ଉନ୍ନତ ଥିଲା। ଦୂରରୁ ନିରୀକ୍ଷଣ କଲେ ମନେ ହେଉଥିଲା ସତେ ଯେମିତି ଏହି ମ୍ୟାଚ ପାଇଁ ଟିମ୍ ଇଣ୍ଡିଆ ହୋମ୍‌ୱାର୍କ କିମ୍ବା ସ୍ଥାନୀୟ କଣ୍ଡିଶନକୁ ତର୍ଜମା କରିନାହିଁ। ସେମାନେ ୧୭୦ରୁ ୧୮୦ରନ ସ୍କୋର ଟାର୍ଗେଟ ରଖି ଖେଳୁଛନ୍ତି। ଖେଳାଳିମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଥିବା ମନେ ହେଉଥିଲା। ଅଯଥା ବଡ଼ ଶଟ୍ ଖେଳିବାକୁ ଯାଇ ଜଣକ ପରେ ଜଣେ ଶୀଘ୍ର ଆଉଟ ହୋଇଥିଲେ। ଦଳର ସ୍କୋର ୧୧୦ରେ ସୀମିତ ରହିଥିଲା। ମ୍ୟାଚରେ ସୂର୍ଯ୍ୟ କୁମାର ଯାଦବଙ୍କୁ ନ ଖେଳାଇବା ଭୁଲ ନିଷ୍ପତ୍ତି ବୋଲି ମୁଁ କହିବି। ଜଣେ ରଣନୀତିଜ୍ଞ ଭାବରେ କୋହଲି କେବେ ମୋତେ ପ୍ରଭାବିତ କରିପାରି ନାହାନ୍ତି। ରବିବାର ମ୍ୟାଚରେ ପୁଣି ତାଙ୍କ ଦୁର୍ବଳତା ପ୍ରକାଶ ପାଇଛି। ପାକିସ୍ତାନ ବିପକ୍ଷରେ ଖେଳିଥିବା ଦଳରେ ଏପରିକି ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନର ଆବଶ୍ୟକ ନ ଥିଲା। ଏମ୍. ଏସ. ଧୋନୀଙ୍କ ସହ ମୁଁ ବହୁବର୍ଷ ହେଲା ଖେଳିଛି। ମାତ୍ର ଗୋଟିଏ ଗେମ୍‌ରେ ଖରାପ ପ୍ରଦର୍ଶନ ପାଇଁ ସେ କେବେ ଦଳରେ ପରିବର୍ତ୍ତନ କରିଥିବା ମୋ ନଜରରେ ନାହିଁ। ଅନ୍ୟ ସପୋର୍ଟ ଷ୍ଟାଫ୍‌ମାନେ କୋହଲିଙ୍କ ନିଷ୍ପତ୍ତିରେ କ୍ୱଚିତ ମୁଣ୍ଡ ଖେଳାଇଥାନ୍ତି। ସେଭଳି କୌଣସି ବଡ଼ ଧରଣର ବିପର୍ଯ୍ୟୟ ନ ଘଟିଲେ କହିବାକୁ ଗଲେ ଆମର ଅଭିଯାନ ଶେଷ ହୋଇଛି। ପ୍ରଥମତଃ ଆମକୁ ବୁଧବାର ଲଢୁଆ ଆଫଗାନିସ୍ତାନକୁ ପରାସ୍ତ କରିବାକୁ ପଡ଼ିବ। **(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ)**

# ପ୍ରମୋଦଙ୍କ ସମେତ ୧୨ ଜଣଙ୍କୁ ଖେଳରତ୍ନ

**ନୂଆଦିଲ୍ଲୀ, ୨।୧୧**

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ସମେତ ୧୨ ଜଣ ଖେଳାଳି ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇବେ। ଜାତୀୟ ଚୟନ କମିଟି ପୂର୍ବରୁ ୧୧ ଜଣଙ୍କ ନାମ ସୁପାରିସ କରିଥିବାବେଳେ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ ସିଂଙ୍କ ନାମ ସେଥିରେ ସାମିଲ କରାଯାଇଛି। ଚୟନ କମିଟିର ସୁପାରିସ ଉପରେ ମଙ୍ଗଳବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମୋହର ଲାଗିଛି। ଫଳରେ ପ୍ରମୋଦ ଖେଳରତ୍ନ ଏବଂ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଅର୍ଜୁନ ପୁରସ୍କାର ପାଇବା ନିଶ୍ଚିତ ହୋଇଯାଇଛି। ଚଳିତ ମାସ ୧୩ ତାରିଖରେ ରାଷ୍ଟ୍ରପତି ଭବନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଖେଳରତ୍ନ ପୁରସ୍କାର ତାଲିକାରେ ସାମିଲ ଥିବା ଅନ୍ୟ ନାମୀ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଅଲିମ୍ପିକ୍ ଚାମ୍ପିୟନ ନୀରଜ ଚୋପ୍ରା ଓ ସିଲଭର ମେଡାଲିଷ୍ଟ ରବି ଦହିୟା। ବୀରେନ୍ଦ୍ର, ଅମିତଙ୍କ ସମେତ ମୋଟ ୩୫ ଜଣଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବିଜେତାମାନେ ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରିବେ। ୧୩ ତାରିଖ ଅପରାହ୍ନ ୪ଟା ୩୦ରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। କୋଭିଡ-୧୯ ମହାମାରୀ କାରଣରୁ ଗତବର୍ଷ ଏହା ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା।

**ବୀରେନ୍ଦ୍ର ଓ ଅମିତଙ୍କୁ ଅର୍ଜୁନ ପୁରସ୍କାର**


ପ୍ରମୋଦ ଭଗତ



ମନପ୍ରୀତ ସିଂ

### ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା ତାଲିକା

**ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା:** ନୀରଜ ଚୋପ୍ରା (ଆଥଲେଟିକ୍ସ), ରବି କୁମାର (ରେସ୍‌ଲିଂ), ଲଭଲିନା ବର୍ଗୋହେନ୍ (ବକ୍ସିଂ), ପି. ଆର୍. ଶ୍ରୀଜେସ୍ (ହକି), ଆଭାନୀ ଲେଖରା (ପାରା ଶୁଟିଂ), ସୁମିତ ଆଣ୍ଟିଲ (ପାରା ଆଥଲେଟିକ୍ସ), ପ୍ରମୋଦ ଭଗତ (ପାରା ବ୍ୟାଡ୍‌ମିଣ୍ଟନ), କ୍ରିଷ୍ଣା ନାଗର( ପାରା ବ୍ୟାଡ୍‌ମିଣ୍ଟନ), ମନୀଷ ନରୱାଲ (ପାରା ଶୁଟିଂ), ମିଥାଲୀ ରାଜ (କ୍ରିକେଟ), ସୁନୀଲ ଛେତ୍ରୀ (ଫୁଟ୍‌ବଲ), ମନପ୍ରୀତ ସିଂ (ହକି)।

**ଅର୍ଜୁନ ପୁରସ୍କାର ବିଜେତା:** ଅର୍ପିନ୍ଦର ସିଂ (ଆଥଲେଟ୍ସ), ସିମରନଜିତ୍ କୌର(ବକ୍ସିଂ), ଶିଖର ଧାୱନ (କ୍ରିକେଟ), ସି.ଏ ଭବାନୀ ଦେବୀ (ଫେନ୍‌ସିଂ), ମୋନିକା (ହକି), ବନ୍ଦନା କାଟାରିୟା (ହକି), ସନ୍ଦୀପ ନରୱାଲ (କବାଡ଼ି), ହିମାନୀ ଉତ୍ତମ ପରବ (ମାଲଖମ୍ବ), ଅଭିଷେକ ବର୍ମା (ଶୁଟିଂ), ଅଙ୍କିତା ରାଇନା (ଟେନିସ), ଦୀପକ ପୁନିଆ (ରେସ୍‌ଲିଂ), ଦିଲପ୍ରୀତ ସିଂ (ହକି), ହରମନପ୍ରୀତ ସିଂ (ହକି), ରୂପିନ୍ଦର ପାଲ ସିଂ (ହକି), ସୁରେନ୍ଦର କୁମାର (ହକି), ଅମିତ ରୋହିଦାସ (ହକି), ବୀରେନ୍ଦ୍ର ଲାକ୍ରା (ହକି), ସୁମିତ (ହକି), ନୀଳକାନ୍ତ ଶର୍ମା (ହକି), ହାର୍ଦ୍ଦିକ ସିଂ (ହକି), ବିବେକ ସାଗର ପ୍ରସାଦ (ହକି), ଗୁରଜାନ୍ତ ସିଂ (ହକି), ମନଦୀପ ସିଂ (ହକି), ସମଶେର ସିଂ (ହକି), ଲଳିତ କୁମାର ଉପାଧ୍ୟାୟ (ହକି), ବରୁଣ କୁମାର (ହକି), ସିମରନଜିତ୍ ସିଂ (ହକି), ଯୋଗେଶ କାଥୁନିଆ (ପାରା ଆଥଲେଟିକ୍ସ), ନିଶାଦ କୁମାର (ପାରା ଆଥଲେଟିକ୍ସ), ପ୍ରବୀଣ କୁମାର(ପାରା ଆଥଲେଟିକ୍ସ), ସୁହାସ ୟାଥିରାଜ (ପାରା ବ୍ୟାଡ୍‌ମିଣ୍ଟନ), ସିଂହରାଜ ଆଧାନା (ପାରା ଶୁଟିଂ), ଭାବିନା ପଟେଲ (ପାରା ଟେବୁଲ ଟେନିସ), ହରବିନ୍ଦର ସିଂ (ପାରା ଆର୍ଚେରୀ) ଓ ଶରଦ କୁମାର (ପାରା ଆଥଲେଟିକ୍ସ)।

## ପାକିସ୍ତାନ ସେମିରେ

**ଆବୁଧାବି, ୨।୧୧:** ଟି୨୦ ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୪୫ ରନରେ ନାମ୍ବିଆକୁ ପରାସ୍ତ କରିଛି। ମହମ୍ମଦ ରିଜୱାନ ଓ ଅଧିନାୟକ ବାବର ଆଜମଙ୍କ ଶତକୀୟ ଓପନିଂ ଭାଗୀଦାରି ବଳରେ ପାକିସ୍ତାନ ୨୦ ଓଭରରେ ୨ ଉଇକେଟ ହରାଇ ୧୮୯ ରନ କରିଥିଲା। ନାମ୍ବିଆ ୨୦ ଓଭରରେ ୫ ଉଇକେଟ ହରାଇ ୧୪୫ ରନ କରିବାକୁ ସକ୍ଷମ ହୋଇଥିଲା। ୪ ମ୍ୟାଚରୁ ୮ ପଏଣ୍ଟ ସହ ପାକିସ୍ତାନ ଗ୍ରପ-୨ରୁ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୮୯/୨(ମହମ୍ମଦ ରିଜୱାନ-୭୯*, ବାବର ଆଜମ-୭୦, ମହମ୍ମଦ ହାଫିଜ-୩୨*, ଡେଭିଡ ୱିଜ-୧/୩୦, ଜାନ୍ ଫ୍ରାୟଲିଙ୍କ୍-୧/୧/୩୧)। ନାମ୍ବିଆ ୨୦ ଓଭରରେ ୧୪୪/୫(ଡେଭିଡ ୱିଜ-୪୩*, କ୍ରେଗ୍ ୱିଲିୟମ୍ସ-୪୦, ଷ୍ଟିଫାନ ବାର୍ଡ-୨୯, ହାସନ ଅଲୀ-୧/୨୨, ଇମାଦ ୱାସିମ-୧/୧୩, ହାରିସ ରୌଫ-୧/୨୫, ଶାଦବ ଖାଁ-୧/୩୫)।

OFFICIAL SPONSOR
ICC MEN'S T20 WORLD CUP 2021
SEAGRAM'S
ROYAL STAG
PACKAGED DRINKING WATER
#InItToWinIt

# ଶ୍ୱେତପଦ୍ମା, ବିକାଶ ଚାମ୍ପିୟନ

**ରାଜ୍ୟ ଟେବୁଲ ଟେନିସ ଉଦ୍‌ଯାପିତ**

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୨୭ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗ ଫାଇନାଲରେ ଗୁରୁ ନାନକ ପବ୍ଲିକ୍ ସ୍କୁଲର ଶ୍ୱେତପଦ୍ମା ଦଳାଇ ଓ ପୁରୁଷରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ବିକାଶ ସିଂ ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଶ୍ୱେତପଦ୍ମା ୪-୦(୧୧-୨, ୧୧-୭, ୧୧-୨, ୧୧-୫)ରେ ଅଞ୍ଜଳି ଅଗ୍ରୱାଲଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ବିକାଶ ୪-୧(୧୧-୪୭-୧୧, ୧୧-୫, ୧୧-୮, ୧୧-୪)ରେ କଟକର ଏମ୍ ଈଶ୍ୱର ରାଓଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ୧୧ ବର୍ଷରୁ କମ୍ ବାଳକ ବର୍ଗରେ ଶୁଭଙ୍କର ମାହାଲି ୩-୨ରେ ଆରୁଶ ମାଣିଆଙ୍କୁ, ୧୩ ବର୍ଷରୁ କମ୍ ବାଳକରେ ଜିଜ୍ଞାଶୁ ସାହୁ ୪-୨ରେ ଫରଜ ରାଜାଙ୍କୁ, ୧୭ ବର୍ଷରୁ କମ୍ ବାଳିକାରେ ଶ୍ୱେତପଦ୍ମା ୪-୦ରେ ସୁଶ୍ରୀ ପଟ୍ଟନାୟକଙ୍କୁ, ୧୭ ବର୍ଷରୁ କମ୍ ବାଳକରେ ଜିଜ୍ଞାଶୁ ୪-୨ରେ ଫରଜ ରାଜାଙ୍କୁ, ୧୫ ବର୍ଷରୁ କମ୍ ବାଳକରେ ଜିଜ୍ଞାଶୁ ୪-୦ରେ ଆୟାନ ମୁସ୍ତାକଙ୍କୁ ଏବଂ ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ମୋହିତ ବେହୁରାୟ ୪-୧ରେ ଅବିନାଶ ତ୍ରିପାଠୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚଇନି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନୀହାର ରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଜୟଦିତ ଦେବତା, କଟକ ଡିଏସ୍‌ଓ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ପ୍ରଥମ ପଦକ ପକ୍କା କଲେ ଆକାଶ

**ବେଲଗ୍ରେଡ୍, ୨।୧୧ (ପି.ଟି.):** ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବା) ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଆକାଶ କୁମାର (୫୪କେଜି) ତାଙ୍କ ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେ ଭାରତ ପାଇଁ ପ୍ରଥମ ପଦକ ପକ୍କା କରିଛନ୍ତି। ମଙ୍ଗଳବାର କ୍ୱାର୍ଟରଫାଇନାଲରେ ସେ ପୂର୍ବତନ ଅଲିମ୍ପିକ ରୌପ୍ୟ ବିଜେତା ଭେନିଜୁଏଲାର ୟୋଲ ଫିନୋଲ୍ ରିଭାସ୍‌ଙ୍କୁ ହରାଇ ଦେଇଛନ୍ତି। ୫ଥର ଏସିଆନ ପଦକ ବିଜେତା ଶିବ ଥାପା (୬୩.୫ କେଜି) କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହାଦ୍ୱାରା ବିଶ୍ୱ ଚାମ୍ପିୟନଶିପ୍‌ରେ ଜଣେ ଭାରତୀୟ ବକ୍ସର ଭାବେ ଦୁଇଟି ପଦକ ଜିତିବା ଗୌରବ ହାସଲ କରିବା ପାଇଁ ଆଉ ଗୋଟିଏ ପାଦ ପଛରେ ରହିଛନ୍ତି। ଆସାମର ଏହି ୨୭ ବର୍ଷୀୟ ବକ୍ସର ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏକ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଫ୍ରାନ୍ସର ଲୋନେସ୍ ହାମ୍ରାଓଇଙ୍କୁ ୪-୧ରେ ହରାଇ ଦେଇଛନ୍ତି। ଥାପା ଦୋହା ଟୁର୍ନାମେଣ୍ଟର ୨୦୧୫ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ତାରିଖ ଘୋଷଣା ଅବସରରେ ଅତିଥିମାନେ ବ୍ରୋଚର ଉନ୍ମୋଚନ କରୁଛନ୍ତି।

## ଭୁବନେଶ୍ୱରରେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

**ଡିସେମ୍ବର ୨୪ରୁ ୨୬ ହେବ ଟୁର୍ନାମେଣ୍ଟ**

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ୪ର୍ଥ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହା ଆଗାମୀ ଡିସେମ୍ବର ୨୪ରୁ ୨୬ ପର୍ଯ୍ୟନ୍ତ ଚାଲିବ। ମ୍ୟାଚଗୁଡ଼ିକ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ଖେଳାଯିବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା (ଏପଏସ୍‌ଏଓ) ଆନୁକୂଲ୍ୟରେ 'ଲେଟ୍ସ ରାଲି ଟୁଗେଦର' ମୋଟୋ ନେଇ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପ୍ରତି ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ), ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀ ଓ କେ.ସି. ମେମୋରିଆଲ ଟ୍ରଷ୍ଟର ସମର୍ଥନ ରହିଛି। ଏଥିରେ ପାରାଲିମ୍ପିଆନ, ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ବିଜେତା ଏବଂ ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ସମେତ ପାଖାପାଖି ୪୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ଏହି ଚାମ୍ପିୟନଶିପ୍ ହେବା ଦ୍ୱାରା ଓଡ଼ିଶାର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ବାହାରୁ ଆସୁଥିବା ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳିଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସହ ସେମାନଙ୍କ ଖେଳକୁ ନିକଟରୁ ଦେଖିପାରିବେ। ଖବରଦାତା ସମ୍ମିଳନୀରେ ଓଡ଼ିଶାର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ ଉପସ୍ଥିତ ଥିଲେ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଡିଆ)ର ଚେୟାରମ୍ୟାନ କେ. ପ୍ରଭାକର ରାଓ ଜାତୀୟ ଚାମ୍ପିୟନଶିପ୍‌ର ତାରିଖ ଘୋଷଣା କରିବା ସହ ଜର୍ସି ଓ ଟୁର୍ନାମେଣ୍ଟ ବ୍ରୋଚର ଉନ୍ମୋଚନ କରିଥିଲେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଲୋକନାଥ ମହାନ୍ତି, ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ, କେ.ସି. ମେମୋରିଆଲ ଟ୍ରଷ୍ଟର ଚେୟାରମ୍ୟାନ ସୂର୍ଯ୍ୟକାନ୍ତ ମିଶ୍ର, ଉଡାନ ଏକାଡେମୀର ଚେୟାରମ୍ୟାନ ଅଶୋକ ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପକ୍ଷରୁ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୩/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Wednesday, November 3/2021



# କଂଗ୍ରେସ କର୍ମୀଙ୍କୁ ମାଡ଼, ଭାଜପା କର୍ମୀ ଅଟକ

**ସମ୍ବଲପୁର/କୁଚିଣ୍ଡା,୨।୧୧ (ବ୍ୟୁରୋ/ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବଲପୁର ଗସ୍ତରେ ଆସି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରିବା ସହ ୧୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ଭାଜପା ବିରୋଧ କରିଥିବା ବେଳେ କଂଗ୍ରେସ ଦଳ କଳା ପତାକା ଦେଖାଇ ପ୍ରତିବାଦ କରିଥିଲା। ଯୁବ କଂଗ୍ରେସ କର୍ମୀ ତଥା କୁଚିଣ୍ଡା ଉପଖଣ୍ଡ ସଭାପତି ଜୟନ୍ତ କିଷାନଙ୍କ ନେତୃତ୍ୱରେ କର୍ମୀମାନେ କଳା ପତାକା ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ। ସେଠାରେ ମମିତା ମେହେର ହତ୍ୟା ଘଟଣାର ପ୍ରତିବାଦ କରି ବିକ୍ଷୋଭ କରିଥିଲେ। ଏହି ସମୟରେ ବିଜେଡିର ଦଳୀୟ ପତାକା ଧରିଥିବା କେତେଜଣ ଯୁବକ ମାର୍‌ପିଟ ଆରମ୍ଭ କରିଥିଲେ। ସେମାନେ ଗୋଇଠା, ମୁଥ ମାରୁଥିବା ଭିଡିଓ ମଧ୍ୟ ଭାଇରାଲ ହୋଇଛି। ଏଥିରେ ଆହତ ଜୟନ୍ତଙ୍କୁ ପୋଲିସ ଉଦ୍ଧାର କରି କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲା। ପରେ କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, ସସ୍ମିତା ରାଣୀ ଦେହୁରି, ସୁତପା ମିତ୍ର, ବିଜୟ ଲକ୍ଷ୍ମୀ ବେହେରା ଜୟନ୍ତଙ୍କୁ ମେଡିକାଲରେ ଭେଟିଥିଲେ।

ଜିଲା ସଭାପତି ଗୁରୁ କହିଛନ୍ତି, ଗଣତାନ୍ତ୍ରିକ ଉପାୟରେ ବିରୋଧ ଓ ପ୍ରତିବାଦ କରିବା ଅଧିକାର ସମସ୍ତଙ୍କର ରହିଛି। ହେଲେ ଏଠାରେ ବିଜେଡିର ଭଡ଼ାଟିଆ ଗୁଣ୍ଡାମାନେ ହିଂସା କରୁଛନ୍ତି। ସେମାନେ ମାରପିଟ କରି ସତ୍ୟକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ହେଲେ ମମିତା ମେହେର ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଦଳ ଆନ୍ଦୋଳନ କରିବ। ଏହି ଘଟଣାକୁ ନିନ୍ଦା କରାଯାଇ ବୁଧବାର ୧୨ ଘଣ୍ଟିଆ କୁଚିଣ୍ଡା ବନ୍ଦ ଡାକରା ଦିଆଯାଇଛି ବୋଲି କହିଥିଲେ।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ସୋମବାର ରାତିଠାରୁ ମଙ୍ଗଳବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭାଜପା ନେତା ଓ କର୍ମୀମାନଙ୍କୁ ପାଲିସ ଜିଲାର ବିଭିନ୍ନ ଥାନାରେ ଅଟକ ରଖିଥିଲା। ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ଅଟକ ରଖାଯାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିବାରୁ ହିଂସା କରାଯାଇଛି। ତେଣୁ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୁଚିଣ୍ଡା ବନ୍ଦ ଡାକରା ଦିଆଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଗଣମାଧ୍ୟମ ପ୍ରଭାରୀ ମାନସ ବକ୍ସି ସୂଚନା ଦେଇ କହିଛନ୍ତି, କୁଚିଣ୍ଡା ଅଞ୍ଚଳରେ କାର୍ଯ୍ୟକ୍ରମ କରି ହିଂସା କରାଯାଇଛି। ଏହା ନିନ୍ଦନୀୟ ଓ ଅଗଣତାନ୍ତ୍ରିକ। ତେଣୁ ବନ୍ଦ କରାଯାଉଛି। ଏଥିରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଜାତୀୟ ରାଜପଥ ବନ୍ଦ ରହିବ। ଜରୁରୀ ସେବାକୁ ବାଦ୍ ଦିଆଯାଇଛି ବୋଲି ମାନସ କହିଛନ୍ତି।



କୁଚିଣ୍ଡାରେ କଂଗ୍ରେସ କର୍ମୀଙ୍କୁ ମାରପିଟ କରାଯାଉଛି ।

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ**

**ଉଭୟ ଦଳର ୧୨ ଘଣ୍ଟିଆ ବନ୍ଦ ଆଜି**



କୁଚିଣ୍ଡା ମେଡିକାଲରେ ଚିକିତ୍ସିତ ହେଉଛନ୍ତି ଜୟନ୍ତ।

# ନୂଆ ଦଳ ଗଢ଼ିଲେ ଅମରିନ୍ଦର

**ଚଣ୍ଡିଗଡ଼, ୨।୧୧**

**କଂଗ୍ରେସରୁ ଇସ୍ତଫା**



ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ମଙ୍ଗଳବାର କଂଗ୍ରେସରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବା ସହ ନୂଆ ଦଳ ଗଢ଼ିଛନ୍ତି। ନୂଆ ଦଳ ନାଁ ପଞ୍ଜାବ ଲୋକ କଂଗ୍ରେସ ରଖାଯାଇଥିବା ସେ ସୂଚନା ଦେଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ଭାଜପା ସହ ମେଣ୍ଟ କରିପାରେ ବୋଲି ଚର୍ଚ୍ଚା ହେଉଛି। ଦଳର ପଞ୍ଜୀକରଣ ଲାଗି ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରାଯାଇଛି। ପ୍ରସ୍ତାବିତ ନାମକୁ ନେଇ ନିର୍ବାଚନ କମିଶନଙ୍କର କୌଣସି ଆପତ୍ତି ନ ଥିବା ଅମରିନ୍ଦର କହିଛନ୍ତି। ଦଳ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବା ସମୟରେ ଏହାର ନୀତି, କାର୍ଯ୍ୟକ୍ରମ, ଏଜେଣ୍ଡା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ।

ଅମରିନ୍ଦର ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ୭ ପୃଷ୍ଠାର ଇସ୍ତଫା ପତ୍ର ପଠାଇଥିଲେ। ସୋନିଆ ଓ ତାଙ୍କ ପିଲାମାନଙ୍କ ବ୍ୟବହାର ତାଙ୍କୁ ଗଭୀର ଆଘାତ ଦେଇଥିଲା ବୋଲି ସେ ଇସ୍ତଫାପତ୍ରରେ ଲେଖିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ କ୍ଷମତା କନ୍ଦଳକୁ ନେଇ ଗତ ସେପ୍ଟେମ୍ବରରେ ଅମରିନ୍ଦର ପଞ୍ଜାବ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସକୁ ଫେରିବା ନେଇ ହେଉଥିବା ଚର୍ଚ୍ଚାକୁ ପୂର୍ବରୁ ସେ ଖଣ୍ଡନ କରିବା ସହ ବିଧାନସଭା ନିର୍ବାଚନ ପୂର୍ବରୁ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ସୂଚନା ଦେଇଥିଲେ। ଚାଷୀଙ୍କ ସମସ୍ୟାର ସମାଧାନ ହୋଇଗଲେ ସେ ଭାଜପା ସହ ଆଗାମୀ ନିର୍ବାଚନରେ ଆସନ ବୁଝାମଣା କରିବା ନେଇ ଆଶାବାଦୀ ଥିବା ପୂର୍ବରୁ କହିଥିଲେ।

# ଝିମ୍‌ଚୁଙ୍ଗର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ନାଗାଲାଣ୍ଡରେ ନବାଗତ**



ଏସ୍. କେଓଶୁ ଝିମ୍‌ଚୁଙ୍ଗର

ନୂଆଦିଲ୍ଲୀ: ନାଗାଲାଣ୍ଡର ଶାମାଟୋର-ଚେସୋର ବିଧାନସଭା ଆସନ ପାଇଁ ମଧ୍ୟ ଅକ୍ଟୋବର ୩୦ରେ ନିର୍ବାଚନ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ସେଠାକାର ନ୍ୟାଶନାଲ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) ପ୍ରାର୍ଥୀ ଏସ୍. କେଓଶୁ ଝିମ୍‌ଚୁଙ୍ଗର ଗତ ୧୩ ତାରିଖରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ପ୍ରାଥମିକ ସ୍କୁଲରେ ଶିକ୍ଷକତା କରୁଥିବା ଝିମ୍‌ଚୁଙ୍ଗର ରାଜନୀତିରେ ନୂଆ ହୋଇଥିବାରୁ ନାଗାଲାଣ୍ଡରେ ନବଗଠିତ ବିରୋଧୀ ବିହୀନ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏ)ର ସମର୍ଥନ ପାଇଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ଭାଜପା, ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍) ଏବଂ ୨ ସ୍ୱାଧୀନ ବିଧାୟକ ସମର୍ଥନ କରିଥିଲେ। ଏହି ଆସନରୁ ପ୍ରତିନିଧିତ୍ୱ କରୁଥିବା ଏନ୍‌ଡିପିପି ବିଧାୟକ ତୋଶୀ ୱୁଙ୍ଗ୍‌ତୁଙ୍ଗ୍‌ଙ୍କ ଗତ ଜୁଲାଇରେ ପରଲୋକ ହୋଇଥିବାରୁ ଏଠାରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ତେବେ ନବାଗତ ଝିମ୍‌ଚୁଙ୍ଗରଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦଖଲ କରି ନ ଥିଲେ। ଫଳରେ ନିର୍ବାଚନ ଅଧିକାରୀ ତାଙ୍କୁ ବିଜୟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଝିମ୍‌ଚୁଙ୍ଗରଙ୍କ ବିଜୟ ସହ ୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଏନ୍‌ଡିପିପି ସଦସ୍ୟଙ୍କ ସଂଖ୍ୟା ୨୧ରେ ସ୍ଥିର ରହିଛି। ଏନ୍‌ପିଏଫ୍‌ର ୨୫, ଭାଜପାର ୧୨ ଏବଂ ଅନ୍ୟ ୨ ସ୍ୱାଧୀନ ବିଧାୟକ ଗୃହର ସଦସ୍ୟ ରହିଛନ୍ତି।

# ୧୪ରୁ ୧୯ ରାଜ୍ୟରେ ଜନଜାଗରଣ ଯାତ୍ରା

**କେନ୍ଦ୍ର ଓ ରାଜ୍ୟର ବିଫଳତା ନେଇ ଲୋକଙ୍କ ପାଖକୁ ଯିବ କଂଗ୍ରେସ**

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ୩ କୃଷକ ବିରୋଧୀ ଆଇନର ପ୍ରତ୍ୟାହାର, ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତି ମୁତାବକ ପ୍ରତିବର୍ଷ ୨ କୋଟି ନିଯୁକ୍ତି ଦେବା କ୍ଷେତ୍ରରେ ବିଫଳତା ଆଦି ପ୍ରସଙ୍ଗ ଲୋକଲୋଚନକୁ ଆସିବା ଦରକାର। କେନ୍ଦ୍ର ସରକାରଙ୍କ ଏହି ବିଫଳତା କଥା ଲୋକଙ୍କ ପାଖରେ ଉଚିତ ଢଙ୍ଗରେ ଉପସ୍ଥାପନ କରିବା ଜରୁରୀ। ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କଂଗ୍ରେସ ପ୍ରତି ବିଶ୍ୱାସଘାତକତା କରି ଦଳ ଛାଡ଼ି ଚାଲିଯାଇଥିବା ନେତାଙ୍କୁ ରାଜ୍ୟବାସୀ ଉଚିତ ଶିକ୍ଷା ଦେବେ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକରେ ଆଲୋଚନା କରାଯାଇଛି। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଏକତ୍ର ଭାବେ ଲଢ଼ି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର, ବିଫଳତାକୁ ଲୋକଲୋଚନକୁ ଆଣି କଂଗ୍ରେସକୁ ବିଜୟୀ କରିବା ନେଇ ସଂକଳ୍ପ ଘୋଷଣା କରାଯାଇଛି। ରାଜ୍ୟରେ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ୧୦ ଲକ୍ଷ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବା ସହିତ ନିଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶରେ ନଭେମ୍ବର ୧୪ରୁ ୨୯ ସାରା ରାଜ୍ୟରେ ଜନଜାଗରଣ ଯାତ୍ରା ଆୟୋଜନ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

ଓପିସିସି ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ସୋମବାର କଂଗ୍ରେସ ଭବନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନୈତିକ ପ୍ରସ୍ତାବ, ନାରୀ ନିର୍ଯାତନା ଓ ଆଇନ ଶୃଙ୍ଖଳା ଦୁଃସ୍ଥିତି ପ୍ରସ୍ତାବ, ଅର୍ଥନୈତିକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଛି। ବରିଷ୍ଠ ନେତା ଗଣେଶ୍ୱର ବେହେରା ରାଜନୈତିକ ପ୍ରସ୍ତାବ ଆଗତ କରିଥିବା ବେଳେ ପିସିସି ମୁଖପାତ୍ର ସୁଦର୍ଶନ ଦାସ ଏହାକୁ ସମର୍ଥନ କରିଥିଲେ। ମମିତା ମେହେର ହତ୍ୟା ଘଟଣାରେ ନଭେମ୍ବର ୧୨ ତାରିଖରେ ଓଡ଼ିଶା ବନ୍ଦ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ନିରଞ୍ଜନ କହିଛନ୍ତି, କଂଗ୍ରେସକୁ କ୍ଷମତାସୀନ କରିବା ଆମର ଏକମାତ୍ର ଲକ୍ଷ୍ୟ। ଏଥିପାଇଁ ସେ ସମସ୍ତ ନେତା ଓ କର୍ମୀଙ୍କ ସହଯୋଗ କାମନା କରିଛନ୍ତି। ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ବୃଦ୍ଧି ପାଉଛି। କଂଗ୍ରେସ ତା'ର ସୁଯୋଗ ନେବା ସମୟ ଆସିଛି। ଦଳୀୟ ଅନୁଶାସନ ସଙ୍ଗଠନ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଦଳର ଅନୁଶାସନ ଭଙ୍ଗକଲେ କାହାରିକୁ ଆଉ କ୍ଷମା ଦିଆଯିବା ପ୍ରଶ୍ନ ଉଠୁନାହିଁ ବୋଲି ଦୃଢ଼ ସ୍ୱରରେ ସେ ସତର୍କ କରାଇଦେଇଛନ୍ତି। ଶେଷରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଲୁକା ବିବୃତି ଦେଇ ଖସିପାରିବେନି ଦିବ୍ୟଶଙ୍କର: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟା ଘଟଣାରେ କୌଣସି ସମ୍ପୃକ୍ତି ନ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିବା ବେଳେ ଏହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ କହିଛନ୍ତି। ମନ୍ତ୍ରୀ ଗଣମାଧ୍ୟମ ଆଗରେ ହାଲୁକା ବିବୃତି ଦେଇ ଖସିପାରିବେ ନାହିଁ। ଏହି ଘଟଣାରେ ତାଙ୍କର ସମ୍ପୃକ୍ତି ରହିଛି କି ନାହିଁ ତାହାର ଉତ୍ତର ହଁ କିମ୍ବା ନା ରେ କୁହନ୍ତୁ ବୋଲି ସତ୍ୟପ୍ରକାଶ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ କହିଛନ୍ତି, ରାୟପୁରସ୍ଥିତ ବାସଭବନରେ ମନ୍ତ୍ରୀଙ୍କ ସହ ମମିତା ମେହେର ଓ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସାକ୍ଷାତ ହୋଇଥିବା ଅଭିଯୋଗ ଉଠୁଛି। ଏହି ଅଭିଯୋଗ ଯଦି ଭିତ୍ତିହୀନ ତେବେ ଉକ୍ତ ୩ ଜଣଙ୍କ ଫୋନ୍‌ର ସିଡିଆର୍ କାହିଁକି ଯାଞ୍ଚ ହେଉନାହିଁ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୨୦ ଦିନ ହେଲା ଏହି ଘଟଣା ନେଇ ରାଜ୍ୟରେ ତୁମ୍ବିତୋଫାନ ଚାଲିଛି। ମମିତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ବିରୋଧୀ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜେଡି ପକ୍ଷରୁ କୁହାଗଲା। ଅପରପକ୍ଷେ ମନ୍ତ୍ରୀ ମାମଲାର ଭୟ ଦେଖାଉଛନ୍ତି। ଯଦି ମନ୍ତ୍ରୀଙ୍କଠାରେ ପ୍ରକୃତରେ ଫୌଜିର ରକ୍ତ ଅଛି ତେବେ ସେ ଇସ୍ତଫା ଦିଅନ୍ତୁ ବୋଲି ସତ୍ୟପ୍ରକାଶ କହିଛନ୍ତି। ମନ୍ତ୍ରୀ ସେଠାକୁ ଯାଇ ନ ଥିବା ପୋଲିସ ମଧ୍ୟ ସ୍ପଷ୍ଟ କରୁନାହିଁ। ମୁଖ୍ୟ ଅଭିଯୁକ୍ତ ଜଙ୍ଗଲ ଜମି ଜବରଦଖଲ କରି ଫାର୍ମ ହାଉସ କରିଥିଲେ। ଜଣେ ଜମିମାଫିଆଙ୍କୁ ମନ୍ତ୍ରୀ କିଭଳି ପାଖରେ ବସାଉଥିଲେ। ୧୦ ଦିନ ଭିତରେ ଦିବ୍ୟଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ନ କରାଗଲେ ୧୨ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି ବୋଲି ସେ କହିଛନ୍ତି।

# ଗୃହରାଷ୍ଟ୍ରମନ୍ତ୍ରୀଙ୍କ ନାଁରେ ଏତଲା

**ନିମାପଡ଼ା,୨।୧୧(ଡି.ଏନ୍.ଏ.)**

ମମିତା ମେହେରଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଏବଂ ମନ୍ତ୍ରିମଣ୍ଡଳୀରୁ ବହିଷ୍କାର କରିବା ଦାବିରେ ନିମାପଡ଼ା ଭାଜପା ପକ୍ଷରୁ ମଙ୍ଗଳବାର ଶତାଧିକ କର୍ମୀ ନାରାବାଜି ଦେଇ ନିମାପଡ଼ା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏ ନେଇ ଦଳ ପକ୍ଷରୁ ଥାନାରେ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ଏକ ଏତଲା ଦିଆଯାଇଥିଲା। ଏହି ଅବସରରେ ଆନ୍ଦୋଳନସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥି ଭାବେ ଭାଜପା ନେତା ମାନସ ପ୍ରଧାନ, ଦିଲୀପ ପାତ୍ର, ଯତୀନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ମୀନଲତା ମହାନ୍ତି, ସସ୍ମିତା ସାମନ୍ତରାୟ, ମୀନାକ୍ଷୀ ଦାସ, କଳ୍ପନା ଜେନା, ମାମିନା ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ସଭା ପୂର୍ବରୁ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଥାନା ଘେରାଉ କରିଥିଲେ।

## ଏସ୍‌ପିରେ ମିଶିବ ଶିବପାଲ୍‌ଙ୍କ ଦଳ

**ଲକ୍ଷ୍ନୌ, ୨।୧୧**

ସମାଜବାଦୀ ପାର୍ଟି (ଏସ୍‌ପି)ରେ ଶିବପାଲ ସିଂ ଯାଦବଙ୍କ ପ୍ରଗତିଶୀଳ ସମାଜବାଦୀ ପାର୍ଟି ଲୋହିଆ (ପିଏସ୍‌ପିଏଲ୍) ମିଶିପାରେ। ତାଙ୍କ ଦଳର ସମସ୍ତ କର୍ମୀଙ୍କୁ ମର୍ଯ୍ୟାଦାର ସହ ସ୍ୱାଗତ କରାଗଲେ ସେ ନିଜ ଦଳକୁ ଏସ୍‌ପିରେ ମିଶ୍ରଣ କରିବାକୁ ପ୍ରସ୍ତୁତ ଥିବା ଶିବପାଲ ଖବରଦାତାମାନଙ୍କୁ କହିଛନ୍ତି।

# ଜିଲା ପରିଷଦ ସଭ୍ୟ-ପୋଲିସ ମୁହାଁମୁହିଁ

**ବାରିପଦା ଅଫିସ,୨।୧୧**



ପୋଲିସ – ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ଚାଲିଛି।

- ଜିଲା ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ
- ପୋଲିସ ଉଠାଇ ନେବା ବେଳେ ଉତ୍ତେଜନା, ଠେଲାପେଲା

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭାଜପା ଜିଲା ପରିଷଦ ସଦସ୍ୟ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଧାରଣାରେ ବସିଥିବା ବେଳେ ପୋଲିସ ସେମାନଙ୍କୁ ଉଠାଇ ନେବାରୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଜିଲା ପରିଷଦ ସଭ୍ୟମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥଲେ। ଫଳରେ ଭିତରେ ଥିବା କର୍ମଚାରମାନେ ସନ୍ଧ୍ୟା ପର୍ଯ୍ୟନ୍ତ ବାହାରି ପାରି ନ ଥିଲେ। ଖବର ପାଇ ବାରିପଦା ତହସିଲଦାର ବିକ୍ରମ ପରିଡ଼ା ଓ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ଏନେଇ କଥା କଟାକଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ବଳପ୍ରୟୋଗ କରି ୫ ଜିଲା ପରିଷଦ ସଭ୍ୟଙ୍କୁ ଉଠାଇ ନେଇଥିଲା। କାର୍ଯ୍ୟାଳୟରେ ପଡ଼ିଥିବା ତାଲାକୁ ପୋଲିସ ଖୋଲିବା ସମୟରେ ଠେଲାପେଲା ପର୍ଯ୍ୟନ୍ତ କଥା ଯାଇଥିଲା।

ସୂଚନା ଅନୁଯାୟୀ, ଜିଲା ପରିଷଦ ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଯାଉ ନ ଥିବା ଓ ନିର୍ମାଣ କାର୍ଯ୍ୟର ବିଲ୍ ପୈଠ ହେଉ ନ ଥିବା ଜିଲା ପରିଷଦ ସଦସ୍ୟାସଦସ୍ୟମାନେ ଅଭିଯୋଗ କରିଛନ୍ତି । ଜିଲାର ବିଭିନ୍ନ ଗାଁକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିମନ୍ତେ ସରକାରଙ୍କ ପ୍ରକଳ୍ପଗୁଡ଼ିକ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ୨୦୨୦-୨୧ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କାର ଜଳ ଯୋଗାଣ ପ୍ରକଳ୍ପକୁ ନେଇ ଜିଲା ପରିଷଦ ସଦସ୍ୟାସଦସ୍ୟମାନେ ଚିଠା ପ୍ରଦାନ କରିଥିଲେ ହେଁ ପ୍ରକଳ୍ପ ଆରମ୍ଭ ନେଇ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। ଏନେଇ ଜିଲା ପରିଷଦ ସଦସ୍ୟମାନେ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଉକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଜଣାଇଥିଲେ। ମାତ୍ର କିଛି ସୁଫଳ ନ ମିଳିବାରୁ ୧୫ରୁ ଊର୍ଦ୍ଧ୍ୱ ଜିଲାପରିଷଦ ସଦସ୍ୟା ସଦସ୍ୟ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ଧାରଣାରେ ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ସୁଧୀର ବେହେରା, ଗୀତା ହେମ୍ବ୍ରମ, ମିନତୀ ପାତ୍ର, ଜୟନ୍ତୀ ସିଂ, ଶିରିଶ ମହାନ୍ତ, କୁଥମେନ୍ଦ୍ର ସେଠୀ, ସଂଯୁକ୍ତା ରାଉତ, କାନନମୟୀ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ମମିତାଙ୍କ ପାଇଁ ଦୀପ ଜାଳିବାକୁ ଭାଜପାର ନିବେଦନ




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି ଓ ଅନ୍ୟମାନେ।

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟାକାଣ୍ଡକୁ ୨୫ ଦିନ ବିତିଗଲାଣି । ମମିତା ଏବଂ ତାଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ସମଗ୍ର ରାଜ୍ୟବାସୀ ଏକାଠି ହୋଇ ସ୍ୱର ଉଠାଇଛନ୍ତି । ସେହି ଦୃଷ୍ଟିରୁ ମମିତା ଏବଂ ତାଙ୍କ ପରିବାରକୁ ନ୍ୟାୟ ମିଳୁ, ଏହା ହିଁ ସାଢେ ୪ କୋଟି ଓଡ଼ିଆଙ୍କ ଆକାଂକ୍ଷା । ମମିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପବିତ୍ର ଦୀପାବଳି ଦିନ ଗୋଟିଏ ଲେଖାଏ ଦୀପ ପ୍ରଜ୍ଜ୍ୱଳନ କରିବାକୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓଡ଼ିଶା ତଥା ରାଜ୍ୟ ବାହାରେ ଥିବା ଏକ କୋଟି ଓଡ଼ିଆ ପରିବାରକୁ ବିନମ୍ର ନିବେଦନ କରିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, "ବିଜେଡି ଶାସନରେ, ମହିଳା ବିପଦରେ ।" ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି-୨୦୨୦ ରିପୋର୍ଟ ଅନୁଯାୟୀ ରାଜ୍ୟରେ ମହିଳା ହିଂସା ଓ ନିର୍ଯାତନା କ୍ରମାଗତଭାବେ ବୃଦ୍ଧି ପାଇଚାଲିଛି। ନାରୀ ଅପହରଣ, ବଳାତ୍କାର, ନିଖୋଜ, ଏସିଡ୍ ଆକ୍ରମଣ, ସାଇବର ଅପରାଧରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଲଜ୍ଜା ଓ ଚିନ୍ତାର କାରଣ ସାଜିଛି।

ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୩/୨୦୨୧ | Sambalpur, Wednesday, November 3/2021 | ପୃଷ୍ଠା-୧




ସମ୍ବଲପୁର ଜିଲା କୁଚିଣ୍ଡାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରୁଛନ୍ତି । ନିକଟରେ ଅଛନ୍ତି '୫-ଟି' ସଚିବ ଭି.କେ. ପାଣ୍ଡିଆନ୍, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ।

# ୧୫୦୦ କୋଟିର ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

**ସମ୍ବଲପୁର/କୁଚିଣ୍ଡା,୨।୧୧ (ବ୍ୟୁରୋ/ଡି.ଏନ.ଏ.)**

- ସମ୍ବଲପୁରରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ
- ଦୁର୍ଘଟଣା ଆହତଙ୍କ ପାଇଁ ୧୪୭ କୋଟିର ପାଣ୍ଠି

ଆଉ ଦୁଇଦିନ ପରେ ଆଲୋକର ପର୍ବ ଦୀପାବଳି। ଏହି ଅବସରରେ ମଙ୍ଗଳବାର ସମ୍ବଲପୁର ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାବାସୀଙ୍କୁ ଦୀପାବଳି ଭେଟି ଦେଇଛନ୍ତି। କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହା ଦ୍ୱାରା ଜିଲାର ୭ଲକ୍ଷ ୭୪ହଜାର ପରିବାର ଉପକୃତ ହେବେ। ଏଥିସହ ସମଗ୍ର ଜିଲାରେ ୧୫୫୪ କୋଟି ଟଙ୍କାର ୪୮ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ବଲପୁର ଜିଲା ତା'ର କଳା, ସଂସ୍କୃତି, ପରମ୍ପରା ପାଇଁ ଦେଶ ତଥା ଦେଶ ବାହାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସମ୍ବଲପୁରୀ ଶାଢ଼ି, ଗୀତ, ନୃତ୍ୟ ପାଇଁ ଜିଲା ପରିଚିତ। ଜିଲା ବିକାଶ ପଥରେ ଆଗେଇ ଚାଲିଛି। ସମଲେଇଙ୍କ ଆଶୀର୍ବାଦ ଭିକ୍ଷା ପାଇଁ ଲକ୍ଷାଧିକ ଭକ୍ତ ଏଠାକୁ ଆସୁଛନ୍ତି। ତେଣୁ ସମଲେଇ ଯୋଜନାରେ ପାରିପାର୍ଶ୍ୱିକ ବିକାଶ କାମ ହାତକୁ ନିଆଯାଇଛି। ଏଥିରେ ଜିଲାବାସୀଙ୍କ ସହଯୋଗ ଆବଶ୍ୟକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ଦ୍ୱାରା ରାଜ୍ୟରେ ୯୬ ଲକ୍ଷ ପରିବାରର ସାଢେ ୩ କୋଟି ଲୋକ ଉପକୃତ ହେବେ। ଚିକିତ୍ସା ପାଇଁ ଆର୍ଥିକ ସମସ୍ୟା ରହିବ ନାହିଁ କିମ୍ବା ଜମିବାଡ଼ି, ଧନସମ୍ପତ୍ତି ବିକ୍ରି କରିବା ପାଇଁ ପଡ଼ିବ ନାହିଁ। ଏହି କାର୍ଡ ଦେଖାଇ ରାଜ୍ୟ ତଥା ଦେଶର ୨ ଶହ ମେଡିକାଲରେ ଚିକିତ୍ସା ହୋଇପାରିବେ। ପ୍ରତିଟି ଜୀବନ ମୂଲ୍ୟବାନ। ଦୁର୍ଘଟଣାକୁ ନେଇ ସେ ଚିନ୍ତା ପ୍ରକଟ କରି କହିଥିଲେ, ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଚାଲିଯାଉଛି। ଆହତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ୧୪୭ କୋଟି ☞ପୃଷ୍ଠା-୪

# ପୁଅ, ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା

**ରାଜଧାନୀରେ ଡବଲ ମର୍ଡର**

- ଆର୍ଥିକ ଅନଟନ,ପାରିବାରିକ କଳହରୁ ହତ୍ୟାକାଣ୍ଡ
- କାକଟପୁର ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ
- ଗତ ରାତିରେ ଖାଦ୍ୟରେ ନିଦ ବଟିକା ଦେଇଥିଲେ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଆର୍ଥିକ ଅନଟନ ଓ ପାରିବାରିକ କଳହ ୨ଟି ଜୀବନ ନେଇଛି। ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ମଙ୍ଗଳବାର ଘଟିଛି ଡବଲ ମର୍ଡର। ଅବନ୍ତୀ ମଙ୍ଗରାଜ ନାମକ ଜଣେ ବ୍ୟକ୍ତି ତାଙ୍କ ୯ବର୍ଷର ପୁଅ ଦୀପକ ଏବଂ ସ୍ତ୍ରୀ ସ୍ୱର୍ଣ୍ଣଲତା(୩୫)ଙ୍କୁ ସୋମବାର ରାତିରେ ପ୍ରଥମେ ଖାଦ୍ୟରେ ନିଦ ବଟିକା ଓ ପରେ ଭୋର ସମୟରେ ତଣ୍ଟି ଚିପି ହତ୍ୟା କରିଛନ୍ତି। ହତ୍ୟା ପରେ ଘରର ବାହାରପଟୁ କବାଟ ଦେଇ ଫେରାର ହୋଇଯାଇ କାକଟପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଘଟଣା ବିଷୟରେ ଜଣାପଡ଼ିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତମାଣ୍ଡୋ ପୋଲିସ ଅଭିଯୁକ୍ତ ଅବନ୍ତୀଙ୍କୁ କାକଟପୁରରୁ ଆଣି ଅଟକ ରଖି ପଚରାଉଚରା କରୁଥିବାବେଳେ ପାରିବାରିକ କଳହ ଓ ଆର୍ଥିକ ଅନଟନକୁ କେନ୍ଦ୍ର କରି ଏଭଳି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଘଟଣାସ୍ଥଳରେ ଡିସିପି ଉମାଶଙ୍କର ଦାଶ, ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁସାରେ ଅବନ୍ତୀ ସ୍ତ୍ରୀ ସ୍ୱର୍ଣ୍ଣଲତା ଓ ଏକମାତ୍ର ପୁଅ ଦୀପକଙ୍କ ସହ କଳିଙ୍ଗନଗର ଅଞ୍ଚଳର ଏଲ୍‌ଆଇଜି -୩୩୪ ନମ୍ବର କ୍ୱାର୍ଟରରେ ଗତ ୬ମାସ ହେଲା ରହୁଥିଲେ। ଅବନ୍ତୀଙ୍କ ମୂଳ ଗ୍ରାମ ଖୋର୍ଦ୍ଧା ରାଇପୁର ଅଞ୍ଚଳରେ। ସେ ଏକ




ସ୍ୱର୍ଣ୍ଣଲତା ଓ ତାଙ୍କ ପୁଅ ଦୀପକ ।

ଘରୋଇ କମ୍ପାନୀରେ କାମ କରୁଥିଲେ। ହେଲେ କରୋନା ଯୋଗୁ ତାଙ୍କର ଚାକିରି ଚାଲିଯାଇଥିଲା। ଅର୍ଥାଭାବ ଯୋଗୁ ସେ ସବୁବେଳେ ଚିନ୍ତିତ ରହୁଥିଲେ। ପରେ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ସେ ଶେୟାର ଟ୍ରେଡିଂ ମଧ୍ୟ କରିଥିଲେ। ହେଲେ ସେଥିରେ କ୍ଷତି ହେବାରୁ ବିଚଳିତ ହୋଇ ପଡ଼ିଥିଲେ। ଏହାକୁ ନେଇ ପରିବାର ମଧ୍ୟରେ ଅଧିକାଂଶ ସମୟରେ ଗଣ୍ଡଗୋଳ ଲାଗି ରହୁଥିଲା। ସୋମବାର ରାତିରେ ମଧ୍ୟ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ପଡ଼ୋଶୀଙ୍କଠାରୁ ସୂଚନା ମିଳିଛି। ଅବନ୍ତୀ ପୋଲିସ ନିକଟରେ ଦେଇଥିବା ବୟାନ ଅନୁସାରେ ସେ ଆର୍ଥିକ ଅନଟନରେ ବୁଡ଼ି ରହିଥିବାରୁ ସ୍ତ୍ରୀ ଓ ପୁଅକୁ ମାରି ନିଜେ ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ। ତେଣୁ ଗତ ରାତିରେ ସ୍ତ୍ରୀ ଓ ପୁଅଙ୍କ ଖାଦ୍ୟରେ ନିଦ ବଟିକା ମିଶାଇଥିଲେ। ରାତି ପ୍ରାୟ ୩ଟା ବେଳେ ଉଭୟଙ୍କୁ ଓଢ଼ଣୀରେ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ଏକ ଛୁରିରେ ନିଜକୁ ମାରିବାକୁ ଚେଷ୍ଟା କରିଥିଲେ। ହେଲେ ଏଥିରେ ବିଫଳ ହେବାରୁ ସେ କବାଟ ବାହାରପଟୁ ବନ୍ଦ କରି ଚାଲି ଯାଇଥିଲେ। ପରେ ଘଟଣା ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ସୁନ୍ଦରପଦାରେ ରହୁଥିବା ଶଳା ଓ ଭଣଜାଙ୍କୁ ଜଣାଇବା ସହ କାକଟପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ।

ଖବରପାଇ ପରିବାର ଲୋକ ପୋଲିସକୁ ସୂଚନା ଦେବା ସହ କଳିଙ୍ଗନଗରସ୍ଥିତ ଭଡ଼ାଘରେ ପହଞ୍ଚିଥିଲେ। ସେଠାରେ ପୋଲିସ ଉପସ୍ଥିତିରେ କବାଟ ଭଙ୍ଗାଯାଇଥିଲା। ଘର ଭିତରେ ଦୀପକ ଖଟ ଉପରେ ମୁହଁ ମାଡ଼ି ପଡ଼ିଥିବାବେଳେ ସ୍ୱର୍ଣ୍ଣଲତା ଚଟାଣରେ ମୁହଁମାଡ଼ି ପଡ଼ିଥିଲେ। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ପୋଲିସ ମୃତଦେହ ଜବତ କରି ଏମ୍‌ସକୁ



ଅଭିଯୁକ୍ତ ଅବନ୍ତୀ ମଙ୍ଗରାଜ

ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଡିସିପି ଉମାଶଙ୍କରଙ୍କୁ ପଚାରିବାରେ ଅଭିଯୁକ୍ତ ସ୍ତ୍ରୀ ଓ ପୁଅଙ୍କୁ ଶ୍ୱାସରୁଦ୍ଧ କରି ମାରିଥିବା ଜଣାପଡ଼ିଛି। ହତ୍ୟା ପରେ ସେ ଘଟଣା ସମ୍ପର୍କରେ ଶଳା ଓ ଭଣଜାକୁ ଜଣାଇଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଖୁବ୍‌ଶୀଘ୍ର ସମସ୍ତ ବିଷୟ ଜଣାପଡ଼ିଯିବ ବୋଲି ଦାଶ କହିଛନ୍ତି।

# ରାସ୍ତା ମଝିରେ ମନ୍ତ୍ରୀଙ୍କ ଇସ୍ତଫା ଦାବି




ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଭାଜପା ଯୁବ ମୋର୍ଚ୍ଚା କର୍ମୀ ପ୍ରଶ୍ନ ପଚାରୁଛନ୍ତି।

**ଭବାନୀପାଟଣା,୨।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ବିବାଦ ଥମିବାର ନାଁ ନେଉନି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭବାନୀପାଟଣା ସହର ମଝିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଭାଜପା ଯୁବମୋର୍ଚ୍ଚା କର୍ମୀ ଇସ୍ତଫା ଦାବି କରିଛନ୍ତି। ସକାଳେ ମନ୍ତ୍ରୀ ମିଶ୍ର ଭବାନୀପାଟଣାରୁ ନିଜ ନିର୍ବାଚନମଣ୍ଡଳୀ ଜୁନାଗଡ ଅଭିମୁଖେ ପୋଲିସ ଏସ୍କର୍ଟରେ ☞ପୃଷ୍ଠା-୪

## କୋର୍ଟରେ ହାଜର ରାଧେ, ଗୋବିନ୍ଦ

**ବଲାଙ୍ଗୀର ଅଫିସ, ୨।୧୧**

ବହୁଚର୍ଚ୍ଚିତ ମମିତା ମେହେର ଅପହରଣ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ଓରଫ୍ ରାଧେଙ୍କୁ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ କଣ୍ଟାବାଞ୍ଜି ଜେଲରୁ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ୍ ମୋନାଲିସା ଦାସ ଗୋବିନ୍ଦ ଓ ରାଧେଶ୍ୟାମଙ୍କ କୋର୍ଟ ହାଜର ପ୍ରକ୍ରିୟା ☞ପୃଷ୍ଠା-୪

## ସର୍ବନିମ୍ନ ମଜୁରିର ସଂଶୋଧନ କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅକ୍ଟୋବର ପହିଲାରୁ ପିଛିଲା ଭାବେ ସର୍ବନିମ୍ନ ମଜୁରୀରେ ସଂଶୋଧନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ୮୯ଟି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣକୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକମାନଙ୍କୁ ଫାଇଦା ମିଳିବ। ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳଭାର ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସର୍ବନିମ୍ନ ମଜୁରୀ ପରାମର୍ଶଦାତା ବୋର୍ଡର ୫୨ତମ ☞ପୃଷ୍ଠା-୪






# ହାତୀ ପାଇଁ ହଟହଟା

- ଢେଙ୍କାନାଳ ଆସିଲା କେନ୍ଦ୍ରାପଡ଼ାରୁ ଉଦ୍ଧାର ହାତୀ
- ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲେ ଅଞ୍ଚଳବାସୀ
- କପିଳାସ ଜୁ' ଏଲିଫ୍ୟାଣ୍ଟ କ୍ରାଲ୍‌ରେ ରଖାଗଲା

**ଢେଙ୍କାନାଳ ଅଫିସ/ଗଁଦିଆ, ୨।୧୧**

ଢେଙ୍କାନାଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଆତଙ୍କ ସୃଷ୍ଟି କରିଥିବା ଏକ ମାଖନା ହାତୀକୁ ଟ୍ରାଙ୍କୁଲାଇଜ୍ ପରେ ସୋମବାର ବିଳମ୍ବିତ ରାତିରେ ପୁନର୍ବାର ଢେଙ୍କାନାଳ ଅଣାଯାଉଥିବାବେଳେ ହଟହଟା ହୋଇଛି ବନ ବିଭାଗ। ମଣିଷ ମାରିଥିବା ଉକ୍ତ ହାତୀକୁ ଢେଙ୍କାନାଳ ଜଙ୍ଗଲରେ ଛାଡ଼ିବାକୁ ଯୋଜନା କରାଯାଉଥିବା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ହାତୀକୁ ଜଙ୍ଗଲରେ ଛାଡ଼ିଲେ ସ୍ଥାନୀୟ ବାସିନ୍ଦାଙ୍କ ବଞ୍ଚିବା ଦୁର୍ବିଷହ ହୋଇପଡ଼ିବ। ଜୀବନଜୀବିକା ପ୍ରଭାବିତ ହେବ ବୋଲି ସେମାନେ ଅଭିଯୋଗ କରିବା ସହ ଗାଡ଼ି ଅଟକାଇଥିଲେ। ଫଳରେ ହାତୀକୁ ଜଙ୍ଗଲରେ ଛାଡ଼ିବା ଯୋଜନା ଫସର ଫାଟିଛି। ଉପାୟଶୂନ୍ୟ ବନ ବିଭାଗ ହାତୀକୁ କପିଳାସ ଚିଡ଼ିଆଖାନା ରେସ୍କ୍ୟୁ ସେଣ୍ଟର



କପିଳାସ ରେସକ୍ୟୁ ସେଣ୍ଟରର କ୍ରାଲ୍ ମଧ୍ୟରେ ଉଦ୍ଧାର ହାତୀ।

ପରିସରରେ ଥିବା କ୍ରାଲ୍‌ରେ ରଖିଛି।

ଉକ୍ତ ହାତୀ ଢେଙ୍କାନାଳ ସୀମା ପାର ହୋଇ ପ୍ରଥମେ ଯାଜପୁର ଏବଂ ପରେ କେନ୍ଦ୍ରାପଡ଼ା ଜିଲାରେ ଆତଙ୍କ ସୃଷ୍ଟି କରିଥିଲା। ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଥିଲେ। ଗତ ୩୧ ତାରିଖରେ ନନ୍ଦନକାନନରୁ ଏକ ବିଶେଷଜ୍ଞ ଟିମ୍ ଯାଇ ମହାକାଳପଡ଼ା ବ୍ଲକ ଗଡ଼ରୋମିତ ପଞ୍ଚାୟତର ସୋବଳା ଗ୍ରାମ ନିକଟରେ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ଏହାପରେ ସୋମବାର ବିଳମ୍ବିତ ରାତିରେ ହାତୀକୁ ଏକ ହାଇୱାରେ ଢେଙ୍କାନାଳ ଜିଲାର ଜଙ୍ଗଲ ତଥା ଏହାର ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ିବାକୁ ଯୋଜନା କରାଯାଇଥିଲା। କଟକ ଜିଲା ଟାଙ୍ଗୀ-କପିଳାସ ରାସ୍ତାରେ ହାତୀକୁ ଅଣାଯାଉଥିବା ବେଳେ କପିଳାସ, ଷଡ଼ଙ୍ଗୀ ରେଞ୍ଜର ଧନିଆନାଳୀ, ଚଟିଘର, ସୋରିଷିଆପଦା, ଖଙ୍କିରା ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ତୀବ୍ର ବିରୋଧ କରିବା ସହିତ ଗାଡ଼ି ଅଟକାଇଥିଲେ। ସମ୍ପୃକ୍ତ ଜଙ୍ଗଲରେ ବହୁ ହାତୀ ରହୁଛନ୍ତି। ମଣିଷ ସଂସ୍ପର୍ଶରେ ଆସିଥିବାରୁ ମାଖନା ହାତୀକୁ ଅନ୍ୟ ହାତୀ ପଲରେ ମିଶାଇବେ ନାହିଁ। ସେ ଗୋଠଛଡ଼ା ହୋଇ ଅଧିକ ହିଂସ୍ର ହୋଇଯିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏଥିସହିତ ରାତିଅଧିଆ ହାତୀକୁ କାହିଁକି ଜଙ୍ଗଲରେ ଛଡ଼ାଯିବାକୁ ଯୋଜନା କରାଯାଉଥିଲା ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ପାଇ ଜିଲା ବନଖଣ୍ଡ ଅଧିକାରୀ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଗାଡ଼ିକୁ ମଙ୍ଗୁଳି, ଚୌଦ୍ୱାର ଏବଂ ଢେଙ୍କାନାଳ ଦେଇ ବିଳମ୍ବିତ ରାତିରେ କପିଳାସ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହାତୀକୁ ଢେଙ୍କାନାଳ ଅଣାଯିବା ପରେ ଲୋକମାନେ ବିରୋଧ କରିଥିଲେ। ତାଳଚେର ଅଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ଦନ୍ତାହାତୀ 'ରାକେଶ' ପରି ଏହା ହିଂସ୍ର ନୁହେଁ। ରେସକ୍ୟୁ ସେଣ୍ଟରରେ ୭ଦିନ ରଖିବା ପରେ ହାତୀଟିକୁ ଜଙ୍ଗଲରେ ଛାଡ଼ି ଦିଆଯିବ।




## ଶିଶୁ ସୁରକ୍ଷା ଅଧିକାରୀ ପୁରସ୍କୃତ

ଦେବଗଡ,(ଡି.ଏନ.ଏ): ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ଦେବଗଡ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି । ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ୧୧ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କିଟ୍‌ରେ ଆୟୋଜିତ ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଅନୁ ଗର୍ଗ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମୟରେ ଶିଶୁ ସୁରକ୍ଷା କମିଶନର ଅଧକ୍ଷ୍ୟା ସନ୍ଧ୍ୟାବତୀ ପ୍ରଧାନ, ମହିଳା କମିଶନ ଅଧକ୍ଷା ମିନତୀ ବେହେରା, ଭିନ୍ନକ୍ଷମ କମିଶନ ଅଧକ୍ଷା ସୁଲୋଚନା ଦାସ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ୟୁନିସେଫ ମୁଖ୍ୟ ମୋନିକା ନେଲସନ ଉପସ୍ଥିତ ଥିଲେ।



# ଜାଲ୍ ଜମିପଟ୍ଟା ର୍ୟାକେଟ୍‌ର ପର୍ଦ୍ଦାଫାଶ: ୭ ଗିରଫ

ଦେବଗଡ,୨।୧୧ (ଡି.ଏନ.ଏ)

ଦେବଗଡ ଜିଲାରେ ଦୀର୍ଘଦିନ ଧରି ଚାଲିଥିବା ଜାଲ୍ ଜମିପଟ୍ଟା ର୍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ ଥାନା ଅନ୍ତର୍ଗତ କୈଳାଶ ଗ୍ରାମର ତପନ ନାଏକ, କପାସିରା ଗ୍ରାମର ଉମାକାନ୍ତ ଗଡନାୟକ, କାଲକାଠ ଗ୍ରାମର ଉମାକାନ୍ତ ପ୍ରଧାନ, ପୌରାଞ୍ଚଳ ବଣିଆସାହିର ରାଜେନ୍ଦ୍ର ଡଗରା, ସମ୍ବଲପୁର ଜିଲା ଜମନକିରା ଥାନାଞ୍ଚଳର ଅଖିଳ ଚନ୍ଦ୍ର ଜାମୁଡାଲିଆ, ବାରକୋଟ ଥାନା ବାହାଡାପୋଷି ଗ୍ରାମର ଅଜୟ କୁମାର ବାଘ ଏବଂ ବାରକୋଟ ଗ୍ରାମର ମୋହନ ନାଏକ। ସେମାନଙ୍କଠାରୁ ଜାଲ୍ ଜମିପଟ୍ଟା, ନକଲି ଷ୍ଟାମ୍ପ ପେପର, ଆଧାର କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସ୍ ବୁକ, କମ୍ପ୍ୟୁଟର, ପ୍ରିଣ୍ଟର ଏବଂ ନକଲି ଜମିପଟ୍ଟା ପ୍ରସ୍ତୁତିରେ



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଛି।

ବ୍ୟବହୃତ କାଗଜ ଓ ଟା ପତି ଆଦି ଜବତ କରାଯାଇଛି । ଏ ନେଇ ମଙ୍ଗଳବାର ମଧ୍ୟାହ୍ନରେ ଦେବଗଡ ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ କିଶୋର ପାଇକରାୟ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଦେବଗଡ ପୌରାଞ୍ଚଳର ରଜାମୁଣ୍ଡାଠାରେ ରହୁଥିବା ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଭିକାରୀ ଚରଣ ପ୍ରଧାନ ଦେବଗଡ ଥାନା କୈଳାଶ ଗ୍ରାମର ତପନ ନାଏକଙ୍କ ଜରିଆରେ ହୃଦୟନାଥ ପ୍ରଧାନଙ୍କ ନାମରେ ଥିବା ଏକ ଜମି କିଣିଥିଲେ। ଜମନକିରା ଥାନାଞ୍ଚଳର ଅଖିଳ ଚନ୍ଦ୍ର ଜାମୁଡାଲିଆ ନକଲି ଆଧାର କାର୍ଡ ପ୍ରସ୍ତୁତ କରି ନିଜକୁ ହୃଦୟନାଥ ପ୍ରଧାନ ବୋଲି ପରିଚୟ ଦେଇ

### ନକଲି ଜମିପଟ୍ଟା, ଭୋଟର, ଆଧାର କାର୍ଡ ଓ କମ୍ପ୍ୟୁଟର ଜବତ

ତାଙ୍କୁ ଉକ୍ତ ଜମି ରେଜିଷ୍ଟ୍ରି କରିଥିଲେ। କିଛିଦିନ ପରେ ଭିକାରୀ ୧୦ବର୍ଷ ତଳୁ ହୃଦୟନାଥଙ୍କ ମୃତ୍ୟୁ ହୋଇସାରିଥିବା ଜାଣିବାକୁ ପାଇଥିଲେ ଏବଂ ସେ ଠକେଇର ଶିକାର ହୋଇଥିବା ଜାଣି ଗତ ଅକ୍ଟୋବର ୨୯ରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଦେବଗଡ ଥାନା ପୋଲିସ ଏକ ମାମଲା (ନଂ. ୩୮୨/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ କୈଳାଶ ଗ୍ରାମର ତପନ ନାଏକ ମାଷ୍ଟର ମାଇଣ୍ଡ ବୋଲି ଜଣାପଡିଥିଲା ଏବଂ ସେ ନିଜକୁ ହୃଦୟନାଥ ପ୍ରଧାନ ବୋଲି ପରିଚୟ ଦେଇ ସମ୍ବଲପୁର ଜିଲା ଜମନକିରା ଥାନାଞ୍ଚଳର ଅଖିଳ ଚନ୍ଦ୍ର ଜାମୁଡାଲିଆଙ୍କୁ ଉକ୍ତ ଜମି ରେଜେଷ୍ଟ୍ରି କରିଥିଲେ। ତପନ ନିଜେ ନକଲି ଆଧାର କାର୍ଡ ତିଆରି କରୁଥିଲେ ଏବଂ ଏହା ବଳରେ ସେ ପୂର୍ବରୁ ମଧ ବହୁ ଡକୁମେଣ୍ଟ ପ୍ରସ୍ତୁତ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ସେହିପରି ତପନ ଅନ୍ୟ କେତେକ ସହଯୋଗୀଙ୍କ ସହାୟତାରେ ୨୦୧୫ରୁ ଜାଲ୍ ଜମିପଟ୍ଟା ପ୍ରସ୍ତୁତ କରି ବିଭିନ୍ନ ସମବାୟ ସମିତି, ବ୍ୟାଙ୍କ ଓ ବ୍ୟକ୍ତି ବିଶେଷଙ୍କଠାରୁ ଲକ୍ଷାଧିକ ଟଙ୍କା ଋଣ ଉଠାଣ କରିଥିଲେ ଏବଂ ଜିଲାର ବିଭିନ୍ନ ଅଦାଲତରେ ଜାଲ୍ ଜମି ପଟ୍ଟା ଦେଖାଇ ଅନେକ ମାମଲାର ଅଭିଯୁକ୍ତଙ୍କୁ ଜାମିନରେ ନେଉଥିବା ପୋଲିସ ଜାଣିବାକୁ ପାଇଛି। ଫଳରେ ଦେବଗଡ ଥାନାଧିକାରୀ ସୁରେନ୍ଦ୍ର କୁମାର ନାୟକ ନିଜ ଆଡୁ ଅନ୍ୟ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ପାଇକରାୟ କହିଛନ୍ତି।

## ସଂକ୍ଷେପରେ

### ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍: ଝାରସୁଗୁଡ଼ା ଜିଲାର ସଫଳତା

ଝାରସୁଗୁଡ଼ା ଅଫିସ,୨।୧୧: ବରଗଡରେ ଗତ ଶନିବାର ଓ ରବିବାର ରାଜ୍ୟସ୍ତରୀୟ ୪ର୍ଥ ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍ ୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୫ ଜିଲାରୁ କୋଚ୍, ରେଫରି ଓ ଖେଳାଳିଙ୍କ ସମେତ ୨୫୦ଜଣ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ଝାରସୁଗୁଡ଼ା ଜିଲାର ଖେଳାଳି ୨୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୪ କାଂଶ୍ୟ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳିମାନେ ହେଲେ ତନୟା ଠାକୁର, ମୁକ୍ତା ହୋତା, ହିମାଂଶୁ ଗୁଇ, ସିଦ୍ଧି ଶ୍ରେଷ୍ଠ, ସୁଦୀପ ଶ୍ରେଷ୍ଠ, ବାନି ସରକାର, କ୍ରିଷ୍ଣା ଯାଦବ, ଅମର ଯାଦବ, ସାହିଲ ଗୁରୁଙ୍ଗ, ଶୌର୍ଯ୍ୟ ପ୍ରତାପ ସିଂହ, ତପସ୍ୱିନୀ ନାୟକ ପ୍ରମୁଖ। ରୌପ୍ୟ ପଦକ ହାସଲ କରିଥିବା ଖେଳାଳିଙ୍କ ମଧ୍ୟରେ ସୌମ୍ୟ ସରକାର, ସାଇ ସମର୍ଥ ମହାନ୍ତି, ଦୀପାଂଶୁ ବମେଲ, ଅଂଶୁମାନ ଭୌମିକ, ସୁମିତ କୁମ୍ଭାର, ସାହିଲ ସୁନାର ପ୍ରମୁଖ ରହିଛନ୍ତି। ସେହିପରି ଦିବ୍ୟାଂଶୁ ପଟେଲ, ପ୍ରିୟାଂଶୁ ପଟେଲ ପ୍ରମୁଖ କାଂଶ୍ୟ ପଦକ ପାଇଛନ୍ତି। ଝାରସୁଗୁଡ଼ା ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ସଭାପତି ତାପସ ରାୟ ଚୌଧୁରୀ ଓ ସାଧାରଣ ସମ୍ପାଦକ ପ୍ରେମସିଂ ଥାପା କୃତୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

### ପଞ୍ଚାୟତ ସ୍ତରୀୟ ଚାଳକ ସଂଘ ବୈଠକ

ନାକଟିଦେଉଳ,୨।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଘୋଷରାମାଲ ପଞ୍ଚାୟତସ୍ତରୀୟ ଚାଳକ ସଂଘ ବୈଠକ ମଙ୍ଗଳବାର ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଡ୍ରାଇଭର ମହାସଂଘ ସମ୍ପାଦକ ଗୌରଚନ୍ଦ୍ର ସ୍ୱାଇଁ ବୈଠକରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ସମସ୍ତ ଗାଡ଼ି ଚାଳକ ଉପସ୍ଥିତ ଥିବାବେଳେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏହି କମିଟିରେ ସଭାପତି ଭାବେ ସ୍ୱାଧୀନ ରାଉଳ, ସମ୍ପାଦକ ଚରଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ବିଭୂତି ଭୂଷଣ ରାଉଳଙ୍କୁ ମନୋନୀତ କରାଯାଇଛି।

### ଜମନକିରା ବିଇଓଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା

ଜମନକିରା,୨।୧୧(ଡି.ଏନ.ଏ.): ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି ପଡ଼ିଥିବାରୁ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେଇଛି। ଗତ ଜୁଲାଇ ୩୧ ତାରିଖରେ ବିଇଓ ସୁଷମା ନାୟକ ଅବସର ଗ୍ରହଣ କରିଥିଲେ ମଧ ତାଙ୍କ ସ୍ଥାନରେ କେହି ଯୋଗଦେଇ ନାହାନ୍ତି। ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟାଳୟ ଚାଲିଛି। ସେହିପରି ଦୀର୍ଘଦିନ ହେଲା ମୁଖ୍ୟ କିରାଣି ଓ ସହଯୋଗୀ କିରାଣି ପଦ ମଧ୍ୟ ପୂରଣ ହୋଇନାହିଁ। ମଧ୍ୟାହ୍ନଭୋଜନ ପରିଚାଳନା କରୁଥିବା ଡାଟା ଅପରେଟର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁନାହିଁ। ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ନିଟ୍ ପରୀକ୍ଷା: ବିରାଟ ଶିକ୍ଷାନୁଷ୍ଠାନ ଛାତ୍ରଙ୍କ ସଫଳତା

ସମ୍ବଲପୁର,୨।୧୧(ବ୍ୟୁରୋ)

ସର୍ବଭାରତୀୟ ନିଟ-୨୦୨୧ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ସମ୍ବଲପୁର ସହଯୋଗ ନଗର ଛକସ୍ଥିତ ବିରାଟ ଶିକ୍ଷାନୁଷ୍ଠାନର ୨୨ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ମଙ୍ଗଳବାର ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ରାହୁଲ ରାଜ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଅନୁଷ୍ଠାନର ବିଜୟନୀ ମହାପାତ୍ର ସର୍ବାଧିକ ୬୬୫ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଓ ଶିକ୍ଷାନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକଙ୍କ ନିଷ୍ଠା ସଫଳତାର ଶ୍ରେୟ ଅଟେ। ଏହିଧାରା ଆଗକୁ ଜାରି ରହିବ। ଯୁକ୍ତଦୁଇ ପାସ କରିଥିବା ଛାତ୍ରୀଛାତ୍ରଙ୍କ ଲାଗି ନିଟ, ଜେଇଇ, ଓୟୁଏଟି, ଆଇଜର, ନାଇଜର ପ୍ରଭୃତି ସକାଶେ ପାଠପଢା ଆରମ୍ଭ ହୋଇଛି ବୋଲି ଅଧ୍ୟକ୍ଷ ରାହୁଲ କହିଛନ୍ତି ।

## ଏନ୍‌ୱାଇକେ ପକ୍ଷରୁ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ

ସମ୍ବଲପୁର,୨।୧୧(ବ୍ୟୁରୋ)

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସମ୍ବଲପୁରସ୍ଥିତ କାର୍ଯ୍ୟାଳୟଠାରେ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ପୂର୍ବତନ ବାୟୁସେନା ଅଧିକାରୀ ଇନ୍ଦୁଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ହଟାଇବାରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାର ୯ ବ୍ଲକରୁ ଯୁବକମାନେ ସାମିଲ ହୋଇଥିଲେ। ଅକ୍ଟୋବର ୨୬ରୁ ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କର୍ମୀ ନଳିନୀ ସୁନିଆ ଧନ୍ୟବାଦ ଦେଇଥିଲେ।

## ୱେସ୍କୋ ଇଞ୍ଜିନିୟରିଂ ସର୍ଭିସ ଆସୋସିଏଶନ ବୈଠକ

ସମ୍ବଲପୁର,୨।୧୧(ବ୍ୟୁରୋ)

ୱେସ୍କୋ ଇଞ୍ଜିନିୟରିଂ ସର୍ଭିସ ଆସୋସିଏଶନର ସମ୍ବଲପୁର ଜୋନସ୍ତରୀୟ ବୈଠକ ବୁର୍ଲାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଓ ବରଗଡ ସର୍କଲ ଅଧୀନରେ କାର୍ଯ୍ୟରତ ଡିଗ୍ରୀ ଇଞ୍ଜିନିୟରମାନେ ଭାଗନେଇଥିଲେ। ଦୀର୍ଘଦିନ ହେବ ବିଭାଗୀୟ ପଦୋନ୍ନତି ହେଉ ନାହିଁ। କିନ୍ତୁ ସମ୍ପ୍ରତି ଟାଟା ପାୱାରରେ କିଛିମାସ ହେବ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ପଦୋନ୍ନତି ଦିଆଯାଇଛି। ଏପରି କି ଦୀର୍ଘ ଦିନରୁ ହୋଇ ଆସୁଥିବା ମାଗଣା ସ୍ୱାସ୍ଥ୍ୟ ବୀମାକୁ ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ନେଇ ଅଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ ନାୟକ, ରାଉରକେଲାର ସୁଶାନ୍ତ କୁମାର ପଣ୍ଡା, ବଲାଙ୍ଗୀରର ରଞ୍ଜନ କୁମାର ନାଏକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡମ୍ବରୁଧର ଓଝା, ସଂଘ ସଭାପତି ପ୍ରଭାତ କୁମାର ହୋତା, ଉପସଭାପତି ରଣଜିତ ଗାୟା, ସମ୍ପାଦକ ଜଗନ୍ନାଥ ବାରିକ, ସହ ସମ୍ପାଦକ ଶଙ୍କର ବେହେରା, କୋଷାଧ୍ୟକ୍ଷ ଦୀପକ ରାଉତ ଆଲୋଚନାରେ ଭାଗ ନେଇଥିଲେ।

## ଡିଆଇଜି ଅଫିସ ଘେରିଲା ଭାଜପା ମହିଳା ମୋର୍ଚ୍ଚା

ସମ୍ବଲପୁର,୨।୧୧(ବ୍ୟୁରୋ)

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣା ନେଇ ସମ୍ବଲପୁର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଡିଆଇଜି ଅଫିସ ଘେରାଉ କରାଯାଇଛି। କଚେରୀସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରୁ କର୍ମକର୍ତ୍ତାମାନେ ଏକ ରାଲିରେ ବାହାରି ପୋଲିସ ଡିଆଇଜି ଅଫିସରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେ ସମୟରେ ପୋଲିସ ସହ କର୍ମୀମାନଙ୍କ ଧସ୍ତାଧସ୍ତି ହୋଇଥିଲା। କର୍ମକର୍ତ୍ତା ଅଭିଯୋଗ କରିଥିଲେ, ମମିତା ହତ୍ୟା ଘଟଣାକୁ ରାଜ୍ୟ ସରକାର ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନାହିଁ। ସିବିଆଇ ତଦନ୍ତ ସହ



ପୋଲିସ ଡିଆଇଜି ଅଫିସ ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।

ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରା ନ ଗଲେ ପୀଡିତା ପରିବାରକୁ ନ୍ୟାୟ ମିଳି ପାରିବ ନାହିଁ। ମହିଳା ମୋର୍ଚ୍ଚା ଜିଲା ସଭାପତି ଅନ୍ନପୂର୍ଣ୍ଣା ବାରିକ, ପ୍ରଭାସିନୀ ଦାସ, ସଂଯୁକ୍ତା ପ୍ରଧାନ, ସୁଷମା ସାହୁ, ରୁନୁ ପ୍ରଧାନ, ଗୋପେଶ୍ୱରୀ ଦାସ, ରିଙ୍କି ସାହୁ, ଅନସୂୟା ସାମଙ୍କ ସମେତ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଦାମୋଦର କର, ଚନ୍ଦ୍ର ଶେଖର ପଣ୍ଡା, ମହେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା




ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

ଝାରସୁଗୁଡ଼ା ଅଫିସ,୨।୧୧

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ କିଶୋର ମହାନ୍ତି, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ବିଡିଓ ସଞ୍ଜୀବ ପଟେଲ ପ୍ରମୁଖ ଯୋଗଦେଇଥିଲେ। ବ୍ରଜରାଜନଗରରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ପାଇପ୍ ବିଛା କାମ ଚାଲିଥିବାବେଳେ ଅନେକ ସ୍ଥାନରେ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହୋଉଥିବାବେଳେ କାମରେ କେତେକ ଅନିୟମିତତା ଦେଖାଦେଇଛି। ଏ ନେଇ ବିଧାୟକ ମହାନ୍ତି ଅସନ୍ତୋଷ ବ୍ୟକ୍ତ କରି କାମ ଠିକ୍‌ରେ କରିବା ସହ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, କୃଷି, ଉଦ୍ୟାନ କୃଷି, ବିଦ୍ୟୁତ୍, ପାନୀୟଜଳ ଆଦି ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ଏସବୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଧାୟକ ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ମୃତ

ରାଉରକେଲା ଅଫିସ,୨।୧୧

ରାଉରକେଲା ପାନପୋଷ ରେଳ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନରୁ ଖସିପଡିବାରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅମିତ ସମାସୀ(୨୮)। ଏ ନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୨/୨୧) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପାନପୋଷ ବାଙ୍ଗଲାଟୋଲିର ଅମିତ ସୋମବାର କୌଣସି କାମ ପାଇଁ ରାଜଗାଙ୍ଗପୁର ଯାଇଥିଲେ। ମଙ୍ଗଳବାର ସେ ରାଜଗାଙ୍ଗପୁରରୁ ରାଉରକେଲା ଫେରୁଥିବା ବେଳେ ପାନପୋଷ ରେଳ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

ଦେବଗଡ,୨।୧୧(ଡି.ଏନ.ଏ)

ଦେବଗଡ଼ ଜିଲା ବାରକୋଟ ଥାନା ଗୋଲାବନ୍ଧ ଗ୍ରାମରେ ବେଆଇନ ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଲାବନ୍ଧ ଗ୍ରାମର ବିଷ୍ଣୁ ନାଏକ, କଲା ଗ୍ରାମର ଦୀପକ କୁମାର ପ୍ରଧାନ, ମାନସ ପ୍ରଧାନ ଏବଂ ଚନ୍ଦ୍ରଶେଖର ବେହେରା। ସେମାନଙ୍କଠାରୁ ନଗଦ ୧ ଲକ୍ଷ ୫ ହଜାର ଟଙ୍କା, ମୋବାଇଲ ଫୋନ, ୪ଟି ବାଇକ୍ ଓ ତାସ ଜବତ କରାଯାଇଛି। ଦେବଗଡ ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ କିଶୋର ପାଇକରାୟ ଏହି ସୂଚନା ଦେଇଛନ୍ତି। ଗୋଲାବନ୍ଧ ଫୁଟବଲ ପଡିଆ ପଛପଟେ ଜୁଆ ଆଡ୍ଡା ଚାଲିଥିବା ସୂଚନା ପାଇ ବାରକୋଟ ଥାନାଧିକାରୀ କନକ ମାଝୀ ସଦଳବଳ ସେଠାରେ ଚଢାଉ କରିଥିଲେ।

## ଆର୍‌ଏସ୍‌ପିର ଭିଜିଲାନ୍ସ ସଚେତନତା ସପ୍ତାହ

ରାଉରକେଲା ଅଫିସ,୨।୧୧

ରାଉରକେଲା ଇସ୍ପାତ କାରଖାନାରେ ଭିଜିଲାନ୍ସ ସଚେତନତା ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ଖଣି ବିଭାଗର ନିର୍ବାହୀ ଯନ୍ତ୍ରୀ ଏ. କେ କୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ ଶତପଥୀ ଓ ଭିଜିଲାନ୍ସ ବିଭାଗର ମହାପ୍ରବନ୍ଧକ ଏମ୍. କେ ଗୁପ୍ତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ, କୁଇଜ ଓ ସ୍ଲୋଗାନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଶ୍ରୀତା ଦାସ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଭି. କେ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨୯ ଗ୍ରାମ୍ ସୁନା ଅଳଙ୍କାର ଜବତ, ୨ ଗିରଫ

ରାଉରକେଲା ଅଫିସ,୨।୧୧

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳର ବିଭିନ୍ନ ସ୍ଥାନରୁ ସୁନା ଅଳଙ୍କାର ଚୋରି ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଗିରଫ କରିଛି। ସେହିପରି ଚୋରି ସାମଗ୍ରୀ କିଣିଥିବା ୨ ବ୍ୟବସାୟୀଙ୍କୁ ମଧ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ରାଜେଶ କୁମାର ଶର୍ମା(୬୦) ଓ ଅକ୍ଷୟ ବର୍ମା(୨୯)। ପୋଲିସ ସେମାନଙ୍କ ଠାରୁ ୧୨୯ ଗ୍ରାମ୍ ସୁନା ଅଳଙ୍କାର ଜବତ କରିଛି। ଜବତ ଅଳଙ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

ପୋଲିସ ସୂଚନା ଅନୁସାରେ, ଗତ ଜୁଲାଇ ୨୯ରେ କିଛି ଦୁର୍ବୃତ୍ତ ସୁମିତ ଶର୍ମାଙ୍କ ଘରେ ପଶି ୫୨ ଗ୍ରାମ୍‌ର ସୁନା ଅଳଙ୍କାର ଚୋରି କରିନେଇଥିଲେ। ଗତ ଅକ୍ଟୋବର ୨୫ରେ ବାସନ୍ତୀ କଲୋନୀ ଅଞ୍ଚଳର ସାମ୍ପା ହାବିଲଦାରଙ୍କ ଘରୁ ୩୫ ଗ୍ରାମ୍ ସୁନା ଅଳଙ୍କାର ଚୋରି ହୋଇଥିଲା। ସେହିପରି ଗତ ୯ ତାରିଖରେ ଶର୍ମିଷ୍ଠା ଭୂୟାଁଙ୍କ ୮ ଗ୍ରାମ୍‌ର ଏକ ସୁନାଚେନ, ୧୨ ତାରିଖରେ ଦୁର୍ଗାପୁର ବସ୍ତିର ପାର୍ବତୀ ଜେନା ପ୍ରାତଃ ଭ୍ରମଣରେ ଯାଇଥିବାବେଳେ ତାଙ୍କ ବେକରୁ ୧୮ ଗ୍ରାମ୍ ସୁନାଚେନ ଏବଂ ୨୮ ତାରିଖରେ ସୋମା ଦେବୀଙ୍କର ୨୦ ଗ୍ରାମ୍‌ର ସୁନାଚେନ ଛିନତାଇ ହୋଇଥିଲା। ଏହି ସମସ୍ତ ଘଟଣାର ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ରବିବାର ବିଳମ୍ବିତ ରାତିରେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ପୋଲିସ ମାଲଗୋଦାମ ଅଞ୍ଚଳରୁ ଧରି ପଚରାଉଚୁରା କରିଥିଲା। ଉକ୍ତ ନାବାଳକ ଏହି ସମସ୍ତ ଚୋରିରେ ସମ୍ପୃକ୍ତ ଥିବା ଏବଂ ସୁନା ବ୍ୟବସାୟୀ ଅକ୍ଷୟ ଓ ରାଜେଶଙ୍କୁ ସୁନା ଅଳଙ୍କାର ଗୁଡ଼ିକ ବିକ୍ରି କରିଥିବା ସ୍ୱୀକାର କରିଥିଲେ ବୋଲି ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା କରୁଥିବା ସେ କହିଛନ୍ତି।

# ଜିଲାବ୍ୟାପୀ ସ୍ମାର୍ଟ କାର୍ଡ ବଣ୍ଟନ

ସମ୍ବଲପୁର/ ରେଢାଖୋଲ/ ନାକଟିଦେଉଳ, ୨।୧୧(ବ୍ୟୁରୋ/ ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ମାର୍ଟ କାର୍ଡ ବଣ୍ଟନ ଶୁଭାରମ୍ଭ କରିଥିଲେ। ଜିଲାର ଅନ୍ୟ ବ୍ଲକ ଓ ଏସ୍‌ଏମ୍‌ସିରେ ମଧ ମନ୍ତ୍ରୀମାନେ ଉପସ୍ଥିତ ରହି ଏହି କାର୍ଡ ବଣ୍ଟନ କରିଥିଲେ। ଭର୍ଚୁଆଲ ମାଧ୍ୟମରେ ପ୍ରତି ବ୍ଲକରୁ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବାକୁ ମିଳିଥିଲା। ଝୁଝୁମୁରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ସୁରଜ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ, ଝୁଝୁମୁରା ତହସିଲଦାର ଅଭିଷେକ ସାହୁ, ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ନାଏକଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ କୁଚିଣ୍ଡା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଲୋକେ ଦେଖୁଥିବାବେଳେ ସଭାରେ ଉପସ୍ଥିତ ଥିବା ଝୁଝୁମୁରା ପଞ୍ଚାୟତର ଜଣେ ୭୦ ବର୍ଷିୟା ମହିଳା ଧିରେ ଧିରେ ସ୍କ୍ରିନ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହାତ ଯୋଡି ଓ ମୁଣ୍ଡିଆ ମାରି ଦଣ୍ଡବତ ହୋଇଥିଲେ। ପରେ ସେ ବେଶ କିଛି ସମୟ ଭିଡିଓକୁ ଦେଖି ଭାବବିହ୍ୱଳ ହୋଇପଡିଥିଲେ। ଏହା ଦେଖି ସଭାସ୍ଥଳରେ ହଇଚଇ ସୃଷ୍ଟି ହୋଇଥିଲା। ଅନ୍ୟ ଜଣେ ମହିଳା ବୃଦ୍ଧାଙ୍କୁ ସାଙ୍ଗରେ ଧରି ସଭାସ୍ଥଳରେ ବସାଇଥିଲେ। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ମନରେ ରହିଛି ବୋଲି ଉପସ୍ଥିତ ଲୋକମାନେ ଆଲୋଚନା କରିଥିଲେ।

ବିଭିନ୍ନ ସ୍ଥାନରେ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ରହି ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ସମ୍ବଲପୁର ମହାନଗର ନିଗମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, କୁଚିଣ୍ଡା ବ୍ଲକରେ ଟୁକୁନି ସାହୁ, କୁଚିଣ୍ଡା ଏନ୍‌ଏସିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଜମନକିରା ବ୍ଲକରେ କୃଷିମନ୍ତ୍ରୀ ଅରୁଣ ସାହୁ, ବାମରା ବ୍ଲକରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରେଙ୍ଗାଲି ବ୍ଲକରେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ଧନକଉଡା ବ୍ଲକରେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନ, ମାନେଶ୍ୱର ବ୍ଲକରେ ଜଳସମ୍ପଦ ମନ୍ତ୍ରୀ ରଘୁ ନନ୍ଦନ ଦାସ ଅତିଥିଭାବେ ଯୋଗ ଦେଇଥିଲେ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଏହି କାର୍ଡ ବଣ୍ଟନ କରାଯିବ।

ରେଢାଖୋଲ କଦମ୍ବ ପଡିଆସ୍ଥିତ

### ଝୁଝୁମୁରାରେ ଭାବବିହ୍ୱଳ ହେଲେ ବୃଦ୍ଧା



ଝୁଝୁମୁରା ବ୍ଲକରେ ବୃଦ୍ଧାଙ୍କୁ ପାଛୋଟି ନିଆଯାଉଛି।

ଭୀମଭୋଇ ମଣ୍ଡପଠାରେ ମଙ୍ଗଳବାର ଆୟୋଜିତ ସମାରୋହରେ ଏନ୍‌ଏସିର ୧୪୪ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଉପଜିଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପଦେଷ୍ଟା ତଥା ଦଳର ମୁଖପାତ୍ର ସୁଲତା ଦେଓ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଥିଲେ। ସେହିପରି ରେଢାଖୋଲ ବ୍ଲକର ବଡବାହାଳ ପଞ୍ଚାୟତରେ ୧୭୧ ଓ ଲୁହାପଙ୍କ ପଞ୍ଚାୟତରେ ୧୮୦ ଜଣ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ପରିକ୍ଷିତ ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସି କର୍ମଚାରୀ ଅମିତାଭ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।

ନାକଟିଦେଉଳ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ସ୍ମାର୍ଟ କାର୍ଡ଼ ବଣ୍ଟନର ବ୍ଲକସ୍ତରୀୟ ସମାରୋହରେ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ରାଜ୍ୟ ହାଉସିଂ ବୋର୍ଡ଼ର ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଗରିବ ପରିବାରକୁ ନୂତନ ଭାବେ ସ୍ମାର୍ଟ କାର୍ଡ଼ ଯୋଗାଇ ଦେଇଛନ୍ତି। ତେଣୁ ସେମାନେ ଏହି ଯୋଜନାରେ ଲାଭ ପାଇପାରିବେ ବୋଲି ପ୍ରକାଶ କରିଥିଲେ। ଏଥିସହିତ ହିତାଧିକାରୀଙ୍କୁ ଏହି କାର୍ଡ଼ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବିଡ଼ିଓ ବିବେକାନନ୍ଦ ସାହୁ, ସରପଞ୍ଚ ଶଙ୍କର୍ଷଣ ବିଶି, ତହସିଲଦାର ସୁକାନ୍ତ କୁମାର ନାୟକ, ବ୍ଲକ ବିଜେଡ଼ି ସଭାପତି ମୁନିଆ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ୧୫୦୦ କୋଟିର ପ୍ରକଳ୍ପ ...

ଟଙ୍କାର ପାଣ୍ଠି କରାଯାଇଛି। ଦୁର୍ଘଟଣାର ୪୮ ଘଣ୍ଟା ଭିତରେ ସମସ୍ତ ଖର୍ଚ୍ଚ ବହନ କରାଯିବ। ଜିଲାରେ ପିଇବା ପାଣି ପାଇଁ ୧ ହଜାର କୋଟି ବ୍ୟୟ ଅଟକଳରେ ପ୍ରକଳ୍ପ କାମ ଚାଲିଛି। ୨୦୨୨ ସୁଦ୍ଧା ଜିଲାର ପ୍ରତ୍ୟେକ ଘରେ ପିଇବା ପାଣି ପହଞ୍ଚିବ। କୁଚିଣ୍ଡା ଓ ରେଢାଖୋଲ ଏନ୍‌ଏସିରେ ପାଣି ପହଞ୍ଚିସାରିଛି। ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ସ୍ୱାଗତ ଭାଷଣ ଦେବା ସହ ରାଜ୍ୟ ସରକାରଙ୍କ ମହତ୍ ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଉପରେ ବକ୍ତବ୍ୟ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ କୁଚିଣ୍ଡା ବିଧାନସଭାରେ ରାଜ୍ୟ ସରକାର ଆରମ୍ଭ ଓ ଶେଷ କରିଥିବା ଯୋଜନାଗୁଡ଼ିକ ବିଷୟରେ କହିଥିଲେ। ଭାଙ୍ଗିଯାଇଥିବା ଝୁଲେନ ପୋଲ ପୁନଃ ନିର୍ମାଣ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କହି ଧନ୍ୟବାଦ ଦେବା ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା। ଓଟିଡିସି ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର ଓ ଆକାଶ ଦାଶ ନାଏକ ସଭା ପରିଚାଳନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥର ଶୁଭାରମ୍ଭ କରିଥିଲେ।

## ରାସ୍ତା ମଝିରେ ...

ବାହାରୁଥିବା ବେଳେ ହଠତ୍ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡଙ୍କ ସହିତ ଏମ୍‌ଏସ୍‌ଏ ଛକରେ ମୁହାଁମୁହିଁ ହୋଇଥିଲେ। ମମିତା ହତ୍ୟାକାଣ୍ଡର ୨୩ ଦିନ ପରେ କାହିଁକି ବାହାରିଲେ ବୋଲି ଦୀପଜ୍ୟୋତି ମନ୍ତ୍ରୀଙ୍କୁ ପ୍ରଶ୍ନ କରି ତାଙ୍କ ଇସ୍ତଫା ଦାବି କରିଥିଲେ। ଏହି ସମୟରେ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ଦେଖଣାହାରି ସାଜିଥିଲେ। ଯାହାର ଏକ ଭିଡିଓ ଏବେ ଭାଇରାଲ ହୋଇଛି। ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତିଙ୍କୁ ପଚାରିବାରୁ

### ପ୍ରଥମ ପୃଷ୍ଠାରୁ...

ମମିତା ହତ୍ୟାକାଣ୍ଡ ପରଠୁ ମନ୍ତ୍ରୀ ଚୁପ୍ ରହିଥିଲେ। ପରେ ମା' ମାଣିକେଶ୍ୱରୀଙ୍କ ନାଁରେ ରାଣ ଖାଇଥିଲେ। ଆମେ ତାଙ୍କୁ କିଛି ପ୍ରଶ୍ନ ପଚାରିବା ପାଇଁ ଅପେକ୍ଷା କରିଥିଲୁ। ତେବେ ମନ୍ତ୍ରୀ ଘର ନିକଟରେ ଛିଡା ହୋଇଥିବା ସମୟରେ ମୁଁ ମନ୍ତ୍ରୀଙ୍କୁ କାହିଁକି ଇସ୍ତଫା ଦଉନୁ ବୋଲି ପଚାରିଥିଲି। କାହିଁକିନା ତାଙ୍କ ଇସ୍ତଫାରେ ହିଁ ହତ୍ୟାକାଣ୍ଡର ତଦନ୍ତ ନିରପେକ୍ଷ ହୋଇପାରିବ। ଏପରି ହତ୍ୟାକାଣ୍ଡ ନେଇ ବିଳମ୍ବରେ ମୁହଁ ଖୋଲିବା ବିଷୟ ମୁଁ ପଚାରିଥିଲି ବୋଲି କହିଥିଲେ। ଏ ନେଇ ମନ୍ତ୍ରୀ ମିଶ୍ରଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସର୍ବନିମ୍ନ ମଜୁରୀର ...

ବୈଠକରେ ସବୁ ବର୍ଗର ଶ୍ରମିକଙ୍କ ଦୈନିକ ମହଙ୍ଗା ଭତ୍ତା ୪ ଟଙ୍କା ବୃଦ୍ଧି ଲାଗି ନିଷ୍ପତ୍ତି ହୋଇଛି। ଶ୍ରମ କମିଶନର ଏନ୍ ଥିରୁମାଲା ନାଏକ ଏନେଇ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ଏହି ବର୍ଦ୍ଧିତ ଦୈନିକ ମହଙ୍ଗା ଭତ୍ତା ପିଛିଲା ଭାବେ ଅକ୍ଟୋବର ୧ରୁ ଲାଗୁ ହେବ। ଏହି ବର୍ଦ୍ଧିତ ଭତ୍ତା ଲାଗୁ ହେବାପରେ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୩୧୫ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ୩୫୫ ଟଙ୍କା, କୁଶଳୀଙ୍କ ୪୦୫ ଟଙ୍କା ଏବଂ ଉଚ୍ଚକୁଶଳୀଙ୍କ ୪୬୫ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମଜୁରୀର ଫାଇଦା ହୋଟେଲ, ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ରେଷ୍ଟୁରାଣ୍ଟ, ସିନେମା ହଲ୍ ଓ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ଆଦିରେ କାମ କରୁଥିବା ଶ୍ରମିକଙ୍କୁ ମଧ୍ୟ ମିଳିବ। ଚଳିତ ବର୍ଷ ଏପ୍ରିଲ ପହିଲାରେ ଶେଷଥର ପାଇଁ ଶ୍ରମିକମାନଙ୍କ ଦୈନିକ ମହଙ୍ଗା ଭତ୍ତା ସଂଶୋଧନ ହୋଇଥିଲା।

## କୋର୍ଟରେ ହାଜର ...

ତଦାରଖ କରିଥିଲେ। ବିଚାରାଧୀନ କଏଦୀଙ୍କ ପ୍ରତ୍ୟେକ ୧୪ ଦିନରେ ଥରେ କୋର୍ଟ ହାଜର ନିୟମ ରହିଥିବାବେଳେ ଏହି ଦୁଇ ଅଭିଯୁକ୍ତଙ୍କୁ ସୁରକ୍ଷା ଦୃଷ୍ଟିକୋଣରୁ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସିକୁ ଅଣା ନ ଯାଇ କଣ୍ଟାବାଞ୍ଜି ଉପକାରାଗାର ଭିତରୁ ଭିଡିଓ କନ୍‌ଫରେନ୍ସ କରାଯାଇଥିଲା। ଆଗାମୀ ୧୫ତାରିଖରେ ଉଭୟ ଅଭିଯୁକ୍ତଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯିବ ବୋଲି ଜଣାପଡିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଜମନକିରା, ୨।୧୧(ଡି.ଏନ.ଏ.)**

ଜମନକିରା ଥାନା ଟିଁକିବା ପଞ୍ଚାୟତ ରାଙ୍କିବାହାଲ ଗ୍ରାମ ପାଖ ଜଙ୍ଗଲରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ରାଙ୍କିବାହାଲ ଗାଁର ଅଜିତ ଧରୁଆଙ୍କ ସ୍ତ୍ରୀ ଯଶୋଦା ଧରୁଆ (୪୦) ଗତ ଶନିବାରଠାରୁ ନିଖୋଜ ଥିଲେ। ଏପରିସ୍ଥଳେ ନିକଟସ୍ଥ ପତରା ଜଙ୍ଗଲର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଜମନକିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ସ୍ପଷ୍ଟ ହୋଇ ପାରିନାହିଁ। ସାଇଣ୍ଟିଫିକ ଟିମ୍ ଆସି ଯାଞ୍ଚ କଲା ପରେ ଠିକ୍ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସ୍ତ୍ରୀ ବାପଘରେ ବନ୍ଧା ହେଲେ ସ୍ୱାମୀ, ଶ୍ୱଶୁର

**ବିଷମକଟକ,୨।୧୧(ଡି.ଏନ୍.ଏ.)-**

ବର୍ଷେ ହେଲା ଦମ୍ପତିଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସ୍ତ୍ରୀ ବାପଘରକୁ ଚାଲିଯାଇଥିଲେ। ଏହାକୁ ଭୁଲି ସ୍ୱାମୀ ଦୀପାବଳିରେ ସ୍ତ୍ରୀଙ୍କୁ ଘରକୁ ଡାକିବାକୁ ବାପା ଏବଂ ଗ୍ରାମର ଦୁଇ ଭଦ୍ରବ୍ୟକ୍ତିଙ୍କୁ ନେଇ ଶ୍ୱଶୁର ଘରକୁ ଯାଇଥିଲେ। ଶ୍ୱଶୁର ଘରେ ବାପପୁଅଙ୍କୁ ବାନ୍ଧି ମାଡ଼ ମାରିଥିବା ଜଣାପଡ଼ିଛି। ବିଷମକଟକ ଥାନା ଅଧୀନ ବରିଖାଲ ଗ୍ରାମରେ ଏଭଳି ଘଟଣା ଘଟିଛି। ବିଷମକଟକ ଥାନା ଅଧୀନ ଥୁଆପାଡ଼ି ଗ୍ରାମର ରୋହିତ ବିଡିକା ସ୍ତ୍ରୀ ମାଳତିଙ୍କୁ ଡାକିବାକୁ ବାପା ରାମାରାଓ ବିଡିକା ଓ ଗ୍ରାମର ଦୁଇ ଭଦ୍ର ବ୍ୟକ୍ତିଙ୍କ ସହ ମିଶି ଶ୍ୱଶୁର ଘର ବରିଖାଲ ଗ୍ରାମକୁ ଯାଇଥିଲେ। ସେଠାରେ ଦମ୍ପତିଙ୍କ ମଧ୍ୟରେ ପୁଣି ବଚସା ହୋଇଥିଲା। ପରେ ମାଳତି ସ୍ୱାମୀ ଓ ଶଶୁରଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ମାଡ଼ ମାରିଥିଲେ। ବିଷମକଟକ ପୋଲିସ ଖବର ପାଇ ବରିଖାଲ ଗ୍ରାମରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରିଥିଲା। ଏ ନେଇ ରୋହିତ ବିଷମକଟକ ଥାନାରେ ଅଭିଯୋଗ କରିଛନ୍ତି।

# କାଠଯୋଡ଼ି ପୋଲ ମରାମତି ପାଇଁ ବନ୍ଦ ରହିବ ଯାତାୟାତ

**କଟକ ଅଫିସ,୨।୧୧**

ଜାତୀୟ ରାଜପଥର ଭୁବନେଶ୍ୱର ଯିବା ବାମପାର୍ଶ୍ୱ କାଠଯୋଡି ନଦୀ ପୋଲ ମରାମତି ନିମନ୍ତେ ଆସନ୍ତା ୪ ତାରିଖରୁ ୧।୨।୨୦୨୨ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରହିବ। ଭୁବନେଶ୍ୱର ପଟୁ କଟକ ଆଡକୁ ଆସୁଥିବା ଗାଡି କାଠଯୋଡ଼ି ମଝି ପୋଲ ଦେଇ ଯାତାୟାତ କରିପାରିବ। ଯେଉଁ ଗାଡି (୨ କିମ୍ବା ୪ ଚକିଆ)ଗୁଡିକ ଜଗତ୍‌ପୁର କିମ୍ବା ଚଣ୍ଡୀଖୋଲ ଆଡକୁ ଯିବାକୁ ଚାହିଁବ, ସେଗୁଡିକ ମଣିମନ୍ଦିର ଓଭରବ୍ରିଜଠାରୁ ବାମ ମୋଡ ଦେଇ ମଧୁପାଟଣା ଫ୍ଲାଏଓଭର ଉପରେ ଯାଇପାରିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

**QUOTATION CALL NOTICE**

**OFFICE OF THE DEPUTY DIRECTOR OF TEXTILES, BARGARH**

Ph. No. 06646-233161, email- ddtbargarh@gmail.com

**ADVT. No- 3061 Date-30.10.2021**

No.PP-66:- Expressions of interest are invited from intending suppliers / manufacturers having up to date GST clearance for supply of the Looms, Weaving Accessories etc to different PWCS of Bargarh and Sambalpur district for disbursement to weavers under "Promotion of Handloom Industries" scheme for the year 2020-21. The last date for receipt of tender paper is 17.11.2021 up to 5 P.M. & the same will be opened on date 18.11.2021 at 11 A.M. The detail Specification, terms and condition of quotation are available on the website **www.sambalpuribastralaya.com / www.sadhacodisha.org.**

Sd./- S.K.Nag
Deputy Director of Textiles, Bargarh
At/Po-Bargarh, Dist-Bargarh-768028, Odisha
OIPR-31032/11/0003/2122

File No. DMOS-11/3/2021-DMOSCSC SEC-JAGATSINGHPUR COL 55 I/51583/2021(1)

**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., JAGATSINGHPUR**

Phone No.: 06724-223066

**Tender No. 3869** **Date. 01.11.2021**

No. CAD-1675:- District Manager, Odisha State Civil Supplies Corporation Ltd., Jagatsinghpur invite tender through **ONLINE MODE ONLY** for the below mentioned works.

| | | |
|---|---|---|
| 1 | Name of the work | Selection and appointment of transport contractor for transportation of paddy from PPCs to mill points of Jagatsinghpur district. |
| 2 | Availability of Tender Documents in the website | Dt. 02.11.2021 at 11.00 AM |
| 3 | Last date for online submission of completed tender documents with enclosure | Dt.24.11.2021 up to 5.00 PM |
| 4 | Date, time for opening of Technical Bid by the Tender Committe | Dt.26.11.2021 at 11.00 AM |

The Tender documents & other details shall be available in the e-procurement portal www.tenderodisha.gov.in / www.oscs.in and also in the district web portal www.jagatsinghpur.nic.in. Further, Amendment/ Corrigendum/ Cancellation/ retenders etc. if any shall be published in the above website from time to time.

Sd./- District Manager
OSCSC Ltd., Jagatsinghpur
OIPR-07020/11/0006/2122

**TUMBA DEVELOPMENT AGENCY, TUMBA, GANJAM**

Regd. No. 13592/436 of 1978-79 Dt.30.07.78 under Society Regd. Act. of 1860
E-Mail: tdatumba@gmail.com / Ph. No. 0680-2648875

Order No. 350/TDA (OPELIP) Dt.29.10.2021

**TENDER CALL NOTICE - 02/2021-22 DATED: 30.10.2021**

No. CAD-1670: The Special Officer, TDA, Tumba, Ganjam, Odisha invites sealed percentage rate bid render on behalf of Governor of Odisha from registered and eligible Civil Contractors 'C' & 'B' of the State PWD (R&B) Water Resources/Rural Works/M.I./C.P.W.D. for the following works for tender value as mentioned against each work in Column No. 03 eventually to be drawn up in the PWD - P1 form in conformity with the Detailed Tender Call Notice.

| Sl. No. | Name of the Project | Approx. Cost of Project in Rs. | Cost of Tender Schedule in Rs. | EMD @ 1% Rs. | Stipulated Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Checkdam at Dimbirinala of Kenheimala, G.P.-Tumba under TDA, Tumba for F.Y. 2021-22 | 15,73,407.00 | 6,000.00 | NIL | 6 (Six) Calendar Months |

The approved Tender Schedule along with DTCN will be available in the official website **http://www.ganjam.nic.in** for Dt.30.10.2021 to 15.11.2021 upto 05.30 P.M. and can be downloaded from the above website. The last date of receipt of tender paper is upto 05.30 P.M. of Dated 15.11.2021 through Registered Post/Speed Post only. The sealed tenders received through Registered Post/Speed Post will be opened on dated 17.11.2021 at 11.30 A.M. in presence of the contractors or their authorized representatives at TDA, Tumba Office.
The authority reserves the right to reject any or all tenders without assigning any reason thereof.

OIPR-26032/11/0002/2122 Sd./- Special Officer, TDA, Tumba, Ganjam

**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)**

Letter No. 13232/E 3-X-185/21 Date: 27.10.21

**Invitation for Bids**

**NATIONAL COMPETITIVE BIDDING THROUGH E-PROCUREMENT**

Bid Identification No. BMC (BAM):- 246/2021-2022

No. C-1186:-

| | | |
|---|---|---|
| 1 | **The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | Road work |
| 3 | **No. of work** | **10 Nos.** |
| 4 | **Bid Cost.** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 10.00 hrs. of **Dt.01.11.2021** to 17.00 hrs. of **15.11.2021** |
| 8 | **Date & Time of Opening of Technical Bids** | 11.30 hrs. onwards on **Dt. 16.11.21** |
| 9 | **Date & time of opening of financial bids** | Shall be intimated to the responsive Technically qualified bidder after evolution of Technical bids. |
| 10 | **Mode of submission of tender** | Tender should be submitted Online in **www.tendersorissa.gov.in** |
| 11 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

Sd./- Commissioner,
Berhampur Municipal Corporation
Berhampur, Odisha
OIPR-13035/11/0026/2122

DSPL-226

**ଓଡ଼ିଶା ସରକାର**
**ସ୍ୱତନ୍ତ୍ର ରିଲିଫ୍ କମିଶନର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**(ବିପର୍ଯ୍ୟୟ ପରିଚାଳନା)**

**ସୂଚନା**

ଏତଦ୍ୱାରା ସମସ୍ତଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ପ୍ରକାଶିତ ରାୟ ତା30.06.2021 ଓ ତା.04.10.2021 (Case No. WP(C)-539/2021) ମତେ ଭାରତ ସରକାରଙ୍କ National Disaster Management Authority (NDMA) ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ/ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଣିତ ନିୟମାବଳୀ ନଂ.16/11/2021-RR ତା.11.09.2021 ଏବଂ ଗୃହ ମନ୍ତ୍ରଣାଳୟଙ୍କ ଦ୍ୱାରା ତା.25.09.2021ରେ ପ୍ରକାଶିତ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (SDRF)ର ସଂଶୋଧିତ ସର୍ତ୍ତ ଓ ନିୟମାନୁଯାୟୀ ରାଜ୍ୟରେ କୋଭିଡ୍-19ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟ/ ଆତ୍ମୀୟସ୍ୱଜନଙ୍କୁ ଟ.50,000/- (ପଚାଶ ହଜାର ଟଙ୍କା) ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ।

ମୃତ ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନ ଏବଂ ନିକଟତମ ସମ୍ପର୍କୀୟ ନିର୍ଦ୍ଧାରିତ ଆବେଦନ ପତ୍ର/ ଦରଖାସ୍ତ ଜରିଆରେ ଆବେଦନ ପତ୍ରରେ ଦର୍ଶାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ ଓ କୋଭିଡ୍-19 ମୃତ୍ୟୁ ପ୍ରମାଣପତ୍ର ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) ଓ Website - https://caps.odisha.gov.in (Online) ଜରିଆରେ ତା.03.11.2021ରିଖଠାରୁ ଦାଖଲ/ଆବେଦନ କରିପାରିବେ । ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ କେବଳ ଗୋଟିଏ ମାତ୍ର ଆବେଦନ ପତ୍ର/ଦରଖସ୍ତ ଗ୍ରହଣ କରାଯିବ ।

ଆବେଦନ ପତ୍ର/ ଦରଖାସ୍ତ ଦାଖଲର 30 ଦିନ ମଧ୍ୟରେ ଅନୁକମ୍ପାମୂଳକ ସହାୟତା ରାଶି ଯୋଗ୍ୟ ନିକଟତମ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟଙ୍କୁ ଦିଆଯିବ । ଯଦି ଆବେଦନ ପତ୍ରରେ କୌଣସି ତଥ୍ୟ/ ପ୍ରମାଣପତ୍ର ଅସଙ୍ଗତି/ ଅଭାବ ପରିଲକ୍ଷିତ ହୁଏ ତେବେ ଆବେଦନକାରୀ ସମସ୍ତ ସଠିକ୍ ଏବଂ ସମ୍ପୂର୍ଣ୍ଣ ବିବରଣୀ/ ତଥ୍ୟର ନକଲ ଦାଖଲ କରିବାର 30 ଦିନ ମଧ୍ୟରେ ସହାୟତା ରାଶି ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ।

ଏହି ଆବେଦନ ପତ୍ରରେ ଆବେଦନକାରୀ ଦେଇଥିବା ସମସ୍ତ ବିବରଣୀ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତନଖି କରାଯାଇ OCAC ଦ୍ୱାରା ପ୍ରସ୍ତୁତ ଏବଂ Web Portal- (Website- https://caps.odisha.gov.in) "CAPS" (Covid-19 Exgratia Assistance Payment System)ରେ Upload କରାଯିବ । ଏହି Web Portal ସମ୍ପୃକ୍ତ ତହସିଲଦାରଙ୍କ ପାଖକୁ Verification ଓ Next of Kin (NoK) (ନିକଟତମ ସମ୍ପର୍କୀୟ)ଙ୍କ ଚିହ୍ନଟ ପାଇଁ ପଠାଯିବ । ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା NoK ଚିହ୍ନଟ କରାଯାଇ ତାହା ସେହି Web Portal ରେ Upload କରାଯାଇ ଉପଜିଲ୍ଲାପାଳ (Sub-Collector) ଓ ଅତିରିକ୍ତ ଜିଲ୍ଲାପାଳ (Additional District Magistrate)ଙ୍କ ଜରିଆରେ ଜିଲ୍ଲାପାଳଙ୍କ ପାଖକୁ ଅନୁମୋଦନ ଓ ସହାୟତା ରାଶି ମଞ୍ଜୁର କରାଯାଇ NoKଙ୍କ Bank A/cକୁ ସିଧାସଳଖ ସହାୟତା ରାଶି ଟ.50,000/- ପଠାଯିବ ।

ସ୍ୱା./- ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡ଼ିଶା

**ଆବେଦନପତ୍ର / ଦରଖାସ୍ତର ନମୁନା**

**କୋଭିଡ୍-୧୯ ମହାମାରୀରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ପଚାଶ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପାଇବା ପାଇଁ ଦରଖାସ୍ତ/ ଆବେଦନପତ୍ର**

ପ୍ରେରକ:-
ଶ୍ରୀ/ଶ୍ରୀମତୀ/କୁମାରୀ: ____
ବର୍ତ୍ତମାନ ଠିକଣା: ____
ମୋବାଇଲ ଫୋନ ନଂ.: ____
ଇ-ମେଲ୍ ଠିକଣା: ____
ଆଧାର କାର୍ଡ ନମ୍ବର*: ____

ପ୍ରାପକ,
ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ
____

ବିଷୟ:- କୋଭିଡ୍ ମୃତ୍ୟୁ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଅନୁକମ୍ପାମୂଳକ ସହାୟତା ଟ.୫୦,୦୦୦/- (ପଚାଶ ହଜାର) ପ୍ରଦାନ ସମ୍ପର୍କରେ ।

ମହାଶୟ,
ମୋର ସ୍ୱାମୀ/ ସ୍ତ୍ରୀ/ ପୁତ୍ର/ କନ୍ୟା/ ............................/ ____ ତାରିଖ ଦିନ କୋଭିଡ୍-୧୯ରେ ମୃତ୍ୟୁବରଣ କରିଛନ୍ତି । ତାଙ୍କର ତଥ୍ୟ ନିମ୍ନ ମତେ ପ୍ରଦାନ କରାଯାଇଅଛି ।

1. ମୃତ ବ୍ୟକ୍ତିଙ୍କ ନାମ:
2. ଲିଙ୍ଗ (ପୁରୁଷ/ସ୍ତ୍ରୀ):
3. ଜାତୀୟତା:
4. ମୃତ ବ୍ୟକ୍ତିଙ୍କ ପିତା/ମାତା/ସ୍ୱାମୀଙ୍କ ନାମ:
5. ମୃତ୍ୟୁର ତାରିଖ: ମୃତ୍ୟୁ ସମୟ:
6. ମୃତ୍ୟୁ ସ୍ଥାନର ନାମ (ଡାକ୍ତରଖାନା/ ଗୃହ/ ଅନ୍ୟାନ୍ୟ ସ୍ଥାନ):
7. ମୃତ ବ୍ୟକ୍ତିଙ୍କ ବୟସ ମୃତ୍ୟୁ ତାରିଖ ସୁଦ୍ଧା: ____ ବର୍ଷ
8. ମୃତ ବ୍ୟକ୍ତିଙ୍କ ସ୍ଥାୟୀ ଠିକଣା:
9. ଡାକ/ଯୋଗାଯୋଗ ଠିକଣା:
10. ଇ-ମେଲ୍ ଠିକଣା (ନିକଟ ସମ୍ପର୍କୀୟଙ୍କ):
11. ମୋବାଇଲ୍ ନଂ. (ନିକଟ ସମ୍ପର୍କୀୟଙ୍କ):
12. ଆଧାର କାର୍ଡ ନମ୍ବର* (ନିକଟ ସମ୍ପର୍କୀୟଙ୍କ):
13. ଆବେଦନକାରୀ ମୃତ ବ୍ୟକ୍ତି, ନିକଟତମ ସମ୍ପର୍କୀୟଙ୍କ ଯେ କୌଣସି ଗୋଟିଏ ପରିଚୟ ପ୍ରମାଣପତ୍ର (ନିମ୍ନରେ ଦିଆଯାଇଥିବା ପ୍ରମାଣପତ୍ର ମଧ୍ୟରୁ) ସଂଲଗ୍ନ କରିବେ:
(ପ୍ୟାନ୍ କାର୍ଡ/ ଆଧାର କାର୍ଡ*/ ଭୋଟର ପରିଚୟ ପତ୍ର/ ଡାଇଭିଂ ଲାଇସେନ୍ସ/ ରାଜ୍ୟ ସରକାର, କେନ୍ଦ୍ର ସରକାର, ସାଧାରଣ ଉଦ୍ୟୋଗ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର/ ପାସ୍‌ପୋର୍ଟ/ ଗ୍ୟାସ୍ ସଂଯୋଗ ପ୍ରମାଣପତ୍ର/ ବିଦ୍ୟୁତ୍ ବିଲ୍/ ପେନ୍‌ସନ କାର୍ଡ/ ଖାଉଟି କାର୍ଡ/ ଜାତୀୟକରଣ ବ୍ୟାଙ୍କର ସଞ୍ଚୟ ବହି/ ଡାକଘର ସଞ୍ଚୟ ବହି ଇତ୍ୟାଦି)
14. ମୃତ ବ୍ୟକ୍ତିଙ୍କ ସହ ସମ୍ପର୍କ: (ପିତା/ ମାତା/ ସ୍ତ୍ରୀ/ ପୁତ୍ର/ ବିଧବା ପୁତ୍ରବଧୂ/ ନିର୍ଭର କରୁଥିବା ଭଉଣୀ/ ନିର୍ଭର କରୁଥିବା ଭାଇ/ ଅବିବାହିତ କନ୍ୟା/ ନିର୍ଭର କରୁଥିବା ବିବାହିତ କନ୍ୟା):
15. କୋଭିଡ୍-19 ମୃତ୍ୟୁ ପ୍ରମାଣପତ୍ରର ନଂ. ____/ତାରିଖ ____
16. କୋଭିଡ୍-19 ମୃତ୍ୟୁ ପ୍ରମାଣପତ୍ର ଦେଇଥିବା କର୍ତ୍ତୃପକ୍ଷଙ୍କ ନାମ:
17. ନିକଟତମ ସମ୍ପର୍କୀୟଙ୍କ ବ୍ୟାଙ୍କ ବିବରଣୀ:
(କ) ବ୍ୟାଙ୍କର ନାମ: ____ (ଖ) ଆକାଉଣ୍ଟ ନମ୍ବର: ____
(ଗ) IFSC No.: ____
18. ଆବେଦନକାରୀ/ ନିକଟତମ ସମ୍ପର୍କୀୟ ସଂଲଗ୍ନ କରିଥିବା ଦସ୍ତାବିଜ - **(ଠିକ୍ ଚିହ୍ନ ଦିଅନ୍ତୁ)**
i. ଆବେଦନକାରୀ/ ଦରଖାସ୍ତକାରୀଙ୍କ ନିଜସ୍ୱ ଦସ୍ତଖତ ଥିବା ମୃତ ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣପତ୍ରର ନକଲ
ii. ଆବେଦନକାରୀ/ଦରଖାସ୍ତକାରୀଙ୍କ ନିଜସ୍ୱ ଦସ୍ତଖତ ଥିବା ଜିଲ୍ଲା ସ୍ତରରେ ପ୍ରଦାନ କରାଯାଇଥିବା "Official Documents for Covid-19" ନକଲ ନିର୍ଦ୍ଧାରିତ ଫର୍ମରେ
iii. ଆବେଦନକାରୀ/ଦରଖାସ୍ତକାରୀଙ୍କ ନିଜସ୍ୱ ଦସ୍ତଖତ ଥିବା ଆଧାର କାର୍ଡର ନକଲ*
iv. ଆବେଦନକାରୀ/ଦରଖାସ୍ତକାରୀଙ୍କ ନିଜସ୍ୱ ଦସ୍ତଖତ ଥିବା (ମୃତ ବ୍ୟକ୍ତି/ ଆବେଦନକାରୀ/ ନିକଟ ସମ୍ପର୍କୀୟଙ୍କ) ଯେକୌଣସି ଗୋଟିଏ ପରିଚୟ ପ୍ରମାଣପତ୍ର:
(ପ୍ୟାନ୍ କାର୍ଡ/ ଆଧାର କାର୍ଡ*/ ଭୋଟର ପରିଚୟ ପତ୍ର/ ଡାଇଭିଂ ଲାଇସେନ୍ସ/ ରାଜ୍ୟ ସରକାର, କେନ୍ଦ୍ର ସରକାର, ସାଧାରଣ ଉଦ୍ୟୋଗ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର/ ପାସ୍‌ପୋର୍ଟ/ ଗ୍ୟାସ୍ ସଂଯୋଗ ପ୍ରମାଣପତ୍ର/ ବିଦ୍ୟୁତ୍ ବିଲ୍/ ପେନ୍‌ସନ କାର୍ଡ/ ଖାଉଟି କାର୍ଡ/ ଜାତୀୟକରଣ ବ୍ୟାଙ୍କର ସଞ୍ଚୟ ବହି/ ଡାକଘର ସଞ୍ଚୟ ବହି ଇତ୍ୟାଦି)
v. ନିକଟତମ ସମ୍ପର୍କୀୟଙ୍କ ବ୍ୟାଙ୍କ ପାସ୍ ବହିର ପ୍ରଥମ ପୃଷ୍ଠାର ନକଲ
vi. ଯଦି ଏକାଧିକ ନିକଟତମ ସମ୍ପର୍କୀୟ ଅନୁକମ୍ପାମୂଳକ ସହାୟତା ପାଇବାକୁ ଯୋଗ୍ୟ ହୋଇଥାନ୍ତି ତେବେ ଆବେଦନକାରୀ ସମସ୍ତ ଯୋଗ୍ୟ ନିକଟତମ ସମ୍ପର୍କୀୟଙ୍କ ନାମ ଓ ବ୍ୟାଙ୍କ ବିବରଣୀ ପ୍ରଦାନ/ସଂଲଗ୍ନ କରିବେ ।

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଓ ସ୍ୱାସ୍ଥ୍ୟଙ୍କ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କୋଭିଡ୍ ମୃତ୍ୟୁର ନିୟମାବଳୀ ଅନୁଯାୟୀ ଟ.୫୦,୦୦୦/- (ପଚାଶ ହଜାର) ଟଙ୍କା ଅନୁକମ୍ପାମୂଳକ ସହାୟତା ଦେବା ପାଇଁ ଅନୁରୋଧ କରୁଅଛି ।

ଆପଣଙ୍କ ବିଶ୍ୱସ୍ତ
ଆବେଦନକାରୀ/ଦରଖାସ୍ତକାରୀ/ସମ୍ପର୍କୀୟଙ୍କ ଦସ୍ତଖତ
ଆଧାର କାର୍ଡ ନମ୍ବର*:
ମୋବାଇଲ୍ ନଂ.:
ଇମେଲ୍ ଠିକଣା:
ତାରିଖ:

* ଯଦି ଆଧାର କାର୍ଡ ନ ଥାଏ ତେବେ ସରକାରଙ୍କ ଦ୍ୱାରା ଅନୁମୋଦିତ ଯେକୌଣସି ଗୋଟିଏ ପରିଚୟ ପ୍ରମାଣପତ୍ର ପ୍ରଦାନ କରିବେ ।

**Application Form for Ex-gratia Assistance from SDRF for COVID-19 Death**

From:
Sri/Smt/ Kumari ____
Address: ____
Mob. No. ____
Email i/d ____
Aadhaar Card No. * ____

To,
**The Collector & District Magistrate,**
____

**Sub : Ex-gratia assistance of Rs.50,000/- (Fifty thousand) from SDRF for COVID-19 death**

Sir,
My husband/Wife/Son/Daughter/........................./____ lost his/her life due to COVID-19 on ____, whose particulars are given hereunder.

1. Name of the Deceased Person (in CAPITAL LETTERS) :
2. Gender: Male/ Female
3. Nationality:
4. Name of the Father/ Mother/ Husband of the deceased person;
5. Date of Death : Time of Death :
6. Place of Death (Hospital/ Home/ Other places):
7. Age of the deceased person on the date of death: ____ Years
8. Permanent Address of the deceased person:
9. Address for communication:
10. Email id of NoK:
11. Mobile No. of NoK:
12. Aadhaar Card No. * of NoK:
13. The Applicant will enclose any one Identity Proof of Deceased/ NoK from the list mentioned below:
(PAN Card/ Aadhaar Card *, Voter Id Card, Driving license, ID card issued by State Govt./ Central Govt./ State PSUs, Indian Passport, Proof of Gas connection, Electricity Bill, Pension payment orders with photos, NFSA Card/ Ration Card/ Pass Book showing address issued by scheduled bank/ Post Office etc.)
14. Relation of the deceased with applicant/ NoK: *(Father/ Mother/ Spouse/ Son widowed daughter-in-law/ Dependant sister/ Dependant brother/ Unmarried daughter/ Dependant married daughter)*
15. Covid-19 Death Certificate No.____, Date of Issue:____
16. Name of the authority issuing Covid-19 Death Certificate:____
17. Bank Account Details of NoK of the deceased:
(a) Name of the Bank ____ (b)Bank Account No.____
(c) IFSC Code No.____
18. Document Enclosed by Applicant/ Nok **(Pl. Put a Tick mark)**:
(i) Self attested copy of Death Certificate
(ii) Self attested copy of Official Document for COVID-19 Death issued by the District-Level Committee
(iii) Self attested copy of Aadhaar Card of the deceased *
(iv) Self attested copy of any Identity Proof of NoK/ Applicant/ Deceased: (PAN Card/ Aadhaar Card *, Voter Id Card, Driving license, ID card issued by State Govt./ Central Govt./ State PSUs, Indian Passport, Proof of Gas connection, Electricity Bill, Pension payment orders with photos, NFSA Card/ Ration Card/ Pass Book showing address issued by scheduled bank/ Post Office etc.)
(v) Copy of 1st page of Bank Pass Book of NoK.
(vi) If there is more than one NoK eligible to get ex-gratia assistance then the applicant will submit the names of eligible NoK/ Bank Details of NoK

Kindly grant me ex-gratia assistance of Rs.50,000/- (Fifty thousand) as per the guidelines issued by the Ministry of Home affairs, Govt. of India & Ministry of Health & FW, Govt. of India .

Yours faithfully,
(Signature of the applicant/ NoK)
Aadhaar Card No. * :
Mobile No:
E-mail id if any:
Date:

* In absence of Aadhaar Card, anyone Govt. approved Id proof may be submitted.

OIPR-24003/13/0006/2122

**୨୨ ଲକ୍ଷ ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ୟାନ୍**
ସେପ୍ଟେମ୍ବରରେ ହ୍ୱାଟ୍ସଆପ୍ ଭାରତରେ ୨୨ ଲକ୍ଷ ଆକାଉଣ୍ଟକୁ ରଦ୍ଦ କରିଛି। ସେହିଭଳି କମ୍ପାନୀ ୫୬୦ ଅଭିଯୋଗ ରିପୋର୍ଟ ଗ୍ରହଣ କରିଛି। ପ୍ଲାଟ୍‌ଫର୍ମକୁ ସୁରକ୍ଷିତ ରଖିବା ଲାଗି ଟେକ୍ନୋଲୋଜିର ବ୍ୟବହାର କରାଯାଉଥିବା ହ୍ୱାଟ୍ସଆପ୍‌ର ମୁଖପାତ୍ର କହିଛନ୍ତି। ଆଇଟି ଆଇନ ୨୦୨୧ ଅନୁସାରେ ହ୍ୱାଟ୍ସଆପ୍ ମାସିକ ରିପୋର୍ଟ ପ୍ରକାଶ କରୁଛି। ଗତ ୪ ମାସ ହେବ କମ୍ପାନୀ ଏଭଳି ରିପୋର୍ଟ ପ୍ରକାଶ କରିଛି। ସାରା ବିଶ୍ୱରେ କମ୍ପାନୀ ମାସିକ ହାରାହାରି ୮ ନିୟୁତ ଆକାଉଣ୍ଟ ବ୍ୟାନ୍ କରୁଛି।

## ସଂକ୍ଷେପରେ

### ସି.ଏସ୍. ଭେଙ୍କଟକ୍ରିଷ୍ଣନ ହେଲେ ବାର୍କଲେଜ ବ୍ୟାଙ୍କ ସିଇଓ



**ନୂଆଦିଲ୍ଲୀ,୨।୧୧:** ମହୀଶୂର ଜନ୍ମିତ ସି.ଏସ୍. ଭେଙ୍କଟକ୍ରିଷ୍ଣନ ବ୍ରିଟେନର ତୃତୀୟ ସର୍ବବୃହତ୍ତ ବ୍ୟାଙ୍କ ବାର୍କଲେଜର ମୁଖ୍ୟ କାର୍ଯ୍ୟ ନିର୍ବାହି ଅଧିକାରୀ(ସିଇଓ) ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି ପଦବୀରେ ଜେସ୍ ଷ୍ଟାଲେ କାର୍ଯ୍ୟ କରୁଥିଲେ। ଫାଇନାନ୍ସର ଜେଫ୍ରେ ଏପଷ୍ଟେନଙ୍କ ସହ ସମ୍ପର୍କ ନେଇ ତଦନ୍ତ ହେବା ପରେ ସୋମବାର ଷ୍ଟାଲେ ପଦବୀରୁ ଓହରିବା ପରେ ବର୍ତ୍ତମାନ ବ୍ୟାଙ୍କର ମୁଖ୍ୟ ଭାବେ ଭେଙ୍କଟକ୍ରିଷ୍ଣନ ଅବସ୍ଥାପିତ ହୋଇଛନ୍ତି। ଭେଙ୍କଟରମଣ ପୂର୍ବରୁ ବ୍ୟାଙ୍କର ମାର୍କେଟ ଏବଂ ଚିଫ୍ ରିସ୍କ ଅଫିସର ଭାବେ କାମ କରିଛନ୍ତି। ସେ ଭେଙ୍କଟ ନାମରେ ବେଶ ଜଣାଶୁଣା। ମାସୁଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ସେ ଡିଗ୍ରୀ ହାସଲ କରିଛନ୍ତି। ଅପରେଶନ ରିସର୍ଚ୍ଚରେ ସେ ପିଏଚ୍‌ଡି କରିଛନ୍ତି। ୧୯୯୪ରେ ସେ ଜେପି ମୋର୍ଗାନରେ ଯୋଗ ଦେଇଥିଲେ। ଜେପି ମୋର୍ଗାନରେ ସେ ୨ ଦଶନ୍ଧିରୁ ଅଧିକ ସମୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାମ କରିଛନ୍ତି।

### ବିମାନରେ ମିଳିବ ଷ୍ଟାର୍‌ଲିଙ୍କ୍ ବ୍ରଡ୍‌ବ୍ୟାଣ୍ଡ

**ନୂଆଦିଲ୍ଲୀ,୨।୧୧:** ଆଗାମୀ ଦିନରେ ବିମାନଗୁଡ଼ିକରେ ଷ୍ଟାର୍‌ଲିଙ୍କ୍ ବ୍ରଡ୍‌ବ୍ୟାଣ୍ଡ୍ ସୁବିଧା ଉପଲବ୍ଧ ହେବ। ଏ ନେଇ ବିମାନ କମ୍ପାନୀଗୁଡ଼ିକ ସହ ଆଲୋଚନା ଜାରି ରହିଛି ବୋଲି ବିଲିୟନେୟାର ଉଦ୍ୟୋଗୀ ଏଲନ ମସ୍କ ମଙ୍ଗଳବାର ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ରକେଟ କମ୍ପାନୀ ସ୍ପେସ୍ ଏକ୍ସ ପକ୍ଷରୁ ଷ୍ଟାର୍‌ଲିଙ୍କ୍ ହେଉଛି ସାଟେଲାଇଟ ଭିତ୍ତିକ ବ୍ରଡ୍‌ବ୍ୟାଣ୍ଡ୍ ସେବା। କେଉଁ ବିମାନ



କମ୍ପାନୀଗୁଡ଼ିକ ସହ ଆଲୋଚନା ହେଉଛି ସେ ନେଇ ମସ୍କ କିଛି ସ୍ପଷ୍ଟ କରିନାହାନ୍ତି। ସ୍ପେସ୍ ଏକ୍ସ ୧୨ ହଜାର ସାଟେଲାଇଟ ଦ୍ୱାରା ଏଭଳି ସୁବିଧା ଉପଲବ୍ଧ କରାଇବ ବୋଲି କୁହାଯାଉଛି। ଏଥିଲାଗି କମ୍ପାନୀ ୧୦ ବିଲିୟନ ଡଲାର ନିବେଶ କରିବା ନେଇ ଲକ୍ଷ୍ୟ ରଖିଛି। ଏଭଳି କ୍ଷେତ୍ରରେ ସେବା ଯୋଗାଣ ଲାଗି ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରବେଶ କରୁଛନ୍ତି। ଏସବୁ କମ୍ପାନୀଗୁଡ଼ିକ ମଧ୍ୟରେ ଆମାଜନ ଡଟ୍ କମ୍‌ର କ୍ୱିପର, ବ୍ରିଟେନର ୱାନ୍‌ୱେବ୍, ଭେଞ୍ଚର କ୍ୟାପିଟାଲ ସହଯୋଗ ହାସଲ କରିଥିବା କମ୍ପାନୀ ପ୍ଲାନେଟ ଏବଂ ରେଥେୟନ ଟେକ୍ନୋଲୋଜି କର୍ପୋରେଶନର ବ୍ଲୁ କାନୟନ ଟେକ୍ନୋଲୋଜି ସାମିଲ ରହିଛି।

# ଧନ୍‌ତେରସକୁ ନେଇ ଜୁଏଲର୍ସ ଉତ୍ସାହିତ

## ଓଡ଼ିଶାରେ ୧୦୦କୋଟିରୁ ଉର୍ଦ୍ଧ୍ୱ ସୁନା ବିକ୍ରି

**ଭୁବନେଶ୍ୱର,୨।୧୧**

କୋଭିଡ୍ କଟକଣା ମଧ୍ୟରେ ଚଳିତ ବର୍ଷ 'ଧନ୍‌ତେରସ' ସାରା ଦେଶରେ ପାଳିତ ହୋଇଯାଇଛି। କରୋନା ଗାଇଡ୍‌ଲାଇନ ମଧ୍ୟରେ ମଙ୍ଗଳବାର ଜୁଏଲର୍ସ କାରବାର କରିଛନ୍ତି। ଧନ୍‌ତେରସରେ ସୁନା କିଣିଲେ ଶୁଭ ହୁଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ବଜାରରେ କଟକଣା କୋହଳ ହୋଇଥିବାରୁ ବିକ୍ରି ଉନ୍ନତ ରହିଛି। ଚଳିତ ବର୍ଷ ସୁନା କାରବାର ଗତ ୩ ବର୍ଷର ରେକର୍ଡ ଭାଙ୍ଗିଥିବା ଆକଳନ କରାଯାଉଛି। ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଆକର୍ଷଣୀୟ ଉପହାର ଓ ରିହାତି ପ୍ରଦାନ କରୁଛନ୍ତି। ମଙ୍ଗଳବାର ଗହଣାର ପ୍ରମୁଖ ବ୍ରାଣ୍ଡ ଷ୍ଟୋର ଯଥା ମାଲାବାର, ଲାଲ୍‌ଚାନ୍ଦ, କଲ୍ୟାଣ, ଖିମ୍‌ଜୀ, ଅରୁନ୍ଧତୀ, ଇପାରୀ, ତନିସ୍କ, ସେନ୍‌କୋ ଓ ରିଲାଏନ୍ସ ଭଳି ଅଳଙ୍କାର ଶୋ'ରୁମ୍‌ରେ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମଧ୍ୟ ଗ୍ରାହକଙ୍କ ଉପସ୍ଥିତି ଲାଗି ରହିଥିବା ଶିଳ୍ପ ପକ୍ଷରୁ ସୂଚନା ମିଳିଛି।

ହଲ୍‌ମାର୍କ, ଲୋକନାଥ, ବିଶନଦୟାଲ, ପି.ସି.ଚନ୍ଦ୍ରା ଏବଂ ହିନ୍ଦୁସ୍ଥାନ ସମେତ ଅନେକ ଅଳଙ୍କାର ଶୋ'ରୁମ୍‌ଗୁଡ଼ିକ ଭଲ କାରବାର କରିଥିବା ବ୍ୟବସାୟୀମାନେ ମତବ୍ୟକ୍ତ କରିଛନ୍ତି। ଧନ୍‌ତେରସରେ ସାରା ଓଡ଼ିଶାରେ କାରବାର ୧୦୦ରୁ ୧୧୦ କୋଟି ଟଙ୍କା ଛୁଇଁବ ବୋଲି ରାଜ୍ୟର ପ୍ରମୁଖ ଅଳଙ୍କାର ବ୍ୟବସାୟ ପ୍ରତିଷ୍ଠାନଗୁଡିକ ପକ୍ଷରୁ ସୂଚନା ମିଳିଛି। ଭୁବନେଶ୍ୱରରେ ୪୦ରୁ ୪୫ କୋଟି, କଟକରେ ୫ ରୁ ୭ କୋଟି, ବ୍ରହ୍ମପୁର ୧୫ରୁ ୨୦ କୋଟି, ରାଉରକେଲା ୩ ରୁ ୫ କୋଟି, ଝାରସୁଗୁଡ଼ାରେ ୫ରୁ ୭ କୋଟି ଏହିଭଳି ରାଜ୍ୟର ୩୦ଟି ଜିଲାରେ ପ୍ରାୟ ୧୦୦ରୁ ୧୧୦ କୋଟି ଟଙ୍କାର ସୁନା, ରୁପା ଓ ହୀରା ଅଳଙ୍କାର ଆଦି ବିକ୍ରି କରାଯାଇଥିବା ଆକଳନ କରାଯାଇଛି।

କୋଭିଡ୍-୧୯ ସ୍ଥିତି ସ୍ୱାଭାବିକ ହେବାରୁ ଚଳିତ ବର୍ଷ ସୁନା ବଜାରରେ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ସୁନା ଓ ହୀରାର ମୂଲ୍ୟ ମଧ୍ୟ ୮ରୁ ୧୦ ହଜାର ଟଙ୍କା କମିଛି। କରୋନା ମାନ୍ଦାବସ୍ଥା ଲାଗି ରହିଥିଲେ ସୁଦ୍ଧା ଧନ୍‌ତେରସରେ ଧନପ୍ରାପ୍ତି ସହ ସୁନା କିଣିବା ଲାଗି ଲୋକମାନେ ଉତ୍ସାହିତ ଅଛନ୍ତି। ମଙ୍ଗଳବାର ୨୨କ୍ୟାରେଟ ସୁନାର ୧୦ ଗ୍ରାମ ପିଛା ମୂଲ୍ୟ ୪୪,୮୦୦ ଟଙ୍କା ଓ ୨୪ କ୍ୟାରେଟ୍ ୧୦ ଗ୍ରାମ ପିଛା ୪୮,୮୭୦ ଟଙ୍କା, ପ୍ରତି କ୍ୟାରେଟ ହୀରା ମୂଲ୍ୟ ୬୯,୦୦୦ ଟଙ୍କା ଏବଂ ରୁପାର ଦର କିଲୋ ୬୮,୯୦୦ ଟଙ୍କା ରହିଛି ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଭଲ କାରବାର ପାଇଁ ଅନେକ ଆଶା ରଖିଛନ୍ତି। ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ କୁହାଯାଇଛି, କାରବାର ଉନ୍ନତ ରହିଛି। ଉଭୟ ସକାଳ ଏବଂ ସନ୍ଧ୍ୟାରେ ଗ୍ରାହକଙ୍କ ଆଗମନ ଉନ୍ନତ ରହିଛି। ଗତ ବର୍ଷ କୋଭିଡ୍ ଯୋଗୁ କାରବାର ପ୍ରଭାବିତ ରହିଥିଲା। ୨୦୧୯ ଅପେକ୍ଷା ୨୦୨୧ରେ ଭଲ ବ୍ୟବସାୟ ହୋଇଛି। ଧନ୍‌ତେରସ ପାଇଁ ଶୋ'ରୁମ୍ ପକ୍ଷରୁ ବିଭିନ୍ନ ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। କାରବାର ୧୦୦% ଛୁଇଁବ। ସକାଳ ଅପେକ୍ଷା ସନ୍ଧ୍ୟାରେ ଭଲ ବ୍ୟବସାୟ ହୋଇଛି। କୋଭିଡ୍‌କୁ ନଜରରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ଷ୍ଟୋର ପକ୍ଷରୁ ସୂଚନା ମିଳିଛି। ପାର୍ବଣ ପାଇଁ ନୂଆ ନୂଆ ଡିଜାଇନ ଓ ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ସୁହାଇଛି ବୋଲି ଖିମ୍‌ଜୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ତନିସ୍କ ପକ୍ଷରୁ ମଧ୍ୟ କୋଭିଡ୍ କଟକଣା ସହ ନୂଆ ଗହଣା ସମ୍ଭାର ଉପଲବ୍ଧ କରାଯାଇଛି। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ଗ୍ରାହକ ପ୍ରଡକ୍ଟ କିଣୁଛନ୍ତି। ଆଶାଠାରୁ କାରବାର ଉନ୍ନତ ରହିଥିବା ତନିସ୍କ ପକ୍ଷରୁ ସୂଚନା ମିଳିଛି।

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ କୁହାଯାଇଛି, ପୂର୍ବବର୍ଷଗୁଡିକଠାରୁ ଚଳିତବର୍ଷର କାରବାର ବେଶ୍ ଭଲ ରହିଛି। ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ଆକୃଷ୍ଟ କରିପାରିଛି ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ସୂଚନା ମିଳିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ମଧ୍ୟ ଧନ୍‌ତେରସ ପାଇଁ ଆକର୍ଷଣୀୟ ଅଫର ଓ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। କମ୍ପାନୀ ପକ୍ଷରୁ ନୂଆ ନୂଆ ଡିଜାଇନ ଓ କଲେକ୍ସନ ସ୍ୱତନ୍ତ୍ର ଭାବେ ପ୍ରଦର୍ଶନ କରାଯାଇଥିଲା। ଏହା ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ଦେଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ସୁନାଗହଣା ଉପରେ ୨୨୦ ଟଙ୍କାରୁ ମେକିଂ ଚାର୍ଜ ଆରମ୍ଭ ହେଉଛି। ଅପରପକ୍ଷରେ ରିଲାଏନ୍ସ ଜୁଏଲ୍ସ, ଇପାରୀ, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡ, ହଲ୍‌ମାର୍କ, ଲୋକନାଥ, ବିଶନଦୟାଲ, ପି.ସି. ଚନ୍ଦ୍ରା ଏବଂ ହିନ୍ଦୁସ୍ଥାନର କାରବାର ମୋଟାମୋଟି ଭାବେ ଉନ୍ନତ ରହିଛି।




ଭୁବନେଶ୍ୱରର ଏକ ଗହଣା ଶୋ'ରୁମ୍‌ରେ ଗ୍ରାହକଙ୍କ ଭିଡ଼।

## ଋଣମେଳାରେ ବ୍ୟାଙ୍କ ଦେଲେ ୬୩,୫୩୪ କୋଟି

**ନୂଆଦିଲ୍ଲୀ,୨।୧୧**

ଅକ୍ଟୋବର ୧୬ରୁ ୩୧ ମଧ୍ୟରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସାରା ଦେଶରେ ଋଣମେଳା ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କଗୁଡ଼ିକ ୬୩,୫୩୪ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। କୋଭିଡ୍ ଯୋଗୁ ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇ ରହିଛି। ପାର୍ବଣ ସମୟରେ ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସାରା ଦେଶରେ ୧୦,୫୮୦ ଆଉଟରିଚ୍ କ୍ୟାମ୍ପ ଦ୍ୱାରା ଘରୋଇ କ୍ଷେତ୍ର ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍କିମ୍ ଏବଂ ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍‌ରେ ଋଣ ବଣ୍ଟନ କରିଥିଲେ। ଷ୍ଟେଟ ବ୍ୟାଙ୍କ ୩.୨ ଲକ୍ଷ ହିତାଧିକାରୀଙ୍କୁ ୧୪,୪୬୧ କୋଟି ଟଙ୍କାର ଋଣ ବଣ୍ଟନ କରିଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୫୧,୮୦୬ ହିତାଧିକାରୀଙ୍କୁ ୮୪୨୧ କୋଟି, ବ୍ୟାଙ୍କ ଅଫ୍ ବରୋଦା ୧.୨୦ ଲକ୍ଷ ହିତାଧିକାରୀଙ୍କୁ ୫,୫୦୦ କୋଟି ଟଙ୍କାର ଋଣ ବଣ୍ଟନ କରିଛନ୍ତି। ସେହିଭଳି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ୨.୬ ଲକ୍ଷ ହିତାଧିକାରୀଙ୍କୁ ୫୩୧୯ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶରେ ୮୬୫୫ କୋଟି, ଗୁଜରାଟରେ ୮୫୦୩ କୋଟି, ରାଜସ୍ଥାନ, ଆନ୍ଧ୍ର ପ୍ରଦେଶ ଏବଂ କର୍ଣ୍ଣାଟକରେ ଯଥାକ୍ରମେ ୭୪୬୭ କୋଟି, ୬୨୮୨ କୋଟି ଏବଂ ୫୬୭୯ କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଛି।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଅଫର







**ଭୁବନେଶ୍ୱର,୨।୧୧:** ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଧନତେରସ ଅବସରରେ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ପ୍ରଦାନ କରାଯାଉଛି। ସୋନା ଚାନ୍ଦି ଅଫର ମାଧ୍ୟମରେ ଗ୍ରାହକ ୨୫ ଗ୍ରାମ ସୁନା, ୫୦୦ ଗ୍ରାମ ସିଲଭର ଏବଂ ୨୫ ଗ୍ରାମ ଯାଏ ନିଶ୍ଚିତ ସିଲଭର କଏନ ଲାଭ କରିପାରିବେ। ଦିପାବଳୀ ଲାଗି ଶୋ'ରୁମ ପକ୍ଷରୁ ଆକର୍ଷଣୀୟ ଲକି ଡ୍ର ଉପହାର ପ୍ରଦାନ କରାଯାଉଛି। ନିକଟରେ ଦଶହରା ଅଫରର ଲକି ଡ୍ର ଅନୁଷ୍ଠିତ ହେବା ସହ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଅନ୍ନପୂର୍ଣ୍ଣା ଦଳାଇ, ସନ୍ତୋଷ କୁମାର ମିଶ୍ର, ଦୀପକ ନାୟକ, ମମତା ନାୟକ ଏବଂ ବିଚିତ୍ରା ନନ୍ଦ ସାହୁଙ୍କୁ ପୁରସ୍କୃତ କରାଯାଇଛି। ଶୋ'ରୁମରେ ଫର୍ନିଚର ଉପରେ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। କଟକର ସିଡିଏ, କଳାପଥର, ଜଗତସିଂହପୁର, ନିମାପଡା, ନୟାଗଡ, ବାଲୁଗାଁ, ଯାଜପୁର ଟାଉନ, ଅନୁଗୋଳ ଏବଂ ଚଣ୍ଡୀଖୋଲ ଭଳି ସ୍ଥାନଗୁଡିକରେ ଥିବା ଶୋ'ରୁମରେ ଗ୍ରାହକ ଫର୍ନିଚର କ୍ରୟ ସୁବିଧା ପାଇପାରିବେ। ପୂଜାର ସମସ୍ତ ଉପହାର ସହ ପ୍ରତ୍ୟେକ ଜିନିଷ କ୍ରୟ ଉପରେ ୫ଟି ଉପହାର ଗୁପ୍ତାର ସବୁ ଷ୍ଟୋରରେ ଉପଲବ୍ଧ। ସେହିଭଳି ପ୍ରତି କ୍ରୟରେ ରିହାତି, ପ୍ରତି କ୍ରୟରେ ନିଶ୍ଚିତ ଉପହାର, ୨୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ, ପ୍ରତି ପ୍ରଡକ୍ଟ ଉପରେ ବର୍ଦ୍ଧିତ ୱାରେଣ୍ଟି, ଏକ୍ସଚେଞ୍ଜ ସୁବିଧା,ଗୋଟିଏ ଇଏମ୍‌ଆଇ ରିଫଣ୍ଡ, ସହଜ ଫାଇନାନ୍ସ ନିମ୍ନ ଇଏମ୍‌ଆଇ, ତ୍ୱରିତ କ୍ୟାଶବ୍ୟାକ ଅଫର ଏବଂ ପ୍ରମୁଖ କମ୍ପାନୀଗୁଡ଼ିକର ଫାଇନାନ୍ସ ସୁବିଧା ପାଇପାରିବେ। ଏହାବାଦ ଅନ୍ୟ ସୁବିଧା ଗ୍ରାହକ ଲାଭ କରିପାରିବେ। ଅଦ୍ୟାବଧି ଶୋ'ରୁମ ପକ୍ଷରୁ ବଜାଜ ଫିନସର୍ଭ ଦ୍ୱାରା ୫ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟାଶବ୍ୟାକ ଦିଆଯାଇଛି। ସୋନା ଚାନ୍ଦି ଅଫରରେ ବଜାଜ ଫିନସର୍ଭ ଫାଇନାନ୍ସ ଉପରେ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରହିଛି। ସେହିଭଳି ଗୋଟିଏ ଇଏମ୍‌ଇ ଫ୍ରି ଏବଂ କ୍ରେଡିଟ କାର୍ଡ ଧାରୀଙ୍କ ଲାଗି ୩ ହଜାର ଟଙ୍କାର ରିହାତି ସୁବିଧା ଗୁପ୍ତାର ୨୫ରୁ ଉର୍ଦ୍ଧ୍ୱ ଷ୍ଟୋରରେ ଉପଲବ୍ଧ ବୋଲି ଶୋ'ରୁମ ପକ୍ଷରୁ ସୂଚନା ମିଳିଛି।

## ରାଜ୍ୟରେ ୭୨୮ କୋଟି ଟଙ୍କାର ଭାଟ୍ ଆଦାୟ

**କଟକ,୨।୧୧**

ଅକ୍ଟୋବର ମାସରେ ରାଜ୍ୟରେ ପେଟ୍ରୋଲ ଓ ମଦରୁ ଭାଟ୍ ସଂଗ୍ରହ ୭୨୮.୩୨ କୋଟି ଟଙ୍କା ରହିଛି। ୨୦୨୦ ଅକ୍ଟୋବରରେ ଏହା ୬୯୬.୪୩ କୋଟି ଟଙ୍କା ରହିଥିଲା। ଏ କ୍ଷେତ୍ରରେ ୪.୫୮% ବୃଦ୍ଧି ପରିଲକ୍ଷିତ ହୋଇଛି। ପେଟ୍ରୋଲ ଉପରୁ ୫୬୬.୬୧ କୋଟି ଭାଟ୍ ଆଦାୟ କରାଯାଇଛି। ଓଡ଼ିଶାରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ଲଗାତର ବୃଦ୍ଧି ପାଇଛି। ଅକ୍ଟୋବରରେ ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ପରିମାଣ ୩୫୯୩.୩୪ କୋଟି ଟଙ୍କା ରହିଛି। ୨୦୨୦ ଅକ୍ଟୋବରରେ ଏହା ୨୪୨୮.୨୦ କୋଟି ଟଙ୍କା ରହିଥିଲା। ଜିଏସ୍‌ଟି ଆଦାୟରେ ୪୯% ବୃଦ୍ଧି ଘଟିଛି।

ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଏହି ଅଭିବୃଦ୍ଧି ହାର ସର୍ବାଧିକ। ଜିଏସ୍‌ଟି ଆଇନ ଲାଗୁହେବା ପରେ ଏହା ହେଉଛି ତୃତୀୟ ସର୍ବାଧିକ ଜିଏସ୍‌ଟି ଆଦାୟ। ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ମୋଟ ଜିଏସ୍‌ଟି ସଂଗ୍ରହ ୨୩,୮୯୭.୨୦ କୋଟି ଟଙ୍କା ରହିଛି। ୨୦୨୦-୨୧ ଆର୍ଥିକ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଏହି ସଂଗ୍ରହ ପରିମାଣ ୧୪,୭୦୧ କୋଟି ଟଙ୍କା ରହିଥିଲା। ଏହି କ୍ଷେତ୍ରରେ ୬୬.୫୫% ଅଭିବୃଦ୍ଧି ଦେଖାଯାଇଛି। ୨୦୧୯-୨୦ରେ ଏହି ସଂଗ୍ରହ ପରିମାଣ ୧୭୦୧୯.୯୨ କୋଟି ଟଙ୍କା ରହିଥିଲା। ୨୦୨୧ ଅକ୍ଟୋବରେ ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ବାବଦରେ ୧୦୫୩.୪୩ କୋଟି ଟଙ୍କା ଆଦାୟ ହୋଇଛି। ୨୦୨୦ ଅକ୍ଟୋବରରେ ଏହା ୬୬୦.୦୬ କୋଟି ଟଙ୍କା ରହିଥିଲା। ଏଥିରେ ୫୯.୬୦% ବୃଦ୍ଧି ଦେଖାଯାଇଛି। ଏହା ତୃତୀୟ ସର୍ବାଧିକ ରାଜ୍ୟ ଜିଏସ୍‌ଟି ଆଦାୟ। ଅକ୍ଟୋବର ମାସ ପର୍ଯ୍ୟନ୍ତ ମୋଟ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ୬୮୧୯.୯୧ କୋଟି ଟଙ୍କା ରହିଛି। ଗତ ବର୍ଷ ଅକ୍ଟୋବରରେ ଏହା ୪୩୩୧ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ୫୭.୪୫% ବୃଦ୍ଧି ଦେଖାଯାଇଛି।

## ନିଟ୍‌ରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୨।୧୧**

ନିଟ୍ ପ୍ରବେଶିକାରେ ଆକାଶ ଇନଷ୍ଟିଚ୍ୟୁଟ ବାୟଜୁସ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରଥମ ୩ଟି ସ୍ଥାନ ସହିତ ୭୨୦ର ଶତ ପ୍ରତିଶତ ଅଙ୍କ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଆକାଶକୁ ଗୌରବନ୍ୱିତ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଟ୍ ସର୍ବ ଭାରତୀୟ ର୍‍ୟାଙ୍କର ପ୍ରଥମ ସ୍ଥାନରେ ମ୍ରିଣାଳ କୁଟେରି, ଦ୍ୱିତୀୟରେ ତନ୍ମୟ ଗୁପ୍ତା ଏବଂ ତୃତୀୟରେ କାର୍ତ୍ତିକା.ଜି.ନାୟାର ରହିଛନ୍ତି। ସେହିଭଳି ଶ୍ରେଷ୍ଠ ୧୦ଟି ସ୍ଥାନ ମଧ୍ୟରେ ଅନୁଷ୍ଠାନର ୮ଜଣ ଏବଂ ଟପ୍ ୧୦୦ ମଧ୍ୟରେ ୪୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ୧୭ଟି ରାଜ୍ୟରେ 'ଆକାଶ'ର ଉପସ୍ଥିତି ରହିଥିବା ବେଳେ ଫଳାଫଳରେ ଅଭୁତପୂର୍ବ ସଫଳତା ସହ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରିଛି। ଆକାଶ ଇନଷ୍ଟିଚ୍ୟୁଟ ଓଡ଼ିଶାର ୩ ଜଣ ଛାତ୍ରୀଛାତ୍ର ୭୨୦ର ସର୍ବୋତ୍ତମ ଅଙ୍କରୁ ୭୦୦ରୁ ଉର୍ଦ୍ଧ୍ୱ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ଏଭଳି ସ୍କୋର ଦ୍ୱାରା ଅନୁଷ୍ଠାନ ଓଡ଼ିଶାର ଶ୍ରେଷ୍ଠ ୩ ସ୍ଥାନ ଅକ୍ତିଆର କରି ପୁନଶ୍ଚ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିବା କହିଛି। ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେକ୍ତ ନିୟତେନ୍ଦ୍ରେ ସ୍ୱସ୍ତିଶ୍ରଭଣ ମିଶ୍ର ୭୫ତମ ସ୍ଥାନ ସହ ରାଜ୍ୟ ଟପ୍ପର ହୋଇଛନ୍ତି। ସେହିଭଳି ଗୀତି ଗାୟତ୍ରୀ ପଣ୍ଡା ୧୦୦ତମ ସ୍ଥାନ ୨ୟ ରାଜ୍ୟ ଟପ୍ପର ଏବଂ ସରୋଜ ନନ୍ଦ ୧୨୪ତମ ସ୍ଥାନ ସହ ରାଜ୍ୟରେ ତୃତୀୟ ସ୍ଥାନରେ ଅଛନ୍ତି। ମଙ୍ଗଳବାର ଭୁବନେଶ୍ୱରର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆକାଶ ଇନଷ୍ଟିଚ୍ୟୁଟର କ୍ଷେତୀୟ ଶାଖା ନିର୍ଦ୍ଦେଶକ ଅଜୟ ବାହାଦୂର ସିଂହ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ, ଶିକ୍ଷକମାନଙ୍କ ସଠିକ ଶିକ୍ଷା ପଦ୍ଧତି ଏହି ସଫଳତା ଲାଭ କରିବାରେ ସାହାଯ୍ୟ କରିଥିବା କହିଛନ୍ତି।




CLASSIFIED DISPLAY
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 8x4 | 12x4 | 8x4 | 12x4 | 8x4 | 12x4 | 8x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁରସତ୍



### 'ଶେହଜାଦା' ପାଇଁ ୨୧ କୋଟି

**ମୁମ୍ବାଇ:** ବଲିଉଡ ଅଭିନେତା କାର୍ତ୍ତିକ ଆର୍ୟ୍ୟନଙ୍କ ହାତରେ ଅନେକ ପ୍ରୋଜେକ୍ଟ ରହିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ରୋହିତ ଧୱନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଶେହଜାଦା'। ଏହି ଚଳଚ୍ଚିତ୍ର ସାଉଥ୍‌ର ହିଟ୍ ଫିଲ୍ମ ଆଲା ବୈକୁଣ୍ଠପୁରମଲୋର ହିନ୍ଦୀ ରିମେକ୍। ଏଥିରେ କାର୍ତ୍ତିକ ପୁଣି ଥରେ ଅଭିନେତ୍ରୀ କ୍ରିତି ସାନନଙ୍କ ସହ ରୋମାନ୍ସ କରୁଥିବାର ନଜର ଆସିବେ। ଏହି ଚଳଚ୍ଚିତ୍ର ପାଇଁ କାର୍ତ୍ତିକ ୨୧ କୋଟି ଟଙ୍କା ଦାବି କରିଥିବା ରିପୋର୍ଟ ପ୍ରକାଶ ପାଇଛି। ବଲିଉଡ ହଙ୍ଗାମା ରିପୋର୍ଟ ଅନୁଯାୟୀ କାର୍ତ୍ତିକ 'ଶେହଜାନା' ପାଇଁ ୨୧ କୋଟି ଟଙ୍କା ନେଇଛନ୍ତି, ଯାହା କି ଏପର୍ଯ୍ୟନ୍ତ ତାଙ୍କ ପାଇଁ ସର୍ବାଧିକ ପାଉଣା। ରିପୋର୍ଟ ଅନୁଯାୟୀ, କାର୍ତ୍ତିକ ଧୀରେ ଧୀରେ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ତାରକାମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ତାଙ୍କର ବର୍ଦ୍ଧିତ ପାଉଣା ଏବଂ ଲୋକପ୍ରିୟତା ଏହାର ପ୍ରମାଣ। ଯୁବ ଅଭିନେତା ତାଙ୍କର ଆଗାମୀ ଆକ୍ସନ୍ କମେଡି ଫିଲ୍ମ 'ଶେହଜାଦା' ପାଇଁ ସେ ନେଇଥିବା ଟଙ୍କା ସିଙ୍ଗଲ ଥିଏଟ୍ରିକଲ ଫିଲ୍ମ ସର୍ବାଧିକ ଫି। ରିପୋର୍ଟରେ ଆହୁରି କୁହାଯାଇଛି, କାର୍ତ୍ତିକ ଫିଲ୍ମର କାହାଣୀ ଏବଂ ବଜାର ମୂଲ୍ୟ ଅନୁଯାୟୀ ଫି ଦାବି କରନ୍ତି। ପୂର୍ବରୁ ସାଜିଦଙ୍କ ଫିଲ୍ମ କମ୍ ବଜେଟ୍‌ର ଥିବାରୁ ଏଥିପାଇଁ କାର୍ତ୍ତିକ ତାଙ୍କ ଫି ହ୍ରାସ କରିଥିଲେ। କିନ୍ତୁ 'ଶେହଜାଦା' ଭଲ ବ୍ୟବସାୟ କରିବାର ଆଶା ଥିବାରୁ ଏହି ଅଭିନେତା ଏଥିପାଇଁ ଅଧିକ ଚାର୍ଜ କରିଛନ୍ତି। ସେପଟେ କାର୍ତ୍ତିକଙ୍କ ଲୋକପ୍ରିୟତା ଦେଖି ନିର୍ମାତା ମଧ୍ୟ ତାଙ୍କ ଦାବି ପୂରଣ କରିଛନ୍ତି।

### ଟୁଇଟର, ଇନ୍‌ଷ୍ଟା ଡିଲିଟ କଲେ କୁନ୍ଦ୍ରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା ପର୍ନୋଗ୍ରାଫି ମାମଲାରେ ଜେଲରୁ ମୁକୁଳିବା ପରେ ଏକ ବଡ ପଦକ୍ଷେପ ନେଇଛନ୍ତି। ସେ ସୋସିଆଲ ମିଡିଆରୁ ବିଦାୟ ନେଇଛନ୍ତି। ରାଜ ତାଙ୍କ ଇନଷ୍ଟାଗ୍ରାମ ଏବଂ ଟୁଇଟର ଆକାଉଣ୍ଟକୁ ଡିଲିଟ କରିଦେଇଛନ୍ତି। ଗତ ଜୁଲାଇରେ ପର୍ନୋଗ୍ରାଫି ମାମଲାରେ ଜେଲ ଯିବାପରେ ସେ ଏବେ ଲୋକମାନଙ୍କଠାରୁ ନିଜକୁ ଦୂରେଇ ରଖିବା ପାଇଁ ଏପରି କରିଥିବା ଚର୍ଚ୍ଚା ହେଉଛି।

### ରାଜକୁମାରୀଙ୍କ ସ୍ୱାମୀ ଫେଲ୍



**ଟୋକିଓ:** ଜାପାନ ରାଜକୁମାରୀ ମାକୋ ନିକଟରେ ରାଜପରିବାର ତ୍ୟାଗ କରି ନିଜ ପୁରୁଷ ବନ୍ଧୁ କେଇ କୋମୁରୋଙ୍କୁ ବିବାହ କରିଥିଲେ। ତାଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ପୁଣି ଏହି ଯୋଡ଼ି ଚର୍ଚ୍ଚାକୁ ଆସିଛନ୍ତି। ରିପୋର୍ଟ ଅନୁସାରେ କେଇ କୋମୁରୋ ନ୍ୟୁୟର୍କ ଷ୍ଟେଟ ବାର୍ ପରୀକ୍ଷାରେ ଫେଲ୍ ହୋଇ ଯାଇଛନ୍ତି। ଡେଲି ମେଲରେ ପ୍ରକାଶିତ ଖବର ଅନୁସାରେ, କୋଇ କୋମୁରୋ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ନ୍ୟୁୟର୍କ ଷ୍ଟେଟ ବାର୍ ପରୀକ୍ଷା ଦେଇଥିଲେ। ଏହାର ଫଳାଫଳ ଶୁକ୍ରବାର ନ୍ୟୁୟର୍କ ଷ୍ଟେଟ ବୋର୍ଡ ଅଫ୍ ଲ ଏକ୍ଜାମିନର୍ସର ୱେବସାଇଟରେ ପୋଷ୍ଟ କରାଯାଇଛି। ହେଲେ ସଫଳ ହୋଇଥିବା ପ୍ରାର୍ଥୀଙ୍କ ତାଲିକାରେ କେଇ କୋମୁରୋଙ୍କ ନାଁ ନାହିଁ। ଏ ନେଇ କୋମୁରୋ କହିଛନ୍ତି, ସେ ପାଠପଢା ଜାରି ରଖିବେ। ଆସନ୍ତା ଫେବୃୟାରୀରେ ପୁଣିଥରେ ପରୀକ୍ଷା ଦେବେ।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି ୯ମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ଁଭବାନନ୍ଦ ମିଶ୍ର
ପ୍ରାକ୍ତନ ପ୍ରଧାନ ଶିକ୍ଷକ
ସରକାରୀ ବାଳକ ଉଚ୍ଚବିଦ୍ୟାଳୟ, ୟୁନିଟ୍-୯, ଏଲ. ଆଇ. ଜି-୨୮୭, ନୟାପଲ୍ଲୀ ବ୍ରୀଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୨।୧୧।୧୯୪୨
ତିରୋଧାନ: ୧୨।୧୧।୨୦୧୨
ସର୍ବଦା ଚାଲୁ ଆମର ସାଥେ
ଆପଣଙ୍କ ଛାଇ
ଦୂରରେ ଥାଇ ଅଭୟ ହସ୍ତ
ଦେଉ ବିପଦ ଆଡେଇ।
ଇତି ଆପଣଙ୍କର: ସର୍ବଦା ଝୁରୁଥିବା
ସନ୍ତାନ ସନ୍ତତିଗଣ।
ଧ-୭୧୫୦୮

ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ଁରାମଚନ୍ଦ୍ର ରଥ
ଗୋବିନ୍ଦପୁର, ଆଳି, କେନ୍ଦ୍ରାପଡ଼ା
ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ଏକ ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ଯେଉଁ ଶୂନ୍ୟତା ଭରି ଦେଇଛି ତାହା ଅପୂରଣୀୟ।
-:ଶୋକସନ୍ତପ୍ତ:-
ଭାଇ, ଭାଉଜ, ପୁଅ, ବୋହୂ, ଝିଆରୀ, ପୁତୁରା, ଭଣଜା, ଭାଣିଜୀ, ରଥ ପରିବାର, ବନ୍ଧୁ , ଆତ୍ମୀୟସ୍ୱଜନ ।
ଧ-୭୨୧୪୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ନଭେମ୍ବର ୩/୨୦୨୧ Sambalpur, Wednesday, November 3/ 2021

## ସଂକ୍ଷେପରେ

### ଆରୋନ ବେକ୍‌ଙ୍କ ପରଲୋକ



ୱାଶିଂଟନ, ୨।୧୧: ମନସ୍ତାତ୍ତ୍ୱିକ ଚିକିତ୍ସାର ଜନକ କୁହାଯାଉଥିବା ଆମେରିକାର ଖ୍ୟାତନାମା ମନୋଚିକିତ୍ସକ ଆରୋନ ଟି. ବେକ୍‌ଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ୬୦ ଦଶକରେ ସେ ବିକଶିତ କରିଥିବା କଗ୍‌ନିଟିଭ୍ ଥେରାପି ମାନସିକ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ଫିଲାଡେଲ୍‌ଫିଆସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଥିବା ତାଙ୍କ ଝିଅ ତଥା ବେକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧକ୍ଷା ଜୁଡିଥ୍ ବେକ୍ ଜଣାଇଛନ୍ତି।

### ଲାହୋର ସବୁଠୁ ପ୍ରଦୂଷିତ ସହର

ନୂଆଦିଲ୍ଲୀ, ୨।୧୧(ଆଇଏଏନ୍‌ଏସ୍): ପାକିସ୍ତାନର ଲାହୋର ବିଶ୍ୱର ସବୁଠୁ ପ୍ରଦୂଷିତ ସହର ଭାବେ ଘୋଷଣା କରାଯାଇଛି। ଏହି ତାଲିକାରେ ନୂଆଦିଲ୍ଲୀ ବହୁ ପଛରେ ରହିଯାଇଛି। ଲାହୋର କର୍ତ୍ତୃପକ୍ଷ ଏହାର ବାୟୁ ମାନ ସୂଚକାଙ୍କ ୨୮୯ ବୋଲି ଦର୍ଶାଇଥିବାବେଳେ ଅନ୍ତର୍ଜାତୀୟ ଅନୁଧ୍ୟାନକାରୀ ସଂସ୍ଥା ଏହାକୁ ୩୯୭ ଦର୍ଶାଇଛି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଧାର୍ଯ୍ୟ ବାୟୁ ମାନ ତୁଳନାରେ ୩୪.୮ ଗୁଣ ଅଧିକ। ସେଠାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାୟୁ ମାନ ଏହାଠାରୁ ଆହୁରି ଖରାପ। ଏପରିକି କୋଟ ଲଖପତ ଶିଳ୍ପାଞ୍ଚଳରେ ଏହା ୫୦୦ ହୋଇଥିବାବେଳେ ଇସ୍ପାତ ମେଲ୍‌ଟିଂ ଶିଳ୍ପ ଥିବା ଫତେଗଡ଼ରେ ୪୦୦ ରହିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀର ବାୟୁମାନ ସୂଚକାଙ୍କ ୧୮୭ ରହିଛି।

### ଅଜିତ ପାୱାରଙ୍କ ସହଯୋଗୀଙ୍କ ୧୦୦୦ କୋଟିର ସମ୍ପତ୍ତି ଜବତ

ମୁମ୍ବାଇ, ୨।୧୧: ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ନେତା ଅଜିତ ପାୱାରଙ୍କ ଘନିଷ୍ଠ ସହଯୋଗୀଙ୍କ ୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେନାମୀ ସମ୍ପତ୍ତିକୁ ଆୟକର ବିଭାଗ ଜବତ କରିଛି। ଜବତ ସମ୍ପତ୍ତି ମଧ୍ୟରେ ରହିଛି ମହାରାଷ୍ଟ୍ରର ସତାରାରେ ଥିବା ଜରନ୍ଦେଶ୍ୱର ଚିନିକଳ, ମୁମ୍ବାଇର ଏକ ଅଫିସ ପରିସର, ଦିଲ୍ଲୀର ଏକ ଫ୍ଲାଟ୍, ଗୋଆ ରିସର୍ଟ ଏବଂ ରାଜ୍ୟର ୨୭ଟି ସ୍ଥାନରେ ଥିବା ଜମି। ଗତ ମାସରେ ଆୟକର ବିଭାଗ ଅଜିତ ପାୱାରଙ୍କ ସମ୍ପର୍କୀୟଙ୍କ ମୁମ୍ବାଇରେ ଥିବା ଦୁଇଟି ରିଅଲ ଇଷ୍ଟେଟ୍ ବିଜ୍‌ନେସ୍ ଗ୍ରୁପ୍ ଉପରେ ଚଢ଼ାଉ କରି ୧୮୪ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠାବ କରିଥିଲା।

### ଦିଲ୍ଲୀରେ ବଢୁଛି ଡେଙ୍ଗୁ ସଂକ୍ରମଣ

ନୂଆଦିଲ୍ଲୀ, ୨।୧୧: ଦିଲ୍ଲୀରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଉଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ ୧,୫୩୦ରୁ ଊର୍ଦ୍ଧ୍ୱ ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରୁ କେବଳ ଅକ୍ଟୋବର ମାସରେ ପାଖାପାଖି ୧,୨୦୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୪ ବର୍ଷ ମଧ୍ୟରେ ଅକ୍ଟୋବରରେ ଏହା ସର୍ବାଧିକ ସଂକ୍ରମଣ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ପୂର୍ବରୁ ଡେଙ୍ଗୁରେ ଜଣକର ମୃତ୍ୟୁ ହୋଇଥିବାବେଳେ ସୋମବାର ୫ ଜଣଙ୍କ ଜୀବନ ଯାଇଛି।

### ଘୃଣ୍ୟ ମନ୍ତବ୍ୟ ପାଇଁ ଭାଜପା ନେତା ବହିଷ୍କୃତ

ଜମ୍ମୁ, ୨।୧୧: ଟି-୨୦ ମ୍ୟାଚ୍‌ରେ ଭାରତ ବିରୋଧରେ ପାକିସ୍ତାନର ବିଜୟ ପରେ ଏକ ଭିଡିଓରେ ମୁସଲମାନଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଜମ୍ମୁ-କଶ୍ମୀରର ଭାଜପା ନେତା ବିକ୍ରମ ରାନ୍ଧୱାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଦଳର ସମସ୍ତ ପଦବୀରୁ ତାଙ୍କୁ ହଟାଇ ଦିଆଯିବା ସହ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ଦଳ ତାଙ୍କୁ ସ୍ପଷ୍ଟୀକରଣ ଦେବା ସହ ୪୮ ଘଣ୍ଟା ମଧ୍ୟରେ ସର୍ବସାଧାରଣରେ କ୍ଷମା ମାଗିବା ପାଇଁ କହିଥିଲା। ଧର୍ମ ଓ ଧର୍ମୀୟ ବିଶ୍ୱାସକୁ ଆଘାତ ଦେବା, ସାମ୍ପ୍ରଦାୟିକ ହିଂସା ଓ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରିବା ଅଭିଯୋଗରେ ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# ୨୦୩୦ ସୁଦ୍ଧା ବନ୍ଦ ହେବ ଜଙ୍ଗଲ ନଷ୍ଟ

## ଶହେ ବିଶ୍ୱ ନେତାଙ୍କ ପ୍ରତିଶ୍ରୁତି

ଗ୍ଲାସ୍‌ଗୋ, ୨।୧୧

ଜଳବାୟୁରେ ନକାରାତ୍ମକ ପରିବର୍ତ୍ତନର ପ୍ରମୁଖ କାରଣ ପାଲଟିଥିବା ବନାଞ୍ଚଳ ନଷ୍ଟ ଓ ମୃତ୍ତିକା କ୍ଷୟ ୨୦୩୦ ସୁଦ୍ଧା ବନ୍ଦ କରିବାକୁ ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀରେ ପ୍ରତିଶ୍ରୁତି ଦେଇଛନ୍ତି ବିଶ୍ୱର ପ୍ରାୟ ଶହେ ନେତା। ଜଙ୍ଗଲ ସୁରକ୍ଷା ତଥା ଏହାର ପୁନରୁଦ୍ଧାର ପାଇଁ ସରକାରୀ ଓ ବେସରକାରୀ ପାଣ୍ଠିରୁ ୧୯ ବିଲିୟନ ଡଲାର ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। କୋପ୍‌୨୬ ବୈଠକରେ ସୋମବାର ରାତିରେ ହୋଇଥିବା ଆଲୋଚନାରେ ଏ ବାବଦରେ ଏକ ମିଳିତ ବିବୃତି ଜାରି କରାଯାଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ୱାର୍ଲ୍ଡ ଲିଡରଙ୍କ ତରଫରୁ ଏହି ବିବୃତିକୁ ସାର୍ବଜନୀନ କରିଛନ୍ତି। ବିଶ୍ୱର ୮୫ ପ୍ରତିଶତ ଜଙ୍ଗଲ ଥିବା ବ୍ରାଜିଲ, ଇଣ୍ଡୋନେସିଆ, ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ ଆଦି ଦେଶ ଏହି ବିବୃତିରେ ନିଜ ସମର୍ଥନ ଜଣାଇଛନ୍ତି।

ଜଙ୍ଗଲ, ଜମି ବ୍ୟବହାର ଉପରେ ଗ୍ଲାସ୍‌ଗୋ ନେତାଙ୍କ ଏହି ଘୋଷଣାନାମା ମୋଟ ୧୩ ନିୟୁତ ବର୍ଗ ମାଇଲରୁ ଅଧିକ ବନାଞ୍ଚଳକୁ ଆବୃତ୍ତ କରିବ। ପ୍ରକୃତି ଉପରେ ବିଜୟ ମାନବିକତାକୁ ଶେଷ କରି ଆମକୁ ପ୍ରକୃତିର ରକ୍ଷକ ହେବାକୁ ପଡ଼ିବ ବୋଲି ବୋରିସ୍ କହିଛନ୍ତି। ଆମେରିକାର ନୂଆ ଯୋଜନା ପ୍ରାକୃତିକ ଜଙ୍ଗଲ କ୍ଷୟ ରୋକିବା ପାଇଁ ମିଳିତ ଲକ୍ଷ୍ୟ ପୂରଣ ଏବଂ ଅନ୍ୟୂନ ୨୦୦ ନିୟୁତ ହେକ୍ଟର ଜଙ୍ଗଲ ଓ ଅନ୍ୟ ଇକୋସିଷ୍ଟମର ପୁନରୁଦ୍ଧାର କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ପରିବେଶ ସୁରକ୍ଷା



### ୧୯ ବିଲିୟନ ଡଲାର ପ୍ରଦାନ ଲାଗି ସହମତି

ଲକ୍ଷ୍ୟ ହାସଲ ପାଇଁ ସରକାରୀ ଓ ବେସରକାରୀ ଭାବେ ଏକାଧିକ ଅତିରିକ୍ତ ଅଭିଯାନ ଲଞ୍ଚ୍ କରାଯାଇଛି। ଏଥିରେ ଜଙ୍ଗଲ ଓ ସ୍ଥାୟୀ କୃଷି ଭୂମିର ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କୁ ଜଗୁଆଳି ରଖାଯିବାକୁ ସ୍ଥିର ହୋଇଛି। ସେହିପରି ଅଙ୍ଗାରକାମ୍ଳ ପରେ ଗ୍ରୀନହାଉସ୍ ଗ୍ୟାସ୍‌ର ଅନ୍ୟତମ ପ୍ରମୁଖ ଉପାଦାନ ମିଥେନ୍ ଗ୍ୟାସ୍ ନିର୍ଗମନକୁ ୨୦୨୦ ତୁଳନାରେ ୨୦୩୦ ସୁଦ୍ଧା ୩୦ ପ୍ରତିଶତ ହ୍ରାସ କରିବାକୁ ଗ୍ଲାସ୍‌ଗୋ ସମ୍ମିଳନୀରେ ବିଶ୍ୱନେତାମାନେ ହାତ ମିଳାଇଛନ୍ତି।

ଅଣଲାଭକାରୀ ସଂସ୍ଥା ୱାର୍ଲ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ (ଡବ୍ଲ୍ୟୁଆର୍‌ଆଇ)ଅନୁସାରେ, ବିଶ୍ୱ ଅଙ୍ଗାରକାମ୍ଳର ପ୍ରାୟ ୩୦ ପ୍ରତିଶତକୁ ଜଙ୍ଗଲ ଅବଶୋଷଣ କରିଥାଏ। କିନ୍ତୁ ଏବେ ଏହି ପ୍ରକ୍ରିୟା ଧିମେଇଥିବାରୁ ବିଶ୍ୱତାପନ ବୃଦ୍ଧି ପାଇଛି। କେବଳ ୨୦୨୦ରେ ବିଶ୍ୱରେ ୨ ଲକ୍ଷ ୫୮ ହଜାର ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ ହୋଇଛି, ଯାହାର ଆକାର ବ୍ରିଟେନ୍‌ଠାରୁ ମଧ୍ୟ ବଡ଼। ପୂର୍ବରୁ ମଧ୍ୟ ବିଶ୍ୱ ନେତାମାନେ ପରିବେଶ, ଜଙ୍ଗଲ ସୁରକ୍ଷା ଦିଗରେ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ତାହା କାର୍ଯ୍ୟକାରୀ ହୋଇନାହିଁ। ଏବେ ଜଳବାୟୁ ସମ୍ମିଳନୀରେ ବିଶ୍ୱନେତାଙ୍କ ନୂଆ ପ୍ରତିଶ୍ରୁତି କିପରି କାର୍ଯ୍ୟକ୍ଷମ ହୋଇପାରିବ ତାହା ସ୍ପଷ୍ଟ କରାଯାଇନାହିଁ ବୋଲି ଡବ୍ଲ୍ୟୁଆର୍‌ଆଇ ପକ୍ଷରୁ କୁହାଯାଇଛି।

### ‘ଏବେ ଆହ୍ୱାନର ବେଳ’



ଭବିଷ୍ୟତ ପିଢ଼ି ପାଇଁ ପୃଥିବୀକୁ ରକ୍ଷା କରିବାକୁ ହେଲେ ଏବେ ହିଁ ଆହ୍ୱାନ ବା ସକ୍ରିୟ ପଦକ୍ଷେପ ନେବାକୁ ପଡ଼ିବ ବୋଲି କହିଛନ୍ତି ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ। ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନ୍ୟ ବିଶ୍ୱ ନେତାମାନଙ୍କ ଉପସ୍ଥିତିରେ ୯୫ ବର୍ଷୀୟ ମହାରାଣୀଙ୍କ ଏକ ଭିଡିଓ ବାର୍ତ୍ତାକୁ ବିଶେଷ ସ୍ୱାଗତ ସମାରୋହରେ ଚଳାଯାଇଥିଲା। ଏହି ସମ୍ମିଳନୀରେ ସେ ବ୍ୟକ୍ତିଗତ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଏଥିରୁ ବିରତ ରହିଥିଲେ। ଆଲୋଚନା ପ୍ରତିଶ୍ରୁତିର ସମୟ ଯାଇଛି। ଏବେ କେବଳ କାର୍ଯ୍ୟ କରିବାର ବେଳ। ଅନେକ ସମୟରେ ନେତାମାନେ କେବଳ ସରକାର ଗଠନ ଏବଂ ରାଜନୀତି ପାଇଁ ଲୋକଙ୍କ କାମ କରୁଥିବା ଦେଖାଯାଇଛି। କିନ୍ତୁ ଆସନ୍ତାକାଲି ପାଇଁ ସେମାନଙ୍କ କାର୍ଯ୍ୟ ବେଶ୍ ମହତ୍ତ୍ୱ ରଖେ। ଏହି ସମ୍ମିଳନୀ ଏକ ନିଆରା ସୁଯୋଗ ଦେବ, ଯାହା ଦ୍ୱାରା ବିଶ୍ୱ ନେତାମାନେ ରାଜନୀତିରୁ ଉପରକୁ ଉଠି ପ୍ରକୃତ ଲିଡର ଭାବେ କାର୍ଯ୍ୟ କରିବେ ବୋଲି ସେ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି।





ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଆଲୋଚନା କରୁଛନ୍ତି।

## ଆଇଆର୍‌ଆଇଏସ୍ ଶୁଭାରମ୍ଭ କଲେ ମୋଦି

ଗ୍ଲାସ୍‌ଗୋ, ୨।୧୧

ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଛୋଟ ଦ୍ୱୀପପୁଞ୍ଜଗୁଡ଼ିକରେ ଭିତ୍ତିଭୂମି ବିକାଶ ନିମନ୍ତେ ମଙ୍ଗଳବାର ଏକ ଉଚ୍ଚାଭିଳାଷୀ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି। ଇନ୍‌ଫ୍ରାଷ୍ଟ୍ରକଚର ଫର୍ ରେଜିଲିଏଣ୍ଟ ଆଇଲାଣ୍ଡ୍ ଷ୍ଟେଟ୍‌ସ(ଆଇଆର୍‌ଆଇଏସ୍) ଜଳବାୟୁ ପରିବର୍ତ୍ତନ ଜନିତ ସବୁଠୁ ବଡ ବିପଦର ସମ୍ମୁଖୀନ ହେଉଥିବା ଅସୁରକ୍ଷିତ ଦେଶମାନଙ୍କ ପାଇଁ ଏହା ନୂତନ ଆଶା, ଆତ୍ମବିଶ୍ୱାସ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ସହିତ ମୋଦି ସମ୍ମିଳନରେ ଉପସ୍ଥିତ ରହିଥିଲେ। ଆଇଆର୍‌ଆଇଏସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍, ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟ ଯୋଗ ଦେଇଥିଲେ। ଏହି ପଦକ୍ଷେପ ସବୁଠାରୁ ଅସୁରକ୍ଷିତ ଦେଶ ପାଇଁ କିଛି କରିପାରିବାର ଆତ୍ମସନ୍ତୋଷ ଦେବ। ଛୋଟ ଦ୍ୱୀପପୁଞ୍ଜର ଭିତ୍ତିଭୂମି ବିକାଶ ନିମନ୍ତେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଉପଗ୍ରହ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ବାବଦରେ ଠିକ୍ ସମୟରେ ସୂଚନା ପ୍ରଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ଡାଟା ୱିଣ୍ଡୋ ନିର୍ମାଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ସେନା ହସ୍ପିଟାଲରେ ବିସ୍ଫୋରଣ: ୨୫ ମୃତ



କାବୁଲ ସେନା ହସ୍ପିଟାଲ ନିକଟରେ ବିସ୍ଫୋରଣରେ ଆହତ ଶିଶୁଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

କାବୁଲ, ୨।୧୧

ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ସର୍ଦ୍ଦାର ମହମ୍ମଦ ଦାଉଦ୍ ଖାନ୍ ସେନା ହସ୍ପିଟାଲରେ ଆତ୍ମଘାତୀ ବିସ୍ଫୋରଣ ଓ ଭୟଙ୍କର ଗୁଳିଚାଳନା କରାଯାଇଛି। ଏଥିରେ ଅନ୍ୟୂନ ୨୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ ଜଣ ଆହତ ହୋଇଛନ୍ତି। ସେଠାରେ ୧୦ ମିନିଟ୍ ବ୍ୟବଧାନରେ ଦୁଇଟି ବିସ୍ଫୋରଣ ହୋଇଥିବା ଇସ୍‌ଲାମିକ ଏମିରେଟ୍ସର ମୁଖପାତ୍ର ବିଲାଲ କାରିମି କହିଛନ୍ତି। ଜନସାଧାରଣଙ୍କୁ ଟାର୍ଗେଟ କରି ଏପରି ଆକ୍ରମଣ କରାଯାଇଛି। ଘଟଣାସ୍ଥଳରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଥିବା ସେ ଟୁଇଟ୍ କରିଛନ୍ତି। ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ର ଏକ ଶାଖା ଆଇଏସ୍‌ଆଇଏଲର ସଦସ୍ୟମାନେ ହସ୍ପିଟାଲ ଭିତରକୁ ପ୍ରବେଶ କରିଥିବା ଏବଂ ସେଠାରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ସହିତ ମୁହାଁମୁହିଁ ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ତାଲିବାନ୍ ଆଫଗାନିସ୍ତାନକୁ କବ୍‌ଜା କରିବା ପରଠାରୁ ସେଠାରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିଚାଲିଛି।

## ୫ ଦିନ ଇଡି ହାଜତକୁ ଗଲେ ଦେଶମୁଖ

ମୁମ୍ବାଇ, ୨।୧୧

ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ମୁମ୍ବାଇର ଏକ ସେସନ୍ସ କୋର୍ଟ ନଭେମ୍ବର ୬ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦେଇଛନ୍ତି। ସୋମବାର ଇଡି ତାଙ୍କୁ ୧୨ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲା। ହାଜତରେ ତାଙ୍କୁ ଘର ଖାଦ୍ୟ ଓ ଔଷଧ ଦେବା ଏବଂ ଜେରା ବେଳେ ତାଙ୍କ



ଓକିଲ ଉପସ୍ଥିତ ରହିବା ଲାଗି ଦେଶମୁଖ କରିଥିବା ଅନୁରୋଧକୁ ଅଦାଲତ ଗ୍ରହଣ କରିଛନ୍ତି। ମନି ଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ର ବିଭିନ୍ନ ଧାରାରେ ଦେଶମୁଖଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ମଙ୍ଗଳବାର ତାଙ୍କୁ ଅତିରିକ୍ତ ଦୌରା ଜଜ୍ ପି.ବି. ଯାଦବଙ୍କ କୋର୍ଟରେ ହାଜର କରାଯାଇଥିଲା। ମୁମ୍ବାଇର ବିଭିନ୍ନ ହୋଟେଲ୍ ଓ ବାର୍‌ରୁ ଦେଶମୁଖ ପୋଲିସ ଅଧିକାରୀଙ୍କ ଜରିଆରେ ପ୍ରତି ମାସରେ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରୁଥିଲେ ବୋଲି ପୂର୍ବତନ ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ଅଭିଯୋଗ ଆଣିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଲାଞ୍ଚ ଗ୍ରହଣ, ଦୁର୍ନୀତି ଏବଂ ଅପରାଧ ଷଡ଼ଯନ୍ତ୍ର ଆଦି ଅଭିଯୋଗରେ ସିବିଆଇ ତାଙ୍କ ବିରୋଧରେ ଏତଲା ଦାଏର କରିଥିଲା।

## ସେନା ଆଧୁନିକୀକରଣ ଲାଗି ୭,୯୬୫ କୋଟିର ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୨।୧୧(ଆଇଏଏନ୍‌ଏସ୍)

ସଶସ୍ତ୍ର ବଳର ଆଧୁନିକୀକରଣ ଲାଗି ୭,୯୬୫ କୋଟି ଟଙ୍କାର ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛି। ‘ମେକ୍ ଇନ୍ ଇଣ୍ଡିଆ’ରେ ସୈନ୍ୟବାହିନୀ ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ଉପକରଣ ପ୍ରସ୍ତୁତ କରାଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୟୁଜିଶନ କାଉନସିଲ ବୈଠକ ବସି ଉପରୋକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ପ୍ରସ୍ତାବ ଅନୁଯାୟୀ ସମସ୍ତ ସରଞ୍ଜାମ ଭାରତରେ ଡିଜାଇନ ହେବା ସହ ବିକାଶ ଓ ଉତ୍ପାଦନ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରମୁଖ ପ୍ରସ୍ତାବ ମଧ୍ୟରେ ରହିଛି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ଏଚ୍‌ଏଏଲ୍)ରୁ ୧୨ ଲାଇଟ୍ ୟୁଟିଲିଟି ହେଲିକପ୍ଟର, ଭାରତ ଇଲେକ୍ଟ୍ରୋନିକ୍ସ ଲିଃରୁ ଲିନ୍‌କ୍ସ ୟୁ୨ ଫାୟାର କଣ୍ଟ୍ରୋଲ ସିଷ୍ଟମ କ୍ରୟ। ନୌସେନା ଯୁଦ୍ଧଜାହାଜଗୁଡ଼ିକର ସାମର୍ଥ୍ୟ ବୃଦ୍ଧିରେ ଏହା ସହାୟକ ହେବ। ଏହା ବ୍ୟତୀତ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିଃ (ଭେଲ୍)ରେ ଉନ୍ନତ ମାନର ସୁପର ରାପିଡ୍ ଗନ୍ ମାଉଣ୍ଟ ଉତ୍ପାଦନ କରାଯିବ।

## ୨ ନୌସେନା କମାଣ୍ଡରଙ୍କ ବିରୋଧରେ ଚାର୍ଜଶିଟ୍

### ବୁଡ଼ାଜାହାଜ ଗୁପ୍ତ ତଥ୍ୟ ଲିକ୍ ଘଟଣା

ନୂଆଦିଲ୍ଲୀ, ୨।୧୧

ଭାରତର କିଲୋ ଶ୍ରେଣୀର ବୁଡ଼ାଜାହାଜର ଗୁପ୍ତ ତଥ୍ୟ ଲିକ୍ କରିବା ଅଭିଯୋଗରେ ନୌସେନାର ଦୁଇଜଣ କମାଣ୍ଡର, ୨ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କ ସମେତ ୬ ଜଣଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ଚାର୍ଜଶିଟ୍ ଦାଖଲ କରିଛି। ସେମାନଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ଅଭିଯୁକ୍ତ କରାଯାଇଛି। ଏହି ୬ ଅଭିଯୁକ୍ତ କୋରିଆର ଏକ କମ୍ପାନୀକୁ ବୁଡ଼ାଜାହାଜର ମିଡିୟମ ରିଫିଟ ଲାଇଫ୍ ସାର୍ଟିଫିକେଶନ ସମ୍ପର୍କରେ ଗୋପନୀୟ ବ୍ୟବସାୟିକ ତଥ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ସେପ୍ଟେମ୍ବର ୩ରେ ସିବିଆଇ ଅବସରପ୍ରାପ୍ତ ନୌସେନା ଅଧିକାରୀ ରଣଦୀପ୍ ସିଂ ଏବଂ ଏସ୍.ଜେ. ସିଂଙ୍କୁ ଗିରଫ କରିବା ପରେ ଏହି ଘଟଣା ପଦାକୁ ଆସିଥିଲା। ରଣଦୀପଙ୍କ ଘରେ ଚଢ଼ାଉ କରାଯାଇ ପାଖାପାଖି ୨ କୋଟି ନଗଦ ଟଙ୍କା ଜବତ ହୋଇଥିଲା। ତଦନ୍ତ ଆଧାରରେ ସିବିଆଇ ପରବର୍ତ୍ତୀ ସମୟରେ ୱେଷ୍ଟର୍ନ ନାଭାଲ କମାଣ୍ଡ ମୁଖ୍ୟାଳୟର କମାଣ୍ଡର ଅଜିତ କୁମାର ପାଣ୍ଡେ ଓ ଅନ୍ୟ ଜଣଙ୍କୁ ଗିରଫ କରିଥିଲା।

## ୨ ଲକ୍ଷର ଜୋତା ପିନ୍ଧନ୍ତି ସମୀର: ନୱାବ

ମୁମ୍ବାଇ, ୨।୧୧

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଜୋନାଲ ଡିରେକ୍ଟର ସମୀର ୱାଙ୍ଖେଡେଙ୍କୁ ପୁଣି ଟାର୍ଗେଟ କରିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ। ୱାଙ୍ଖେଡେ ଜଣେ ଅସାଧୁ ଅଫିସର। ସେ ବଟି ଆଦାୟ କରିବା ସହ ଅତି ଦାମୀ ପୋଷାକ ପିନ୍ଧନ୍ତି ବୋଲି ନୱାବ ମଙ୍ଗଳବାର ଅଭିଯୋଗ କରିଛନ୍ତି। ୱାଙ୍ଖେଡେଙ୍କ ଟ୍ରାଉଜରର ମୂଲ୍ୟ ୧ ଲକ୍ଷ, ଗୋଟିଏ ଶାର୍ଟ ୭୦ ହଜାର, ୨ ଲକ୍ଷର ଜୋତା ଏବଂ ଘଣ୍ଟାର ଦାମ୍ ୨୫ରୁ ୫୦ ଲକ୍ଷ ଟଙ୍କା ହେବ ବୋଲି ନୱାବ କହିଛନ୍ତି। ଜଣେ ସଚ୍ଚୋଟ ଅଫିସର କିପରି ଏତେ ମହଙ୍ଗା ପୋଷାକ ପିନ୍ଧିପାରିବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ୱାଙ୍ଖେଡେ ମିଛରେ ଲୋକଙ୍କୁ ଫସାଇ ସେମାନଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଛନ୍ତି। ଏଥିପାଇଁ ସେ ଏକ ପ୍ରାଇଭେଟ ଟିମ୍ ରଖିଥିବା ମହାରାଷ୍ଟ୍ର ମନ୍ତ୍ରୀ ସଙ୍ଗିନ



ସମୀର ୱାଙ୍ଖେଡେ

ଅଭିଯୋଗ ଆଣିଛନ୍ତି। ଗତ ୧୫ ଦିନରେ ଜେଏନ୍‌ପିଟିରେ ୩ଟି କଣ୍ଟେନରରେ ଡ୍ରଗ୍ସ ଥିବା ଘଟଣା ଜଣାପଡ଼ିଥିବାବେଳେ କାହିଁକି ଏ ମାମଲାରେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ନୱାବ ପଚାରିଛନ୍ତି। ଏଥିସହ ଅଣ୍ଡରୱାର୍ଲ୍ଡ ସହ ନୱାବଙ୍କ ଲିଙ୍କ୍ ଥିବାନେଇ ମହାରାଷ୍ଟ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଯଦି ଏହା ସତ ତେବେ ଫଡନବିସ୍ ମୁଖ୍ୟମନ୍ତ୍ରୀ ଥିବାବେଳେ କାହିଁକି ତାଙ୍କ ବିରୋଧରେ ତଦନ୍ତ କଲେନାହିଁ ବୋଲି ନୱାବ ପ୍ରଶ୍ନ କରିଛନ୍ତି।

## କୋହଲିଙ୍କ ଝିଅଙ୍କୁ ବଳାତ୍କାର ଧମକ

## ଦିଲ୍ଲୀ ପୋଲିସକୁ ଡିସିଡବ୍ଲ୍ୟୁ ନୋଟିସ

ନୂଆଦିଲ୍ଲୀ, ୨।୧୧

ଭାରତୀୟ କ୍ରିକେଟ ଟିମ୍‌ର ଅଧିନାୟକ ବିରାଟ କୋହଲି ଏବଂ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ୯ ମାସର ଝିଅକୁ ବଳାତ୍କାର ଧମକ ମିଳିଛି। ଏହି ଖବର ପ୍ରକାଶ ପାଇବା ପରେ ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ମଙ୍ଗଳବାର ନିଜ ଆଡ଼ୁ ଏହାକୁ ବିଚାର ପାଇଁ ଗ୍ରହଣ କରିବା ସହ ଦିଲ୍ଲୀ ପୋଲିସକୁ ନୋଟିସ ଜାରି କରିଛି। ଏଭଳି ଧମକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ୍ ଟୁଇଟ୍ କରିବା ସହ ଏହି ମାମଲାରେ କ’ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବା ପାଇଁ ଦିଲ୍ଲୀ ପୋଲିସକୁ କହିଛନ୍ତି। ଟିମ୍ ଇଣ୍ଡିଆ ହଜାରେ ଥର ଆମକୁ ଗର୍ବିତ କରିଥିବାବେଳେ ହାରିଯିବା ପରେ ଏଭଳି ଘୃଣ୍ୟ ବ୍ୟବହାର କାହିଁକି



ବିରାଟ କୋହଲି

ବୋଲି ସ୍ୱାତୀ ପ୍ରଶ୍ନ କରିଛନ୍ତି। ଡିସିଡବ୍ଲ୍ୟୁ ଏନେଇ ଦିଲ୍ଲୀ ପୋଲିସକୁ ଏତଲା କପି ମାଗିବା ସହ ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଗିରଫ ଏବଂ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ତଥ୍ୟ ନଭେମ୍ବର ୮ ସୁଦ୍ଧା ଦେବାକୁ ଦିଲ୍ଲୀ ପୋଲିସକୁ କହିଛନ୍ତି।

ଦୁବାଇରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଭାରତ ପାକିସ୍ତାନଠାରୁ ହାରିଯିବା ପରେ ସୋସିଆଲ ମିଡିଆରେ ବିରାଟ କୋହଲିଙ୍କ ଝିଅ ପ୍ରତି ଘୃଣ୍ୟ ମନ୍ତବ୍ୟ ପୋଷ୍ଟ ହେବା ଆରମ୍ଭ ହୋଇଥିଲା। ଟିମ୍‌ର ଅନ୍ୟତମ କ୍ରିକେଟର ମହମ୍ମଦ ସାମିଙ୍କ ଧର୍ମକୁ ନେଇ ତାଙ୍କୁ ଟାର୍ଗେଟ କରାଯାଇଥିବାବେଳେ କୋହଲି ଏହାକୁ ନାପସନ୍ଦ କରିବା ସହ ଏଭଳି ବ୍ୟବହାରକୁ ନିନ୍ଦା କରିଥିଲେ। ଏହା ପରେ ସୋସିଆଲ ମିଡିଆରେ କୋହଲିଙ୍କୁ ସମାଲୋଚନା କରାଯାଇଥିଲା।

### କ୍ଷମା କରିଦେବାକୁ ରାହୁଲଙ୍କ ପରାମର୍ଶ



ଟି-୨୦ ବିଶ୍ୱ କପ୍ ମ୍ୟାଚରେ ପାକିସ୍ତାନଠାରୁ ଭାରତ ପରାଜିତ ହେବା ପରେ ଟିମ୍‌ମେଟ୍ ମହମ୍ମଦ ସାମିଙ୍କୁ ସମର୍ଥନ କରିଥିବା ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ବିରାଟ କୋହଲିଙ୍କ ଝିଅଙ୍କୁ ସୋସିଆଲ ମିଡିଆ ଜରିଆରେ ବଳାତ୍କାର ଧମକ ଦିଆଯାଉଥିବାରୁ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଏହାର ନିନ୍ଦା କରିଛନ୍ତି। ସେ କୋହଲିଙ୍କୁ ସମର୍ଥନ କରି ମଙ୍ଗଳବାର ଟୁଇଟ୍ କରିଛନ୍ତି। ରାହୁଲ ଲେଖିଛନ୍ତି, ସ୍ନେହ ପ୍ରେମ ପାଇବାରୁ ବଞ୍ଚିତ ଏଭଳି ଲୋକଙ୍କ ମନରେ ଘୃଣାଭାବ ଭରିରହିଛି। ସେମାନଙ୍କୁ କ୍ଷମା କରିଦେବା ସହ ଟିମ୍‌କୁ ସୁରକ୍ଷା ଦେବା ଲାଗି ରାହୁଲ କୋହଲିଙ୍କୁ ପରାମର୍ଶ ଦେଇଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ପରିବା, ଫଳଚାଷ ତାଲିମ ଶିବିର

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକବୁଢ଼ୀବାହାଲ ଗାଁରେ ଜୟ ଜଗନ୍ନାଥ ଉତ୍ପାଦକ ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମଦାତାଭାବେ ପାଟଣାଗଡ଼ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରମୋଦ କୁମାର ସେଟ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅବିନାଶ ଦାସ, ଅସରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ଯଶୋବନ୍ତ ସାହୁ, ଉଦ୍ୟାନ ବିଭାଗ ଅବସର ଅଧିଦର୍ଶକ ନବାଦୀପ ବେହେରା ଯୋଗଦେଇ ଉନ୍ନତ ପ୍ରଣାଳୀରେ ଚାଷ ସହ ରୋଗପୋକ ନିୟନ୍ତ୍ରଣ ଉପରେ ତାଲିମ ପ୍ରଦାନ କରିଥିଲେ। ଉଦ୍ୟାନ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକଳ୍ପର ମିଳିତ ଉଦ୍ୟମରେ ଶିବିର ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼

**ଗୋଲାମୁଣ୍ଡା,୨।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗଠାରେ ହେବାକୁ ଥିବା ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମ ଯୋଗ ଦେବାକୁ ଯାଉଥିବା ସମୟରେ ମଙ୍ଗଳବାର ଫୁଣ୍ଡା ଗ୍ରାମ ଛକଠାରେ ଉତ୍ୟକ୍ତ କିଛି ଲୋକେ ମନ୍ତ୍ରୀଙ୍କ ଗାଡି ଉପରକୁ ଅଣ୍ଡା ମାଡ କରିଥିଲେ। ସେହିପରି ମନ୍ତ୍ରୀ ତୁମେ ଇସ୍ତଫା ଦିଅ ବୋଲି ଜୋରରେ ନାରାବାଜି କରିଥିବା ଜଣାପଡିଛି।

### ମହିଳାଙ୍କୁ ବଳାତ୍କାର, ଯୁବକ ଅଟକ

**କୋକସରା,୨।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଆମପାଣି ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଅଧିକ ତଦନ୍ତ ଲାଗି ପଚରାଉଚରା କରାଯାଉଥିବା ଥାନା ଅଧିକରୀ ସୂଚନା ଦେଇଛନ୍ତି। ଆମପାଣି ଥାନା ପୋଡ଼ାଗୁଡ଼ା ଗ୍ରାମର ଯୁବକ ଜଣେ ବିବାହିତା ମହିଳାଙ୍କୁ ରବିବାର ବିଳମ୍ବିତ ରାତିରେ ଘରେ ଏକୁଟିଆ ଥିବା ସୁଯୋଗ ଦେଖି ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ପୀଡିତା ମହିଳା ସୋମବାର ଆମପାଣି ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ ପରେ ଆମପାଣି ପୋଲିସ ସମ୍ପୃକ୍ତ ଯୁବକଙ୍କ ଡାକ୍ତରୀମାଇନା ସହ ଥାନାରେ ଅଟକ ରଖିଛି। ମହିଳାଙ୍କ ଡାକ୍ତରୀ ମାଇନା ପାଇଁ କୋକସରା ଡାକ୍ତରଖାନାକୁ ନିଆଯାଇଥିବା ଜଣାପଡିଛି। ଏ ନେଇ ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକଙ୍କୁ ପଚାରିବାରୁ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା କହିଛନ୍ତି ।

### ଅସମ୍ପୂର୍ଣ୍ଣ ଡ୍ରେନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୨।୧୧:** ନୂଆପଡା ଜିଲା ସିନାପାଲି ସହର ଜଗନ୍ନାଥ ଛକ ନିକଟ ବରଫ କଳଠାରୁ ଲିମିବନ୍ଧ ରାସ୍ତା ପର୍ଯ୍ୟନ୍ତ ନିର୍ମାଣାଧୀନ ଅସମ୍ପୂର୍ଣ୍ଣ ଡ୍ରେନ ସମସ୍ୟା ନେଇ ସ୍ଥାନୀୟ ଲୋକେ ବିଡିଓଙ୍କ ଜରିଆରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭର ୬ ମାସ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ନ କରି ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡି ଦିଆଯାଇଛି। ଡ୍ରେନ ଠିକ ଭାବେ ନିର୍ମାଣ ହୋଇ ନ ଥିବାରୁ ସବୁବେଳେ ଡ୍ରେନ ମଧ୍ୟରେ ମଇଳା ପାଣି ଜମି ରହୁଛି। ଦୀର୍ଘ ଦିନ ମଇଳା ପାଣି ଜମି ଦୁର୍ଗନ୍ଧ ହେବା ଦ୍ୱାରା ସ୍ଥାନୀୟ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଏ ନେଇ ବାରମ୍ବାର ଅବଗତ କରା ଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ସିନାପାଲି ବିଡିଓ ସଦାଶିବ ନାଏକଙ୍କ ଜରିଆରେ ନୂଆପଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସିନାପାଲି ବିଡିଓଙ୍କୁ ପଚାରିବାରୁ ଦାବିପତ୍ର ତୁରନ୍ତ ପ୍ରେରଣ କରି ଦିଆଯାଇଛି। ଟଙ୍କା ଆସିଲେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରି ସମସ୍ୟା ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ନରହରି ମେହେର, ଖୁସିରାମ ମେହହେର, ଦଇତାରି ମେହେର, ଜିତେନ୍ଦ୍ର ମେହେର, ଈଶ୍ୱର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି

**କଣ୍ଟାବାଞ୍ଜି,୨।୧୧(ଡି.ଏନ.ଏ.):** ନଭେମ୍ବର ୫ ତାରିଖରେ ହେବାକୁ ଥିବା ଗିରି ଗୋବର୍ଦ୍ଧନ ପୂଜା ପାଇଁ ଯାଦବ ସମାଜ ପ୍ରସ୍ତୁତି ଆରମ୍ଭ କରିଛି। ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ନଗର ସଭାପତି ବେଦବ୍ୟାସ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହରର ୧୬ ୱାର୍ଡରେ ବାସ କରୁଥିବା ଯାଦବ ସମାଜ କର୍ମକର୍ତ୍ତା ଉପସ୍ଥିତ ରହି ପୂଜା ଆୟୋଜନ ସମ୍ପର୍କରେ ଉପରେ ଆଲୋଚନା କରିଥିଲେ। କରୋନା ଗାଇଡଲାଇନ ଅନୁଯାୟୀ ସ୍ଥାନୀୟ ଗୋରୁ ବଜାରସ୍ଥିତ ମନ୍ଦିର ପ୍ରାଙ୍ଗଣରେ ପୂଜ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ଘନଶ୍ୟାମ ଗହିର, ସଞ୍ଜୟ ପୁଂଜି, ବିଷ୍ଣୁ ଜୁଏଡ, କାର୍ତ୍ତିକ ବନଛୋର, ଦେବରାଜ ଯାଦବ, ହରିହର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟଶଙ୍କରଙ୍କ ଉପରେ ବର୍ଷିଲେ ଭକ୍ତ

**ଭବାନୀପାଟଣା,୨।୧୧(ସ୍ୱ.ପ୍ର.)**



ଭବାନୀପାଟଣା ଗାନ୍ଧୀ ଛକଠାରେ ଅନୁଷ୍ଠିତ ସଭାରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ।

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦିନକୁ ପବ୍ଲିକ କର୍ଫ୍ୟୁ ପାଇଁ ଆହ୍ୱାନ
- ଭବାନୀପାଟଣାରେ କଂଗ୍ରେସର ସାଧାରଣ ସଭା
- ମମିତା ମେହେର ମାଗୁଛି ନ୍ୟାୟ

ଭବାନୀପାଟଣା ଗାନ୍ଧୀ ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ମମିତା ମେହେର ହତ୍ୟା ଘଟଣାରେ ରାଜ୍ୟ ସରକାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉପରେ ବର୍ଷିଛନ୍ତି ।

ମମିତା ହତ୍ୟା ଘଟଣାରେ ସ୍କୁଲ ମାଲିକ ଗୋବିନ୍ଦ ସାହୁଙ୍କ ସହ ସିଧାସଳଖ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ ସମ୍ପୃକ୍ତି ରହିଥିବାରୁ ରାଜ୍ୟ ସରକାର ତାଙ୍କୁ ତୁରନ୍ତ ବହିଷ୍କାର ସହ ତଦନ୍ତ ପରିସରଭୁକ୍ତ କରନ୍ତୁ ବୋଲି କହିଥିଲେ। ସେହିପରି ମମିତା, ସ୍କୁଲ ମାଲିକ ଗୋବିନ୍ଦ ଓ ମନ୍ତ୍ରୀ ମିଶ୍ରଙ୍କ ଫୋନ୍ କଲ ଯାଞ୍ଚ କରାଗଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି କହିଥିଲେ। ମନ୍ତ୍ରୀଙ୍କ ସୁରକ୍ଷା ଦିଗରେ ଥାର୍ଡ ଫ୍ଲୋର, ପ୍ରଶାସନ ଓ ରାଜ୍ୟ ସରକାର ଲାଗି ପଡିଛନ୍ତି। ଏଠାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସ୍ୱଚ୍ଛ ଓ ନିର୍ମଳ ଶାସନର ଉଦାହରଣ ଦିଅନ୍ତୁ ବୋଲି ଭକ୍ତ କହିଥିଲେ। ଆସନ୍ତା ୮ ତାରିଖ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ରହିଥିବାରୁ ମମିତାଙ୍କ ନ୍ୟାୟ ପାଇଁ ଭବାନୀପାଟଣା ସହରବାସୀ ସମେତ ଜିଲାର ବିଭିନ୍ନ ଅଞ୍ଚଳର ଲୋକେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନ ଯାଇ ଘରେ ରହି ପବ୍ଲିକ କର୍ଫ୍ୟୁ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ମମିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଜିଲାର ସବୁ ବ୍ଲକରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ଲୋକଙ୍କୁ ଅନ୍ୟାୟ ବିରୋଧରେ ଜାଗୃତ କରାଯିବ ବୋଲି କହିଥିଲେ। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲା ଉପସଭାପତି ପରମାନନ୍ଦ ପୂଝାରୀ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ମହମ୍ମଦ ସାହେବ, ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜ, ଜିଲା ସାଧାରଣ ସମ୍ପାଦକ ବ୍ରଜ ସାହୁ, ବରିଷ୍ଠ ନେତା ଦିଗାମ୍ବର ଦୁରିଆ, ପୂର୍ବତନ ଜିଲା ସଭାନେତ୍ରୀ ସୁକାନ୍ତି ସରାଫ, ଜିଲା ଯୁବ କଂଗ୍ରେସ ଉପସଭାନେତ୍ରୀ ମନ୍ଦାକିନୀ ବାଣୁଆ ପ୍ରମୁଖ ସାମିଲ ଥିଲେ। ଜିଲା ସାଧାରଣ ସମ୍ପାଦକ ଉତ୍ସବ ସାହୁ ଧନ୍ୟବାଦ ଦେଇଥିଲେ।

## ଭତ୍ତା ପାଇଁ ପ୍ରଶାସନର ଦ୍ୱାରସ୍ଥ

**ଦେଓଗାଁ,୨।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ଯୋଜନାରୁ ବଞ୍ଚିତ ରହିଛନ୍ତି। ସମସ୍ୟାକୁ ନେଇ ସ୍ଥାନୀୟ ପଞ୍ଚାୟତ ଅଫିସରେ ଯୋଗ୍ୟ ହିତାଧିକାରୀମାନେ ଅଭିଯୋଗ କରିଆସୁଥିଲେ ହେଁ ପଞ୍ଚାୟତ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାନ୍ତି। ଏହା ଜାଣିବାପରେ ଆମ ଆଦମୀ ପାର୍ଟିର ରାଜ୍ୟ ପ୍ରବକ୍ତା ଆଶିଷ କୁମାର ପାଣ୍ଡେ କେତେକ ଯୋଗ୍ୟ ହିତାଧିକାରୀଙ୍କୁ ନେଇ ମଙ୍ଗଳବାର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ବାଗଙ୍କୁ ସାକ୍ଷାତ୍ କରିଥିଲେ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବା ପାଇଁ ଦାବି ଜଣାଇଥିଲେ। ଅଶୋକ ସୁନା, ଜିଲା ଆପ ଛାତ୍ର ଅଧ୍ୟକ୍ଷ ହିତେଶ ବର୍ଗତ୍ତି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାଜପାର ମିଶ୍ରଣ ପର୍ବ

**ଖପ୍ରାଖୋଲ, ୨।୧୧(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପାନ୍ଥନିବାସଠାରେ ଭାଜପାର ଲାଠୋର ମଣ୍ଡଳସ୍ତରୀୟ ବୈଠକ ଓ ମିଶ୍ରଣ ପର୍ବ ମଣ୍ଡଳ ସଭାପତି ଶଶୀ ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରସିଂହ ବୁଡ଼େକ, ଦେବକାନ୍ତ ପାଣିଗ୍ରାହୀ, ପ୍ରବୀଣ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଦଶରଥ ପାଣିଗ୍ରାହୀ ଦଳୀୟ ନେତୃବର୍ଗ ଉପସ୍ଥିତ ରହି ସଂଗଠନ ସୁଦୃଢ଼ କରିବାକୁ ଜୋର ଦେଇଥିଲେ। ଏହି ଅବସରରେ ମହରାପଦରର ପୂର୍ବତନ ସରପଞ୍ଚ ପାଲାସାଗର ଭୋଇ, ସାନନ୍ଦ ମାଝୀ ଭାଜପାରେ ଯୋଗଦେଇଥିଲେ।

# ନିର୍ମାଣାଧୀନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱ


ଶିବତଲା ଠାରେ ଅନୁଷ୍ଠିତ ବଲାଙ୍ଗୀର ସଦର ବ୍ଲକ୍ ସମୀକ୍ଷା ବୈଠକ।

**ବଲାଙ୍ଗୀର ଅଫିସ, ୨।୧୧**

- ସଦର ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ
- ପାଉଣା, ବାସଗୃହ ପ୍ରଦାନରେ ବିଳମ୍ବ ହେତୁ କ୍ଷୋଭ

ବଲାଙ୍ଗୀର ସଦର ବ୍ଲକ ଶିବତଲା ପଞ୍ଚାୟତରେ ସଦର ବ୍ଲକସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ନରସିଂହ ମିଶ୍ର ଯୋଗଦାନ କରି ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ସମୀକ୍ଷା ବେଳେ ଚୁଡାପାଲି ଡାକ୍ତରଖାନାର ଏକ ନୂତନ ନିର୍ମାଣକୁ ନେଇ ବ୍ଲକ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀ ଉପରେ ବିଧାୟକ ପ୍ରଶ୍ନ କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କିପରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିନା ଭଲ ଅବସ୍ଥାରେ ଥିବା ଏକ ଘରକୁ ଭାଙ୍ଗି ସେଠାରେ ନୂତନ ନିର୍ମାଣ କଲେ ସେ ଉପରେ ଉଭୟ ଯନ୍ତ୍ରୀଙ୍କୁ ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ଚୁଡାପାଲି ଅଞ୍ଚଳରେ ପୋଖରୀ ଖନନ ଏବଂ ଉନ୍ନତିକରଣରେ ମଧ ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ନିର୍ଦ୍ଦେଶାବଳୀକୁ ବେଖାତିର କରାଯାଇଥିବା ଜଣାପଡିଥିଲା। ଏହି ପ୍ରକଳ୍ପରୁ ଅର୍ଥ ବାଟମାରଣା କରିବା ପାଇଁ ତରବରିଆ ଭାବେ କାମ ଶେଷ କରି ବିଲ ପଇଠ କରାଯାଇଛି । ଏହା ଉପରେ ବିଧିବଦ୍ଧ ତଦନ୍ତ ହେବ ବୋଲି ବିଧାୟକ ମିଶ୍ର କହିଥିଲେ । ବୈଠକରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଅନେକ ଦିନରୁ ଅନୁଦାନ ପଡି ରହିଥିଲେ ହେଁ ସେସବୁକୁ ସମ୍ପୂର୍ଣ୍ଣ କରାଯାଇନାହିଁ । କୁମ୍ପାଣିର ଅତିରିକ୍ତ ଶ୍ରେଣୀ କୋଠରୀ, ସକ୍ମାର ଚଣ୍ଡି ମନ୍ଦିରର ମରାମତି କାମ ଅନୁଦାନ ଥାଇ ମଧ ଉଦ୍ଦେଶ୍ୟମୂଳକ ଭାବେ କାମ ବନ୍ଦ କରିଦିଆଯାଇଥିବା ଆଲୋଚନା ହୋଇଥିଲା। ଏହି ସବୁ ସ୍ଥାନକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱତନ୍ତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ବିଧାୟକ କହିଥିଲେ। ବ୍ଲକସ୍ତରରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ସବିଶେଷ ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀଙ୍କୁ କହିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରିଥିବା ଶ୍ରମିକ ତଥା ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଅନୁଦାନ ସମ୍ପର୍କରେ ବୁଧବାର ସୁଦ୍ଧା ସବିଶେଷ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଇନ୍ଦିରା ଆବାସ ଗୃହ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ମିଶନ ଶକ୍ତି ତଥା ଓଡିଶା ଜୀବିକା ମିଶନ ଅଧିନରେ ଯାହା ସବୁ ପ୍ରକଳ୍ପ କାମ ଚାଲିଛି ବୈଠକରେ ଆଲୋଚନା ହୋଇଥିଲା। ନିର୍ମାଣାଧିନ ପ୍ରକଳ୍ପ ସବୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ବିଧାୟକ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ, ବିଡିଓ ପ୍ରୀତମ କୁମାର ତନ୍ତି, ଏବିଡିଓ ରାମଦତ୍ତ ଭୋଇ, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ସହକାରୀ ଯନ୍ତ୍ରୀ ଟଙ୍କଧର କାଲା, ଶିବତଲା ସରପଞ୍ଚ ବାଳକୃଷ୍ଣ ବେହେରା, ଗ୍ରାମ ପଞ୍ଚାୟତ ଅଫିସର ଦାମୋଦର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: କୋମନା ଚାମ୍ପିୟନ

**ନୂଆପଡ଼ା ଅଫିସ,୨।୧୧**


ଅତିଥିଙ୍କ ସହିତ ଉପସ୍ଥିତ ଖେଳାଳିମାନେ।

ନୂଆପଡା ଜିଲା କୋମନା ବ୍ଲକ ବୃଦ୍ଧି କୋମନା ମା’ ବଜ୍ରାଣୀ ଖେଳ ପଡିଆରେ ଚାଲିଥିବା ୧୪ତମ ଚାମ୍ପିୟନ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କୋମନା ଓ ଖରିଆର ରୋଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋମନା ଦଳ ଖରିଆର ରୋଡକୁ ଗୋଟିଏ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ସାମାଜିକ କର୍ମୀ ସରୋଜ କୁମାର ସାହୁ (ଭୈରବ), ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ଜିଲା ପିରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ସୁଧିର ମିଶ୍ର, କାଳିଆ ପ୍ରଧାନ, ମୁରଲି ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ ରନସ ଅପ ଦଳକୁ ମୁଖ୍ୟଅତିଥି ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ବିବେକାନନ୍ଦ ମହାନ୍ତି, ମହେନ୍ଦ୍ର ଦାସ, ଖଗେଶ୍ୱର ବାଗ, ନେତ୍ରମଣି ବାଗ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ରାଜକିରଣ ସିଂଦେଓ ଓ ଭାବଗ୍ରାହୀ ପଣ୍ଡା ରହିଥିବା ବେଳେ ପାଣ୍ଡବ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ। କାର୍ତ୍ତିକ ଦୀପ, ଜୟନ୍ତ ସିହଦେଓ, ରମେଶ ଶବର, ଗିରିଧାରି ଶବର,ବୁଟି ଶବର ପ୍ରମୁଖ ସହଯୋଗ କରିଥିଲେ।

## ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଅଧୀନ ଫରଙ୍ଗଠାରେ ମଙ୍ଗଳବାର ବିଜେଡି ପକ୍ଷରୁ ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଧାୟକ ତଥା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ପୋଲିସ ଫୋର୍ସ ସାହାଯ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମହାଲିଙ୍ଗ କଲେଜକୁ ସେତିକି ଯାଉ ନ ଥିଲି, ସାନଚେର ଗାଁ, ବଡଚେର ଗାଁ ତଥା ଅନ୍ୟ କଲେଜକୁ ମୁଁ ଯାଉଥିଲି ବୋଲି ମନ୍ତ୍ରୀ କହିଥିଲେ। ମମିତା ମେହେର ଥିବା ସ୍କୁଲକୁ ଯାଇ ନାହିଁ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟ କିଛି ବିରୋଧୀମାନେ ମୋ ବିରୋଧରେ ଷଡଯନ୍ତ୍ର କରୁଛନ୍ତି ଓ ମିଥ୍ୟା ତଥା ପ୍ରମାଣ ବିହୀନ ଅଭିଯୋଗ କରୁଛନ୍ତି ଯାହା କି ହାସ୍ୟାସ୍ପଦ ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ, ଧାମନପୁର ସମିତି ସଭ୍ୟ ଇଂ. ଦିନେଶ କୁମାର ରାଉତ, ଫରଙ୍ଗ ସରପଞ୍ଚ ଓ ସମିତି ସଭ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଫରଙ୍ଗ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିବା ବେଳେ କିଛି ଅନ୍ୟ ରାଜନୈତିକ ଦଳର କର୍ମୀମାନେ ବିଜେଡିରେ ଯୋଗଦାନ କରିଥିଲେ।

# ୨ ଜଳ ପ୍ରକଳ୍ପର ଶିଳାନ୍ୟାସ, ୧ ଉଦ୍‌ଘାଟିତ


ହୀରାପୁର ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**ଲୋଇସିଂହା,୨।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ମଙ୍ଗଳବାର ୨ଟି ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଗୋଟିଏର ଶୁଭ ଉଦ୍‌ଘାଟନ ହୋଇଛି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥି, ବିଧାୟକ ମୁକେଶ ମହାଲିଙ୍ଗ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ । ବ୍ଲକର ୩ କୋଟି ୪୯ ଲକ୍ଷ ୩୯ ହଜାର ବ୍ୟୟ ଅଟକଳରେ ହୀରାପୁର, ବାରଡୁଲ ଓ ଗୋପାଳପୁର ଗାଁକୁ ପାନୀୟ ଜଳ ଯୋଗାଣ ସମ୍ପ୍ରସାରଣ କରାଯିବ। ସେହିପରି ୯୮ଲକ୍ଷ ୭୨ ହଜାର ଟଙ୍କା ବ୍ୟୟ ବରାଦରେ ଉପରବାହାଲ ପାନୀୟ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିସହିତ ୧ କୋଟି ୪୮ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟରେ ପଥରମୁଣ୍ଡା ଗାଁରେ ନର୍ମିତ ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ବିଭାଗୀୟ ସହକାରୀ ଯନ୍ତ୍ରୀ ବିପିନ ବିହାରୀ ଦାସ ସମସ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସିଂଦେଓ କହିଥିଲେ ଯେ,୨୦୨୪ ସୁଦ୍ଧା କେନ୍ଦ୍ର ସରକାର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସଂକଳ୍ପ ନେଇଛନ୍ତି। ଲୋଇସିଂହା ବ୍ଲକରେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ବିଧାୟକ ମହାଲିଙ୍ଗ କହିଥିଲେ ଯେ, ନିର୍ବାଚନ ସମୟରେ ଜନସାଧାରଣ କରିଥିବା ଦାବି ସାକାର ହୋଇଛି। କାର୍ଯ୍ୟକ୍ରମକୁ ବିଭାଗୀୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ।

# କେନ୍ଦୁପତ୍ର ଘରୋଇକରଣକୁ ବିରୋଧ


ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା।

**ଖପ୍ରାଖୋଲ, ୨।୧୧(ଡ଼ି.ଏନ.ଏ.)**

**ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବିନ୍ଧ୍ୟାବାସିନୀ ମନ୍ଦିର ପରିସରରେ ଓଡ଼ିଶାର କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ଼ ଡିଭିଜନସ୍ତରୀୟ ବୈଠକ ଡିଭିଜନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଶିବାନନ୍ଦ ପରିଚ୍ଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପସଭାପତି ଗୋକୁଲ ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଖଡ଼ିଆଳଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମହମ୍ମଦ ମୋର୍ତାଜ, ପାଟଣାଗଡ଼ ରେଞ୍ଜ ସଭାପତି ଚିତ୍ତ ବେହେରା, ହେଡଚେକର ମକାରୁ ପାଣ୍ଡେ, ଦ୍ୱାରୁ ସେଟ, ନାରାୟଣ କାରଣ ଉପସ୍ଥିତ ଥିଲେ। ବୈଠକରେ କେନ୍ଦୁପତ୍ର ତୋଳାଳି, ବନ୍ଧେଇ କର୍ମଚାରୀ, ସିଜିନାଲ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେହିପରି କେନ୍ଦୁପତ୍ର ଘରୋଇ କାରଣକୁ ବିରୋଧ କରାଯାଇଥିଲା। ମୁନ୍ସୀ, ଚାପରାସିଙ୍କ କାର୍ଯ୍ୟ ଦିବସ ବୃଦ୍ଧି, କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀଙ୍କ ସ୍ଥଗିତ ଶ୍ରମିକ କଲ୍ୟାଣ ପାଣ୍ଠି ତୁରନ୍ତ ପ୍ରଦାନ, ଡିଭିଜନ ସାମୟିକ କର୍ମଚାରୀଙ୍କ ବନ୍ଦ ଥିବା ଗ୍ରାଚ୍ୟୁଇଟି ତୁରନ୍ତ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହିସବୁ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ ଚିତ୍ରସେନ ବର୍ଗତ୍ତି, ଧ୍ରୁବ ଚାନ୍ଦ, ନୀଳମଣି ବୁଡ଼େକ, ଚୂଡ଼ାମଣି ବୁଡ଼େକ, ଶିବ ପଟ୍ଟନାୟକ, ରାଜରାମ ଦଣ୍ଡସେନା ପ୍ରମୁଖ ଶତାଧିକ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀ ଉପସ୍ଥିତ ଥିଲେ।

# ଲଡୁଗାଁ ସହରରେ ଭାଲୁ

**କୋକସରା,୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସହରରେ ସୋମବାର ରାତିରେ ହଠାତ୍ ସହର ଜନବସତି ଆଡକୁ ୩ଟି ଭାଲୁ ପଶି ଆସିଥିବା ଦେଖିବାକୁ ମିଳିଛି। ଭାଲୁ ସହର ମଧରେ ପଶି ଆସିଥିବା ଜାଣିବା ପରେ ଲୋକେ ଆତଙ୍କିତ ହୋଇ ପଡିଥିଲେ। ୩ ଭାଲୁ ମଧରେ ଗୋଟିଏ ମାଈ ଭାଲୁ ଓ ତାର ୨ ଛୁଆ ଥିବା ସନ୍ଦେହ କରାଯାଉଛି। ରାତି ତମାମ ଭାଲୁ ସହର ଚାରିଆଡେ ବିଚରଣ କରିବା ପରେ ଭୋରୁ ନିକଟବର୍ତ୍ତୀ କସନା ପାହାଡ଼କୁ ଚାଲି ଯାଇଥିବା ସୂଚନା ମିଳିଛି। ତେବେ ଜଙ୍ଗଲ ବିଭାଗ ଲୋକଙ୍କ ସୁରକ୍ଷା ପାଇଁ ସତର୍କ ଦୃଷ୍ଟି ଦେବାକୁ ଲଡୁଗାଁ ଅଞ୍ଚଳବାସୀ ଦାବି କରିଛନ୍ତି। ଭାଲୁର ଗତିବିଧି ଉପରେ ନଜର ରଖାଯାଇଛି ଓ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ସହର ଉପାନ୍ତ ଅଞ୍ଚଳରେ ଭାଲୁ ବିଚରଣ କରୁଥିବା ଦୃଶ୍ୟ।

## ସର୍ବସାଧାରଣ ସ୍ଥାନରେ ଝୁଲୁଛି ମଦ ବୋତଲ

**ଲାଠୋର, ୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗାଁ ଖେଳ ପଡିଆର ଏକ ଖମ୍ବରେ ମଦ ବୋତଲ ଝୁଲିଛି। ଏହାକୁ କିଏ ଓ କାହିଁକି ଝୁଲାଇଛି ତାହା ଜଣା ନ ଥିଲେ ହେଁ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାତଃ ଭ୍ରମଣ ଓ ବ୍ୟାୟମ ପାଇଁ ଲୋକେ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଉପରେ ନିର୍ଭର କରିଥାନ୍ତି। ହେଲେ ଉକ୍ତ ଖେଳ ପଡିଆରେ ଭୋଜିଭାତ କରୁଛନ୍ତି। ଅନେକେ ସେଠାରେ ନିଶା ନିଶା ସେବନ କରି ବୋତଲକୁ ଇତଃସ୍ତତ ପକାଉଛନ୍ତି। ଘଟଣାକ୍ରମରେ ସୋମବାର ସକାଳେ ପଡିଆ ପାଚେରିରେ ଥିବା ଏକ ଖମ୍ବରେ ଖାଲି ମଦ ବୋତଲ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖିବା ପରେ ଗାଁର ଜଣେ ସାମାଜିକ କର୍ମୀ ତାହାକୁ ଖୋଲି ଅନ୍ୟତ୍ର ଫିଙ୍ଗି ଦେଇଥିଲେ। ପଞ୍ଚାୟତ ପକ୍ଷରୁ ଖେଳ ପଡିଆର ଚାରିପାଖରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ତାକୁ ମଧ ଉପାଡି ଫୋପାଡି ଦିଆଯାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଦୃଷ୍ଟି ଦେଇ ଏପରି ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ଦାବି ହେଉଛି।

## ଯୁବତୀଙ୍କ ଆତ୍ମହତ୍ୟା

ଡୁଙ୍ଗୁରିପାଲି (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗପରିପାଲି ଆରଏମସି ଛକ ନିକଟକୁଦେଇ ପଡାର ଜଣେ ଯୁବତୀ ସୋମବାର ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ କୁଦେଇପଡାର ଜଣେ ୧୯ବର୍ଷୀୟା ଯୁବତୀ। ଘରେ କେହି ନ ଥିବା ବେଳେ ଭିତର ପଟରୁ କବାଟ ବନ୍ଦକରି ବେକରେ ଓଢ଼ଣୀ ଦେଇ ସେ ଆତ୍ମହତ୍ୟା କରିଥିଲେ। ଡୁଙ୍ଗୁରିପାଲି ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ମୃତାଙ୍କ ପିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସଆଇ ମହନ ବରିହା କହିଛନ୍ତି।

## ସଂକ୍ଷେପରେ

### କନସିଂହାରେ କରମସାନୀ ସମ୍ମିଳନୀ

**ପଦ୍ମପୁର, ୨।୧୧(ଡି.ଏନ.ଏ):** ବରଗଡ ଜିଲା ପଦ୍ମପୁର ଉପଖଣ୍ଡ କନସିଂହାଠାରେ ସୋମବାର ଗ୍ରାମପଞ୍ଚାୟତ ସ୍ତରୀୟ କରମସାନୀ କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କରମସାନୀ ଦେବୀ ପୂଜନୋତ୍ସବରେ ଷଷ୍ଠମ ଧରୁଆ ଓ ସ୍ତ୍ରୀ ବିଜଲି ସିଦାର ମୁଖ୍ୟକର୍ତ୍ତା ଥିଲେ। ସମ୍ମିଳନୀରେ କୃଷ୍ଣଚନ୍ଦ୍ର ଭୋଇ ମୁଖ୍ୟଅତିଥି, ରସିକଚନ୍ଦ୍ର ବେହେରା, କବି ତନ୍ମୟ ମିଶ୍ର ଓ ରେଡିଓ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୁପ୍ତପ୍ରାୟ ପାରମ୍ପରିକ କଳାକୁ ବଞ୍ଚାଇବା ପ୍ରୟାସର ପ୍ରଶଂସା କରିଥିଲେ। ଏହି ଅବସରରେ ୪୫ ଜଣ କରମସାନୀ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କନସିଂହା ଗ୍ରାମପଞ୍ଚାୟତ କରମସାନୀ କମିଟିର ସଭାପତି ରମେଶ ସାହୁ, ସମ୍ପାଦକ ଭେନ ଶେଖର ମହାକୁର, ସହ ସମ୍ପାଦକ ଲଳିତ ପଟେଲ, ସନ୍ତୋଷ ସାହୁ, ଆଶୀଷ ବିଶି ପ୍ରମୁଖ ସହଯୋଗ କରିଥିଲେ।

### ଜଗଦଲପୁରରେ ଚାଷୀ ବୈଠକ

**ପଦ୍ମପୁର,୨।୧୧(ଡି.ଏନ.ଏ):** ବରଗଡ଼ ଜିଲ୍ଲା ପଦ୍ମପୁର ନିକଟସ୍ଥ ଜଗଦଲପୁର ବଜାର ପ୍ରାଙ୍ଗଣରେ ସୋମବାର ପଞ୍ଚାୟତସ୍ତରୀୟ ଚାଷୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ଗ୍ରାମ ପଞ୍ଚାୟତର ୮ଟି ମୌଜାରେ ଚାଷୀ ସମସ୍ୟା, ଫସଲବୀମା, ସରକାରଙ୍କ ଚାଷୀ ପ୍ରୋତ୍ସାହନ ଯୋଜନା ଉପଯୁକ୍ତ ଚାଷୀଙ୍କୁ ମିଳିବା ପାଇଁ ଗ୍ରାମ କମିଟି ଗଠନ କରାଯାଇଥିଲା। ଶେଷରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତି ଶଙ୍କର ସିଂହ, ସମ୍ପାଦକ ଅମୋଦ ପଟେଲ, କୋଷାଧ୍ୟକ୍ଷ ବୀରେଶ ପଟେଲ ସର୍ବସମ୍ମତି କ୍ରମେ ଚୟନ ହୋଇଥିଲେ। ତରଣୀସେନ ପଟେଲ, ଗୋପବନ୍ଧୁ ସାହୁ, ହରେକୃଷ୍ଣ ପଟେଲ, ବିଘ୍ନେଶ୍ୱର ନାୟକ, ମଦନ ମୋହନ ପଟେଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱଚ୍ଛ ଭାରତ ଅଭିଯାନ

**ଅମରପାଲି, ୨।୧୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୀରମହାରାଜପୁର ପୋଲିସ ଏସ୍ଆଇ ସୁଦର୍ଶନ ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସେବା, ଶୃଙ୍ଖଳା ଓ ତ୍ୟାଗଦ୍ୱାରା ସେମାନଙ୍କ ମହତପଣିଆ ପ୍ରମାଣିତ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ହୃଷୀକେଶ ପ୍ରଧାନ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ କ୍ୟାପଟେନ ସୂର୍ଯ୍ୟ ନାରାୟଣ ପଣ୍ଡା, ଚିନ୍ମୟ କୁମାର ପଣ୍ଡା, ଜୁନିୟର ଅଣ୍ଡର ଅଫିସର ପ୍ରଫୁଲ୍ଲ କୁମାର ଖମାରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ମାଧମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ କଲେଜ ପରିସରକୁ ସଫାସୁତୁରା କରାଯାଇଥିଲା।



ମଙ୍ଗଳବାର ବିଜେଡ଼ି ମହିଳା ମୋର୍ଚ୍ଚାର କର୍ମୀମାନେ ବରଗଡ଼ ସହରରେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି ।

# ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ବରଗଡ଼ ଅଫିସ୍,୨।୧୧**

ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ବରଗଡ଼ ମହିଳା ବିଜେଡ଼ି ତରଫରୁ ନଗର ସଭାନେତ୍ରୀ କଳ୍ପନା ମାଝୀଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବହୁ ମହିଳା ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ଗାନ୍ଧୀଛକରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭାରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଏବଂ ଏହାକୁ ନିୟନ୍ତ୍ରଣ କରିବାରେ ଫେଲ ମାରିଥିବା ଯୋଗୁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପୂର୍ବତନ ବିଧାୟକ ସାଧୁ ନେପାକ, ଗୌରହରି ମିଶ୍ର, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ନାରୀନେତ୍ରୀ ଜୟନ୍ତୀ ବେହେରା, ସଞ୍ଜୁ ଶତପଥୀ, ମଞ୍ଜୁ ମଲ୍ଲିକ, ସୌଦାମିନୀ ପଟେଲ, ରୀତା ବେହେରା, ଜ୍ୟୋତ୍ସ୍ନା ପାଇକ ବାସନ୍ତୀ ବେହେରା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପତ୍ରାପାଲିରେ ବୃକ୍ଷ ମହୋତ୍ସବ
### ବୃକ୍ଷଚାରା ଧରି ଗାଁ ପରିକ୍ରମା

**ପଦ୍ମପୁର, ୨।୧୧(ଡି.ଏନ.ଏ)**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ବରିହାପାଲି ଗ୍ରାମପଞ୍ଚାୟତ ପତ୍ରାପାଲି ଗ୍ରାମରେ ସବୁଜସାଥୀ ଓ ବନ ସୁରକ୍ଷା ସମିତି ଆନୁକୂଲ୍ୟରେ ବୃକ୍ଷରୋପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ଜମଲା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ବିକାଶ ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଗ୍ଲୋବାଲ ୱାର୍ମିଂ, ପ୍ରାକୃତିକ ବିପର୍ଯ୍ୟୟ, କ୍ରମାଗତ ମରୁଡିରୁ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ପରେ ସବୁଜ ସାଥୀର ସଦସ୍ୟମାନେ ବୃକ୍ଷ ଚାରା ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ବନ ସୁରକ୍ଷା ସମିତି ସଭାପତି ଠାକୁର ପ୍ରଧାନ, ସବୁଜ ସାଥୀର ମୁଖ୍ୟ ପଞ୍ଚମ ପ୍ରଧାନ, ପ୍ରବକ୍ତା ଅନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ହୁ ପ୍ରତିନିଧି ଦଳର ବୌଦ୍ଧ ଐତିହାସିକ ସଂଗ୍ରହାଳୟ ପରିଦର୍ଶନ

**ବୌଦ୍ଧ,୨।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ୧୦୮ଟି ଗ୍ରାମକୁ ଫାଇଲେରିଆ ମୁକ୍ତ ଗ୍ରାମ ଭାବରେ ଚିହ୍ନଟ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଏକ ପ୍ରତିନିଧି ଦଳ ଦୁଇଦିନିଆ ବୌଦ୍ଧ ଜିଲା ଗସ୍ତରେ ଆସି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା କେତେକ ଗ୍ରାମ ପରିଦର୍ଶନ କରିବା ସହିତ ବିଭିନ୍ନ ତଥ୍ୟ ସଂପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ୬ ରୁ ୭ ବର୍ଷର ଶିଶୁଙ୍କୁ ବାତଜ୍ୱର ସମ୍ପର୍କିତ ପରୀକ୍ଷା କରିବା ସହିତ ସେମାନଙ୍କୁ ଚିତ୍ରାଙ୍କନ କରିବା ପାଇଁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ପ୍ରତ୍ୟେକ ବ୍ଲକରୁ ତିନୋଟି ଲେଖାଏ ଟିମ୍ ଗଠନ କରାଯାଇ ବାତଜ୍ୱର ପରୀକ୍ଷା କରାଯିବ। ଏହି ଟିମ୍‌ରେ ଆଶା, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଲାବରୋଟୋରୀ ଆସିଷ୍ଟାଣ୍ଟ ଯୋଗଦେଇ ଶିଶୁମାନଙ୍କ ବାତଜ୍ୱର ପରୀକ୍ଷା କରିବେ। ମଙ୍ଗଳବାର ଅପରାହ୍ନରେ ଏହି ପ୍ରତିନିଧି ଦଳ ଜିଲାର ଐତିହାସିକ ସଂଗ୍ରହାଳୟ ବୁଲି ଦେଖିଥିଲେ। ସଂଗ୍ରହାଳୟ ମଧ୍ୟରେ ସଂରକ୍ଷିତ ହୋଇ ରହିଥିବା ଜିଲାର ପୁରାତନ କିର୍ତ୍ତୀରାଜି, ରାଜାଙ୍କ ଶାସନ ସମୟରେ ବ୍ୟବହୃତ ସାମଗ୍ରୀ ସବୁ ଦେଖି ପ୍ରତିନିଧି ଦଳ ଖୁସି ବ୍ୟକ୍ତ କରିବା ସହ ଜିଲା ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ପ୍ରତିନିଧି ଦଳର ମୁଖ୍ୟ ମିଶ୍ ପେଡେନଙ୍କ ସହିତ ଡା. ବିଶ୍ୱପ୍ରକାଶ ଦତ୍ତ, ଡା. ଶ୍ୟାମବନ୍ଧୁ ରଥ, ଡା. ମଦନ ପ୍ରଧାନ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ସାମିଲ ଥିଲେ।


ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କର୍ମକର୍ତ୍ତା ସଂଗ୍ରହାଳୟ ବୁଲି ଦେଖୁଛନ୍ତି ।

## ବିଚ୍‌ରାସ୍ତାରେ ପୋଲିସକୁ ନାଲିଆଖି

**ବରଗଡ଼**
- କାଚ ବୋତଲରେ ପୋଲିସ ଉପରକୁ ଆକ୍ରମଣ ଉଦ୍ୟମ
- ବହୁକଷ୍ଟରେ ଯୁବକଙ୍କୁ ଉଠାଇନେଲା ପୋଲିସ

**ବରଗଡ଼ ଅଫିସ୍,୨।୧୧**

ଖାକି ପୋଷାକ ଦେଖିଲେ ଲୋକଙ୍କ ମନରେ ଭୟ ଆସିଥାଏ। ହେଲେ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବରଗଡ଼ ଗାନ୍ଧୀଛକରେ ଜଣେ ଯୁବକ ହାତରେ କାଚ ବୋତଲ ଧରି ପୋଲିସକୁ ଆକ୍ରମଣ ଉଦ୍ୟମକରିବାସହିତମାଡ଼ମାରିବାଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାଟି ଥିଲା ଏହିପରି। ଗାନ୍ଧୀଛକରେ ଦୁଇଜଣ ଯୁବକଙ୍କ ମଧ୍ୟରେ କଳି ହେଉଥିଲା। ଖବର ପାଇ ପାଟ୍ରୋଲିଂ ଭ୍ୟାନ ସେଠାରେ ପହଞ୍ଚିଥିଲା। ଉକ୍ତ ଯୁବକ ସିଧାସଳଖ ପୋଲିସ ଭ୍ୟାନ୍ ପାଖକୁ ଆସିଥିଲେ ଏବଂ ଭ୍ୟାନ୍‌ରୁ ଚାବି କାଢ଼ିନେବାକୁ ଉଦ୍ୟମ କରିଥିଲେ। କିଛି କହିବା ପୂର୍ବରୁ ସମ୍ପୃକ୍ତ ଯୁବକ ହାତରେ ଧରିଥିବା କାଚ ବୋତଲରେ ପୋଲିସ ଉପରକୁ ଆକ୍ରମଣ ଉଦ୍ୟମ କରିଥିଲେ। ଏହାସହିତ ଜଣେ ପୋଲିସ ଅଧିକାରୀଙ୍କ ମୁହଁକୁ ମୁଥ ମାରିଥିଲେ। ପୋଲିସ ଅଧିକାରୀ ମଧ୍ୟ ସମ୍ପୃକ୍ତ ଯୁବକଙ୍କୁ ଲାଠି ପ୍ରହାର କରିଥିଲେ ଏବଂ ତାଙ୍କୁ ଭ୍ୟାନରେ ବସାଇବାକୁ ଚେଷ୍ଟା କରିଥିଲେ। ବହୁଚେଷ୍ଟା ପରେ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇଥିଲେ। ସେଠାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ଘଟଣା ନେଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା କହିଥିଲେ ।


ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଉଠାଇ ନେଉଛି ।

## ସ୍ୱାମୀଙ୍କ ଅଭିଯୋଗ ପରେ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ

**ବାଉଁଶୁଣୀ,୨।୧୧(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳର ଜଣେ ବ୍ୟକ୍ତି ସ୍ତ୍ରୀ କୁ ବଦନାମ କରିବା ପାଇଁ ଅପହରଣ କରାଯିବା ନେଇ ମନମୁଣ୍ଡା ଥାନାରେ କରିଥିବା ଅଭିଯୋଗର କିଛି ଦିନ ପରେ ସ୍ତ୍ରୀ ଏହାର ପାଲଟା ଜବାବ ଦେବାକୁ ଯାଇ ମଙ୍ଗଳବାର ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁସାରେ, ସୁର୍ଯ୍ୟ କୁମ୍ଭାର ଗତ ୨୦୦୭ରେ ମନମୁଣ୍ଡା ଥାନା ଅନ୍ତର୍ଗତ ଉଚ୍ଚବାହାଲି ଗ୍ରାମର ଘାସିରାମ କୁମ୍ଭାରଙ୍କୁ ବିବାହ କରିଥିଲେ। ମାତ୍ର ବିବାହର ୩ ମାସ ପରେ ଗୋଟିଏ ବାଇକ୍ ପାଇଁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଘରୁ ବାହାର କରି ଦେଇ ବାଇକ୍ ଆଣି ଘରକୁ ଆସିବୁ ବୋଲି କହିଥିଲେ। ବାପଘର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ବାଇକ୍ ଦେଇ ପାରିଲେ ନାହିଁ। ଆପୋଷ ବୁଝାମଣା ପରେ ସେ ଶାଶୁଘର ଆସିଥିଲେ। କିନ୍ତୁ ଏହାକୁ ନେଇ ଶାଶୁଘର ଲୋକେ ହତ୍ୟା ଉଦ୍ୟମ କରିବାକୁ ପଛାଇ ନ ଥିଲେ। ଶେଷରେ ନିର୍ଯାତନା ସହି ନ ପାରି ସୂର୍ଯ୍ୟ ୨୦୨୦ ମସିହାରେ ମନମୁଣ୍ଡା ଥାନାରେ ଅଭିଯୋଗ କରି ନେଇଥିବା ଯୌତୁକ ସାମଗ୍ରୀ ନିଜ ଘରକୁ ଫେରାଇ ଆଣିଥିଲେ । ପରିସ୍ଥିତିରେ କାଳେ ସୁଧାର ଆସିବ ଓ ଶାଶୁଘର ଲୋକ ଘରକୁ ଫେରାଇ ନେବେ ବୋଲି ସୂର୍ଯ୍ୟ ଆଶା ବାନ୍ଧି ଅପେକ୍ଷା କରିଥିଲେ । ହେଲେ ନିକଟରେ ଘାସିରାମ ତାଙ୍କ ସ୍ତ୍ରୀଙ୍କୁ ଜଣେ ଅପହରଣ କରି ନେଇଥିବା ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଶେଷରେ ନିରାଶ ହୋଇ ସୂର୍ଯ୍ୟ ମନମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି।

## ଡୁମ୍ବାଲ ବିକାଶ ପରିଷଦର ରାଜ୍ୟସ୍ତରୀୟ ସମାବେଶ

**ବୌଦ୍ଧ,୨।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ କମଳପୁର ମାହେଶ୍ୱରୀ ବିହାରଠାରେ ଜିଲା ଯୁବ ଡୁମ୍ବାଲ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଯୁବ,ମହିଳା ଓ ପଛୁଆବର୍ଗ ସମାବେଶ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ତେଲିବନ୍ଧ ମହାନଦୀ ଘାଟରୁ ୨୫ଗୋଟି କଳସରେ ପାଣି ନେଇ ପୂଜା କାର୍ଯ୍ୟ କରାଯାଇଥିଲା। ପରିଷଦର ଉପଦେଷ୍ଟା ଦେବାର୍ଚ୍ଚନ ଚାଉଳିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିବା ସହ ଜାତିଭାଇମାନଙ୍କ ପ୍ରଗତି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜାତିଭିତ୍ତିକ ପତ୍ରିକା ଆମେ ଡୁମ୍ବାଲର ସମ୍ପାଦକ ହରିଶଙ୍କର ବେହେରା, ମହେଶ୍ୱର ପ୍ରଧାନ ,ସୁଶାନ୍ତ ବାଘ, ଦେବହରି ମହାକୁଡ, ଅକ୍ରୁର କଲତା, ସୁଦାମ ଖମାରୀ, ବିଶିକେଶନ ପ୍ରଧାନ, ପ୍ରଭାତ ପ୍ରଧାନ, ସୀତାକାନ୍ତ ସିଂହ, ଦୟାସାଗର ମେଣ୍ଡିଲି, ଲଳିତ ଥାଟି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଷଦର ସଭାପତି ଶମ୍ଭୁ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ସମ୍ପାଦକ କୃତ୍ତିବାସ ପଲିଆ ବିବରଣୀ ପାଠ କରିଥିଲେ । ଚୈତନ୍ୟ କର୍ଣ୍ଣ, ସତ୍ୟ ନାରାୟଣ ବଘାର, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଧରଣୀଧର ଲଉରିଆ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଅରୁଣ ମେଣ୍ଡିଲି ସହଯୋଗ କରିଥିଲେ। ଦେଶବନ୍ଧୁ ମହାକୁଳ ଧନ୍ୟବାଦ ଦେଇଥିଲେ।


## ଗ୍ରାହକଙ୍କୁ ଟାଣୁଛି ଆକର୍ଷଣୀୟ ଅଫର

**ବରଗଡ଼ର ସୁନା ଗହଣା ପ୍ରତିଷ୍ଠାନ କଳାମନ୍ଦିର**

**ବରଗଡ଼ ଅଫିସ୍,୨।୧୧**

ଧନତେରାସ ପାଇଁ ମଙ୍ଗଳବାର ବରଗଡ଼ର ସ୍ୱନାମଧନ୍ୟ ନିର୍ଭରଯୋଗ୍ୟ ସୁନା ଗହଣା ଓ ଅଳଙ୍କାର ଦୋକାନ କଳାମନ୍ଦିରରେ ଭିଡ ଜମିଥିଲା। କଳାମନ୍ଦିରଅନ୍ୟ ବର୍ଷ ଭଳି ଏଥର ମଧ୍ୟ ଆକର୍ଷଣୀୟ ଅଫର୍ ଆଣିଛି। ଉକ୍ତ ଜୁଏଲର୍ସରେ ନୂତନ ଡିଜାଇନ, ଅତ୍ୟାଧୁନିକ କାରିଗରି, ଶୈଳୀରେ ନିର୍ମିତ ବିଆଇଏସ୍ ହଲ୍ ମାର୍କ ଯୁକ୍ତ ସୁନା ଗହଣା, ବିଭିନ୍ନ ମନ ପସନ୍ଦର ଅଳଙ୍କାର ଉପଲବ୍ଧ ରହିଛି। ଦୀର୍ଘବର୍ଷରୁ ଏହି ସୁନା ଗହଣା ପ୍ରତିଷ୍ଠାନ ଗ୍ରାହକଙ୍କୁ ଉନ୍ନତମାନର ସୁନା ଗହଣା, ଅଳଙ୍କାର ଯୋଗାଇ ଆସୁଥିବାରୁ ଗ୍ରାହକଙ୍କ ଆସ୍ଥାଭାଜନ ହୋଇ ପାରିଛି। ଧନତେରାସ ଉପଲକ୍ଷେ ନୂଆ ଡିଜାଇନ, ଆକର୍ଷଣୀୟ ସୁନା ଗହଣା, ଅଳଙ୍କାର କିଣିବା ପାଇଁ ଗ୍ରାହକଙ୍କ ମଧ୍ୟରେ ଉତ୍କଣ୍ଠା ରହିଥିଲା। ମାସ୍କ, ସାନିଟାଇଜର ବ୍ୟବହାର ସହିତ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ବିକ୍ରିବଟା ଚାଲିଛି ବୋଲି କଳାମନ୍ଦିର ଜୁଏଲର୍ସର ମାଲିକ ଉମେଶ ଅଗ୍ରୱାଲ, ଅମିତ ଅଗ୍ରୱାଲ ଏବଂ ରିଙ୍କୁ ବାବୁ ସୂଚନା ଦେଇଛନ୍ତି।



କଳାମନ୍ଦିରରେ ଗ୍ରାହକଙ୍କ ଭିଡ଼ ।


## ନିଟ୍ ପରୀକ୍ଷାରେ ବାଜି ମାରିଲା ବିକାଶ

**ବରଗଡ଼ ଅଫିସ୍,୨।୧୧**


ସନାତନ ସତନାମୀ ।


ରେବତୀ ରଞ୍ଜନ ବେହେରା ।


କରନ ସାହୁ ।


ଅଦ୍ୱୈତ କୁମାର ଦାଶ ।

ସଦ୍ୟ ପ୍ରକାଶିତ ରାଷ୍ଟ୍ରୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍-ମେଡ଼ିକାଲ) ୨୦୨୧ରେ ବିକାଶ ଶିକ୍ଷାନୁଷ୍ଠାନର ୨୫୩ ଛାତ୍ରୀଛାତ୍ର ସଫଳ ହୋଇ ରେକର୍ଡ଼ ସୃଷ୍ଟି କରିଛନ୍ତି। ତନ୍ମଧ୍ୟରୁ ବିକାଶ ଆବାସିକ ବିଦ୍ୟାଳୟ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ ଶାଖାର ୧୦ଜଣ ଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ମାର୍କ, ୨୫ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି । ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ର ସନାତନ ସତନାମୀ ୬୭୮ ମାର୍କ ସହିତ ସର୍ବଭାରତୀୟ ଏସ୍‌ସି ବର୍ଗରେ ୨୭ର୍‌ୟାଙ୍କ ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ବିକାଶ ରେସିଡେନ୍ସିଆଲ ସ୍କୁଲ ବରଗଡ଼ର ବୋର୍ଡ଼ ତଥା ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ଶ୍ରେଣୀ ଛାତ୍ର ଅଦ୍ୱୈତ କୁମାର ଦାଶ ୬୭୭, ରେବତୀ ରଞ୍ଜନ ବେହେରା ୬୭୩, କରନ ସାହୁ ୬୫୯, ସୌମ୍ୟାରାଣୀ ଶତପଥି ୬୪୮, ନିହାରିକା ରାଜ ୬୩୬, ଅନମୋଲ କୁମାର ସାହୁ ୬୨୫, ଶୁଭଙ୍କର ପାତ୍ର ୬୧୧, ଦେବ ଦର୍ଶନ ପାଢ଼ୀ ୬୧୪, ଦେବ ଶିଭମ ମିଶ୍ର ୬୦୨, ନମିରା ବାନୁ ୫୯୯, ସଂକଳ୍ପ ମେହେର ୫୯୯, କେ. ଶ୍ୱେତା ସଂଯୁକ୍ତା ୫୯୪, ଅମ୍ଲାନ ଜ୍ୟୋତି ସୂପକାର ୫୯୧, ଆୟୁଷ ଦାଶ ୫୮୫, ସତ୍ୟପ୍ରଜ୍ଞା ଜିଉ ୫୮୪, ସତଦୀପନ ଚନ୍ଦାନୀ ୫୭୪, ସୁରଜ ପଟେଲ ୫୭୦ ମାର୍କ ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ବିକାଶ ଦି କନସେପ୍ଟ ସ୍କୁଲ ସମ୍ବଲପୁର ଶାଖାର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ର ବିଶାଲ ସାହୁ ୫୬୭ ଓ ସଚିନ କୁମାର ସାହୁ ୫୦୮, ଭୁବନେଶ୍ୱର ଶାଖାର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ର ପ୍ରତ୍ୟୁଷ କୁମାର ନାୟକ ୫୬୫, ଅମ୍ଲାନ ଅଭିଲାଷ ବାରିକ ୫୩୫, ଅର୍ଜୁନ ମହାନ୍ତି ୫୨୩ ମାର୍କ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡାଇରେକ୍ଟର(ଏକାଡ଼େମିକ୍ସ) ଜି. ରାମକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ବିବେକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

**ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା**

ବିନିକା (ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଗିର୍ଡି ପଞ୍ଚାୟତ ଅନ୍ତର୍ଗତ କୁକୁଡାଝୋଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୂର୍ଯ୍ୟନାରାୟଣ ନାଏକଙ୍କୁ ମଙ୍ଗଳବାର ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୨୨ବର୍ଷ ଧରି ସେ ଏଠାରେ କାର୍ଯ୍ୟ କରୁଥିଲେ। ପଦୋନ୍ନତି ସହ ଅନ୍ୟତ୍ର ବଦଳି ପରେ କୁକୁଡାଝୋଲି ଗ୍ରାମବାସୀ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ମାନେ ତାଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ସଭାରେ କୁକୁଡାଝୋଲି ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ଅରୁଣ ଭୁଏ ସଭାପତିତ୍ୱ କରିଥିଲେ। ଶିକ୍ଷକ ରାଜେନ୍ଦ୍ର ରାଏ, ସୁରୁବାବୁ ବଗର୍ତ୍ତା, ଧିରେନ୍ଦ୍ର କୁମାର ସାହୁ, ରାଜେଶ୍ୱରୀ ହୋତା, ନୂପୁର ପାଣ୍ଡେ ଓ ଅଙ୍ଗନୱାଡି କର୍ମୀ ନୁପୁର ପାଣ୍ଡେ ଯୋଗଦେଇ ସୂର୍ଯ୍ୟନାରାୟଣ ନାୟକଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିଥିଲେ।

# ଜଙ୍ଗଲରେ ଦେଢ଼ଘଣ୍ଟା ଅଟକିଲା ତପସ୍ୱିନୀ ଏକ୍ସପ୍ରେସ୍

ଟିଟିଲାଗଡ଼, ୨।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଡମାଲ-ସିକେର ରେଳଷ୍ଟେଶନ ମଧ୍ୟରେ ରେଳବିଭାଗ ଠିକାଦାରଙ୍କ ପଥର ବ୍ଲାଷ୍ଟିଂ ଯୋଗୁ ମଙ୍ଗଳବାର ତପସ୍ୱିନୀ ଏକ୍ସପ୍ରେସ୍ ଏକ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଏଥିଯୋଗୁଁ ଘଟଣାସ୍ଥଳରେ ଏହି ଟ୍ରେନ୍ ପ୍ରାୟ ଦେଢ଼ଘଣ୍ଟା କାଳ ଅଟକି ରହିଥିଲା। ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ।

ପ୍ରାପ୍ତ ସୂଚନା ମୁତାବକ, ମଙ୍ଗଳବାର ସକାଳ ୯ଟା ୧୦ରେ ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ବଡମାଲ ରେଳଷ୍ଟେଶନରୁ ଟିଟିଲାଗଡ ଅଭିମୁଖେ ବାହାରିଥିଲା। ସେଠାରୁ ମାତ୍ର ୧୦ କିଲୋମିଟର ଦୂର ସିକେର ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଜଙ୍ଗଲ ମଧ୍ୟରେ ଉକ୍ତ ଟ୍ରେନ୍ ଆସୁଥିବାବେଳେ ରେଳଧାରଣା କଡରେ ପ୍ରଚଣ୍ଡ ପଥର ବ୍ଲାଷ୍ଟିଂ ହୋଇଥିଲା। ବ୍ଲାଷ୍ଟିଂ ଯୋଗୁ ପଥର ଖଣ୍ଡ ସବୁ ରେଳଧାରଣା ଉପରେ ବିଛେଇ ହୋଇପଡିଥିଲା। କିଛି ପଥରଖଣ୍ଡ ରେଳଧାରଣା ଉପରେ ଥିବା ବିଦ୍ୟୁତ ତାରକୁ ଧରି ରଖିଥିବା ବ୍ରାକେଟକୁ ଭାଙ୍ଗି ଦେଇଥିଲା। ଫଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବାରୁ ଏକ୍ସପ୍ରେସ୍ ଟ୍ରେନ୍ ଆଗକୁ ଯାଇ ନ ପାରି ସେଠାରେ ଅଟକି ଯାଇଥିଲା। ଏହି ଘଟଣାରେ ରେଳଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ଘଟଣା ସମ୍ପର୍କରେ ଟ୍ରେନ୍ କର୍ମଚାରୀ ରେଳବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ଜେସିବି ମେସିନ ଅଣାଯାଇ ରେଳଧାରଣା ଉପରେ ପଡିଥିବା ପଥରଖଣ୍ଡ ଉଠାଯାଇଛି। ଏହି ସ୍ଥାନରେ ଦ୍ୱିତୀୟ ରେଳଲାଇନ୍ କାମ ଚାଲିଥିବାରୁ ପଥର ବ୍ଲାଷ୍ଟି କରାଯାଇଥିବା ଜଣାପଡିଛି। ତେବେ ଟ୍ରେନ୍ ଆସିବା ସମୟରେ ଏଭଳି ବ୍ଲାଷ୍ଟିଂ କରାଯିବା ଏବଂ ଏଥିଯୋଗୁ ଟ୍ରେନ୍ ଲାଇନ୍ ଉପର ବିଦ୍ୟୁତ୍ ତାର ବ୍ରାକେଟ୍ କ୍ଷତିଗ୍ରସ୍ତ ହେବାରୁ ଟ୍ରେନ୍ ଅଟକି ଯିବା ଘଟଣାକୁ ଯାତ୍ରୀମାନେ ସହଜରେ ଗ୍ରହଣ କରିପାରି ନ ଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଜାଣିବା ପରେ ଭୟଭୀତ ରେଳଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇ ପଡିଥିଲେ। ଘଟଣା ସମ୍ପର୍କରେ ବଡମାଲ ରେଳଷ୍ଟେଶନ ପରିଚାଳକ ସଞ୍ଜୀବ ଦାନୀ, ସିକେର ଷ୍ଟେଶନ ପରିଚାଳକ ବିନାୟକ ବେହେରା କହିଛନ୍ତି ଯେ, ମଙ୍ଗଳବାର ସକାଳେ ୧୫ ମିନିଟ ମଧ୍ୟରେ ତିନୋଟି ଏକ୍ସପ୍ରେସ ଟ୍ରେନ ଏହି ବ୍ଲାଷ୍ଟିଂସ୍ଥଳ ଦେଇ ବଡମାଲ ଏବଂ ସିକେର ମଧ୍ୟରେ ଅତିକ୍ରମ କରିଛି। ୮ଟା ୪୫ରୁ ୯ଟା ୭ ମଧ୍ୟରେ ହାଟିଆ ଏକ୍ସପ୍ରେସ, ଆଜମେର ଏକ୍ସପ୍ରେସ ଏବଂ ତପସ୍ୱିନୀ ଏକ୍ସପ୍ରେସ୍ ଯିବାର ସମୟ ନିର୍ଘଣ୍ଟ ରହିଥିଲା। ତେବେ ଆଜମେର ଏକ୍ସପ୍ରେସ ଏବଂ ହାଟିଆ ଏକ୍ସପ୍ରେସ ଯିବା ପରେ ବଡମାଲ ଷ୍ଟେଶନ ଛାଡିଥିବା ତପସ୍ୱିନୀ ଏକ୍ସପ୍ରେସ ପରିବର୍ତ୍ତୀ ସିକେର ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଏହି ବ୍ଲାଷ୍ଟିଂ ହୋଇଥିଲା। ନିକଟସ୍ଥ ଦୁଇ ଷ୍ଟେଶନ ମାଷ୍ଟରଙ୍କୁ ଯୋଗାଯୋଗ ନକରି, ବ୍ଲକିଂ ନ ମାଗି କିମ୍ବା ରେଳବିଭାଗର ଉପରିସ୍ଥ ଅଧିକାରୀଙ୍କୁ କୌଣସି ସୂଚନା ନଦେଇ ରେଳଧାରଣା କଡରେ ଏଭଳି ପଥର ବ୍ଲାଷ୍ଟିଂ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଟିଟିଲାଗଡ ରେଳ ଜଙ୍କସନରେ ନୂତନ ପ୍ଲାଟଫର୍ମ, ବଲାଙ୍ଗୀର, ରାୟପୁର ତଥା ବିଶାଖାପାଟଣା ପଟରେ ନୂତନ ରେଳଧାରଣା, ବିଦ୍ୟୁତୀକରଣ ଆଦି ଅନେକ କାର୍ଯ୍ୟ ଜାରି ରହିଛି। ସମସ୍ତ କାର୍ଯ୍ୟକୁ ରେଳ ବିକାଶ ନିଗମ ଲିମିଟେଡ (ଆରଭିଏନ୍ଏଲ୍) ତଦାରଖ କରୁଛି। ଏହି ସଂସ୍ଥାର କାର୍ଯ୍ୟାଳୟ ଟିଟିଲାଗଡରେ ରହିଛି। ତେବେ ବିଭିନ୍ନ କାର୍ଯ୍ୟକୁ ପେଟି ଠିକାଦାର (ସବ୍‌କଣ୍ଟ୍ରାକ୍ଟର) ଜରିଆରେ କରାଯାଉଥିବା ଅଭିଯୋଗ ହୋଇଛି। ଜୟ ହନୁମାନ ଏଣ୍ଟରପ୍ରାଇଜର୍ସ ନାମକ ପେଟି ଠିକାଦାର ଏହି ବିସ୍ଫୋରଣ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ରେଳ ବିଭାଗ ଅଧିକାରୀ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଆରଭିଏନଏଲ ଟିଟିଲାଗଡ କାର୍ଯ୍ୟାଳୟ ମୁଖ୍ୟ ଜନ୍ମେଜୟ ପୃଷ୍ଟେଠଙ୍କୁ ଫୋନ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।


ବ୍ଲାଷ୍ଟିଂ ଯୋଗୁଁ ସିକେର ଷ୍ଟେଶନ୍ ନିକଟ ଜଙ୍ଗଲ ଭିତରେ ତପସ୍ୱିନୀ ଏକ୍ସପ୍ରେସ୍ ଅଟକି ରହିଛି।

- ପଥର ବ୍ଲାଷ୍ଟିଂ ଯୋଗୁ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ ବ୍ରାକେଟ୍
- ଦୁର୍ଘଟଣାରୁ ବର୍ତ୍ତିଲେ ରେଳଯାତ୍ରୀ
- ଭୟ, ଆତଙ୍କରେ କଟିଲା ସମୟ

# ରାସ୍ତାରେ କାଠ ଚୁଲାରେ ହେଲା ରୋଷେଇ

ସୋନପୁର,୨।୧୧(ନି.ପ୍ର.)


ଶ୍ରମିକ ସଙ୍ଗଠନ ଓ ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

**ତୈଳ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧିର ପ୍ରତିବାଦ**

ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସ ଦର ବୃଦ୍ଧି ଖାଉଟିଙ୍କୁ ହନ୍ତସନ୍ତ କଲାଣି। ତୈଳଦର ବୃଦ୍ଧି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅସହ୍ୟ ହେଲାଣି। ଏହାକୁ ବିରୋଧ କରି ସୁବର୍ଣ୍ଣପୁର ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଜିଲା ଶ୍ରମିକ କୃଷକ ଏକତା ମଞ୍ଚ ଓ ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ମଙ୍ଗଳବାର ସୋନପୁର କଚେରି ଛକରେ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଥିଲା। ମହିଳାମାନେ ରାସ୍ତା ଉପରେ କାଠ ଜାଳି ମାଟି ଚୁଲାରେ ରୋଷଇ କରିଥିଲେ। କେନ୍ଦ୍ର ସରକାର ଇନ୍ଧନ ଗ୍ୟାସ୍‌ର ଦରବୃଦ୍ଧି କରିବା ଯୋଗୁଁ ଗରିବ ଶ୍ରେଣୀର ଲୋକମାନେ ଗ୍ୟାସ୍ ବଦଳରେ ପୂର୍ବ ଭଳି କାଠ ଜାଳି ରୋଷେଇ କରୁଥିବା ଆନ୍ଦୋଳନକାରୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କେନ୍ଦ୍ର ଏବଂ ରାଜ୍ୟ ସରକାର କୃଷି ଓ କୃଷକଙ୍କୁ ଅଣଦେଖା କରିବା ଓ ଭୁଲ ଆର୍ଥିକ ପରିଚାଳନା ନୀତି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପାଉଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଗଣଧାରଣା ଓ ପ୍ରତିବାଦ ସଭାରେ ଶ୍ରମିକ ନେତା କର୍ଣ୍ଣରାଜ ପ୍ରଧାନ, ଗୋବିନ୍ଦ ମହାରଣା, ଶତ୍ରୁଘ୍ନ ମେହେର, ସଙ୍ଗୀତା ବଗ, ବସ୍ତିବାସିନ୍ଦା ସୁରକ୍ଷା ମଞ୍ଚର ଜ୍ୟୋତିର୍ମୟୀ ରଥ, ସନ୍ଧ୍ୟାରାଣୀ ତାଣ୍ଡି, ନୁର ଜାହାଁ ବେଗମ, ସତ୍ୟଭାମା ମେହେର, କୁନି ମୁଣ୍ଡା ଓ ରାଜେନ୍ଦ୍ର ମେହେର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
ଭୁବନେଶ୍ୱରରେ ଘରୋଇ ରୋଷେଇ କରିବା ପାଇଁ ପୁରୁଷ/ମହିଳା ଆବଶ୍ୟକ।
ଯୋଗାଯୋଗ: 9937203178

REQUIRED
1)Mechanical Fitter-cum-Welder
2)Electrical Shift incharge
3)Washery Oppreter (HM BATH), Minimum 5years experience in Washery. Interested candidates may send their resume to
Mail id- hrjhars@gmail.com
Mob- + 91 81200 04222

LADY PEON - 1
LADY OFFICE EXECUTIVE - 1
ଆବଶ୍ୟକ। Phulnakhara, Cuttack. Rahiba, Khaiba within 7500/- & 10,000/-.
7809525452

# ସିଦ୍ଧାର୍ଥ କଲେଜ ପରିଦର୍ଶନ କଲେ କୁଳପତି

ବିନିକା,୨।୧୧(ଡି.ଏନ୍.ଏ,) : ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର, ନିର୍ଦ୍ଦେଶକ ସିଡିସି ପ୍ରଫେସର ଡ. ବିଘ୍ନେଶ ପ୍ରସାଦ ମିଶ୍ର ମଙ୍ଗଳବାର ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ ପରଦର୍ଶନରେ ଆସିଥିଲେ । କଲେଜ ଭିତ୍ତିଭୂମି ତଥା ଶୈକ୍ଷିକ ବାତାବରଣ ଉପରେ ସମୀକ୍ଷା କରି ସେମାନେ ଖୁସିବ୍ୟକ୍ତ କରିଥିଲେ। କଲେଜର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲ ପ୍ରତିଶ୍ରୁତି ଦେଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରଥମ ସହବନ୍ଧିତ କଲେଜ ଭାବେ ଘୋଷଣାନାମା କଲେଜ ଅଧକ୍ଷ ଧିରେନ୍ଦ୍ର କୁମାର ନାୟକଙ୍କୁ ପ୍ରଦାନ କରିଥିଲେ ।

# ବାଇକ୍‌କୁ ପିଟିଲା କାର୍, ୨ ଗୁରୁତର

ବିନିକା/ଡୁଙ୍ଗୁରିପାଲି, ୨।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭବାନୀପାଲି ଛକରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସାମନା ପଟୁ ଆସୁଥିବା ବାଇକୁ ପିଟି ଏକ କାର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଖେତକୁ ପଶିଯାଇଥିଲା। ଏଥିଯୋଗୁ ବାଇକରେ ବସିଥିବା ତିନି ଜଣଙ୍କ ମଧ୍ୟରୁ ପ୍ରମୋଦ କୁମାର ଶର୍ମା (୫୩) ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ରାମପୁର ଅଗ୍ନିଶମ ବିଭାଗ ସହାୟତାରେ କାର ଭିତରେ ଥିବା ଚାଳକ ଓ ବାଇକ ଆରୋହୀ ଆହତଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ। ଆହତ ପ୍ରମୋଦଙ୍କ ଘର ସିଂଘିଯୁବାରେ। କାର ଚାଳକ ରାଧାମୋହନ ବଘାର(୪୫)ଙ୍କ ଘର ଗ୍ରାମ ଭବାନୀପାଲି। ଗୁରୁତର ଥିବା ରାଧାମୋହନ ଓ ପ୍ରମୋଦଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବିନିକା ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଓ କାର ଜବତ କରିଛି। ତେବେ ବାଇକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ବିନିକା ଥାନା ଏଏସ୍‌ଆଇ ସବ୍ୟସାଚୀ ପଧାନଙ୍କୁ ପଚାରିବାରୁ ଦୁର୍ଘଟଣା ଘଟିଛି। ମାତ୍ର ଘଟଣାସ୍ଥଳରେ କୌଣସି ବାଇକ୍ ନ ଥିଲା। ପ୍ରମୋଦ କିଭଳି ଦୁର୍ଘଟଣାର ଶିକାର ହେଲେ ତଦନ୍ତ ପରେ ଜଣାଯିବ ବୋଲି କହିଛନ୍ତି।

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

OFFICE OF THE PRINCIPAL
JANATA COLLEGE, SATMILE, HINDOL, DHENKANAL
No. 491/21 Date: 30.10.21
WALK-IN-INTERVIEW
Walk-in-Interview for the Post of Lecturer in Physics, Chemistry, Zoology and Demonstrator in Botany, Chemistry on Contractual Basis will be held on 12.11.2021 at 11.30 A.M. Eligible candidates may attend the interview with Original Certificate in the College premises. No TA/DA is allowed.
Sd./- Principal, Janata College, Satmile, Hindol

DISTRICT RURAL DEVELOPMENT AGENCY, SUBARNAPUR
No.5479 / Date: 27.10.2021
EXPRESSION OF INTEREST
FOR SELECTION OF REGISTERED FIRMS/SERVICE PROVIDER AGENCIES FOR PROVIDING MANPOWER FOR DPMU & BPMU UNDER DRDA, SUBARNAPUR
District Rural Development Agency, Subarnapur invites sealed tender from intending reputed and experienced Manpower Service Providing Agencies to provide services of different categories of manpower for DPMU & 06 BPMUs under Rural Housing schemes for a period from 11.11.2021 to 31.03.2023, the details of the bidding process are as follows:

| Sl. No. | Bidding Schedule | Date and time |
|---|---|---|
| 1 | Date of issue | 27.10.21 |
| 2 | Bid due date and time | 10.11.21 |
| 3 | Opening of technical bid | 10.11.21 |
| 4 | Opening of financial bid | 10.11.21 |

Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover - II containing **"Financial Bid"** should be placed in third sealed cover superscribed **"Bid for outsourcing of manpower services for DPMU & 06 BPMUs under DRDA, Subarnapur"** must reach the undersigned on or before 10.11.21 by 3.00 P.M. through Speed Post / Regd. Post only.
The bid documents containing eligibility criteria and details terms and conditions of the tender can be downloaded from the website **https://subarnapur.nic.in**.
The sealed tender proposal shall be submitted along with non-refundable application fees of Rs.5,000/- (Rupees five thousand only) in shape of Bank Draft drawn in favour of the Project Director, District Rural Development Agency (DRDA), Subarnapur.
The last date and time for submission of tender document is 10.11.21 by 3.00 P.M.
The authority shall not be held responsible for postal delay, if any, in case of non-receipt of the same in time.
**Complete address for submission of bid:**
**The Project Director, District Rural Development Agency (D.R.D.A.), Subarnapur, Pin- 767017.**
The authority reserves every right to reject any or all the Tender without assigning any reason thereof.
Sd./- Collector, Subarnapur

# ନକଲି ଆଦିବାସୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

ସୋନପୁର,୨।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ୧୬୫ ଜଣ ନକଲି ଆଦିବାସୀ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟରତ ଥିବା ଜିଲା ଆଦିବାସୀ କଲ୍ୟାଣ ସଂଘ ମଙ୍ଗଳବାର ଜିଲାପାଳ, ଏସ୍‌ପି ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ଜାଲ ଜାତିଗତ ପ୍ରମାଣ ପତ୍ର ହାସଲ କରି ଜିଲାର ୬ ଗୋଟି ବ୍ଲକରେ ନକଲି ଶିକ୍ଷୟିତ୍ରୀ ଶିକ୍ଷକ ଅବସ୍ଥାପିତ ଅଛନ୍ତି। ସେମାନେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଆଦିବାସୀ ସଂଘ ପକ୍ଷରୁ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି। ଗତ ଅଗଷ୍ଟ ୨୦ ତାରିଖରେ ଶିକ୍ଷା ବିଭାଗର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମା ସାହା ରାଜ୍ୟର ସମସ୍ତ ଜିଲାର ଜାଲ ପ୍ରମାଣପତ୍ରଧାରୀ କର୍ମଚାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସଂଘର ଜିଲା ସଭାପତି ଯୋଗେନ୍ଦ୍ର ଭୋଇ ଅଭିଯୋଗ କରିଛନ୍ତି। ସଂଘର ଡୁଙ୍ଗୁରିପାଲି ବ୍ଲକ ସଭାପତି ଶ୍ୟାମ ସୁନ୍ଦର ଭୋଇ, ସମ୍ପାଦକ ଯୁବରାଜ ସିଂ, ଜିଲା ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ତରଭା ବ୍ଲକ ସଭାପତି କପୁରଚନ ଭୋଇ, ବିନିକା ବ୍ଲକ ସଭାପତି ବିରଞ୍ଚି କୁଅଁର, ସଭ୍ୟ ବୃଷଭ ଭୋଇ, ଧୀରେନ ଗୁରୁ ଓ ଯୋଗେଶ ଭୋଇ ପ୍ରମୁଖ ଜିଲାପାଳ, ଏସ୍‌ପି ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରି ନକଲି ଆଦିବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆସନ୍ତା ୧ ମାସ ମଧ୍ୟରେ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ଫୁଟବଲ ଟୁର୍ନାମେଣ୍ଟ: ଭାଲୁପାଲି ଚାମ୍ପିୟନ

ବିନିକା,୨।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଲ ନେତାଜୀ ଯୁବ ସଂଘ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୋଟ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭାଲୁପାଲି ଏବଂ ଗୁଲୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଭାଲୁପାଲି ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ନେତାଜୀ କ୍ଲବ ସମ୍ପାଦକ ରାଜେଶ ପାତ୍ର ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଭାଲୁପାଲି ଦଳକୁ ଟ୍ରଫି ସହ ଘୋଷିତ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଉପବିଜେତା ଗୁଲୁଣ୍ଡା ଦଳକୁ ସାମାଜିକ କର୍ମୀ ରମେଶ ଭୁଏ ଟ୍ରଫି ସହ ଘୋଷିତ ଅର୍ଥରାଶି ପ୍ରଦାନ କରିଥିଲେ।

THE ODISHA SCH. CASTE & SCH. TRIBE DEVELOPMENT FINANCE CO-OPERATIVE CORPORATION LIMITED
Lewis Road, Bhubaneswar - 751014
Ph. 0674-2431798, Fax: 0674-2432107, E-mail: osfdc.odisha@gmail.com
Letter No. ............/P&D-VII-53/2021 Date: ................
WALK-IN-INTERVIEW FOR ENGAGEMENT OF TECHNICAL PERSONS IN OSFDC
Managing Director, OSFDC Ltd. invites candidates to attend Walk-in-Interview for following post to be filled in Head Office of OSFDC Ltd., Bhubaneswar.

| Name of the Post | No. of Posts | Place of Posting | | Educational Qualification & Experience | Date of Interview |
|---|---|---|---|---|---|
| 1 | 2 | 3 | | 4 | 5 |
| Programme Officer - Project | 1 | Bhubaneswar | 1. | Post Gradaute Degree in Rural Management/Sociology/Rural Development/MSW/MBA in Rural Management or Rural Development from recognized Universities/Premier Institutes. Minimum 5 years of post qualification experience in the field or having worked in reputed Gvoernment/NGO/INGO/Bilateral/Multilateral Projects with capacity building Livelihood Programme, Women Empowerment, Preparation of Project proposals in different schemes or experience in working in similar project/s. | 18.11.2021 |
| Programme Officer - Skill | 1 | Bhubaneswar | 2. | MBA/PG Diploma in Rural Management/Development, Masters in Social Work or equivalent/Masters in Agriculture/Veterinary from a recognised unviersity/reputed institutes. Candidates should have 5 years of post qualification experience, preferably infacilitative skill development and placement linked employable training programmes. | 20.11.2021 |
| Programme Officer - MIS | 1 | Bhubaneswar | 3. | Master Degree in Statistics, Computer Science/MCA/B.Tech. in Computer Application or equivalent from recognized university/Institutes. Minimum 5 years of post qualification experience in developing MIS Software/Websites etc. and experience in setting up and Maintaining Management Information System (MIS) in rural development or rual livelihoods projects; experience of having worked as MIS/M&E Officer in a similar project would be an advantage. | 23.11.2021 |

The engagement is purely temporally & project specific and does not assure of any regular engagement in future. Application form alongwith terms of reference for the position can be downloaded from the website **http://demo.tatwa.com/osfdc**.
Interested candidates shall attend the Walk-in-Interview with all relevant information in support of qualification and experiences, duly filled application form complete in all respects. The OSFDC reserve right to cancel whole or part of the Walk-in-Interview at any time without assigning the reason thereof. In case if required after scrutiny of the applications shortlisted candidates will be called for interview on the same day.
Sd./- Managing Director, OSFDC Ltd.

ODISHA JOINT ENTRANCE EXAMINATION - 2021
(OJEE - 2021)
No : OJEE / 403 Date : 01-11-2021
NOTICE REGARDING WEB COUNSELLING FOR B. PHARM COURSE
No.H-22:-
OJEE Web-based Counselling process for B. Pharm Course is going to start from **2nd November 2021**. For detailed Schedule, Seat Matrix and Counselling Brochure, the candidates are advised to visit OJEE websites (www.ojee.nic.in / www.odishajee.com).
Sd./-
CHAIRMAN, OJEE
OIPR-14020/11/0018/2122

APPOINTMENT
A Chartered Accountant Firm of Bhubaneswar, Chandrasekharpur urgently needs **Commerce Graduates** well versed in accounts and computer operation including Tally.
Contact- 9937660499

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविमावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ https://cgrs.ibps.in/
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
(୨୦୨୨-୨୩ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-XI)
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୧/ଜାନୁୟାରୀ ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି ।

| କ୍ର.ସଂ. | ପଦବୀ | ସମ୍ଭାବ୍ୟ ଖାଲିପଦବୀ |
|---|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-।) | ୨୨୦ |
| ୦୨ | ଏଗ୍ରିକଲ୍ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍ ।) | ୮୮୪ |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ ।) | ୮୪ |
| ୦୪ | ଲ' ଅଫିସର୍ (ସ୍କେଲ୍ ।) | ୪୪ |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ ।) | ୬୧ |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ ।) | ୫୩୫ |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୩।୧୧।୨୦୨୧ – ୨୩।୧୧।୨୦୨୧ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୩।୧୧।୨୦୨୧ – ୨୩।୧୧।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୧ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | ୨୬।୧୨।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | ୩୦।୦୧।୨୦୨୨ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୨ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୨ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ/ମାର୍ଚ୍ଚ ୨୦୨୨ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୨ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୨।୧୧।୨୦୨୧ ନିର୍ଦ୍ଦେଶକ

GOVERNMENT OF ODISHA
OFFICE OF THE EXECUTIVE ENGINEER
N.H. Division, Bhubaneswar, Email-eenh_bbsr@yahoo.co.in, Ph. No.- 0674-2972908
No. b-12
INVITATION FOR BIDS
BID IDENTIFICATION NO. 07 EE NH, BBSR of 2021-22
1. The Executive Engineer, National Highways Division, Bhubaneswar on behalf of Governor of Orissa invites **percentage rate bids in double cover system** on **online mode** for construction of works as detailed in the table below **from eligible contractors as mentioned in Col. 7** registered with the State Govt. and Contractors of equivalent Grade or Class registered with Central Government/Other State Government/MES/Railways for execution of Civil Works, on production of definite proof from the appropriate authority.

| Sl. No. | Name of Work | Approximate Estimated Cost Put to Tender | Concerned Sub-Division | Bid Security EMD (Online) | Cost of Bid Documents (Rs. Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | S/R to NH-316 (Puri-Satapada Link) such as providing 30mm thick BC from Km 0/900 to 2/750 Km and Km 7/00 to 8/450 Km (In Stretches) for the year 2021-22 | Rs.52,14,808/- (Excluding GST) | NH Sub Division, Puri | Bid Security Declaration vide Works Dept. No.5984 dt.27.04.2021 (Incorporated in DTCN) | Rs.10,000/- | "B" & "A" | 01 (One) Calendar Month |

The bidders have to participate in ONLINE bidding only. The web-site for "ONLINE BIDDING" is **http://tendersodisha.gov.in**.
2. Bid documents will be available in above website from **Dt. 06.11.2021 to Dt.20.11.2021 up to 17.30 hours**. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened **at 11.30 hours on Dt.22.11.2021**. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website **www.tendersodisha.gov.in**.
3. Subsequent corrigendum / addendum if required shall be available in the website as indicated above.
4. The authority reserves the right to cancel any/all bids without assigning any reason.
Sd./- (Rabindra Jena)
Executive Engineer, N.H. Division, Bhubaneswar
OIPR-34044/11/0003/2122

GOVERNMENT OF ODISHA
HEALTH & FAMILY WELFARE DEPARTMENT
NOTICE
File No. PT1-HFW-MSI-ESTT-0138-2020 29172 /H. Dated. 01-11-2021
No.E-581:- The Counselling of 81 Medical Officers of SC and ST category who have been selected for the post of Medical Officers in the rank of Group-A (Junior Branch) of the Odisha Medical & Health Services cadre vide OPSC, Cuttack Notice No. 6762 dated. 21.09.2021 will be held online from 03.11.2021 to 07.11.2021.
Accordingly, the concerned Medical Officer has to participate in the online Counselling and to lock as many choice in order of preference in the website http//:dhsodisha.nic.in.
The Counselling Serial No. of 81 Medical Officers fixed as per the Resolution No-14327, dated-04.07.2017 of GA & PG Department is available in the website of Health & Family Welfare Department.
Hence, all the 81 selected candidates are hereby requested to participate in the online counselling from 03.11.2021 to 07.11.2021 in the website http//:dhsodisha.nic.in. They can do so by clicking the 'e-counselling' link.
Sd./- Additional Secretary to Government
DISCLAIMER
The candidates are allowed to exercise as many options, for place of posting, as available in the website. The place of posting of the candidates, who fail to obtain their choice of posting after the outcome of this counselling, will be done randomly by the system.
Sd./- Additional Secretary to Government
OIPR-10001/11/0070/2122